DHARITRI

ରାୟଗଡ଼ା,ସୋମବାର, ଜୁନ୍ ୧୫/୨୦୨୦ (୧୮ ପୃଷ୍ଠା) Rayagada, Monday, June 15/2020 ★

୧୬ଶ ଭାଗ ୫୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-


# ରଥଯାତ୍ରା: ଏପଟେ ଆବେଗ, ସେପଟେ ସଂକ୍ରମଣ



**ପୁରୀ ଅଫିସ,୧୪।୬**

ଦୂର ହୋଇପାରୁନି ରଥଯାତ୍ରା ଦ୍ୱନ୍ଦ୍ୱ। ଗୋଟେ ପଟେ ଜଗନ୍ନାଥଙ୍କ ପାଇଁ ଓଡ଼ିଆଙ୍କ ଭାବାବେଗ ଓ ଅନ୍ୟପଟେ କରୋନା ମହାମାରୀର ସଂକ୍ରମଣ ଭୟ। ଏଭଳି ସ୍ଥିତିରେ ସରକାର କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରୁ ନାହାନ୍ତି। ଅପରପକ୍ଷେ ରଥଯାତ୍ରା ବନ୍ଦ କରିବାକୁ ନେଇ ହାଇକୋର୍ଟଠୁ ଆରମ୍ଭ କରି ସୁପ୍ରିମ୍‌କୋର୍ଟରେ ମାମଲା ପହଞ୍ଚିଲାଣି। ଘୋଷଯାତ୍ରାକୁ ଆଉ ମାତ୍ର ୯ ଦିନ ବାକି ଥିବାବେଳେ କୋଟି କୋଟି ଜଗନ୍ନାଥପ୍ରେମୀ ଆଶା, ଆଶଙ୍କାରେ ରହିଛନ୍ତି। ଓଡ଼ିଶାର ଆରାଧ୍ୟ ଦେବତା ହେଉଛନ୍ତି ପ୍ରଭୁ ଶ୍ରୀ ଜଗନ୍ନାଥ। ତାଙ୍କ ପାଇଁ ପ୍ରତ୍ୟେକ ଓଡ଼ିଆଙ୍କ ମନରେ ଭରି ରହିଛି ଭାବାବେଗ। ତେଣୁ ଲୋକମାନେ ବ୍ୟାକୁଳ ହୋଇ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ବଡ଼ଦାଣ୍ଡରେ ଦର୍ଶନ କରିବାକୁ ଚାହୁଁଛନ୍ତି। ଅପରପକ୍ଷରେ ରାଜ୍ୟ ସରକାର କରୋନା ଜନିତ ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ରଥଯାତ୍ରା କରିବେ କି ନାହିଁ, ସେନେଇ ବିଚାରବିମର୍ଶ ଚଳାଇଛନ୍ତି। ସାଧାରଣ ନାଗରିକ ସଚେତନ ଯେ, ରଥଯାତ୍ରା ହେଲେ ସାମାଜିକ ଦୂରତା କେବେହେଲେ ରକ୍ଷା କରାଯାଇପାରିବ ନାହିଁ। ତଦନୁଯାୟୀ ରାଜ୍ୟ ସରକାର ଏହା ମଧ୍ୟ ଭାବିବାକୁ ବାଧ୍ୟ ହେବେ ଯେ, କିପରି କରୋନା ସଂକ୍ରମଣ ବିରୋଧରେ ଲଢ଼େଇକୁ ବଜାୟ ରଖି ପୁରୀରେ ହେବାକୁ ଥିବା ଭିଡ଼କୁ ରୋକାଯାଇପାରିବ। ରଥଯାତ୍ରା ବନ୍ଦ ନେଇ ସୁପ୍ରିମକୋର୍ଟରେ କରାଯାଇଥିବା ଆବେଦନର ଶୁଣାଣି ସୋମବାର ହେବ। ସୁପ୍ରିମକୋର୍ଟଙ୍କ ଆଦେଶ କ'ଣ ରହୁଛି ତା' ଉପରେ ସମସ୍ତଙ୍କ ନଜର ରହିଛି।

ଅପରପକ୍ଷରେ ବିନା ଭକ୍ତରେ ରଥଯାତ୍ରା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। ଶ୍ରୀମନ୍ଦିର ପରିଚାଳନା କମିଟିଠୁ ଆରମ୍ଭ କରି ସେବାୟତ ଏପରି କି କେତେକ ସଙ୍ଗଠନ ମଧ୍ୟ ଭକ୍ତଶୂନ୍ୟ ରଥଯାତ୍ରା ସପକ୍ଷରେ ରହିଛନ୍ତି। ଏପରିକି ରଥ ଟାଣିବା ଲାଗି ମେଶିନ କିମ୍ବା ହାତୀ ନିୟୋଜନ ଭଳି ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ସରକାର ବିଚାର କରନ୍ତୁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଜୁନ୍ ୨୩ରେ ରଥଯାତ୍ରା। ପୂର୍ବରୁ ଶ୍ରୀମନ୍ଦିର ପରିଚାଳନା କମିଟି କଟକଣା ଭିତରେ ରଥଯାତ୍ରା ☞ପୃଷ୍ଠା-୪

# ସୁଶାନ୍ତ ରାଜପୁତଙ୍କ ଆତ୍ମହତ୍ୟା

**ମୁମ୍ବାଇ,୧୪।୬(ଆଇଏଏନ୍ଏସ୍)**



ବଲିଉଡ୍‌ର ଖ୍ୟାତିସମ୍ପନ୍ନ ଅଭିନେତା ସୁଶାନ୍ତ ସିଂ ରାଜପୁତ ତାଙ୍କ ବାନ୍ଦ୍ରାସ୍ଥିତ ବାସଭବନରେ ଆତ୍ମହତ୍ୟା କରିଛନ୍ତି। ରବିବାର ସକାଳେ ବାସଭବନରୁ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଥିବାରୁ ସେ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ବାସଭବନରୁ ସୁଇସାଇଡ୍

**ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଶୋକ**

ନୋଟ୍ ମିଳିନାହିଁ। ସୁଶାନ୍ତଙ୍କ ମୃତଦେହ ଝୁଲୁଥିବା ଦେଖି ତାଙ୍କ ଘରୋଇ ସହାୟକ ପୋଲିସକୁ ଜଣାଇଥିଲେ। ସଙ୍ଗେ ସଙ୍ଗେ ବାନ୍ଦ୍ରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଯୁବ ଅଭିନେତାଙ୍କ ପରଲୋକ ଖବର ଚଳଚ୍ଚିତ୍ର ଜଗତ ସମେତ ସିନେପ୍ରେମୀଙ୍କୁ ସ୍ତବ୍ଧ କରିଦେଇଛି।

ସୁଶାନ୍ତଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ। ଗତ ଛଅମାସ ହେଲା ସେ ଡିପ୍ରେସନରେ ଥିଲେ। ବାହାରେ ବୁଲାବୁଲି ଓ ମିଳାମିଶା କରିବା ପ୍ରାୟ ବନ୍ଦ କରିଦେଇଥିଲେ ବୋଲି ମୁମ୍ବାଇ ପୋଲିସ କହିଛି। ୫ ଦିନ ପୂର୍ବରୁ ସୁଶାନ୍ତଙ୍କ ପୂର୍ବତନ ମ୍ୟାନେଜର ଦିଶା ସାଲିଆନ୍ ମୁମ୍ବାଇ ମାଲାଡ଼ସ୍ଥିତ ନିଜ ଆପାର୍ଟମେଣ୍ଟର ୧୪ତମ ମହଲାରୁ ଡେଇଁ ଆତ୍ମହତ୍ୟା କରିଥିଲେ। ଉକ୍ତ ଘଟଣାରେ ସୁଶାନ୍ତ ଗଭୀର ଶୋକବ୍ୟକ୍ତ କରିଥିଲେ। ୩୪ ବର୍ଷୀୟ ସୁଶାନ୍ତଙ୍କ ଘର ବିହାରରେ। ସେ ପାଟନା ଓ ନୂଆଦିଲ୍ଲୀରେ ଶିକ୍ଷାଗ୍ରହଣ ☞ପୃଷ୍ଠା-୪

# ୪ଦିନ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୪।୬(ବ୍ୟୁରୋ)**

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହେବା ପରେ ବର୍ଷା ଲାଗିରହିଛି। ଏହାର ପ୍ରଭାବରେ ଆସନ୍ତା ୪ଦିନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ। କିଛି ସ୍ଥାନରେ ପ୍ରବଳ ବର୍ଷା ଓ ଆଉ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାପରେ ମଧ୍ୟ ରାଜ୍ୟରେ ବର୍ଷା ଲାଗିରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ବାରିପଦାରେ ସର୍ବାଧିକ ୩୨.୬ ମିମି ବର୍ଷା ହୋଇଥିବାବେଳେ ତାଳଚେର ଓ ପାରାଦୀପରେ ୧୫ ମିମି, ଅନୁଗୋଳ ୧୨, ଟିଟିଲାଗଡ଼ ୮, ପୁରୀ ଓ ଚାନ୍ଦବାଲିରେ ୭ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ନେପାଳ ଛଡ଼େଇନେବ**






# ଆମେରିକା ପୋଲିସ ଗୁଳିରେ କୃଷ୍ଣକାୟଙ୍କ ମୃତ୍ୟୁ

**ୱାଶିଂଟନ,୧୪।୬**

ଆମେରିକାରେ ପୋଲିସ ନିର୍ଯାତନାରେ କୃଷ୍ଣକାୟ ବ୍ୟକ୍ତି ଜର୍ଜ ଫ୍ଲୟଡଙ୍କ ମୃତ୍ୟୁ ଘଟଣାକୁ ନେଇ ସାରା ଦେଶରେ ଉତ୍ତେଜନା ଥମି ନ ଥିବାବେଳେ ଆଟଲାଣ୍ଟାରେ ଅନ୍ୟ ଜଣେ କୃଷ୍ଣକାୟ ବ୍ୟକ୍ତି ପୋଲିସ ଗୁଳିରେ ନିହତ ହେବା ଘଟଣାକୁ ନେଇ ବିକ୍ଷୋଭ ଜୋର୍‌ଦାର ହୋଇଛି। ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରିବାକୁ ଯାଇଥିବା ପୋଲିସ ତାଙ୍କୁ ଗୁଳି ଚଳାଇଥିଲେ ବୋଲି ମେୟର କହିଛନ୍ତି। ବର୍ଣ୍ଣବୈଷମ୍ୟବାଦ ଓ ପୋଲିସର ବର୍ବରତା ପ୍ରତିବାଦରେ ଆନ୍ଦୋଳନ ତେଜିବା ପରେ ଆଟଲାଣ୍ଟା ସହରର ପୋଲିସ ମୁଖ୍ୟ ଏରିକା ଶିଲ୍ଡସ୍ ଇସ୍ତଫା ଦେଇଛନ୍ତି। ବିକ୍ଷୋଭକାରୀମାନେ ଶନିବାର ଆନ୍ତଃରାଜ୍ୟ ରାଜପଥ ଅବରୋଧ କରିବା ସହ ୨୭ ବର୍ଷୀୟ ରେଶାର୍ଡ ବ୍ରୁକ୍ସଙ୍କୁ ଗୁଳି କରାଯାଇଥିବା ୱେଣ୍ଡି ଅଞ୍ଚଳରେ ପୋଡ଼ାଜଳା କରିଥିଲେ।

ଖବର ଅନୁଯାୟୀ ବ୍ରୁକ୍ସ ଶୁକ୍ରବାର ବିଳମ୍ବିତ ରାତିରେ ଦୀର୍ଘ ଡ୍ରାଇଭିଂରେ ଆସି ୱେଣ୍ଡିସ୍ଥିତ ଫାଷ୍ଟଫୁଡ୍ ରେଷ୍ଟୁରାଣ୍ଟ ସମ୍ମୁଖରେ ନିଜ କାର୍‌ରେ ଶୋଇଯାଇଥିଲେ। ସେ ଗ୍ରାହକଙ୍କୁ ଅବରୋଧ କରୁଥିବା ନେଇ ରେଷ୍ଟୁରାଣ୍ଟ କର୍ମଚାରୀ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କୁ ଗିରଫ କରିବାକୁ ଆସିବାରୁ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ବ୍ରୁକ୍ସ ପୋଲିସ ଅଧିକାରୀଙ୍କ ଏକ ଟେଜର ନେଇ ପଳାଉଥିବାବେଳେ ଅଫିସର ଜଣଙ୍କ ତାଙ୍କୁ ଗୁଳି କରିଥିଲେ। ଗୁରୁତର ଅବସ୍ଥାରେ ବ୍ରୁକ୍ସଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

**ଆଟଲାଣ୍ଟାରେ ବିକ୍ଷୋଭ: ପୋଲିସ ମୁଖ୍ୟଙ୍କ ଇସ୍ତଫା**

ସୂଚନାଯୋଗ୍ୟ, ଗତମାସ ଶେଷ ସପ୍ତାହରେ କୃଷ୍ଣକାୟ ଆମେରିକୀୟ ଜର୍ଜ ଫ୍ଲୟଡ୍‌ଙ୍କୁ ଜଣେ ପୋଲିସ ଅଧିକାରୀ ଆଣ୍ଠୁରେ ଚାପି ମାରିଦେବା ପରେ ଦେଶରେ ବର୍ଣ୍ଣବୈଷମ୍ୟ ବିରୋଧୀ ପ୍ରଦର୍ଶନ ତେଜିଥିଲା। ପୋଲିସ ବର୍ବରତା ବିରୋଧରେ ଆମେରିକାର ମିନିଆପୋଲିସ ସହରରେ ଆରମ୍ଭ ହୋଇଥିବା ବିକ୍ଷୋଭ ପ୍ରଥମେ ହିଂସା ଓ ପରେ ଦଙ୍ଗାର ରୂପ ନେଇଥିଲା। ଏହି ଆନ୍ଦୋଳନ ସାରା ଆମେରିକାକୁ ବ୍ୟାପିବା ସହ ବିକ୍ଷୋଭ ବେଳେ ୫ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ଲୁହବୁହା ବାଷ୍ପ ଓ ରବର ବୁଲେଟ୍ ପ୍ରୟୋଗ କରିଥିଲା। ବିଭିନ୍ନ ସହରରେ କର୍ଫ୍ୟୁ ଜାରି ହୋଇଥିଲା। ଜର୍ଜଙ୍କ ହତ୍ୟାକାରୀ ଡେରେକ୍ ଶଉଭିନ୍‌ଙ୍କୁ ଗିରଫ କରାଯାଇଥିବାବେଳେ ହତ୍ୟା ପାଇଁ ଦାୟୀ ଅନ୍ୟ ୪ ପୋଲିସ ଅଫିସରଙ୍କୁ ମଧ୍ୟ ଗିରଫ କରିବା ଦାବିରେ ଲୋକେ ଅଡ଼ିବସିଥିଲେ। ସ୍ଥିତି ନିୟନ୍ତ୍ରଣ ପାଇଁ ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ ସୈନ୍ୟଙ୍କୁ ମୁତୟନ କରାଯାଇଛି। ଆନ୍ଦୋଳନକାରୀଙ୍କ ଟେକାମାଡ଼ରେ ଅନେକ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ହ୍ୱାଇଟ୍ ହାଉସ୍ ବାହାରେ ବିକ୍ଷୋଭ ବେଳେ ପୋଲିସ ଓ ଜନତା ମୁହାଁମୁହିଁ ହୋଇଥିଲେ।




LOK | SAATCHI & SAATCHI

# ଗୁଜବ ବନ୍ଦହେଲେ କରୋନା ହାରିବ

## ଜାତିସଂଘରେ ନେତୃତ୍ୱ ନେଲେ ଭାରତ ସମେତ ୧୩ ଦେଶ

ଜାତିସଂଘ,୧୪।୬

କରୋନା ସାରା ବିଶ୍ୱକୁ କବଳିତ କରିଥିବାବେଳେ ଏହି ଘାତକ ଭୂତାଣୁ ସମ୍ପର୍କିତ ଗୁଜବ ସ୍ଥିତିକୁ ଆହୁରି ସଙ୍ଗିନ କରିବାରେ ଲାଗିଛି। ଏହାର ମୁକାବିଲା କରି କେବଳ ତଥ୍ୟଭିତ୍ତିକ ଖବର ପ୍ରସାର ଲାଗି ୧୩୨ ରାଷ୍ଟ୍ର ଏକାଠି ହୋଇଛନ୍ତି। କୋଭିଡ୍-୧୯ ସମ୍ପର୍କିତ 'ଇନ୍‌ଫୋଡେମିକ୍' ବା ମହାମାରୀର ମିଛ ଖବର ପ୍ରସାରକୁ ରୋକିବା ପାଇଁ ଜାତିସଂଘରେ ଭାରତ ସମେତ ୧୩ ଦେଶ ନେତୃତ୍ୱ ନେଇଛନ୍ତି। ଅନ୍ୟ ରାଷ୍ଟ୍ରଗୁଡ଼ିକ ହେଲେ ଅଷ୍ଟ୍ରେଲିଆ, ଚିଲି, ଫ୍ରାନ୍ସ, ଜର୍ଜିଆ, ଇଣ୍ଡୋନେସିଆ, ଲାଟ୍‌ଭିଆ, ଲେବାନନ, ମରିସସ୍, ମେକ୍ସିକୋ, ନରୱେ, ସେନେଗାଲ ଓ ଦକ୍ଷିଣ ଆଫ୍ରିକା।

ଗତମାସରେ ଜାତିସଂଘ ପକ୍ଷରୁ 'ଭେରିଫାଏଡ୍' ଶୀର୍ଷକ ଏକ ଅଭିଯାନ ଆରମ୍ଭ କରାଯାଇଥିଲା। ଲୋକଙ୍କ ପାଖରେ ସତ୍ୟ ଓ ବିଶ୍ୱାସଯୋଗ୍ୟ ତଥ୍ୟ ପହଞ୍ଚାଇବା ହେଉଛି ଏହି ପଦକ୍ଷେପର ଉଦ୍ଦେଶ୍ୟ। ଏନେଇ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି, ବିଶ୍ୱ ଘାତକ କୋଭିଡ୍-୧୯ ସହିତ ଲଢ଼େଇ ଜାରି ରଖିଛି। ଏହାସହ ସ୍ୱାସ୍ଥ୍ୟ ପାଇଁ ହାନିକାରକ ମିଥ୍ୟା ଖବର, ଘୃଣା ମନ୍ତବ୍ୟ ଓ ହିଂସ୍ର ଷଡ଼ଯନ୍ତ୍ର ଥିଓରିଗୁଡ଼ିକ ସହ ମଧ୍ୟ ଯୁଝୁଛି। ଏହି ଗୁଜବକୁ ପ୍ରତିହତ କରିବା ପାଇଁ ତଥ୍ୟଭିତ୍ତିକ ଖବର ଓ ବିଶ୍ଳେଷଣ ଆବଶ୍ୟକ। ସେହିପରି ଜାତିସଂଘରେ ଭାରତର ସ୍ଥାୟୀ ମିଶନ ପକ୍ଷରୁ କୁହାଯାଇଛି ଯେ, ଜାତିସଂଘ କମ୍ୟୁନିକେଶନ୍ସ ରେସ୍‌ପନ୍ସ ଇନିସିଏଟିଭ୍ 'ଭେରିଫାଏଡ୍'କୁ ଆମେ ସମର୍ଥନ କରୁଛୁ। କରୋନା ବିରୋଧରେ ଲଢ଼େଇ କରିବାକୁ ହେଲେ ଇନ୍‌ଫୋଡେମିକ୍ ବିରୋଧରେ ବିଶ୍ୱସ୍ତରୀୟ କାର୍ଯ୍ୟାନୁଷ୍ଠାନ ଲୋଡ଼ା।



୧୩ ରାଷ୍ଟ୍ର ପକ୍ଷରୁ ମିଳିତ ଭାବେ ଏକ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, କୋଭିଡ୍-୧୯ ସ୍ୱାସ୍ଥ୍ୟ ସଙ୍କଟ ସମୟରେ ଇନ୍‌ଫୋଡେମିକ୍‌ର ବିସ୍ତାର ଲୋକଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ପାଇଁ କରୋନା ମହାମାରୀ ଭଳି ହାନିକାରକ। ଅନ୍ୟ ନକାରାତ୍ମକ ପରିଣାମଗୁଡ଼ିକ ଭଳି ଏହି ଭାଇରସ୍ ଯୋଗୁ ଏପରି ସ୍ଥିତି ସୃଷ୍ଟି ହୋଇଛି, ଯେଉଁଠି ଖୁବ୍ ସହଜରେ ମିଛ ଖବର ଓ ଜାଲ୍ ଭିଡିଓ ପ୍ରସାରିତ ହୋଇପାରୁଛି। ଏହା ବିଭିନ୍ନ ସମୁଦାୟ ମଧ୍ୟରେ ବିଭେଦ ସୃଷ୍ଟି କରି ହିଂସା ଉସୁକାଉଛି। ତେଣୁ ୧୩ ରାଷ୍ଟ୍ର ସହିତ ଅନ୍ୟ ଦେଶଗୁଡ଼ିକ ଓ ଡବ୍ଲ୍ୟୁଏଚ୍‌ଓ ଏବଂ ୟୁନେସ୍କୋ ଭଳି ଅନ୍ତର୍ଜାତୀୟ ସଂସ୍ଥା ଏହାକୁ ପ୍ରତିହତ କରିବା ପାଇଁ ଉଦ୍ୟମ କରୁଛନ୍ତି। ଫଳରେ ଉଭୟ ମିଛ ଖବର ଓ ମହାମାରୀ ବିରୋଧରେ ଲଢ଼େଇର ପ୍ରସ୍ତୁତିରେ ଉନ୍ନତି ଆସିଛି।




କୃଷ୍ଣକାୟ ଆମେରିକୀୟ ଜର୍ଜ ଫ୍ଲୟଡ୍‌ଙ୍କ ମୃତ୍ୟୁକୁ ନେଇ ସ୍ୱିଡେନ୍‌ର ଷ୍ଟକ୍‌ହମରେ 'ବ୍ଲାକ୍ ଲାଇଫ୍ ମ୍ୟାଟର୍ସ' ବିକ୍ଷୋଭ ବେଳେ ଜଣେ ପ୍ରଦର୍ଶନକାରୀଙ୍କୁ ପୋଲିସ ନେଇଯାଉଛି।

## ସୀମାପାର ଗୁଳିରେ ଯବାନ ଶହୀଦ



ଜମ୍ମୁ,୧୪।୬(ପି.ଟି.): ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ପାକିସ୍ତାନୀ ସୈନ୍ୟଙ୍କ ଗୁଳିମାଡ଼ରେ ଜଣେ ଭାରତୀୟ ଯବାନ ଶହୀଦ ହେବା ସହ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ଶନିବାର ରାତିରେ ପାକିସ୍ତାନୀ ସୈନ୍ୟ ଏଲ୍‌ଓସିରେ ଅସ୍ତ୍ରବିରତି ଉଲ୍ଲଂଘନ କରି ଆଖିବୁଜା ଗୁଳିମାଡ଼ କରିଥିଲେ। ଭାରତୀୟ ଯବାନମାନେ ଏହାର ଠିକଣା ଜବାବ ଦେଇଥିଲେ। ଶତ୍ରୁପକ୍ଷର ଗୁଳିମାଡ଼ରେ ସିପାହି ଲୁଙ୍ଗମ୍ଭୁଇ ଅବୋନମେଇ ଗୁରୁତର ଆହତ ହୋଇଥିଲେ। ପରେ ତାଙ୍କର ମୃତ୍ୟୁ ଘଟିଥିବା ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି। ସିପାହି ଅବୋନମେଇଙ୍କ ବଳିଦାନ ପାଇଁ ଦେଶ ତାଙ୍କ ନିକଟରେ ଋଣୀ ରହିବ ବୋଲି ସେ କହିଛନ୍ତି। ଗୁଳିମାଡ଼ରେ ଅନ୍ୟ ଦୁଇଜଣ ସିପାହି ଲିଙ୍ଗୋଥିଏନ୍ ସେଙ୍ଘୋନ ଏବଂ ଟଙ୍ଗସୋଇକ୍ କ୍ୱିନିଙ୍ଗର ଆହତ ହୋଇଛନ୍ତି। ସେମାନଙ୍କୁ ବିମାନ ଯୋଗେ ଉଧାମପୁରସ୍ଥିତ ସେନା ହସ୍ପିଟାଲକୁ ନିଆଯାଇଛି। ଗତ ୪ ତାରିଖରେ ରାଜୌରୀ ଜିଲାର ସୁନ୍ଦରବଣି ସେକ୍ଟରରେ ପାକିସ୍ତାନୀ ସୈନ୍ୟଙ୍କ ଗୁଳିମାଡ଼ରେ ହାବିଲଦାର ପି. ମାଥିଝଗାନଙ୍କର ମୃତ୍ୟୁ ଘଟିଥିବାବେଳେ ୧୦ରେ ଅନୁରୂପ ଘଟଣାରେ ନାଏକ ଗୁରୁଚରଣ ସିଂ ଶହୀଦ ହୋଇଥିଲେ। ଚଳିତ ବର୍ଷ ଜୁନ୍ ୧୦ ସୁଦ୍ଧା ପାକିସ୍ତାନୀ ସୈନ୍ୟ ଏଲ୍‌ଓସିରେ ୨୦୨୭ ଥର ଅସ୍ତ୍ରବିରତି ଉଲ୍ଲଂଘନ କଲେଣି। ଗତବର୍ଷ ଏହି ସମୟ ମଧ୍ୟରେ ହୋଇଥିବା ଅସ୍ତ୍ରବିରତି ଉଲ୍ଲଂଘନ ତୁଳନାରେ ଏହା ୬୯% ଅଧିକ। ଗତବର୍ଷ ପାକ୍ ସେନା ୩,୧୬୮ ଥର ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲା।

# ୯ ହଜାର ଟପିଲା ମୃତ୍ୟୁସଂଖ୍ୟା

## ଦିନକରେ ୧୧,୯୨୯ ସଂକ୍ରମିତ

ନୂଆଦିଲ୍ଲୀ,୧୪।୬(ପି.ଟି.)

ଭାରତରେ ଗୋଟିଏ ଦିନରେ କରୋନା ଜନିତ ମୃତ୍ୟୁସଂଖ୍ୟାରେ ରେକର୍ଡ ବୃଦ୍ଧି ଘଟିଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୧,୯୨୯ ନୂଆ କରୋନା ପଜିଟିଭ୍ ଚିହ୍ନଟ ହେବା ସହ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩.୨୦ ଲକ୍ଷ ଅତିକ୍ରମ କରିଛି। ସେହିପରି ଗୋଟିଏ ଦିନରେ ୩୧୧ ଜଣଙ୍କ ମୃତ୍ୟୁ ହେବା ସହ ମୋଟ ମୃତ୍ୟୁସଂଖ୍ୟା ୯୦୦୦ ଟପିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କୋଭିଡ୍-୧୯ ଆକ୍ରାନ୍ତଙ୍କ ସଂଖ୍ୟା କ୍ରମାଗତ ୩ ଦିନ ଧରି ୧୦ ହଜାରରୁ ଅଧିକ ରହିଛି। ମହାମାରୀରେ ଭାରତ ଏବେ ବିଶ୍ୱର ଚତୁର୍ଥ ସର୍ବାଧିକ ପ୍ରଭାବିତ ଦେଶ।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ସକ୍ରିୟ ମାମଲା ସଂଖ୍ୟା ୧,୪୯,୩୪୮ ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ୧,୬୨,୩୭୮ ଜଣ ସୁସ୍ଥ ହେଲେଣି। ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୨୦,୯୨୨ରେ ପହଞ୍ଚିଥିବାବେଳେ ୯,୧୯୫ ଜଣଙ୍କ ଜୀବନ ନେଲାଣି କରୋନା। ଆରୋଗ୍ୟ ହାର ୫୦.୬୦ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା କି ସକ୍ରିୟ ମାମଲାଠାରୁ ଅଧିକ। ମହାରାଷ୍ଟ୍ରରେ ଗୋଟିଏ ଦିନରେ ୧୧୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଦିଲ୍ଲୀରେ ୫୭, ଗୁଜରାଟରେ ୩୩ ଏବଂ ତାମିଲନାଡୁରେ ୩୦ ଜଣଙ୍କ ପ୍ରାଣହାନି ଘଟିଛି। ସେହିପରି ଗତ ୨୪ ଘଣ୍ଟାରେ ଉତ୍ତରପ୍ରଦେଶରେ ୨୦, ପଶ୍ଚିମବଙ୍ଗରେ ୧୨ ଓ ରାଜସ୍ଥାନରେ ୧୦ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ମୋଟ ମୃତ୍ୟୁସଂଖ୍ୟାରେ ମହାରାଷ୍ଟ୍ର ଶୀର୍ଷରେ ରହିଥିବାବେଳେ ଏହା ପଛକୁ ଗୁଜରାଟ ଓ ଦିଲ୍ଲୀ ରହିଛି। ମହାରାଷ୍ଟ୍ରରେ କରୋନା ଜନିତ ମୃତ୍ୟୁସଂଖ୍ୟା ୩,୮୩୦ରେ ପହଞ୍ଚିଥିବାବେଳେ ଗୁଜରାଟରେ ୧,୪୪୮ ଏବଂ ଦିଲ୍ଲୀରେ ୧,୨୭୧ ଜଣଙ୍କ ମୃତ୍ୟୁ ହେଲାଣି। ସେହିପରି ପଶ୍ଚିମବଙ୍ଗରେ ୪୬୩, ମଧ୍ୟପ୍ରଦେଶରେ ୪୪୭, ତାମିଲନାଡୁରେ ୩୯୭ ଓ ଉତ୍ତରପ୍ରଦେଶରେ ୩୮୫ ଜଣଙ୍କର ଏହି ମହାମାରୀରେ ଜୀବନ ଯାଇଛି। ସଂକ୍ରମଣରେ ମହାରାଷ୍ଟ୍ର ସର୍ବାଗ୍ରେ ରହିଥିବାବେଳେ ଏହା ପଛକୁ ତାମିଲନାଡୁ ଓ ଦିଲ୍ଲୀ ରହିଛନ୍ତି। ମହାରାଷ୍ଟ୍ରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧,୦୪,୫୬୮ରେ ପହଞ୍ଚିଥିବାବେଳେ ତାମିଲନାଡୁରେ ୪୨,୬୮୭ ଏବଂ ଦିଲ୍ଲୀରେ ୩୮,୯୫୮ ରହିଛି।




# ସର୍ବଦଳୀୟ ବୈଠକ ଡାକିଲେ ଶାହା

## ଦିଲ୍ଲୀରେ ବିଗୁଡୁଛି ସ୍ଥିତି

ନୂଆଦିଲ୍ଲୀ,୧୪।୬

ଦିଲ୍ଲୀରେ କରୋନା ସ୍ଥିତି ବିଗିଡ଼ିବାରେ ଲାଗିଛି। ଗତ ଦୁଇ ସପ୍ତାହ ହେଲା ଆକ୍ରାନ୍ତଙ୍କ ସଂଖ୍ୟାରେ ଦ୍ରୁତ ବୃଦ୍ଧି ଘଟୁଥିବାରୁ ଏହା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ରାଜଧାନୀରେ କୋଭିଡ୍-୧୯ ଜନିତ ସ୍ୱାସ୍ଥ୍ୟ ସଙ୍କଟର ସ୍ଥିତି ସମୀକ୍ଷା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସୋମବାର ସର୍ବଦଳୀୟ ବୈଠକ ଡାକିଛନ୍ତି। ଏଥିରେ ଶାସକ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସମେତ ଭାଜପା, କଂଗ୍ରେସ ଏବଂ ବିଏସ୍‌ପି ଦିଲ୍ଲୀ ଶାଖାର ନେତାମାନେ ଯୋଗଦେବେ। କରୋନା ସଂକ୍ରମଣରେ ଦିଲ୍ଲୀ ଦେଶରେ ତୃତୀୟ ସ୍ଥାନରେ ରହିଛି। ଏଠାରେ ସଂକ୍ରମିତଙ୍କ ସଂଖ୍ୟା ୪୦ ହଜାର ନିକଟବର୍ତ୍ତୀ ହୋଇଥିବାବେଳେ ୧୨୦୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି।

କରୋନା ସ୍ଥିତି ନେଇ ରବିବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ଉପରାଜ୍ୟପାଳ ଅନିଲ ବୈଜଲଙ୍କ ସହ ଆଲୋଚନା କରିଥିଲେ। ଏମ୍ସ ମୁଖ୍ୟ ଡ. ରଣଦୀପ ଗୁଲେରିଆ ମଧ୍ୟ ଆଲୋଚନାରେ ଭାଗ ନେଇଥିଲେ। ଦିଲ୍ଲୀରେ କୋଭିଡ୍-୧୯ ଲଢ଼େଇରେ ସହାୟତା କରିବା ଲାଗି ଶାହା ୪ ଜଣ ଆଇଏଏସ୍ ଅଫିସରଙ୍କୁ ଦିଲ୍ଲୀ ସରକାରକୁ ବଦଳି କରିଥିବାବେଳେ ଅନ୍ୟ ଦୁଇଜଣ କେନ୍ଦ୍ରୀୟ ଅଧିକାରୀଙ୍କୁ ମଧ୍ୟ ଏଥିରେ ସାମିଲ କରିଛନ୍ତି। ଆଗାମୀ ଦୁଇଦିନରେ ରାଜଧାନୀରେ କୋଭିଡ୍ ପରୀକ୍ଷା ଦୁଇଗୁଣ କରାଇବା ସହ ପରବର୍ତ୍ତୀ ସମୟରେ ଏହାକୁ ୩ ଗୁଣ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ହଟ୍‌ସ୍ପଟ୍ ଅଞ୍ଚଳରେ ଘରକୁ ଘର ଯାଇ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହସ୍ପିଟାଲରେ ଶଯ୍ୟା ଅଭାବ ସମସ୍ୟାର ସମାଧାନ ଲାଗି ୫୦୦ ରେଳ କୋଚ୍ ଯୋଗାଇଦେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି।



ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା

# 'ଜାତୀୟ ଗର୍ବକୁ ନେଇ ସାଲିସ୍ କରିବନି ଭାରତ'

ନୂଆଦିଲ୍ଲୀ,୧୪।୬(ପି.ଟି.)

ଲଦାଖ ସୀମାକୁ ନେଇ ଚାଇନା ସହ ବିବାଦ ଲାଗି ରହିଥିବାବେଳେ ଜାତୀୟ ଗର୍ବ ଉପରେ ଭାରତ କଦାପି ସାଲିସ କରିବ ନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ରବିବାର ସ୍ପଷ୍ଟ କରିଦେଇଛନ୍ତି। ଭାରତର ପ୍ରତିରକ୍ଷା ସାମର୍ଥ୍ୟ ବୃଦ୍ଧି ପାଇଛି। ଏହା ଆଦୌ ଦୁର୍ବଳ ରାଷ୍ଟ୍ର ନୁହେଁ ବୋଲି ରାଜନାଥ କହିଛନ୍ତି। ଜମ୍ମୁ-କଶ୍ମୀର ପାଇଁ ଏକ ଭର୍ଚୁଆଲ ରାଲିକୁ ସମ୍ବୋଧିତ କରିବା ଅବସରରେ ବିରୋଧୀ ଦଳକୁ ଆଶ୍ୱାସନା ଦେଇ ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ, ସୀମାକୁ ନେଇ ହେଉଥିବା ଅଗ୍ରଗତି ସମ୍ପର୍କରେ ପାର୍ଲାମେଣ୍ଟ କିମ୍ବା କାହାକୁ ଅନ୍ଧକାରରେ ରଖାଯିବ ନାହିଁ। ଉପଯୁକ୍ତ ସମୟରେ ସବିଶେଷ ତଥ୍ୟ ଜଣାଇ ଦିଆଯିବ।

ପୂର୍ବ ଲଦାଖ ଅନ୍ତର୍ଗତ ପଙ୍ଗଓଙ୍ଗ ସୋ, ଗଲ୍ୱାନ ଉପତ୍ୟକା, ଡେମ୍‌ଚୋକ ଏବଂ ଦୌଲତ ବେଗ୍ ଓଲ୍‌ଡିରେ ୫ ସପ୍ତାହ ହେଲା ଭାରତୀୟ ଓ ଚାଇନା ସେନା ମୁହାଁମୁହିଁ ସ୍ଥିତିରେ ରହିଥିଲେ। ଏକାଧିକ ଥର ସାମରିକ ଅଧିକାରୀ ସ୍ତରରେ ଆଲୋଚନା ପରେ ବିବାଦୀୟ ଅଞ୍ଚଳରୁ ସେନା ପ୍ରତ୍ୟାହାର ଆରମ୍ଭ ହୋଇଛି। ଆଲୋଚନା ମାଧ୍ୟମରେ ସୀମା ବିବାଦର ସମାଧାନ ପାଇଁ ଉଭୟ ପକ୍ଷ ଆଗ୍ରହ ପ୍ରକାଶ କରିଥିବା ବରିଷ୍ଠ ଭାଜପା ନେତା କହିଛନ୍ତି।



ପଶ୍ଚିମବଙ୍ଗର ବୀରଭୂମ ଜିଲା ଜୟଦେବଠାରେ ଅଜୟ ନଦୀରୁ ମାଛ ଧରୁଛନ୍ତି ମହିଳା।

# ଗୁଜରାଟରେ ଭୂକମ୍ପ

ନୂଆଦିଲ୍ଲୀ,୧୪।୬

ଗୁଜରାଟର ରାଜକୋଟ ନିକଟରେ ରବିବାର ରାତି ୮ଟା ୧୩ ମିନିଟ ସମୟରେ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୫.୫ ଥିଲା ବୋଲି ନ୍ୟାଶନାଲ ସେଣ୍ଟର ଫର୍ ସିସ୍‌ମୋଲୋଜି (ଏନ୍‌ସିଏସ୍) ପକ୍ଷରୁ କୁହାଯାଇଛି। ଏହାର କେନ୍ଦ୍ରସ୍ଥଳ ରାଜକୋଟଠାରୁ ଉତ୍ତର ଓ ଉତ୍ତରପଶ୍ଚିମ ଦିଗରେ ୧୧୮ କିଲୋମିଟର ଦୂରରେ ଅବସ୍ଥିତ। ଭୂକମ୍ପଜନିତ କ୍ଷୟକ୍ଷତି କିମ୍ବା ମୃତାହତ ସମ୍ପର୍କରେ ଜଣାପଡ଼ିନାହିଁ। ଗୁଜରାଟ ଭୂକମ୍ପର ୩୦ ମିନିଟ ପରେ ଜମ୍ମୁ-କଶ୍ମୀରର କଟ୍ରା ଅଞ୍ଚଳରେ ୨.୯ ତୀବ୍ରତାର କମ୍ପନ ଅନୁଭୂତ ହୋଇଥିଲା।

# ୨ ସୁରକ୍ଷା କର୍ମୀଙ୍କୁ ପିଟି ହତ୍ୟା

ନୂଆଦିଲ୍ଲୀ,୧୪।୬

ଉତ୍ତର ଦିଲ୍ଲୀର ନରେଲା ଅଞ୍ଚଳରେ ଦୁଇଜଣ ସୁରକ୍ଷା ଗାର୍ଡଙ୍କୁ କେତେଜଣ ଲୋକ ପିଟି ପିଟି ମାରିଦେଇଛନ୍ତି। ଏକ ଘରୋଇ କମ୍ପାନୀର ନିର୍ମାଣ ସ୍ଥଳୀ ପରିସରରେ ସୁରକ୍ଷା ଗାର୍ଡ ଅମିତ୍ (୨୨) ଓ ସୁନିଲ (୨୪) ଶନିବାର ରାତି ଡ୍ୟୁଟିରେ ଥିଲେ। ଏହି ସମୟରେ କେତେଜଣ ଉଦ୍ଧ୍ୟକ୍ତ ବ୍ୟକ୍ତି ସେଠାରେ ପହଞ୍ଚି ସେମାନଙ୍କୁ ଆକ୍ରମଣ କରିଥିଲେ ବୋଲି ପୋଲିସ କହିଛି। ସେମାନଙ୍କ ଚିତ୍କାର ଶୁଣି ଅନ୍ୟ ଗାର୍ଡମାନେ ସେଠାରେ ପହଞ୍ଚିବେଳକୁ ଆକ୍ରମଣକାରୀମାନେ ଖସି ପଳାଇଯାଇଥିଲେ। ଗୁରୁତର ଆହତ ଦୁଇଜଣଙ୍କୁ ପ୍ରଥମେ ଏମ୍‌ଭି ହସ୍ପିଟାଲ ଓ ସେଠାରୁ ବିଏସ୍‌ଏ ହସ୍ପିଟାଲ ନିଆଯାଇଥିଲା। ସେଠାରେ ସେମାନଙ୍କର ମୃତ୍ୟୁ ଘଟିଥିଲା ପୋଲିସ ଡିସିପି ଗୌରବ ଶର୍ମା କହିଛନ୍ତି। ଆକ୍ରମଣର କାରଣ ଜଣାପଡିନାହିଁ। ବିଜି ସିର୍କ ଗ୍ରୁପ୍‌ର ନିର୍ମାଣ ସ୍ଥଳରୁ ଚୋରି ହୋଇଥିବା ନେଇ ପୂର୍ବରୁ ରିପୋର୍ଟ କରାଯାଇଥିଲା। ଏହା ଆକ୍ରମଣର କାରଣ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ପୋଲିସ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## କରୋନା ଦେବୀ ମନ୍ଦିର

**କୋଲ୍ଲମ,୧୪।୬:** ମହାମାରୀ କରୋନା ଲୋକଙ୍କ ଜୀବନ ନେଉଥିବାବେଳେ କେରଳର କଡକ୍କଲ ନିବାସୀ ଅନିଲନ ନାମକ ଜଣେ ବ୍ୟକ୍ତି ଏହାକୁ ଦେବୀ ଭାବେ ଅଭିହିତ କରି ପୂଜା କରୁଛନ୍ତି। ସେ ତାଙ୍କ ଘରେ କରୋନା ଦେବୀଙ୍କ ମନ୍ଦିର ନିର୍ମାଣ କରିଛନ୍ତି। ସ୍ୱାସ୍ଥ୍ୟକର୍ମୀ, ପୋଲିସ କର୍ମଚାରୀ ଓ ଭାକ୍‌ସିନ ଉଦ୍ଭାବନ ପାଇଁ ଗବେଷଣା କରୁଥିବା ବୈଜ୍ଞାନିକଙ୍କ ସୁରକ୍ଷା ଲାଗି ସେ ୩୩ କୋଟି ଦେବତାଙ୍କ ଭଳି କରୋନା ଦେବୀଙ୍କ ପୂଜା କରୁଛନ୍ତି। ଏହା ସମ୍ବିଧାନ ପ୍ରଦତ୍ତ ଏକ ମୌଳିକ ଅଧିକାର ବୋଲି ସେ କହିଛନ୍ତି ।

# ମହାବିକାଶ ଅଘାଡ଼ିରେ ମତଭେଦ

## କଂଗ୍ରେସ ମାନିଲା, ଅମଲାତନ୍ତ୍ରୀଙ୍କୁ ଦୋଷଦେଲା

ମୁମ୍ବାଇ,୧୪।୬

ମହାରାଷ୍ଟ୍ରର ଶାସକ ମହାବିକାଶ ଅଘାଡ଼ି (ଏମ୍‌ଭିଏ)ରେ ମତଭେଦ ରହିଛି ବୋଲି କଂଗ୍ରେସ ମାନିଛି। ଅମଲାତନ୍ତ୍ରୀମାନେ ମେଣ୍ଟରେ ଫାଟ ସୃଷ୍ଟି ପାଇଁ ଉଦ୍ୟମ କରୁଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ତଥା ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କ ସହ ଏନେଇ ଦଳ ଆଲୋଚନା କରିବ ବୋଲି ବରିଷ୍ଠ କଂଗ୍ରେସ ନେତା ଅଶୋକ ଚଭନ କହିଛନ୍ତି।

ଉଦ୍ଧବଙ୍କ କ୍ୟାବିନେଟରେ ପିଡବ୍ଲ୍ୟୁଡି ମନ୍ତ୍ରୀ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ ରବିବାର କହିଛନ୍ତି, ହଁ ଏମ୍‌ଭିଏର ଅଂଶିଦାର ଦଳଗୁଡ଼ିକ ଓ ଅଧିକାରୀମାନଙ୍କ ମଧ୍ୟରେ କେତେକ ସମସ୍ୟା ରହିଛି। ଆମେ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବୁ। ଆସନ୍ତା ଦୁଇଦିନ ମଧ୍ୟରେ ବୈଠକ ହୋଇପାରେ। ପ୍ରକାଶ ଯେ, ବିଧାନ ପରିଷଦରେ କଂଗ୍ରେସ ସମାନ ଆସନ ଚାହୁଁଛି। ବର୍ତ୍ତମାନ ଶିବସେନାର ୫, ଏନ୍‌ସିପିର ୪ ଓ କଂଗ୍ରେସର ୩ ଆସନ ଅଛି। କିନ୍ତୁ କଂଗ୍ରେସ ତିନି ଦଳକୁ ୪ ଲେଖାଏ ଆସନ ମିଳୁ ବୋଲି ଚାହୁଁଛି।



ଅଶୋକ ଚଭନ

# ବିନୋଦ ଦୁଆଙ୍କୁ ଅନ୍ତରୀଣ ସୁରକ୍ଷା

## ଗିରଫ କରିପାରିବନି ହିମାଚଳ ପୋଲିସ

ନୂଆଦିଲ୍ଲୀ,୧୪।୬

ବରିଷ୍ଠ ସାମ୍ବାଦିକ ବିନୋଦ ଦୁଆଙ୍କୁ ସୁପ୍ରିମକୋର୍ଟ ରବିବାର ଏକ ଦେଶଦ୍ରୋହ ମାମଲାରେ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ଜଷ୍ଟିସ୍ ୟୁ.ୟୁ. ଲଳିତ, ଏମ୍.ଏମ୍. ଶନ୍ତାନାଗୌଡ଼ାର ଓ ବିନୀତ ଶରଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏକ ସ୍ୱତନ୍ତ୍ର ଶୁଣାଣି କରି ତଦନ୍ତ ଉପରେ ସ୍ଥଗିତାଦେଶ ଜାରି କରିବାକୁ ମନା କରିଦେଇଛନ୍ତି। ତେବେ ବିନୋଦଙ୍କୁ ତଦନ୍ତରେ ସହଯୋଗ କରିବା ପାଇଁ ୨୪ ଘଣ୍ଟା ସମୟ ଦେବା ଲାଗି ହିମାଚଳ ପ୍ରଦେଶ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଜୁଲାଇ ୬ ପର୍ଯ୍ୟନ୍ତ ବିନୋଦଙ୍କୁ ଗିରଫ କରାଯାଇ ପାରିବ ନାହିଁ।

ବିନୋଦଙ୍କ ୟୁଟ୍ୟୁବ୍ ଶୋ'କୁ ନେଇ ଶିମଲାର ଭାଜପା ନେତା ନୀବନ କୁମାର ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ଦାଏର କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୋଟ ପାଇବା ପାଇଁ 'ମୃତ୍ୟୁ ଓ ଆତଙ୍କବାଦୀ ଆକ୍ରମଣଗୁଡ଼ିକୁ' ବ୍ୟବହାର କରୁଛନ୍ତି ବୋଲି ସେ ଏଥିରେ ଦର୍ଶାଇଥିଲେ। ଉକ୍ତ ମାମଲାକୁ ଖାରଜ କରିବା ପାଇଁ ବିନୋଦ ସର୍ବୋଚ୍ଚ ଅଦାଲତରେ ଏକ ପିଟିଶନ ଦାଏର କରିଥିଲେ।



# ପ୍ରକୃତ ତଥ୍ୟ ଦେଉନାହାନ୍ତି ରାଜ୍ୟ

## କରୋନା ତଥ୍ୟକୁ ନେଇ ଦ୍ୱନ୍ଦ୍ୱ

ନୂଆଦିଲ୍ଲୀ, ୧୪।୬

ସାରା ଦେଶରେ ଗତ କିଛିଦିନ ହେବ କରୋନା ସଂକ୍ରମିତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଭାରତ ଏବେ ସର୍ବାଧିକ ସଂକ୍ରମଣ ତାଲିକାର ୪ର୍ଥ ସ୍ଥାନରେ ରହିଛି। ଏଠାରେ ମୃତ୍ୟୁସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ହେଲେ କେନ୍ଦ୍ର ସରକାର ସଂକ୍ରମଣ ଓ ମୃତ୍ୟୁକୁ ନେଇ ଯେଉଁ ତଥ୍ୟ ପ୍ରଦାନ କରୁଛନ୍ତି ତାହା ବାସ୍ତବତା ଠାରୁ ଭିନ୍ନ ଅଟେ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡ଼ିକରେ ଯେଉଁ ହାରରେ ଟେଷ୍ଟିଂ କରାଯାଉଛି, ଭାରତର ଜନସଂଖ୍ୟା ଅନୁସାରେ ବହୁତ୍ କମ୍ ଟେଷ୍ଟିଂ ହେଉଛି। ଏପରିକି କୋଭିଡ-୧୯ରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ଠିକ୍ ତଥ୍ୟ ମଧ୍ୟ ପ୍ରଦାନ କରାଯାଉନାହିଁ। ଇତିମଧ୍ୟରେ ଦେଶରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୦ହଜାର ଟପିଲାଣି। ମହାରାଷ୍ଟ୍ରରେ ସର୍ବାଧିକ ୩,୭୧୭ଜଣଙ୍କ ମୃତ୍ୟୁ ଘଟିଥିବାବେଳେ, ଗୁଜରାଟରେ ୧,୩୮୫ ଏବଂ ଦିଲ୍ଲୀରେ ୧,୨୧୪ଜଣଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟ ପ୍ରକାଶ ପାଇଛି। ହେଲେ ରାଜ୍ୟଗୁଡ଼ିକ କରୋନାଜନିତ ମୃତ୍ୟୁ ସଂଖ୍ୟା ଠିକ୍‌ଭାବେ ନ ଦେଇ ଅନେକ ମୃତ୍ୟୁର କାରଣ ଭିନ୍ନ ଭାବେ ଦର୍ଶାଉଥିବାରୁ କେନ୍ଦ୍ର ସରକାର ଠିକ୍ ରିପୋର୍ଟ ପ୍ରକାଶ କରିପାରୁ ନାହାନ୍ତି।



କୋଭିଡ-୧୯ ପାଇଁ ଗଠିତ କେନ୍ଦ୍ର ସରକାରଙ୍କ ରାପିଡ୍ ରେସ୍ପନ୍ସ ଟିମ୍ ଗତ ମାସରେ ପ୍ରତ୍ୟେକ ରାଜ୍ୟକୁ କୋଭିଡ-୧୯ ଜନିତ ମୃତ୍ୟୁର ଅଡିଟ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ହେଲେ ରାଜ୍ୟଗୁଡ଼ିକ ନିଜ ଢଙ୍ଗରେ ରିପୋର୍ଟ ପ୍ରଦାନ କଲେ। କରୋନା ଜନିତ ମୃତ୍ୟୁକୁ ଠିକ୍‌ଭାବେ ଉପସ୍ଥାପନ ନ କରି ଅନ୍ୟ ରୋଗ କାରଣରୁ ହୋଇଥିବା ମୃତ୍ୟୁ ରିପୋର୍ଟ ପ୍ରଦାନ କରିଛନ୍ତି। ପ୍ରଥମତଃ ଅନ୍ୟଦେଶ ତୁଳନାରେ ଭାରତର ଜନସଂଖ୍ୟା ଦୃଷ୍ଟିରୁ କମ୍ ଟେଷ୍ଟିଂ କରାଯାଉଛି, ଏପରି କି ଅନେକ କ୍ଷେତ୍ରରେ ମୃତ୍ୟୁ ସଂଖ୍ୟାକୁ ମଧ୍ୟ ଠିକ୍ ଭାବେ ଉପସ୍ଥାପନା କରାଯାଉ ନାହିଁ। ଦ୍ୱିତୀୟରେ ରାଜ୍ୟଗୁଡ଼ିକ ନିଜର କାର୍ଯ୍ୟଦକ୍ଷତାକୁ ଦେଖାଇବାକୁ ଯାଇ କରୋନାଜନିତ ଯେତିକି ମୃତ୍ୟୁ ଘଟୁଛି, ତା'ଠାରୁ କମ୍ ରିପୋର୍ଟ ପ୍ରଦାନ କରୁଛନ୍ତି ବୋଲି ସେଣ୍ଟର ଫର ଡିଜିଜ୍ ଡାଇନାମିକ୍ସ, ଇକୋନୋମିକ୍ସ ଆଣ୍ଡ ପଲିସିର ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ପ୍ରକାଶ କରିଛନ୍ତି। ଦେଶରେ କୋଭିଡ୍-୧୯ ଟେଷ୍ଟିଂରେ ବୃଦ୍ଧି ନ ଘଟିଥିଲେ ସୁଦ୍ଧା ଜୁନ୍ ମାସରେ କରୋନା ଜନିତ ମୃତ୍ୟୁସଂଖ୍ୟା ଦ୍ରୁତଗତିରେ ବଢ଼ିଛି। ଦେଶରେ ୧୦ଲକ୍ଷ ଜନସଂଖ୍ୟାରେ ମାତ୍ର ୩,୭୭୭ ଟେଷ୍ଟିଂ କରାଯାଉଛି। ଶୁକ୍ରବାର ଗୋଟିଏ ଦିନରେ ଭାରତରେ ସର୍ବାଧିକ ୩୯୭ଜଣଙ୍କ ମୃତ୍ୟୁ ଘଟିଥିଲା। ହେଲେ ତଥ୍ୟ ବାସ୍ତବତାଠାରୁ କମ୍ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଯଦି ଜନସଂଖ୍ୟା ଆଧାରରେ ଟେଷ୍ଟିଂ କରାଯିବ ତେବେ ସଂକ୍ରମିତଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇବ ବୋଲି କୁହାଯାଉଛି।

## ସଂକ୍ଷେପରେ

### ନୀଳାଚଳ କର୍ମଚାରୀଙ୍କ ଆତ୍ମହତ୍ୟା ନେଇ ଏନ୍ଏଚ୍ଆର୍ସିରେ ମାମଲା

**ଯାଜପୁର ଅଫିସ,୧୪।୬:** କଳିଙ୍ଗନଗର ନୀଳାଚଳ ଇସ୍ପାତ ନିଗମ ଲିଃ (ଏନ୍ଆଇଏନ୍ଏଲ୍)ର କର୍ମଚାରୀ କିଶୋର ଜେନା ୪ ମାସର ଦରମା ନ ପାଇ ଶନିବାର ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ମାନବାଧିକାର କର୍ମୀ ଭଜମନ ବିଶ୍ୱାଳ ରବିବାର ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍ସି)ରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଏନ୍ଏଚ୍ଆର୍ସିରେ ଏକ ମାମଲା (୭୮୪/ଆଇଏନ/୨୦୨୦)ରୁଜୁ ହୋଇଛି। ଅଭିଯୋଗ ଅନୁସାରେ ଏନ୍ଆଇଏନ୍ଏଲ୍ ଶଟ୍ଡାଉନ ହେବା ପରେ ୧୪୦୦ କର୍ମଚାରୀ ସେମାନଙ୍କ ୪ ମାସର ଦରମା ପାଇନାହାନ୍ତି। ତେଣୁ ସେମାନେ ବହୁକଷ୍ଟରେ ଜୀବନ ଅତିବାହିତ କରୁଛନ୍ତି। ଦରମା ପ୍ରଦାନ କରିବାକୁ କମ୍ପାନୀର କର୍ମଚାରୀ ଓ ଶ୍ରମିକମାନେ ଏକାଧିକ ଥର ଆନ୍ଦୋଳନ କରି ଆସୁଛନ୍ତି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ଏକ ବୈଠକ ଅନୁଷ୍ଠିତ ହୋଇଛି। କିନ୍ତୁ କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷଙ୍କ ଆନ୍ତରିକତାର ଅଭାବ ଯୋଗୁ ଶ୍ରମିକ ଓ କର୍ମଚାରୀମାନେ ଦରମା ପାଇ ପାରିନାହାନ୍ତି। ଏଥିପାଇଁ ଏନ୍ଆଇଏନ୍ଏଲ୍ର ଏମଡି ଶେଷବିନୟ ସାହି, ଅଧକ୍ଷ ଅଶ୍ୱିନୀ ସୋନ୍ଧିଙ୍କୁ ଦାୟୀ କରି ଏନ୍ଏଚ୍ଆର୍ସିରେ ଅଭିଯୋଗ କରାଯାଇଛି।

### ବଜ୍ରପାତରେ ଗଲା ୨ଶ୍ରମିକଙ୍କ ଜୀବନ

**କୁଆଁରମୁଣ୍ଡା,୧୪।୬(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଲୋଡୋସେରା ପୋଲ ନିକଟରେ ରବିବାର ବଜ୍ରପାତରେ ୨ଶ୍ରମିକଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ ବିନୀତ ଡୁଙ୍ଗଡୁଙ୍ଗ(୨୨) ଓ ବୋଧ କେର୍କେଟା(୨୫)। ବିନୀତଙ୍କ ଘର ଝାଡଖଣ୍ଡ ରାଜ୍ୟ ଠେଠେଇଟାଙ୍ଗର ଥାନା ଅନ୍ତର୍ଗତ ରଚାକୋନା ଗ୍ରାମରେ। ବୋଧଙ୍କ ଘର ବଡ଼ଗାଁ ଥାନା ଅନ୍ତର୍ଗତ ଗେଲେଇବାହାଲରେ। କୁଆଁରମୁଣ୍ଡା ଫାଣ୍ଡି ପୋଲିସ ମୃତଦେହ ଜବତ କରି କୁଆଁରମୁଣ୍ଡା ଡାକ୍ତରଖାନା ମର୍ଗ ହାଉସ୍ରେ ରଖିଛି। ଏ ନେଇ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ମୁତାବକ, ମୃତକଦ୍ୱୟ ଲୋଡୋସେରା ନାଳା ଉପରେ ନିର୍ମାଣାଧୀନ କଂକ୍ରିଟ ପୋଲ କାର୍ଯ୍ୟରେ ଏକ ଠିକା ସଂସ୍ଥା ଦ୍ୱାରା ନିୟୋଜିତ ହୋଇଥିଲେ।

### ଶିମିଳିପାଳ ପ୍ରବେଶ ପଥରୁ ବନ୍ଧୁକ ଜବତ, ଶିକାରୀ ଚମ୍ପଟ

**ଖୁଣ୍ଟା,୧୪।୬(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ପିଠାବଟା ରେଞ୍ଜ ଅଧୀନ ଡୁକୁରା ଫରେଷ୍ଟ ସେକ୍ସନ ବହଳଦା ବିଟ ଅଞ୍ଚଳର ଟୁଙ୍କି ନାଳ ନିକଟ ଶିମିଳିପାଳ ପ୍ରବେଶ ପଥରୁ ବନ କର୍ମଚାରୀମାନେ ଶନିବାର ରାତିରେ ଏକ ଦେଶୀ ବନ୍ଧୁକ ଜବତ କରିଛନ୍ତି। ଶିକାରୀମାନେ କୌଶଳକ୍ରମେ ସେଠାରୁ ଚମ୍ପଟ ମାରିଥିବା ସୂଚନା ମିଳିଛି। ଶିକାର ଉଦ୍ଦେଶ୍ୟରେ ୩ ଶିକାରୀ ଶିମିଳିପାଳ ଅଭୟାରଣ୍ୟକୁ ଉକ୍ତ ରାସ୍ତା ଦେଇ ପ୍ରବେଶ କରୁଥିବା ଖବରପାଇ ବନ କର୍ମଚାରୀମାନେ ଟୁଙ୍କି ନାଳ ନିକଟ ଛକରେ ଜଗି ରହିଥିଲେ। ଶିକାରୀମାନେ ବନ କର୍ମଚାରୀଙ୍କ ସହିତ ମୁହାଁମୁହିଁ ହେବା ପରେ ଅନ୍ଧାରର ସୁଯୋଗ ନେଇ ସାଙ୍ଗରେ ନେଇଥିବା ଏକ ଦେଶୀ ବନ୍ଧୁକକୁ ଫିଙ୍ଗି ଦୌଡ଼ି ପଳାଇଥିବା ବନ ବିଭାଗ ସୂଚନା ଦେଇଛି।

# 'ଭାରତରେ ମିଶିବା ପାଇଁ ପିଓକେ ଦାବି କରିବ'

**ନୂଆଦିଲ୍ଲୀ,୧୪।୬**

## ପାକିସ୍ତାନକୁ ରାଜନାଥଙ୍କ କଡ଼ା ଜବାବ

- ୫ ବର୍ଷରେ ଜମ୍ମୁ-କଶ୍ମୀରରେ ୨ ଲକ୍ଷ କୋଟି ଖର୍ଚ୍ଚ କରିଛୁ
- ଆଗକୁ ଏପରି ବିକାଶ କରିବୁ ଯେ ପିଓକେ ଈର୍ଷା କରିବ
- ପିଓକେବାସୀ କହିବେ ଆମକୁ ଭାରତରେ ମିଶାଅ
- ସେତେବେଳେ ଆମ ପାର୍ଲାମେଣ୍ଟର ସଂକଳ୍ପନାମା ପୂରଣ ହେବ

ମୋଦି ସରକାର ଏପରି ବିକାଶମୂଳକ କାର୍ଯ୍ୟ କରିବେ ଯେ ଜମ୍ମୁ-କଶ୍ମୀରର ଚେହେରା ବଦଳିଯିବ। କଶ୍ମୀର ଉପତ୍ୟକାର ବିକାଶକୁ ଦେଖି ପାକିସ୍ତାନ-ଅଧିକୃତ କଶ୍ମୀର (ପିଓକେ) ଅଧିବାସୀ ଭାରତରେ ମିଶିବାକୁ ଚାହିଁବେ ବୋଲି ରବିବାର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି।

ଜମ୍ମୁ-କଶ୍ମୀର ପାଇଁ ଏକ ଜନ ସମ୍ବାଦ ରାଲିକୁ ଭିଡିଓ କନ୍ଫରେନ୍ସ ଜରିଆରେ ସମ୍ବୋଧିତ କରି ରାଜନାଥ କହିଛନ୍ତି, ଜମ୍ମୁ-କଶ୍ମୀର ଭଳି ପିଓକେ ମଧ୍ୟ ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ପିଓକେବାସୀ ଯେତେବେଳେ ପାକିସ୍ତାନର ନିୟନ୍ତ୍ରଣରୁ ମୁକ୍ତ ହୋଇ ଭାରତର ଅଂଶ ହେବାକୁ ଚାହିଁବେ ସେତେବେଳେ ପାର୍ଲାମେଣ୍ଟର ଏହି ସଂକଳ୍ପନାମା ପୂରଣ ହେବ। ଜମ୍ମୁ-କଶ୍ମୀରର ବିକାଶ ଆମ ସରକାରଙ୍କ ପ୍ରାଥମିକତା। ଏହି ସନ୍ଦେଶ ଦେବାରେ ଆମ ସରକାର ସଫଳ ହୋଇଛନ୍ତି। ଆଗାମୀ ୫ ବର୍ଷରେ ଆମେ ଉପତ୍ୟକାରେ ଏପରି ବିକାଶ କରି ଏହାର ରୂପ ବଦଳାଇଦେବୁ ଯେ ପିଓକେର ଲୋକମାନେ ଈର୍ଷାନ୍ୱିତ ହୋଇଯିବେ। ତା'ପରେ ସେମାନେ କହିବେ ଯେ, ଆମ ଭାଗ୍ୟ ମଧ୍ୟ ପରିବର୍ତ୍ତନ ହେବା ଦରକାର।


ରାଜନାଥ ସିଂ

ପିଓକେରେ ଦାବି ଉଠିବ ଯେ, ଏହି ଭୂଖଣ୍ଡକୁ ପାକିସ୍ତାନର କବ୍ଜାରୁ ମୁକ୍ତ କରାଯାଉ। ଆମେ ଭାରତ ସହ ମିଶି ରହିବାକୁ ଚାହୁଁ। ତେବେ ଦେଖାଯାଉ ଭବିଷ୍ୟତରେ କ'ଣ ହେଉଛି ବୋଲି ରାଜନାଥ କହିଛନ୍ତି।

ଗତବର୍ଷ ଅଗଷ୍ଟ ୪ରେ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ ଓ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପାଇଁ ପାର୍ଲାମେଣ୍ଟରେ ଏକ ବିଲ୍ ଅଣାଯାଇଥିଲା। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏହି ବିଲ୍ ଆଗତ ବେଳେ ପିଓକେ ଏବଂ ଚାଇନା ଦଖଲରେ ଥିବା ଅକ୍ସାଇ ଚୀନକୁ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଦୋହରାଇଥିଲେ। ଏହା ପୂର୍ବରୁ ପିଓକେ ଭାରତର ଅଂଶ ବୋଲି ପାର୍ଲାମେଣ୍ଟରେ ସଂକଳ୍ପନାମା ଗୃହୀତ ହୋଇଥିଲା। ପାକିସ୍ତାନ ନିୟନ୍ତ୍ରଣରେ ଥିବା ମୁଜାଫରାବାଦ ଓ ଗିଲ୍ଗିଟ୍ର ପାଣିପାଗ ନେଇ ଭାରତୀୟ ଟିଭି ଚ୍ୟାନେଲଗୁଡ଼ିକ ଏବେ ପୂର୍ବାନୁମାନ କରି ଓ୍ୱେଦର ରିପୋର୍ଟ ପ୍ରସାର କରିବା ପରେ ପଡ଼ୋଶୀ ଦେଶର ତାପମାତ୍ରା ବଢ଼ିଯାଇଛି। ଏଥିଲାଗି ପାକିସ୍ତାନ ଆହୁରି ଅଧିକ ବଦମାସି କରିବାରେ ଲାଗିଛି। ଭାରତୀୟ ସୁରକ୍ଷା ବଳ ଏହାର କଡ଼ା ଜବାବ ଦେଉଛି ବୋଲି ଉପତ୍ୟକାରେ ଆତଙ୍କବାଦ ପ୍ରସଙ୍ଗ ଉଠାଇ ରାଜନାଥ ଇସ୍ଲାମାବାଦକୁ ଟାର୍ଗେଟ କରିଛନ୍ତି। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ଅନୁଚ୍ଛେଦ ୩୭୦କୁ ଏକ କଳଙ୍କ ଭାବେ ଅଭିହିତ କରିବା ସହ ଏହାକୁ ହଟାଇ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାହସକୁ ପ୍ରଶଂସା କରିଛନ୍ତି। କଶ୍ମୀରରେ ପୂର୍ବରୁ ପାକିସ୍ତାନ ଓ ଆତଙ୍କବାଦୀ ସଙ୍ଗଠନ ଇସ୍ଲାମିକ୍ ଷ୍ଟେଟ୍ (ଆଇଏସ୍) ପତାକା ଦେଖିବାକୁ ମିଳୁଥିଲା। ଏବେ ସେଠାରେ କେବଳ ତ୍ରିରଙ୍ଗା ଉଡୁଛି। ଏହି ପ୍ରସଙ୍ଗରେ ଭାରତ ପ୍ରତି କେତେକ ମୁସ୍ଲିମ୍ ଦେଶ ସମେତ ଅନ୍ୟ ରାଷ୍ଟ୍ରଗୁଡ଼ିକର ସମର୍ଥନ ବଢ଼ିବାରେ ଲାଗିଛି।

ଏହି ଅବସରରେ ମୋଦି ସରକାରଙ୍କ ସଫଳତା ବଖାଣିବାକୁ ଯାଇ ରାଜନାଥ କହିଛନ୍ତି, ଜମ୍ମୁ-କଶ୍ମୀରରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ଏମ୍ସ ପ୍ରତିଷ୍ଠା ସହ କେନ୍ଦ୍ର ସରକାର ୨୦୧୪-୧୯ରେ ଏଠାରେ ୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ପୂର୍ବରୁ ଉପତ୍ୟକାରେ ଖର୍ଚ୍ଚ ହେଉଥିବା ଟଙ୍କା ଦୁର୍ନୀତିରେ ସରିଯାଉଥିଲା। ବିଚ୍ଛିନ୍ନତାବାଦୀ ଓ ଅନ୍ୟ ରାଜନେତାମାନେ ପାକିସ୍ତାନ ସପକ୍ଷରେ କହୁଥିଲେ। ସେମାନଙ୍କ ମେରୁଦଣ୍ଡ ଏବେ ଭାଙ୍ଗିଯାଇଛି। କାରଣ ଦୀର୍ଘ ୭୦ ବର୍ଷ ପୁରୁଣା ପ୍ରତିଶ୍ରୁତିକୁ ମୋଦି ସରକାର ପାଳନ କରିଛନ୍ତି।

# ୨ ହାତୀ ଶିକାର: ଦାନ୍ତ, ଶୁଣ୍ଢ ନାହିଁ


ଜଙ୍ଗଲରେ ପଡ଼ିରହିଥିବା ହାତୀର ମୃତଦେହ।

**ଯୋଡ଼ା/କେନ୍ଦୁଝର, ୧୪।୬(ଡି.ଏନ.ଏ./ସ୍ୱ.ପ୍ର.)**

## ଗୁରୁବେଡ଼ା ଜଙ୍ଗଲରେ ମୃତଦେହ ଠାବ

ହାତୀଙ୍କ ପ୍ରତି ମଣିଷର କ୍ରୂରତା ଥମୁନାହିଁ। କେରଳରେ ଗତ କିଛିଦିନ ତଳେ କେତେଜଣ ବ୍ୟକ୍ତି ସପୁରିରେ ବିସ୍ଫୋରକ ସାମଗ୍ରୀ ରଖି ଏକ ଗର୍ଭିଣୀ ହାତୀକୁ ଖାଇବାକୁ ଦେଇଥିଲେ। ଫଳରେ ଯନ୍ତ୍ରଣାରେ ଉକ୍ତ ହାତୀ ଆଖିବୁଜିଥିଲା। ଏନେଇ ସାରା ଦେଶରେ ଅସନ୍ତୋଷ ଥମି ନ ଥିବାବେଳେ କେନ୍ଦୁଝର ଜିଲାରେ ୨ ହାତୀ ମଣିଷର ବର୍ବରତାର ଶିକାର ହୋଇଛନ୍ତି। ଗୋଟିଏ ହାତୀର ଦାନ୍ତ ଏବଂ ଅନ୍ୟଟିର ଶୁଣ୍ଢ କାଟି ନିଆଯାଇଛି। ଚମ୍ପୁଆ ରେଞ୍ଜ ଯୋଡ଼ା ଫରେଷ୍ଟ ସେକ୍ସନ ଅଧୀନ ଗୁରୁବେଡ଼ା ସଂରକ୍ଷିତ ଜଙ୍ଗଲରୁ ରବିବାର ୨ ହାତୀଙ୍କ ମୃତଦେହ ଠାବ ପରେ ଏହି ଘଟଣା ଲୋକଲୋଚନକୁ ଆସିଛି। ହାତୀ ଦ୍ୱୟକୁ ମାରିଦିଆଯାଇଥିବା ଯୋଡ଼ା ବନପାଳ ପିଅନ ନାଏକ କହିଛନ୍ତି। ଖବରପାଇ କେନ୍ଦୁଝର ଏସଟିଏଫ ଅଶୋକ ସାମଲ, ଡିଏଫଓ ସନ୍ତୋଷ ଯୋଶୀ, ଚମ୍ପୁଆ ବନପାଳ କାଶୀନାଥ ହେମ୍ବ୍ରମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏହି ସଂରକ୍ଷିତ ବନାଞ୍ଚଳରେ ୫ଟି ହାତୀ ବିଚରଣ କରୁଥିଲେ। ଏହା ଉପରେ ବନବିଭାଗ ନଜର ରଖିଥିଲା। ରବିବାର ଅପରାହ୍ଣରେ ବନବିଭାଗର ପାଟ୍ରୋଲିଂ ଦଳ ୨ ହାତୀ ମରିପଡ଼ିଥିବା ଦେଖିବାକୁ ପାଇଥିଲେ। ଅନ୍ୟପକ୍ଷରେ ମୃତ ହାତୀ ଦ୍ୱୟ ଶନିବାର ରାତିରେ ଅନ୍ୟ ଜଙ୍ଗଲରୁ ଆସିଥିବା ଅନୁମାନ କରାଯାଉଛି। କାରଣ ପୂର୍ବରୁ ବିଚରଣ କରୁଥିବା ୫ ହାତୀ ସୁରକ୍ଷିତ ଥିବା ବନବିଭାଗ କହିଛି। ସନ୍ଧ୍ୟା ହୋଇଯାଇଥିବାରୁ ସୋମବାର ମୃତ ହାତୀଙ୍କ ବ୍ୟବଚ୍ଛେଦ କରାଯିବ ବୋଲି ଯୋଡ଼ା ବନପାଳ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବରୁ କିଛି ମାସ ମଧ୍ୟରେ ଉକ୍ତ ରେଞ୍ଜ ଅଞ୍ଚଳରେ ୩ ହାତୀର ମୃତ୍ୟୁ ଘଟିଛି। ତେଣୁ ଏଠାରେ ହାତୀ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ୧୮୬ ନୂଆ ପଜିଟିଭ୍, ଆଉ ଜଣେ ମୃତ

- ଆଉ ୧୩ଜଣ ଏନ୍ଡିଆର୍ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ କର୍ମଚାରୀଙ୍କୁ କରୋନା
- ରାଜ୍ୟରେ ୧୧ଜଣଙ୍କ ଜୀବନ ନେଲାଣି ମହାମାରୀ
- ସୁସ୍ଥ ରୋଗୀଙ୍କ ସଂଖ୍ୟା ୨୭୦୮କୁ ବୃଦ୍ଧି

**ଭୁବନେଶ୍ୱର, ୧୪।୬(ବ୍ୟୁରୋ)**

ରାଜ୍ୟରେ କରୋନା ନେଇଛି ଆଉ ଏକ ଜୀବନ। ମୃତକ ଜଣକ ହେଉଛନ୍ତି ଗଞ୍ଜାମ ଜିଲାର ୫୦ ବର୍ଷୀୟ ବ୍ୟକ୍ତି। ନମୁନା ପଜିଟିଭ୍ ଆସିବା ପରେ ତାଙ୍କୁ କୋଭିଡ୍ ହସ୍ପିଟାଲରେ ରଖି ଚିକିତ୍ସା କରାଯାଉଥିଲା। ଚିକିତ୍ସାଧୀନ ଅବସ୍ଥାରେ ହିଁ ତାଙ୍କର ମୃତ୍ୟୁ ଘଟିଛି। ସେ ଡାଇବେଟିସ୍, ଉଚ୍ଚ ରକ୍ତଚାପ, କିଡ୍ନୀ ରୋଗରେ ପୀଡ଼ିତ ଥିଲେ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଏହି ବ୍ୟକ୍ତିଙ୍କ ମୃତ୍ୟୁ ପରେ ଗଞ୍ଜାମ ଜିଲାରେ ମୃତ୍ୟୁ ସଂଖ୍ୟା ୬ରେ ପହଞ୍ଚିଥିବାବେଳେ ରାଜ୍ୟରେ ୧୧କୁ ବୃଦ୍ଧି ପାଇଛି।

ଅନ୍ୟପକ୍ଷରେ ରାଜ୍ୟରେ ପୁଣି ୧୮୬ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୯୦୯ରେ ପହଞ୍ଚିଛି। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୧୭୧ଜଣଙ୍କୁ ସଙ୍ଗରୋଧ କେନ୍ଦ୍ରରୁ ଠାବ କରାଯାଇଥିବାବେଳେ ୧୫ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। କନ୍ଧମାଳ ଜିଲାରୁ ୨୨, ଖୋର୍ଦ୍ଧାରୁ ୨୧, ବରଗଡ଼ ଓ କଳାହାଣ୍ଡିରୁ ୧୬ଜଣ ଲେଖାଏ ରହିଥିବା ଚିହ୍ନଟ ହୋଇଥିବାବେଳେ ଗଜପତିରୁ ୧୫, ଯାଜପୁର ଓ କଟକରୁ ୧୨ଜଣ ଲେଖାଏ ରହିଛନ୍ତି। ସେହିପରି କେନ୍ଦୁଝର ଓ ଜଗତ୍ସିଂହପୁରରୁ ୧୧ଜଣ ଲେଖାଏ, ପୁରୀରୁ ୭, ଗଞ୍ଜାମରୁ ୪, ସୁନ୍ଦରଗଡ଼ରୁ ୩, ଝାରସୁଗୁଡ଼ା, ଢେଙ୍କାନାଳ ଓ ବଲାଙ୍ଗୀରରୁ ୨ଜଣ ଲେଖାଏ, ଅନୁଗୋଳ, ଭଦ୍ରକ, କେନ୍ଦ୍ରାପଡ଼ା ଓ ମାଲକାନଗିରିରୁ ଜଣେ ଲେଖାଏ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିସହିତ ଆଉ ୧୩ଜଣ ଏନ୍ଡିଆର୍ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ କର୍ମଚାରୀଙ୍କଠାରେ କରୋନା ପଜିଟିଭ୍ ବାହାରିଛି। ଫଳରେ ରାଜ୍ୟର ୧୪୯ଜଣ ଏନ୍ଡିଆର୍ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ କର୍ମଚାରୀ କରୋନାରେ ସଂକ୍ରମିତ ହେଲେଣି।

ସେପଟେ ରବିବାର ପୁଣି ସୁସ୍ଥ ହୋଇଛନ୍ତି ୧୧୪ଜଣ ରୋଗୀ। ସୁନ୍ଦରଗଡ଼ ଜିଲାରୁ ୩୦, ଖୋର୍ଦ୍ଧାରୁ ୨୩, ଗଞ୍ଜାମରୁ ୧୭, କଟକରୁ ୧୧, ମୟୂରଭଞ୍ଜରୁ ୧୦, ଗଜପତିରୁ ୮, ବରଗଡ଼ରୁ ୫, ନୟାଗଡ଼ରୁ ୪, ବଲାଙ୍ଗୀରରୁ ୩, ବାଲେଶ୍ୱର, କୋରାପୁଟ ଓ ସମ୍ବଲପୁରରୁ ଜଣେ ଲେଖାଏ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍ଚାର୍ଜ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ଏବେ ମୋଟ ସୁସ୍ଥ ରୋଗୀଙ୍କ ସଂଖ୍ୟା ୨୭୦୮କୁ ବୃଦ୍ଧି ପାଇଛି ଓ ୧୧୮୭ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

## ଗଞ୍ଜାମ ଜିଲାରେ ୩୦ ପର୍ଯ୍ୟନ୍ତ ଲକ୍ଡାଉନ୍

**ଛତ୍ରପୁର,୧୪।୬(ଡି.ଏନ.ଏ)**

ଗଞ୍ଜାମ ଜିଲାରେ କରୋନା କାୟାବିସ୍ତାର କରିବାରେ ଲାଗିଛି। ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବଢୁଛି। ମହାମାରୀ ମୁକାବିଲା ପାଇଁ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ ଓ ପଞ୍ଚାୟତ ପ୍ରତିନିଧି ନାନା କଟକଣା ଜାରି କରୁଥିଲେ ମଧ୍ୟ କେତେଜଣ ଏହାକୁ ମାନୁନାହାନ୍ତି। ଯାହାଫଳରେ ଆଗଧାଡିରେ ରହି କରୋନା ମୁକାବିଲା କରୁଥିବା ଯୋଦ୍ଧା ବି ସଂକ୍ରମିତ ହେଉଛନ୍ତି। ଏସବୁ କାରଣରୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସକାଳ ୭ରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବ। ବାକି ସମୟ ଜିଲା ସମ୍ପୂର୍ଣ୍ଣ ଲକ୍ଡାଉନ୍ରେ ରହିବ। ଶନିବାର ଓ ରବିବାର ପୂର୍ବଭଳି ଶଟ୍ଡାଉନ୍ ଜାରି ରହିବ ବୋଲି ଜିଲାପାଳ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗଞ୍ଜାମରୁ ଅନ୍ୟ ଜିଲାକୁ ଏବଂ ଅନ୍ୟ ଜିଲାରୁ ଗଞ୍ଜାମକୁ ବସ ସେବା, ଅଟୋ, ଟ୍ୟାକ୍ସି, କାର୍ ଚଳାଚଳ ବନ୍ଦ ରହିବ। ଜିଲାରେ ବାଇକ୍ ଚଳାଚଳ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ଏମ୍ଜିଏନ୍ଆର୍ଇଜିଏସ୍, କୃଷି ଓ କୃଷି ସମ୍ପର୍କିତ କାର୍ଯ୍ୟ, ସରକାରୀ ଉନ୍ନୟନ କାର୍ଯ୍ୟ, ସହରାଞ୍ଚଳରେ ରୋଜଗାର ସମ୍ପର୍କିତ କାର୍ଯ୍ୟ ଏବଂ ସ୍ୱାସ୍ଥ୍ୟସେବା ପୂର୍ବ ଭଳି ଚାଲୁ ରହିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ସେହିପରି ୫୨ଟି ମୋବାଇଲ୍ ଟିମ୍ କ୍ୱାରାଣ୍ଟାଇନ୍ ସେଣ୍ଟର ଉପରେ ନଜର ରଖୁଛି ବୋଲି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଗଞ୍ଜାମ ଏସ୍ପି ବ୍ରିଜେଶ କୁମାର ରାଏ କହିଛନ୍ତି। ଅନ୍ୟପକ୍ଷରେ ଜିଲାରେ ରବିବାର ଆଉ ୪ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୭ ଜଣ ସୁସ୍ଥ ହୋଇଛନ୍ତି। ନୂତନ ଆକ୍ରାନ୍ତଙ୍କ ମଧ୍ୟରେ ଚିକିଟି ବ୍ଲକର ୨ ଓ ଶେରଗଡ ବ୍ଲକର ଜଣେ କରେନା ଯୋଦ୍ଧା ରହିଥିବା ବେଳେ ସାନଖେମୁଣ୍ଡି ବ୍ଲକର ଜଣେ ବ୍ୟକ୍ତି ଅଛନ୍ତି। ପଜିଟିଭ୍ମାନଙ୍କ ସଂସ୍ପର୍ଶରେ ଆସି ଏମାନେ ସଂକ୍ରମିତ ହୋଇଥିବା ଜିଲାପାଳ କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି। ଜିଲାରେ ଏ ପର୍ଯ୍ୟନ୍ତ ୬୮୨ ଜଣ ପଜିଟିଭ୍ ଚିହ୍ନଟ ହେଲେଣି। ସେମାନଙ୍କ ମଧ୍ୟରୁ ୫୯୫ ଜଣ ସୁସ୍ଥ ହୋଇଥିବା ବେଳେ ୬ ଜଣଙ୍କର ମୃତ୍ୟୁ ଘଟିଛି। ୮୧ ସକ୍ରିୟ ଆକ୍ରାନ୍ତ ରହିଛନ୍ତି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଜିଲାପାଳ ଓ ଏସ୍ପି ।

- ସକାଳ ୭ରୁ ମଧ୍ୟାହ୍ନ ୧୨ ମଧ୍ୟରେ ମିଳିବ ଅତ୍ୟାବଶ୍ୟକ ସାମଗ୍ରୀ
- ଆନ୍ତଃଜିଲା ବସ୍, କାର୍, ଅଟୋ ଚଳାଚଳ କରିବନି
- ଜାରି ରହିବ ଶନିବାର, ରବିବାର ଶଟ୍ଡାଉନ୍
- ପୁଣି ୩ କରୋନା ଯୋଦ୍ଧା ସଂକ୍ରମିତ

# ୨୧୫ ପ୍ରବାସୀଙ୍କୁ ଦୁବାଇରୁ ଆଣିଲେ ଓଡ଼ିଆ ପାଇଲଟ୍




**ଭୁବନେଶ୍ୱର,୧୪।୬(ବ୍ୟୁରୋ)**

## ଯାତ୍ରୀଙ୍କୁ ଓଡ଼ିଆରେ ସମ୍ବୋଧନ କଲେ କ୍ୟାପ୍ଟେନ ମଧୁସ୍ମିତା

କରୋନା ଲକ୍ଡାଉନ୍ ପାଇଁ ଦୁବାଇରେ ଫସି ରହିଥିବା ୨୧୫ଜଣ ପ୍ରବାସୀ ଓଡ଼ିଆ ଘରକୁ ଫେରିଛନ୍ତି। ରବିବାର ଏୟାର ଆର୍ବିଆର୍ର ଏକ ସ୍ୱତନ୍ତ୍ର ବିମାନରେ ସେମାନେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବନ୍ଦେ ଭାରତ ମିଶନ ଦ୍ୱାରା ଆସିଥିବା ଏହି ବିମାନକୁ ଉଡ଼ାଣ କରିଥିଲେ ଜଣେ ଓଡ଼ିଆ ମହିଳା ପାଇଲଟ୍। ଦୁବାଇରେ ରହୁଥିବା କ୍ୟାପ୍ଟେନ୍ ମଧୁସ୍ମିତା ପଟ୍ଟନାୟକ ନିଜେ ବିମାନ ଉଡ଼ାଇ ବିଦେଶ ମାଟିରୁ ଓଡ଼ିଆଙ୍କୁ ଫେରାଇ ଆଣିଛନ୍ତି। ତେବେ ଏହି ସମୟରେ କ୍ୟାପ୍ଟେନ ପଟ୍ଟନାୟକ ଯାତ୍ରୀଙ୍କୁ ଓଡ଼ିଆ ଭାଷାରେ ହିଁ ସମ୍ବୋଧନ କରିଥିଲେ। ପ୍ରଥମଥର ପାଇଁ ଏକ ଅନ୍ତର୍ଜାତୀୟ ବିମାନରେ ଜଣେ କ୍ୟାପ୍ଟେନ ଯାତ୍ରୀମାନଙ୍କୁ ଓଡ଼ିଆ ଭାଷାରେ ସମ୍ବୋଧନ କରିବା ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ ଥିଲା।

ବନ୍ଦେ ଭାରତ ମିଶନ ଅଧୀନରେ ତ୍ରୟୋଦଶ ବିମାନ ଭାବେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ରବିବାର ଅପରାହ୍ନ ୨ଟା ୭ରେ ଅବତରଣ କରିଥିଲା ଏୟାର ଆର୍ବିଆର୍ ଜି୯-୬୪୫ ବିମାନ। ୟୁଏଇର ଓଡ଼ିଆ ସୋସାଇଟି ପକ୍ଷରୁ ପଠାଯାଇଥିବା ଏହି ବିମାନ ସାର୍ଜାହ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ରବିବାର ସକାଳ ୮ଟାରେ ବାହାରିଥିଲା। ମଧୁସ୍ମିତା ବର୍ତ୍ତମାନ ଏୟାର ଆର୍ବିଆର୍ ଏୟାରଲାଇନ୍ସରେ ପାଇଲଟ୍ ଭାବେ କାର୍ଯ୍ୟ କରୁଥିବାବେଳେ ଓଡ଼ିଆ ସୋସାଇଟି ପକ୍ଷରୁ ତାଙ୍କୁ ବିମାନ ଉଡ଼ାଣର ଦାୟିତ୍ୱ ଦେବାକୁ ଏୟାରଲାଇନ୍ସ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିଲା। ବ୍ରହ୍ମପୁରରେ ଜନ୍ମିତ ପଟ୍ଟନାୟକ ଦୀର୍ଘ ଦୁଇଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ବିମାନ ଉଡ଼ାଣରେ ଅଭିଜ୍ଞତା ରଖିଛନ୍ତି। କେବଳ ଏତିକି ନୁହେଁ, କୋଭିଡ୍-୧୯ ପାଇଁ ବିଭିନ୍ନ ଦେଶରେ ଫସି ରହିଥିବା ଲୋକଙ୍କୁ ସେ ନିଜ ଦେଶକୁ ଫେରାଇନେବାରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ପୂର୍ବରୁ ଏୟାର ଡେକାନ୍, ଗୋ ଏୟାର ଭଳି ବିମାନସେବା ପ୍ରଦାନକାରୀ ସଂସ୍ଥା ସହ ସେ କାର୍ଯ୍ୟ କରିଛନ୍ତି। ଦୁବାଇର ଓଡ଼ିଆ ସମାଜ ପାଇଁ ଆଜି ନିଜ ଲୋକଙ୍କୁ ନିଜ ରାଜ୍ୟକୁ ଫେରାଇ ନେବାର ଅବସର ମିଳିଥିବା ମଧୁସ୍ମିତା କହିଛନ୍ତି।

# ୫ ଘଣ୍ଟା କସରତ ପରେ ଧରାପଡ଼ିଲେ

**ରେମୁଣା, ୧୪।୬(ଡି.ଏନ.ଏ.)**

## ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ପୋଲିସ ନାକେଦମ୍

ଏକ ଲୁଟ୍ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯାଇ ରବିବାର ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଓ ରେମୁଣା ପୋଲିସକୁ ନାକେଦମ୍ ହେବାକୁ ପଡିଛି। ଅଭିଯୁକ୍ତଜଣକ ହେଲେ ଶ୍ୟାମରାଇପୁର ଗ୍ରାମର ଈଶ୍ୱର ମହାଳିକ। ସେ ଘରେ ଥିବା ଖବରପାଇ କ୍ରାଇମ୍ ଡିଏସ୍ପି ମନୋଜ କୁମାର ରାଉତ ଓ ଅନ୍ୟ ପୋଲିସ କର୍ମଚାରୀ ସକାଳୁ ସକାଳୁ ତାଙ୍କ ଘରକୁ ଘେରିଯାଇ ଆତ୍ମସମର୍ପଣ କରିବାକୁ କହିଥିଲେ। ଘରେ ଭିତରେ ଥାଇ ଈଶ୍ୱର ବାହାରକୁ ବାହାରି ନ ଥିଲେ। ପୋଲିସ ବାରମ୍ବାର କବାଟ ବାଡେଇବା ପରେ ଈଶ୍ୱର ପୋଲିସ ଉପରକୁ ବୋମା ଓ କାଚ ବୋତଲ ପକାଇ ଭୟଭୀତ କରିବାକୁ ଉଦ୍ୟମ କରିଥିଲେ। ଏପରିକି ଘରେ ଥିବା ଗ୍ୟାସ ସିଲିଣ୍ଡରକୁ ଛାତ ଉପରକୁ ନେଇ ତଳକୁ ଫୋପାଡିବାକୁ ଧମକ ଦେଇ ଖସି ଚାଲିଯିବାକୁ ଉଦ୍ୟମ କରିଥିଲେ। ହେଲେ ପୋଲିସ ଚାରିପଟେ ଘେରି ରହିଥିବାରୁ ଏହା ସମ୍ଭବ ହୋଇ ନ ଥିଲା। ଦୀର୍ଘ ୫ଘଣ୍ଟା କସରତ ପରେ ଅଭିଯୁକ୍ତ ଈଶ୍ୱରଙ୍କୁ କାବୁ କରିବାରେ ପୋଲିସ ସଫଳ ହୋଇଛି। ସହଦେବଖୁଣ୍ଟା ପୋଲିସ ତାଙ୍କୁ ଗିରଫ କରି ଥାନାକୁ ଆଣିଛି। ଈଶ୍ୱରଙ୍କ ନାମରେ ବିଭିନ୍ନ ଥାନାରେ ପୂର୍ବରୁ ୧୨୨ ମାମଲା ରହିଛି।

ଉଲ୍ଲେଖଯୋଗ୍ୟ, ଶୁକ୍ରବାର ବିଳମ୍ବିତ ରାତିରେ ଭୁବନେଶ୍ୱରରୁ କୋଲକାତା ଅଭିମୁଖେ ବୁଲେଟରେ ଫେରୁଥିବା ଜଣେ ବ୍ୟକ୍ତିଙ୍କୁ ସହଦେବଖୁଣ୍ଟା ଥାନା ବାରୁଣୀ ପୋଲ ନିକଟରେ ଈଶ୍ୱର ଅଟକାଇ ଆକ୍ରମଣ କରି ଗାଡି ଛଡାଇ ନେଇଯାଇଥିଲେ। ଲୁଟ୍ର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।


ଗିରଫ ଈଶ୍ୱର ମହାଳିକ।

# ଭଉଣୀ ଘରକୁ ଭାର ଆଣିଥିବା ଭାଇଙ୍କୁ କରୋନା

**କଣିହାଁ,୧୪।୬(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଅଞ୍ଚଳର ଜଣେ କରୋନା ଆକ୍ରାନ୍ତଙ୍କ କଣ୍ଟାକ୍ଟ ଟ୍ରେସିଂରୁ ସେ ଅନୁଗୋଳ ଜିଲା କଣିହାଁ ବ୍ଲକ ଏନ୍ଟିପିସି ବଜାର ଅଞ୍ଚଳର ଭଉଣୀ ଘରକୁ ଗତ ୧୧ ତାରିଖରେ ରଜଭାର ନେଇ ଆସିଥିବା ଜଣାପଡ଼ିଛି। ଏହି ଖବର ମିଳିବା ପରେ କଣିହାଁ ବ୍ଲକ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ଆରମ୍ଭ କରିଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଯେଉଁମାନେ ଆସିଥିଲେ ସେମାନଙ୍କୁ ଖୋଜି କ୍ୱାରାଣ୍ଟାଇନ କରାଯାଇଛି।

କଣିହାଁ ବିଡିଓ ରମେଶ କୁମାର ଜେନା, ଏନ୍ଟିପିସି ଟାଉନ ଥାନା ଆଇଆଇସି ଦୀପିକା ଦେବୀ ରାୟ କହିଛନ୍ତି, ଢେଙ୍କାନାଳ ଜିଲାର ଯୁବକ ଜଣକ ବାହାର ରାଜ୍ୟରୁ ଫେରିଥିଲେ। ୭ ଦିନ କ୍ୱାରାଣ୍ଟାଇନରେ ରହିବା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଥିଲା। ପରେ ସେ ରଜ ଭାର ନେଇ କଣିହାଁ ବ୍ଲକ ଅଞ୍ଚଳର ଭଉଣୀ ଘରକୁ ଆସିଥିଲେ। ଏଠାରେ ୨ ଦିନ ରହି ଶନିବାର ଫେରିଯାଇଥିଲେ। ପୂର୍ବରୁ ତାଙ୍କ ସ୍ୱାବ୍ ଟେଷ୍ଟ ପାଇଁ ଯାଇଥିବା ବେଳେ ଶନିବାର ପଜିଟିଭ୍ ରିପୋର୍ଟ ଆସିଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ଭିଣୋଇ ଏନ୍ଟିପିସି ବଜାରରେ ବ୍ୟବସାୟ କରୁଥିବାରୁ ତାଙ୍କ ଦୋକାନ ସିଲ୍ କରାଯିବା ସହ ପୂରା ପରିବାରକୁ କ୍ୱାରାଣ୍ଟାଇନ୍ରେ ରଖାଯାଇଛି। ସୋମବାର ମୋଟ୍ ୩୨ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ଟେଷ୍ଟ ପାଇଁ ପଠାଯିବ। ଏହି ଘଟଣା ପରେ ଏନ୍ଟିପିସି ପକ୍ଷରୁ ସତର୍କତା ପଦକ୍ଷେପ ସମ୍ପର୍କରେ କର୍ମଚାରୀଙ୍କ ପାଇଁ ସୋସିଆଲ ମିଡିଆରେ ନୋଟିସ୍ ଜାରି କରାଯାଇଛି। ଏନ୍ଟିପିସି କଣିହାଁ ଟାଉନଶିପ୍ ଓ ଆଖପାଖ ଅଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ଚିହ୍ନଟ ପ୍ରକ୍ରିୟା ଚାଲୁଥିବାରୁ ଟାଉନଶିପ୍ରେ ରହୁଥିବା ଲୋକଙ୍କୁ ଅତି ଜରୁରୀ କାମ ନ ଥିଲେ ବାହାରକୁ ଯିବାକୁ ବାରଣ କରାଯାଇଛି। ଏଥିସହ ପ୍ରକଳ୍ପର ପିଟିଏସ୍ ଗେଟ୍କୁ ବନ୍ଦ କରାଯାଇଛି। ତେଣୁ କର୍ମଚାରୀମାନେ ଡ୍ୟୁଟି କରିବାକୁ ବିକାଶ ଦ୍ୱାର ପ୍ଲାଣ୍ଟ ଗେଟ୍ ଦେଇ ଯିବାକୁ ସୂଚନା ଦିଆଯାଇଛି। ଯଦି କୌଣସି କର୍ମଚାରୀ ଗତ ୧୦ ତାରିଖରୁ କ୍ୱାରାଣ୍ଟାଇନରେ ଥିବା ସେହି ପରିବାର ସଦସ୍ୟଙ୍କ ସଂସ୍ପର୍ଶରେ ଆସିଥିବେ କିମ୍ବା ତାଙ୍କ ଗ୍ରାମକୁ ଯାଇଥିବେ ତା'ହେଲେ ସେମାନେ ତୁରନ୍ତ ଡିଜିଏମ୍(ଏଚ୍ଆର୍) ଜାକିର ଖାନ୍ କିମ୍ବା ସରକାରଙ୍କୁ ସୂଚନା ଦେବାକୁ ନୋଟିସରେ କୁହାଯାଇଛି।



- ସଂସ୍ପର୍ଶରେ ଆସିଥିବା ପରିବାର କ୍ୱାରାଣ୍ଟାଇନରେ
- ୩୨ ଜଣଙ୍କର ହେବ ସ୍ୱାବ୍ ପରୀକ୍ଷା
- ସତର୍କତା ନୋଟିସ୍ ଜାରି କଲା ଏନ୍ଟିପିସି

**ଆଜିର ମନ୍ତବ୍ୟ**

"ଭାରତ କଦାପି ଚାଇନା କିମ୍ବା ପାକିସ୍ତାନର ଜମି ଚାହେଁ ନାହିଁ, ବରଂ ଶାନ୍ତି ଓ ବନ୍ଧୁତ୍ୱ ଚାହେଁ।
-ନୀତୀନ ଗଡ଼କରୀ, କେନ୍ଦ୍ରମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................



ଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ରଥଯାତ୍ରା: ଏପଟେ ଆବେଗ, ...

କରିବା ଲାଗି ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛି। ସେବାୟତମାନେ ବି କଟକଣାଯୁକ୍ତ ରଥଯାତ୍ରା ସପକ୍ଷରେ ଅଛନ୍ତି। ହାଇକୋର୍ଟ ରଥଯାତ୍ରା ନିଷ୍ପତ୍ତି ରାଜ୍ୟ ସରକାରଙ୍କ ଉପରେ ଛାଡ଼ିଛନ୍ତି। କିନ୍ତୁ ରଥଯାତ୍ରାକୁ ନେଇ ଏ ପର୍ଯ୍ୟନ୍ତ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ରାଜ୍ୟ ସରକାର କିଛି ସ୍ପଷ୍ଟ କରିନାହାନ୍ତି। ଏସବୁ ଭିତରେ ରଥ ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦଇତାପତି, ପୂଜାପଣ୍ଡା, ପୁଷ୍ପାଳକ ପ୍ରମୁଖ ସେବକ ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଆଲୋଚନା କରିଛନ୍ତି। ଏପରି କି ଶ୍ରୀମନ୍ଦିର ପ୍ରଶାସନ ନୀତି ନିର୍ଘଣ୍ଟର ଚିଠା ପ୍ରସ୍ତୁତ କରିଥିବା ଶୁଣିବାକୁ ମିଳୁଛି। ଯଦି ରଥଯାତ୍ରା ହୁଏ ତାହାଲେ ପୁରୀ ସହରରେ ୧୪୪ ଧାରା ଜାରି କରାଯିବ। ପୁରୀକୁ ସଂଯୋଗ କରୁଥିବା ସବୁ ରାସ୍ତା ସିଲ୍ ହେବ। ବାହାର ଲୋକଙ୍କୁ ପୁରୀକୁ ପ୍ରବେଶ କରିବାକୁ ଦିଆଯିବ ନାହିଁ। ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ସହରର ସମସ୍ତ ସାହିଗଳି ରାସ୍ତା ମଧ୍ୟ ସିଲ୍ କରାଯିବ। ସହରବାସୀ ବି ବଡ଼ଦାଣ୍ଡକୁ ବାହାରିବେ ନାହିଁ। କେବଳ କମ୍‌ସଂଖ୍ୟକ ସେବାୟତ, ପୋଲିସ ଓ କେତେଜଣ ସରକାରୀ ଅଧିକାରୀଙ୍କ ଦ୍ୱାରା ରଥଯାତ୍ରା ସମ୍ପନ୍ନ ହେବ ବୋଲି ଶୁଣିବାକୁ ମିଳୁଛି।

ଏ ନେଇ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କହିଛନ୍ତି, ଶାସ୍ତ୍ର ମତରେ ମହାପ୍ରଭୁଙ୍କ ଇଚ୍ଛାରେ ନବଦିନାତ୍ମକ ଯାତ୍ରା ପ୍ରଚଳିତ ହୋଇଆସୁଛି। ଏହି ଯାତ୍ରାର ଆଭିମୁଖ୍ୟ ସ୍ପଷ୍ଟ। କିନ୍ତୁ ବର୍ତ୍ତମାନର କରୋନା ମହାମାରୀସ୍ଥିତିକୁ ଦେଖି ସରକାର ଉଚିତ୍ ପଦକ୍ଷେପ ନେବା ଅବାଶ୍ୟକ। ଭାବାବେଗ ସହ ଲୋକଙ୍କୁ ସୁରକ୍ଷା ଦେବା ଏକ ଜନମଙ୍ଗଳ ସରକାରଙ୍କ ଦାୟିତ୍ୱ। ତେଣୁ କୌଣସି ବାଦବିବାଦ ମଧ୍ୟକୁ ସରକାରଙ୍କୁ ନ ଟାଣି ନିଷ୍ପତ୍ତିକୁ ସ୍ୱାଗତ କରିବା ଆବଶ୍ୟକ।

ପୁରୀ ସହର ବାସିନ୍ଦା ଦିଲୀପ ବରାଳ କହିଛନ୍ତି, ପ୍ରାୟ ୩ମାସ ହେବ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ପାଇନାହାନ୍ତି। ବର୍ତ୍ତମାନ ସ୍ଥିତିରେ ବାହାର ଲୋକଙ୍କ ପ୍ରବେଶ ଉପରେ କଟକଣା ଲଗାଇବା ଠିକ୍ ଅଛି। କିନ୍ତୁ ପୁରୀ ସହରବାସୀଙ୍କୁ ରଥଯାତ୍ରା ଦେଖିବାର ସୁଯୋଗ ଦିଆଯିବା ଦରକାର। ସରକାର ଓ ପ୍ରଶାସନ ଏନେଇ ନିଷତ୍ତି ନେବା ଆବଶ୍ୟକ ବୋଲି କହିଛନ୍ତି।

## ୪ଦିନ ପ୍ରବଳ ବର୍ଷା...

ସୋମବାର ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କଟକ ଓ ଜଗତ୍‌ସିଂହପୁରରେ ପ୍ରବଳ ବର୍ଷା ହେବ। ସେହିପରି ମଙ୍ଗଳବାର କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସୋନପୁର, ସମ୍ବଲପୁର, କେନ୍ଦୁଝରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ବୁଧବାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସୋନପୁର, କଟକ ଓ ଦେବଗଡ଼ର କିଛି ଅଞ୍ଚଳ ଏବଂ ଗୁରୁବାର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଦେବଗଡ଼, ବରଗଡ଼, ସମ୍ବଲପୁର ଓ ଅନୁଗୋଳର ଗୋଟିଏ କିମ୍ବା ଦୁଇଟି ଅଞ୍ଚଳରେ ପ୍ରବଳ ବର୍ଷା ହେବ। ଏଥିପାଇଁ ସମ୍ପୃକ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର।

## ସୁଶାନ୍ତ ରାଜପୁତଙ୍କ ...

ପରେ ମୁମ୍ବାଇ ଆସିଥିଲେ। ମେଧାବୀ ଛାତ୍ର ଥିଲେ ସୁଶାନ୍ତ। ପଦାର୍ଥ ବିଜ୍ଞାନରେ ସେ ନ୍ୟାଶନାଲ ଅଲିମ୍ପିଆଡ୍ ବିଜେତା ଥିଲେ। ଡିସିଇ ପରୀକ୍ଷାରେ ସାରା ଭାରତରେ ୭ମ ସ୍ଥାନ ଅଧିକାର କରି ଟପ୍ପର ହୋଇଥିଲେ। ଇଣ୍ଡିଆନ ସ୍କୁଲ୍ ଅଫ୍ ମାଇନ୍ସ ସହ ୧୧ଟି ଇଞ୍ଜିନିୟରିଂ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ ସୁଶାନ୍ତ। ଜୀ ଟିଭିର ପ୍ରସିଦ୍ଧ ଧାରାବାହିକ "ପବିତ୍ର ରିସ୍ତା"ରେ ଅଭିନୟରୁ ଚର୍ଚ୍ଚାକୁ ଆସିଥିଲେ ସୁଶାନ୍ତ। ତାଙ୍କର ପ୍ରଥମ ଧାରାବାହିକ ଥିଲା ଷ୍ଟାରପ୍ଲସ୍‌ର 'କିସ୍ ଦେଶ ମେ ହୈ ମେରା ଦିଲ୍'। କିଛି ମାସ ତଳେ ଆତ୍ମହତ୍ୟା ବିଫଳତା ଓ ଆତ୍ମବିଶ୍ୱାସ ଉପରେ ଆଧାରିତ ଚଳଚ୍ଚିତ୍ର 'ଛିଛୋରେ'ରେ ମୁଖ୍ୟ ଭୂମିକାରେ ଆସି ଦର୍ଶକଙ୍କ ହୃଦୟ ଜିତିଥିଲେ ସୁଶାନ୍ତ। ଆତ୍ମହତ୍ୟା କେବେ ବି ସମାଧାନ ନୁହେଁ, ସଫଳ ହୁଅ କି ବିଫଳ, ଜୀବନ ହିଁ ସବୁ କିଛି ବୋଲି ଏହି ଚଳଚ୍ଚିତ୍ର ମାଧ୍ୟମରେ ଶିକ୍ଷା ଦେଇଥିବା ସୁଶାନ୍ତ ନିଜେ ଆତ୍ମହତ୍ୟା କରିବା ସମସ୍ତଙ୍କୁ ବ୍ୟଥିତ କରିଛି। ଧୋନି: ଦି ଅନଟୋଲ୍ଡ ଷ୍ଟୋରି, ପିକେ, କେଦାରନାଥ, ଛିଛୋରେ, ଶୁଦ୍ଧ ଦେଶୀ ରୋମାନ୍ସ, ଡିଟେକ୍ଟିଭ ବ୍ୟୋମକେଶ ବକ୍ସି ଭଳି ଅନେକ ସୁନ୍ଦର ଫିଲ୍ମରେ ଅଭିନୟ କରିଥିଲେ ସୁଶାନ୍ତ। ଧୋନିଙ୍କ ବାୟୋପିକରେ ମୁଖ୍ୟ ଭୂମିକାରେ ନଜର ଆସି ଦର୍ଶକଙ୍କ ହୃଦୟ ଜିତିଥିଲେ ସେ।

ବଲିଉଡ୍‌ର ଏହି ଯୁବ ଅଭିନେତାଙ୍କ ଅକାଳ ବିୟୋଗରେ ରାଜନେତାଙ୍କଠାରୁ ଆରମ୍ଭ କରି ଚଳଚ୍ଚିତ୍ର ଜଗତ ପର୍ଯ୍ୟନ୍ତ ଶୋକର ଛାୟା ଖେଳିଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରି କହିଛନ୍ତି, ଖ୍ୟାତନାମା ଯୁବ ଅଭିନେତା ବହୁଶୀଘ୍ର ଚାଲିଗଲେ। ଛୋଟ ପରଦାଠାରୁ ଆରମ୍ଭ କରି ଚଳଚ୍ଚିତ୍ର ପର୍ଯ୍ୟନ୍ତ ତାଙ୍କର ଅଭିନୟ ଖୁବ୍ ଉଚ୍ଚକୋଟୀର ଥିଲା। ତାଙ୍କ ଅଭିନୟ କଳା ଅନେକଙ୍କୁ ଅନୁପ୍ରାଣିତ କରିବ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ବଲିଉଡ୍ ଅଭିନେତାଙ୍କ ଅକାଳ ମୃତ୍ୟୁରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରିଛନ୍ତି। ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ ବୋଲି ନବୀନ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ସହ ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି।

# ମୋଟା ଲୋକଙ୍କ ମାନସିକ, ଶାରୀରିକ ସମସ୍ୟା ବଢ଼ାଇଛି କରୋନା

**■ ୭୩% ମେଦବହୁଳ ରୋଗୀଙ୍କ ଚିନ୍ତା ବଢ଼ିଛି**

**■ ୮୪% ଲୋକଙ୍କ ବିଷାଦ ବୃଦ୍ଧିପାଇଛି**

ନ୍ୟୁୟର୍କ,୧୪।୬

ମହାମାରୀ କରୋନା ମେଦବହୁଳ ଲୋକଙ୍କ ଉପରେ ବିଶେଷ ପ୍ରଭାବ ପକାଉଛି। କାରଣ ସେମାନେ ନିଜ ଓଜନ ଏବଂ ମାନସିକ ସ୍ୱାସ୍ଥ୍ୟ ପରିଚାଳନା ପାଇଁ ସଂଘର୍ଷ କରୁଛନ୍ତି। ମେଦବହୁଳ ରୋଗୀଙ୍କ ସ୍ୱାସ୍ଥ୍ୟଗତ ଆଚରଣକୁ କରୋନା କିଭଳି ପ୍ରଭାବିତ କରିଛି ସେନେଇ ଗବେଷକମାନଙ୍କ ଏକ ଅଧ୍ୟୟନ ରିସର୍ଚ୍ଚ ଜର୍ନାଲ 'କ୍ଲିନିକାଲ ଓବେଷ୍ଟି'ରେ ପ୍ରକାଶ ପାଇଛି। ଓଜନ ବୃଦ୍ଧି ରୋକିବାକୁ ଉଦ୍ୟମ ଚଳାଇଥିବା ୧୨୩ ଜଣ ମେଦବହୁଳ ରୋଗୀଙ୍କୁ ଗତ ଏପ୍ରିଲ ୧୫ରୁ ମେ ୩୧ ମଧ୍ୟରେ ଅନ୍‌ଲାଇନରେ କେତେକ ପ୍ରଶ୍ନ ପଚରାଯାଇଥିଲା। ସେମାନଙ୍କ ହାରାହାରି ବୟସ ୫୧ ବର୍ଷ ହୋଇଥିବାବେଳେ ପ୍ରାୟ ୮୭% ମହିଳା ଥିଲେ। ଏହି ସର୍ଭେର ଫଳାଫଳକୁ ଗବେଷକମାନେ ବିଶ୍ଳେଷଣ କରି ସମ୍ପୃକ୍ତ ରୋଗୀମାନଙ୍କ ଶାରୀରିକ ଏବଂ ମାନସିକ ସ୍ଥିତି ଜାଣିବାକୁ ପାଇଥିଲେ। ସେଥିରୁ ପ୍ରାୟ ୭୦% ବ୍ୟକ୍ତି ସେମାନଙ୍କ ଓଜନ ହ୍ରାସ ଲକ୍ଷ୍ୟ ହାସଲ କରିବାରେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥିବାବେଳେ ୪୮% ବ୍ୟକ୍ତି କମ୍



ସମୟ ପାଇଁ ବ୍ୟାୟାମ କରିବାକୁ ସୁଯୋଗ ପାଇଥିଲେ। ସେହିପରି ପ୍ରାୟ ୫୬% ହାଲୁକା ବ୍ୟାୟାମ କରିଥିଲେ। ଅଧ୍ୟୟନରୁ ଜଣାପଡ଼ିଛି ଯେ, ପ୍ରାୟ ୭୩% ରୋଗୀଙ୍କ ଚିନ୍ତା ବଢ଼ିଥିବା ବେଳେ ପାଖାପାଖି ୮୪% ଲୋକଙ୍କ ବିଷାଦ ବୃଦ୍ଧି ପାଇଥିଲା।

ଏହି ପରୀକ୍ଷଣ ସମୟରେ ଦେଖିବାକୁ ମିଳିଥିଲା ଯେ, ଯେଉଁମାନେ ଅତ୍ୟଧିକ ଓଜନ କମ୍ କରିବାକୁ ସଂଘର୍ଷ କରୁଥିଲେ ସେମାନଙ୍କ ଖାଦ୍ୟ ଅଭ୍ୟାସ ଗୁରୁତର ପ୍ରଭାବିତ ହୋଇଥିଲା। ଅଧା ରୋଗୀଙ୍କ ଖାଦ୍ୟ ବୃଦ୍ଧି ପାଇବା ଏବଂ ମାନସିକ ଉତ୍ତେଜନା ସୃଷ୍ଟିକାରୀ ଭୋଜନ ୬୧% ବଢ଼ିଥିଲା ବୋଲି ଅଧ୍ୟୟନକାରୀ ଜେଇମ୍ ଆଲ୍‌ମାଣ୍ଡୋଜ କହିଛନ୍ତି।

ମେଡିକାଲ ଜର୍ନାଲ 'ଦ ବିଏମ୍‌ଜି'ରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ଗୁରୁତର କରୋନା ମାମଲାଗୁଡ଼ିକର ପ୍ରମୁଖ କାରଣ ହେଉଛି ବୟସ, ମେଦବହୁଳତା ଏବଂ ଅନ୍ତର୍ନିହିତ ରୋଗ, ଯାହା ସାଂଘାତିକ ହୋଇପାରେ। ମେଦବହୁଳ ଲୋକଙ୍କ ଜୀବନକୁ ପ୍ରଭାବିତ କରିଥାଏ ଅନେକ ଅନ୍ତର୍ନିହିତ ରୋଗ। ତେଣୁ ସେମାନେ କରୋନା ସଂକ୍ରମିତ ହେଲେ ସେମାନଙ୍କ ଜୀବନ ପ୍ରତି ବିପଦ ଅଧିକ। ଏହି ବ୍ୟକ୍ତିମାନେ ଶାରୀରିକ ଓ ମାନସିକ ସ୍ତରରେ ସଂଘର୍ଷ ଚଳାଇଥିବାବେଳେ ସାମାଜିକ ଦୂରତା ଏଥିରେ ଯୋଡ଼ି ହୋଇଯାଇଛି। ଅଧ୍ୟୟନକାରୀ ଆଲ୍‌ମାଣ୍ଡୋଜ କହିଛନ୍ତି ଯେ, ସାମାଜିକ ଦୂରତା ଭଳି ବାଧା ଦ୍ୱାରା ଚାକିରି ଏବଂ ବୀମା କଭରେଜ ହରାଇବାକୁ ପଡୁଥିବାରୁ ଏକ ସମ୍ଭାବ୍ୟ ବିପର୍ଯ୍ୟୟ ଅପେକ୍ଷା କରି ରହିଥାଏ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖୁଁ ଖୁଁ କେତେ କାଶୁଛି ବୁଢ଼ା**
**ପାକୁଆ ପାଟିରେ ଖାଉଛି ଚୁଡ଼ା**
**ଦହି ସଙ୍ଗେ ନାହିଁ ଭେଟ**
**ଗୁଡ଼ ଉଖୁଡ଼ାକୁ କିଏ ପଚାରେ**
**ମିଛରେ ଫୁଲାଏ ପେଟ ।**

ବୟସ ଅତ୍ୟଧିକ ହୋଇଗଲେ ପାଟି ସୁଆଦ ଖାଇବା ପାଇଁ ଅନେକେ ମନ ବଳାଇଥାନ୍ତି। ବୃଦ୍ଧ ବୟସରେ ବି ଖାଇବା ପାଇଁ ଲୋଭ ଏବଂ ଅଭିନୟ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଉଥିଲୁ କଳମ ନଟା**
**ପିନ୍ଧୁଥିଲୁ ଛିଣ୍ଡା କପଟା**
**ଖାଉଥିଲୁ କଉ ମାଛ**
**ଡେଉଁଥିଲୁ ତାଳ ଗଛ ।**

ଗାଉଁଲି ପରିବେଶର ଜୀବନ। ଆଗକାଳରେ ଲୋକେ ବାଡ଼ି ପୋଖରୀରେ ମିଳୁଥିବା ଖାଦ୍ୟ ଖାଇ ବେଶ୍ ହୃଷ୍ଟପୁଷ୍ଟ ହୋଇପାରୁଥିଲେ। ପାଖରେ ସେତେ ଟଙ୍କା ପଇସା ନ ଥିଲେ ମଧ୍ୟ ସେଥିକୁ ମନ ଊଣା ନ କରି ବେଶ୍ ଆନନ୍ଦ ଉଲ୍ଲାସରେ ଜୀବନ ବିତାଉଥିଲେ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ପିଏମ୍ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ୬ ମାସ ବଢ଼ାଯାଉ

**ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ପଞ୍ଜାବ ମୁଖ୍ୟମନ୍ତ୍ରୀ**

ଚଣ୍ଡିଗଡ଼,୧୪।୬(ଆଇଏଏନ୍‌ଏସ୍)

କରୋନା ସଙ୍କଟକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ) ସୁବିଧା ଆଉ ୬ମାସ ବଢ଼ାଇବା ପାଇଁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ଏହି ଯୋଜନାରେ ହିତାଧିକାରୀମାନଙ୍କୁ ମାଗଣାରେ ଗହମ, ଚାଉଳ ଓ ଡାଲି ଯୋଗାଇଦେବାକୁ ସେ କହିଛନ୍ତି। ଗରିବ ଓ ଅସହାୟମାନଙ୍କୁ ଭୋକିଲା ପେଟରେ ଶୋଇବା ଲାଗି ଛାଡ଼ିଦିଆଯାଇପାରିବ ନାହିଁ। କରୋନା ଜନିତ ଲକ୍‌ଡାଉନ ଯୋଗୁ ଦେଶର କୋଟି କୋଟି ଲୋକ ରୋଜଗାର ହରାଇ ନାହିଁ ନ ଥିବା ଦୁର୍ଦ୍ଦଶା ମଧ୍ୟରେ ରହିଛନ୍ତି। ଲକ୍‌ଡାଉନ ୩ ମାସରେ ପହଞ୍ଚିଥିବାବେଳେ ଗରିବଙ୍କ ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ଶିଳ୍ପ କାରଖାନା କାର୍ଯ୍ୟ ନ ଚାଲିବା ପର୍ଯ୍ୟନ୍ତ ସେମାନଙ୍କ ଅବସ୍ଥା ସୁଧୁରିବ ନାହିଁ। ସେମାନଙ୍କୁ ଅନ୍ତତଃ ୬ ମାସ ପର୍ଯ୍ୟନ୍ତ ମାଗଣାରେ ଖାଦ୍ୟଶସ୍ୟ ଯୋଗାଇଦିଆଯିବା ଜରୁରୀ। ଏଦିଗରେ ଖାଉଟି କଲ୍ୟାଣ, ଖାଦ୍ୟ ଓ ଯୋଗାଣ ବିଭାଗକୁ ପରାମର୍ଶ ଦେବା ଲାଗି ଅମରିନ୍ଦର ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ରଜ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ, ଉପରାଷ୍ଟ୍ରପତି

**ଘରେ ରହି ରଜ ପାଳିବାକୁ କହିଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୧୪।୬(ବ୍ୟୁରୋ)

ଓଡ଼ିଶାର ଗଣପର୍ବ ରଜ ଏଥର କରୋନା ପାଇଁ ଫିକା ପଡ଼ିଛି। ଲୋକ ଘରେ ରହି ଆନନ୍ଦ ଉଲ୍ଲାସ ସହ ରବିବାର ପହିଲି ରଜ ପାଳନ କରିଛନ୍ତି। ଝିଅମାନେ ନୂଆ ପୋଷାକ ପିନ୍ଧି, ପାଦରେ ଅଳତା, ହାତରେ ମେହେନ୍ଦି ଲଗାଇ ପିଠାପଣା ଖାଇ ରଜ ମନାଇଛନ୍ତି। ପହିଲି ରଜରେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ। ପ୍ରଧାନମନ୍ତ୍ରୀ ମୋଦି ଟୁଇଟରରେ ଲେଖିଛନ୍ତି, ବିଶେଷ ଉତ୍ସବ 'ରଜ ପର୍ବ' ଅବସରରେ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଶୁଭକାମନା। ଏହି ଅବସର ଆମ ସମାଜରେ ଆନନ୍ଦ ଓ ଭ୍ରାତୃତ୍ୱକୁ ଆହୁରି ଦୃଢ଼ କରୁ। ରାଜ୍ୟବାସୀଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ଉତ୍ତରୋତ୍ତର ଉନ୍ନତି କାମନା କରୁଛି।' ଉଭୟ ଓଡ଼ିଆ ଓ ଇଂଲିଶରେ ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ସେହିପରି ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ଇଂଲିଶ, ହିନ୍ଦୀ ଏବଂ ଓଡ଼ିଆରେ ଟୁଇଟ୍ କରି ଲେଖିଛନ୍ତି, 'ରଜ ପର୍ବ ଉପଲକ୍ଷେ ଶୁଭେଚ୍ଛା। ଏହି ତିନି ଦିନିଆ ଓଡ଼ିଆ ପର୍ବରେ ଓଡ଼ିଶାବାସୀ ମୌସୁମୀ ଆଗମନର ଆନନ୍ଦ ମନେଇବା ସହ ଧରିତ୍ରୀ ମାତାକୁ ପୂଜା କରିଥାନ୍ତି। ରଜ ପର୍ବ ସମସ୍ତଙ୍କ ଜୀବନରେ ଶାନ୍ତି, ସମୃଦ୍ଧି ଓ ଉତ୍ତମ ସ୍ୱାସ୍ଥ୍ୟ ଭରିଦେଉ।'

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ରାଜ୍ୟବାସୀଙ୍କୁ ପହିଲି ରଜର ଶୁଭେଚ୍ଛା ଜଣାଇଛନ୍ତି। 'ଓଡ଼ିଶାର ଗଣ ପର୍ବ ରଜ ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରକୃତି, ଧରିତ୍ରୀ ଓ ନାରୀକୁ ପୂଜିବାର ବା ସମ୍ମାନ ଜଣାଇବାର ଏହା ହେଉଛି ଆମର ଅନନ୍ୟ ପରମ୍ପରା। ଆସନ୍ତୁ କୋଭିଡ-୧୯ର ସମସ୍ତ ନିୟମକୁ ମାନି ଘରେ ରହି ଏଥର ରଜ ପର୍ବକୁ ସ୍ୱତନ୍ତ୍ର କରିବା' ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**classifieds Everyday**
**0674-2580101, 2549302**

real estate

**SALE**

Litigation free Residential Plot, Patia & Low Cost. Firmhouse land available. 8328811411, 9861971879. D-69120

Cuttack near OMP Square 4800 Sq.ft. Mini Apartment with 6 Nos. of Flat inbuilt (4 Nos. of 3 BHK Flat & 2 Nos. of 2 BHK Flat). Entire property for sale. Asking Price 1.5 Crore. Whatsapp - 9938219434. D-17471

URGENT SALE: DLF Cybercity, Patia. Commercial Property 1.3CR. Call/Whatsapp: 7008560412. D-17485

**ଭୁବନେଶ୍ୱର ଧଉଳିଠାରେ ଘରବାରି boundary plot 1650sqft. କୁ sqft-1400 ରେ ବିକ୍ରିହେବ। 7991052183.** D-69121

ଭୁବନେଶ୍ୱର, ରଙ୍ଗବଜାର, BJEM School ନିକଟରେ ଅଗ୍ରିମ boundary wall ଘରବାରି ପଟ୍ଟା plot ଦିଆଯାଉଛି। 7008045582, 9692003948. D-17455

Gharabari Sthitiban Plot available at Hanspal (Balianta). Call- 9937816565, 9937568585. D-17456

**Bhubaneswar ଏୟାରପୋର୍ଟରୁ 7km ଦୂରରେ ଘରକରିବା ପ୍ଲଟ୍ 14,00,000/, investment plot 2,88,000/-, Prianka. 8249680401.** D-69119

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

packers & movers

Leo Packers & Movers India's No.1 Packers, since -1975 Households, Car, Office, Shifting, Local /Countrywide, 9438133699, 9439339938. D-17473

healthcare

Rejuvenate and Ayurvedic full body massage by smart therapist. 9114402304. D-69282

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69280

Herbal full body massage by smart / expert therapist. Contact: 8338067247. D-69281

Newly open full body massage SPA in Bhubaneswar. Contact: 7205058838. D-69277

Full body herbal massage with refreshment expert therapist. 7381239385, 06742540855. D-69253

Experience full body massage with us (expert). Call: 7377048581, 06742597822. D-69254

Experience winter therapeutic Abhyanga Massage feeling refreshing energetic : Appointment- 9668374480. D-69256

Ayurvedic full body massage Ladies and Gents. Contact- 9861064981. D-69513

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସୌନ୍ଦର୍ଯ୍ୟ ବୋଧର ନୂତନ ଅନୁଭବକୁ ଉପଲବ୍ଧ କରିବେ। ଦୀର୍ଘଦିନ ହେଲା ଚେଷ୍ଟା କରୁଥିବା କାମରେ ଆକସ୍ମିକ ସଫଳତା ସଙ୍ଗକୁ ଆଶା କରୁଥିବା ଦିଗରୁ ଅଧିକ ଧନ ପାଇ ଖୁସି ହେବେ। ନୂତନ ଯୋଜନା କ୍ଷେତ୍ରରେ ଉଚ୍ଚ ଆଶା ଧରି ଆଗେଇବେ। କୃତ୍ତିକା ନକ୍ଷତ୍ରର ମାନସିକ ସ୍ଥିତି ସେତେଟା ଭଲ ରହିବ ନାହିଁ।

**ବୃଷ** ଆଜି ରୋହିଣୀ ନକ୍ଷତ୍ର, କୌଣସି କ୍ଷେତ୍ରରେ ଆପଣ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ କିନ୍ତୁ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ନିର୍ଦ୍ଦିଷ୍ଟ ସମୟର କିଛି ପୂର୍ବରୁ ପରିସ୍ଥିତି ବଦଳି ଯିବ। କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡିପାରେ। ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ।

**ମିଥୁନ** ପ୍ରତିବନ୍ଧକ ଲାଗି ରହିବା କାରଣରୁ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ। ଦୀର୍ଘଦିନର ଆଶା ଫଳବତୀ ହେବାରେ ବନ୍ଧୁମାନେ ସାହାଯ୍ୟ କରିବେ। ଆଲୋଚନା କ୍ଷେତ୍ରରେ କିମ୍ବା ସଭାସମିତିରେ ସଫଳତା ପାଇବେ ନାହିଁ। ପରିବାର ଭିତରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ।

**କର୍କଟ** ଅଶ୍ଲେଷା ନକ୍ଷତ୍ର ଯାହା ବହୁତ ଦିନ ହେଲା ମନେ ମନେ ଭାବୁଥିଲେ ଆଜି ତାହା ବାସ୍ତବରେ ପରିଣତ ହେବ। ଅନ୍ୟାୟ ବିରୋଧରେ ନିଜ ବନ୍ଧୁମାନଙ୍କଠାରୁ ସହଯୋଗ ପାଇବେନି। ଯାନବାହନ ଚଳାଚଳ ସମୟରେ ସତର୍କତାରେ ଗାଡି ଚଳାନ୍ତୁ। ସରକାରୀ ସ୍ତରରୁ କିମ୍ବା ଆଇନର ସାହାଯ୍ୟରୁ ଉପକୃତ ହେବେ।

**ସିଂହ** ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଆଜି ଦିନଟିରେ କିଛି ସୁଖ ସଙ୍ଗକୁ କିଛି ଦୁଃଖର ମିଶ୍ରିତ ଅନୁଭୂତି ପାଇବେ। ଆର୍ଥିକ ଉନ୍ନତି ସହ ନୂତନ ବନ୍ଧୁଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ ଏବଂ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ସ୍ୱାସ୍ଥ୍ୟ ସମସ୍ୟା ନୟନ୍ତ୍ରଣ ମଧ୍ୟରେ ରହିବ ଓ ଅଟକି ରହିଥିବା କାମଟିକୁ ସାକାର କରିପାରିବେ।

**କନ୍ୟା** ହସ୍ତା ନକ୍ଷତ୍ର ଅଟକି ରହିଥିବା ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିବେ। ଏକାଧିକ କାମରେ ହାତ ଦେଲେ ଲାଭ ବଦଳରେ କ୍ଷତିରେ ପଡିବେ। ଚାକିରି କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପାରିବାରିକ ଦିଗରୁ ଖର୍ଚ୍ଚଭାର ଯୋଗୁଁ ଚିନ୍ତାପ୍ରକଟ କରିବେ ଏବଂ ପ୍ରଚେଷ୍ଟା ମଧ୍ୟ କାମକୁ ଆସିବ ନାହିଁ ।

**ତୁଳା** ଶାରୀରିକ ଅସୁସ୍ଥତା ରହିଥିଲେ ମଧ୍ୟ କେତେକ କାମ କରିବାକୁ ପଡିବ। ସାଂସ୍କୃତିକ କାର୍ଯ୍ୟକ୍ରମରୁ କିମ୍ବା ଉଚ୍ଚସ୍ତରରୁ ଏପରି କି ସଭାସମିତିରୁ ସମ୍ମାନିତ ହେବେ। ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ କିନ୍ତୁ ବାଣିଜ୍ୟ,ବ୍ୟବସାୟ ପାଇଁ ଦିନଟି ମନ୍ଦ ନୁହେଁ। ରାଜନୈତିକ କ୍ଷେତ୍ରରେ, ଆଇନ ଅଦାଲତରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିବେ।

**ବିଛା** ସମସ୍ୟା ଅସିଲେ ମଧ୍ୟ ତାହାର ସରଳ ସମାଧାନର ଉପାୟ ବାହାର କରିବାରେ ସଫଳ ହେବେ। ବ୍ୟବସାୟିକ କାରବାର ବୃଦ୍ଧି ପାଇବ ଏବଂ ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ। କାମରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ସ୍ତ୍ରୀ ଓ ପିଲାଛୁଆଙ୍କ ସ୍ୱାସ୍ଥ୍ୟ ହାନି ହେତୁ ଅଧିକାଂଶ ସମୟ ଚିନ୍ତା କରିପାରନ୍ତି।

**ଧନୁ** ଅନ୍ୟମାନଙ୍କ ଉପରେ ଅଭିମାନ କରି ସ୍ୱାସ୍ଥ୍ୟପ୍ରତି ଅବହେଳା କରିବା ହେତୁ ଅନୁତାପ କରିବାକୁ ପଡିପାରେ। ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। କେତେକ କଥା ମନ ଭିତରେ ରହିଯିବ, ଯାହା କି କହିପାରିବେ ନାହିଁ କି ସମାଧାନ କରିବାର ମଧ୍ୟ ଉପାୟ ନ ଥିବ।

**ମକର** ଉତ୍ତରାଷାଢା ନକ୍ଷତ୍ର ପାଇଁ ଆର୍ଥିକ ଦିଗରୁ ଆଜି ଦିନଟି ବହୁତ ଭଲ, ଫଳରେ ବିଭିନ୍ନ ସୂତ୍ରରୁ ରୋଜଗାର କରିବେ। ଲୋକସମ୍ପର୍କ ବୃଦ୍ଧି ପାଇବ କିନ୍ତୁ କେତେକ ଈର୍ଷାପରାୟଣ ବ୍ୟକ୍ତିଙ୍କ ସକାଶେ ଟେନସନ ବଢିଯିବ। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ସଭାସମିତି, ଲେଖାପଢା ଓ ଚୁକ୍ତିପତ୍ରରୁ ଶୁଭଫଳ ପାଇବେ।

**କୁମ୍ଭ** ଋଣ ଓ ଶତ୍ରୁତା ଚିନ୍ତାର ମୁଖ୍ୟ କାରଣ ହେବାର ସମ୍ଭାବନା ରହିଛି। ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ ଏବଂ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ସାହିତ୍ୟ, କଳାରେ ଉଚ୍ଚ ପ୍ରଶଂସା ପାଇବେ। ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ।

**ମୀନ** ବନ୍ଧୁ ମିଳନରୁ ଖୁସୀ ମଧ୍ୟ ରହିବେ। ରେବତୀ ନକ୍ଷତ୍ର ବ୍ୟବସାୟ ତଥା ବିଭିନ୍ନ ଦିଗରୁ ଲାଭବାନ ହେବା ସହ ମାଲିମକଦ୍ଦମା କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ସମ୍ଭାବନା ରହିଛି। ଡାଇବେଟିସ୍ କିମ୍ବା ଗ୍ୟାଷ୍ଟିକ୍ ରୋଗୀମାନଙ୍କ ସକାଶେ ସମୟ ଅନୁକୂଳ ରହି ନ ପାରେ।

ଆଜି ରଜସଂକ୍ରାନ୍ତି, ଆଷାଢ଼ କୃଷ୍ଣ ଦଶମୀ ସୋମବାର, ଶ୍ରୀମନ୍ଦିରରେ ଚକାବିଜେ/ଅଣସର ଦଶମୀ, ଜୁନ୍ ୧୫ ତାରିଖ, ବ୍ୟାସକବି ଫକୀର ମୋହନ ସେନାପତିଙ୍କ ମହାପ୍ରୟାଣ ଦିବସ, ରାଶି ନକ୍ଷତ୍ର-ରେବତୀ/ମୀନ, ଧନୁ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮.୪୨ମି. ଗତେ ଘ.୧୦.୨୮ମି. ମଧ୍ୟେ, ରାତ୍ରି ଘ.୦୯.୧୫ମି. ଗତେ ଘ.୧୨.୦୮ମି. ମଧ୍ୟେ, ଘ.୦୧.୩୫ମି. ଗତେ ଘ.୦୩.୦୧ମି. ମଧ୍ୟେ ଅମୃତବେଳା। ରାତ୍ରି ଘ.୦୩.୪୫ମି.ଗତେ ଘ.୦୪.୨୮ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ.୦୬.୩୫ମି. ଗତେ ଘ.୦୮.୨୯ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଖୋର୍ଦ୍ଧାରେ ୫ କରୋନା ପଜିଟିଭ୍

**ଖୋର୍ଦ୍ଧା ଅଫିସ,୧୪।୬ :** ଖୋର୍ଦ୍ଧା ଜିଲାରେ (ଭୁବନେଶ୍ୱରକୁ ବାଦ୍ ଦେଇ) ରବିବାର ୫ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରେ ବାଣପୁର, ବାଲୁଗାଁ, ବେଗୁନିଆ, ଟାଙ୍ଗୀ ଓ ଭୁବନେଶ୍ୱର ବ୍ଲକର ଜଣେ ଲେଖାଏ ରହିଛନ୍ତି। ସମସ୍ତ ଆକ୍ରାନ୍ତ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ସମସ୍ତଙ୍କୁ ଚିକିତ୍ସା ଲାଗି ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଏଥିସହ ଜିଲାରେ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ୨୩୪ରେ ପହଞ୍ଚିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ରବିବାର ଖୋର୍ଦ୍ଧାର ୧୦, ବେଗୁନିଆର ୧୪, ଟାଙ୍ଗୀର ୧୩, ବାଲକାଟୀର ୭, ମେଣ୍ଢାଶାଳରୁ ୫୪ଜଣଙ୍କ ସ୍ୱାବ୍ ପରୀକ୍ଷା ଲାଗି ଭୁବନେଶ୍ୱର ପଠାଯାଇଛି ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ସାନିଟାଇଜ୍ ହେଲା ବ୍ରହ୍ମଗିରି ଥାନା



**ବ୍ରହ୍ମଗିରି,୧୪।୬(ଡି.ଏନ୍.ଏ.):** ବ୍ରହ୍ମଗିରି ଅଞ୍ଚଳର ଜଣେ ଅଭିଯୁକ୍ତଙ୍କ କରୋନା ପଜିଟିଭ୍ ବାହାରିବା ପରେ ବ୍ରହ୍ମଗିରି ଥାନାଧିକାରୀଙ୍କ ସମେତ ୧୪ ଜଣ କର୍ମଚାରୀ ହୋମ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି। ରବିବାର ଥାନାକୁ ଅଗ୍ନିଶମ ସେବା ସଂସ୍ଥା ଦ୍ୱାରା ସାନିଟାଇଜ୍ କରାଯାଇଛି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ସାତପଡ଼ା ଫାଣ୍ଡି ଅଧୀନରୁ ଗତ ମଙ୍ଗଳବାର ଏକ ଚୋରି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଫାଣ୍ଡି ଅଧିକାରୀ ଧରିଥିଲେ। ପରେ ବ୍ରହ୍ମଗିରି ଥାନାକୁ ପଠାଇଥିଲେ। ଥାନାରେ ଉକ୍ତ ଅଭିଯୁକ୍ତଙ୍କୁ ରଖି ସମସ୍ତ ଘଟଣାର ତଦନ୍ତ କରାଯାଇ ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟ ଚାଲାଣ ପୂର୍ବରୁ ଅଭିଯୁକ୍ତଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ଶନିବାର ତାଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା।

# ହାଇକୋର୍ଟଙ୍କ ଉପରେ ବଢୁଛି ମାମଲା ବୋଝ

କଟକ ଅଫିସ,୧୪।୬

ଓଡ଼ିଶା ହାଇକୋର୍ଟ ଉପରେ ଦିନକୁ ଦିନ ମାମଲା ବୋଝ ବଢ଼ିବାରେ ଲାଗିଛି। ଯେଉଁ ପରିମାଣରେ ମାମଲା ରୁଜୁ ହେଉଛି, ସେହି ପରିମାଣରେ ଫଇସଲା ହୋଇପାରୁ ନାହିଁ। କେତେକ ମାମଲା ବହୁ ବର୍ଷ ହେଲା ଗଡୁଛି। ଲକ୍‌ଡାଉନ୍ ଘୋଷଣା ପରେ ଏହି ସଂଖ୍ୟା କ୍ରମାଗତ ଭାବେ ଅଧିକ ହେବାରେ ଲାଗିଛି। ବୋଝ କମାଇବା ପାଇଁ ଲକ୍‌ଡାଉନ୍ ସମୟରେ ଭିଡିଓ କନଫରେନ୍ସ ବା ଭର୍ଚୁଆଲ୍ କୋର୍ଟ କାର୍ଯ୍ୟ କରୁଛି। ତଥାପି ଏହା ଯଥେଷ୍ଟ ହେଉନାହିଁ। ବିଚାର ପ୍ରକ୍ରିୟାକୁ ଜରୁରୀ ସେବା ଭିତରେ ସରକାର ରଖି ନ ଥିବା ଯୋଗୁ ଶୁଣାଣିରେ ଏହାର ପ୍ରଭାବ ପଡୁଛି। ସାଧାରଣ ଲୋକେ ନ୍ୟାୟ ପାଇବାରୁ ଯେପରି ବଞ୍ଚିତ ନ ହେବେ, ସେଥିଲାଗି ବର୍ତ୍ତମାନ ଗ୍ରୀଷ୍ମ ଅବକାଶକୁ ବାତିଲ କରିଦିଆଯାଇଛି। ଛୁଟିରେ କୋର୍ଟ କାର୍ଯ୍ୟ ଚାଲିଛି। ଅପରପକ୍ଷେ ହାଇକୋର୍ଟରେ ମୋଟ ୨୭ଟି ବିଚାରପତି ପଦବୀ ଥିବାବେଳେ ବର୍ତ୍ତମାନ ୧୬ ଜଣ ବିଚାରପତି କାର୍ଯ୍ୟ କରୁଛନ୍ତି। ସେଥିରୁ ଦୁଇଜଣ ବିଚାରପତି ଏପ୍ରିଲ୍ ୨୭ରେ ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ୍ ଏବଂ ଜୁନ୍ ୧୧ରେ ଜଷ୍ଟିସ ସାବିତ୍ରୀ ରଥ ଦାୟିତ୍ୱ ଗ୍ରହଣ କରିଛନ୍ତି।

ସରକାରୀ ଇ-କୋର୍ଟ ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ହାଇକୋର୍ଟରେ ୧ ଲକ୍ଷ ୫୯ ହଜାର ୭୩୮ ମାମଲା ବିଚାରାଧୀନ ରହିଛି। ଏଥିରେ ୪୨ ହଜାର ୯୦୯ ଦେୱାନୀ ମାମଲା ଥିବାବେଳେ ୪୭ ହଜାର ୮୭ଟି ଫୌଜଦାରି ମାମଲା ରହିଛି। ସର୍ବାଧିକ ୬୯ ହଜାର ୭୪୨ଟି ରିଟ୍ ପିଟିଶନ୍ ପଡ଼ି ରହିଛି। ଚିନ୍ତାର ବିଷୟ ହେଲା, ସମୁଦାୟ ମାମଲା ମଧ୍ୟରୁ ୧ ଲକ୍ଷ ୨୭ ହଜାର ୩୧୫ଟି ମାମଲାର ବିଚାର ଏକ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ସମୟ ହେଲା ଜାରି ରହିଛି। ସେଥିରେ ୩୫ ହଜାର ୩୭୪ଟି ଦେୱାନୀ ମାମଲା ରହିଥିବା ବେଳେ ୩୩ ହଜାର ୩୦୨ଟି ଫୌଜଦାରି ଏବଂ ୫୮ ହଜାର ୬୩୯ଟି ରିଟ୍ ପିଟିଶନ୍ ରହିଛି। ଗତ ଏକ ବର୍ଷ ଭିତରେ ବିଚାରାଧୀନ ମାମଲା ମଧ୍ୟ ବଢ଼ିଛି। ଶୂନରୁ ଏକ ବର୍ଷ ଭିତରେ ୪୦ ହଜାର ୧୭୬ଟି ମାମଲା ବିଚାରାଧୀନ ରହିଛି, ଯାହା ମୋଟ ମାମଲାର ୨୫.୧୫ ପ୍ରତିଶତ। ସେହିଭଳି ୧ରୁ ୩ ବର୍ଷ ଭିତରେ ୨୭ ହଜାର ୧୨୫, ୩ରୁ ୫ବର୍ଷ ଭିତରେ ୨୪ ହଜାର ୨୩୫, ୫ରୁ ୧୦ ବର୍ଷ ଭିତରେ ୩୯ ହଜାର ୮୭୦, ୧୦ରୁ ୨୦ ବର୍ଷ ଭିତରେ ୨୩ ହଜାର ୯୧୦ ଏବଂ ୨୦ରୁ ୩୦ ବର୍ଷ ଭିତରେ ୩୭୩୧ଟି ମାମଲା ବର୍ତ୍ତମାନ ବିଚାରାଧୀନ ରହିଛି। ତେବେ ୬୯୧ଟି ମାମଲା ଏମିତି ମଧ୍ୟ ରହିଛି, ଯାହାର ଶୁଣାଣି ୩୦ରୁ ଅଧିକ ବର୍ଷ ଚାଲିଛି। ଏଥିରେ କେବଳ ଦେୱାନୀ ମାମଲା ରହିଛି ୬୭୩। ସେହିଭଳି ୮ଟି ଫୌଜଦାରି ଏବଂ ୧୦ଟି ରିଟ୍ ପିଟିଶନ୍ ରହିଛି। ମୋଟ ମାମଲା ମଧ୍ୟରୁ ମହିଳାଙ୍କ ଦ୍ୱାରା ଦାଖଲ ହୋଇଥିବା ୯ ହଜାର ୧୨୭ଟି ମାମଲାର ବିଚାର ମଧ୍ୟ ସରିନାହିଁ। ଏଥିରେ ୩୮୪୮ଟି ଦେୱାନୀ ଓ ୧୪୮୩ଟି ଫୌଜଦାରି ମାମଲା ରହିଛି।



**ବିଚାର ଅପେକ୍ଷାରେ ୧ ଲକ୍ଷ ୫୯ ହଜାର ମାମଲା**

- ଖାଲି ପଡ଼ିଛି ୧୧ ବିଚାରପତି ପଦବୀ
- ୩୦ ବର୍ଷ ହେଲା ଗଡୁଛି ୬୯୪ ମାମଲା

### ଶୁଣାଣିକୁ ପ୍ରଭାବିତ କରିଛି ଲକ୍‌ଡାଉନ୍

ଲକ୍‌ଡାଉନ୍ ପୂର୍ବ ଓ ପର ସ୍ଥିତିକୁ ଦେଖିଲେ, ବିଚାର ପ୍ରକ୍ରିୟା କିଭଳି ପ୍ରଭାବିତ ହୋଇଛି, ତାହା ସାମ୍ନାକୁ ଆସୁଛି। ଓଡ଼ିଶାରେ ମାର୍ଚ୍ଚ ୨୨ରେ ଲକ୍‌ଡାଉନ୍ ଘୋଷଣା ହୋଇଥିଲା। ଏହି ସମୟରେ ହାଇକୋର୍ଟରେ ଏକ ଲକ୍ଷ ୫୬ ହଜାର ୩୫୬ଟି ମାମଲା ବିଚାରାଧୀନ ଥିଲା। ମେ' ୧୧ ବେଳକୁ ଏହି ସଂଖ୍ୟା ବୃଦ୍ଧି ପାଇ ଏକ ଲକ୍ଷ ୫୮ ହଜାର ୫୨୨ରେ ପହଞ୍ଚିଲା। ଜୁନ୍ ୧୧ରେ ସଂଖ୍ୟା ଆହୁରି ବଢ଼ି ଏକ ଲକ୍ଷ ୫୯ ହଜାର ୬୩୪ ହୋଇଛି। ଲକ୍‌ଡାଉନ୍ ସମୟରେ ମାମଲା ବୋଝ କମାଇବା ପାଇଁ ଭିଡିଓ କନଫରେନ୍ସ ଜରିଆରେ ଶୁଣାଣି କରାଯାଇଥିଲା। ଏଥିସହ ସପ୍ତାହର ୫ଟି କାର୍ଯ୍ୟ ଦିବସରେ ପ୍ରତିଦିନ ୫ଟି ସିଙ୍ଗଲ୍ ବେଞ୍ଚ, ମଙ୍ଗଳବାର ଓ ଗୁରୁବାର ଗୋଟିଏ ଡିଭିଜନ୍ ବେଞ୍ଚ ସହ ସିଙ୍ଗଲ୍ ବେଞ୍ଚ ବସି ମାମଲାର ଶୁଣାଣି କରୁଛନ୍ତି। ହାଇକୋର୍ଟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମାର୍ଚ୍ଚ ୨୪ରୁ ଜୁନ୍ ୪ ଭିତରେ ହାଇକୋର୍ଟରେ ୮,୪୭୭ଟି ମାମଲା ରୁଜୁ ହୋଇଛି। ସେଥିରୁ ୫,୩୩୫ଟି ମାମଲାର ଶୁଣାଣି ହୋଇପାରିଛି। ଲକ୍‌ଡାଉନ୍ ଯୋଗୁ ବର୍ତ୍ତମାନ କେବଳ ଜରୁରୀ ମାମଲାର ହିଁ ଶୁଣାଣି କରାଯାଉଛି। ହାଇକୋର୍ଟର ସଦ୍ୟ ବିଜ୍ଞପ୍ତି ଅନୁଯାୟୀ, ଜୁଲାଇ ୩ ପର୍ଯ୍ୟନ୍ତ କୋର୍ଟ କାର୍ଯ୍ୟ ସୀମିତ ରହିବ। ଜରୁରୀ ମାମଲାର ଶୁଣାଣି କରାଯିବ। ଏଣୁ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହେବାବେଳକୁ ମାମଲା ବୋଝ ଆହୁରି ବଢ଼ିଯିବ ବୋଲି ଆଇନଜୀବୀମାନେ ଆଶଙ୍କା କରିଛନ୍ତି।

## ପୁରୀ ଜିଲା: ୨ ଅଞ୍ଚଳ କଣ୍ଟେନମେଣ୍ଟ ଜୋନ୍

ପୁରୀ ଅଫିସ,୧୪।୬

ପୁରୀ ଜିଲାର ୨ଟି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। କୃଷ୍ଣପ୍ରସାଦ ବ୍ଲକ ମାଣିକ ପଞ୍ଚାୟତର ମିର୍ଜାପୁର ଗାଁ ଏବଂ ପିପିଲି ବ୍ଲକର ସଁପୁର ପଞ୍ଚାୟତର ସଁପୁର ଗ୍ରାମରୁ ଜଣେ ଲେଖାଏ କରୋନା ପଜିଟିଭ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ଏହି ଗାଁ ଓ ଏହା ସଂଲଗ୍ନ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏହି ଅଞ୍ଚଳକୁ ବାହାର ଲୋକ ପ୍ରବେଶ କରିବେ ନାହିଁ ଏବଂ ଏହି ଅଞ୍ଚଳର ଲୋକେ ବାହାରକୁ ବାହାରିବେ ନାହିଁ ବୋଲି କଟକଣା ଜାରି ହୋଇଛି। ରବିବାରଠାରୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ବ୍ୟବସ୍ଥା କରାଯିବ। କୃଷ୍ଣପ୍ରସାଦ ବ୍ଲକର ମିର୍ଜାପୁର ଛକଠାରୁ ଜେଟି ଛକ ଭାୟା ପାର୍ବତୀପୁର, ରିଙ୍ଗରୋଡ୍, ତିନି ଛକ ଏବଂ ଜେଟି ଛକଠାରୁ ରଘୁନାଥ ମନ୍ଦିର ଛକ ଆବଦ୍ଧ ଅଞ୍ଚଳ ଭାବେ ଘୋଷଣା ହୋଇଛି। ସେହିପରି ପିପିଲି ବ୍ଲକର ସଁପୁର ଗାଁ ସମେତ ଏହା ସଂଲଗ୍ନ ଷଠସ ପ୍ରାଇମେରୀ ସ୍କୁଲଠାରୁ ପଡ଼ା ବଡମାଳିସାହି ଏବଂ ବଲଭପୁରକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି।

# କରୋନା ଗବେଷଣାରେ ଓଡ଼ିଆ ଯୁବ ବୈଜ୍ଞାନିକ

କଟକ ଅଫିସ,୧୪।୬



ରୁକସାନ-ଉର୍-ରେହମାନ।

- କାମ କରୁଥିବା ଜର୍ମାନୀ ଅନୁଷ୍ଠାନର ରିପୋର୍ଟକୁ ଗ୍ରହଣ କରିଛି ଡବ୍ଲ୍ୟୁଏଚ୍‌ଓ
- ମୃତ୍ୟୁ କମାଇବ ଭିଟାମିନ୍-ଡି
- ୟୁଭି-ରେ ସୁପ୍ରଭାବ ଥିବା ସ୍ଥାନରେ କରୋନାଜନିତ ମୃତ୍ୟୁହାର କମ୍

ଶରୀରରେ ଭିଟାମିନ୍-ଡିର ଅଭାବ ରହିଲେ କରୋନାଜନିତ ମୃତ୍ୟୁ ଅଧିକ ହେବ। ଭାରତରେ ଯେଉଁ ସବୁ ସ୍ଥାନରେ କରୋନାଜନିତ ମୃତ୍ୟୁ ଅଧିକ ହୋଇଛି, ସେଠାକାର ଲୋକଙ୍କଠାରେ ଭିଟାମିନ୍-ଡିର ଅଭାବ ବେଶୀ ଦେଖିବାକୁ ମିଳିଛି। କେବଳ ଭାରତ ନୁହେଁ, ବୈଶ୍ୱିକ ସ୍ଥିତିକୁ ଅନୁଶୀଳନ କଲେ ଏହି ଦିଗଟି ସାମ୍ନାକୁ ଆସୁଛି। ଭିଟାମିନ୍-ଡି ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼େ। ଏହା ହିଁ କରୋନାଜନିତ ମୃତ୍ୟୁ କମାଇପାରିବ। ଜର୍ମାନୀର ଏକ ଘରୋଇ ଅନୁଷ୍ଠାନ ଏଭଳି ରିପୋର୍ଟ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)କୁ ପ୍ରଦାନ କରିଛି। ଉକ୍ତ ଅନୁଷ୍ଠାନର ରିସର୍ଚ୍ଚ ଟିମ୍‌ରେ ଜଣେ ଓଡ଼ିଆ ପୁଅ ରହିଛନ୍ତି। ସେ ହେଲେ ରୁକସାନ-ଉର୍-ରେହମାନ।

କଟକ କାଫଲାବଜାର ସିଦ୍ଧେଶ୍ୱର ସାହିରେ ରେହମାନ (୨୭)ଙ୍କ ଘର। ପିତା ସାକିଲୁର ରେହମାନ, ମା' ସବାନା ଆଫରୋଜଙ୍କ ପୁଅ ରେହମାନ ଷ୍ଟିୱାର୍ଟ ସ୍କୁଲରେ ପ୍ରାଥମିକ ଶିକ୍ଷା ଶେଷ କରିବା ପରେ ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟରୁ ସ୍ନାତକ ପଢ଼ା ସାରିଥିଲେ। ପରେ ଇନଫୋସିସରେ ଚାକିରି କରୁଥିଲେ। ଏବେ ଜଣେ ଡାଟା ବୈଜ୍ଞାନିକ ଭାବେ ଜର୍ମାନୀରେ ଗବେଷଣା କରୁଛନ୍ତି। ତାଙ୍କ ଅନୁଷ୍ଠାନ ରିପୋର୍ଟ ଅନୁଯାୟୀ, ୧୯୧୮ରେ ହୋଇଥିଲା ସ୍ପାନିସ୍ ଫ୍ଲୁ। ଏହି ମହାମାରୀରେ ସମଗ୍ର ବିଶ୍ୱ ପ୍ରଭାବିତ ହୋଇଥିଲା। ସେହି ଫ୍ଲୁକୁ ଆଧାର କରି ଅନୁଷ୍ଠାନ ଗବେଷଣା ଆରମ୍ଭ କରିଥିଲା ବୋଲି ରେହମାନ କହିଛନ୍ତି। ସ୍ପେନ, ଫ୍ରାନ୍ସ, ଇଟାଲୀ, ଆମେରିକା ସମେତ ଯେଉଁ ଦେଶରେ କରୋନା ଭୀଷଣ ପ୍ରଭାବ ପକାଇଛି, ସେଠାକାର ତଥ୍ୟକୁ ଗବେଷଣାରେ ସାମିଲ କରାଯାଇଛି। ସୂର୍ଯ୍ୟକିରଣ କିମ୍ବା ଆମିଷ ଖାଦ୍ୟରୁ ମଣିଷ ଶରୀରକୁ ଭିଟାମିନ-ଡି ମିଳେ। ଉପକୂଳ ଅଞ୍ଚଳରେ ରହୁଥିବା ଲୋକଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ଭିଟାମିନ୍-ଡି ଥାଏ। ଏହି ସମସ୍ତ ସ୍ଥାନରେ କରୋନାଜନିତ ମୃତ୍ୟୁ ମଧ୍ୟ କମ୍ ରହୁଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଯେଉଁ ସ୍ଥାନରେ ଅତିବାଇଗଣୀ ରଶ୍ମି (ୟୁଭି-ରେ)ର ସୁପ୍ରଭାବ ରହିଛି, ସେଠାରେ ମଧ୍ୟ କରେନାଜନିତ ମୃତ୍ୟୁ କମ୍ ରହୁଛି। ଅତିବାଇଗଣୀ ରଶ୍ମୀ ୨.୨ ପ୍ରତିଶତ ରହିଥିବା ସ୍ଥାନ ତୁଳନାରେ ଶୂନ ଅତିବାଇଗଣୀ ରଶ୍ମୀ ସ୍ଥାନରେ କରୋନାଜନିତ ମୃତ୍ୟୁ ଢେର ଅଧିକ। ଶୀତଦିନରେ ଏହି ଭୂତାଣୁ ଅଧିକ ମାତ୍ରାରେ ପ୍ରଭାବ ପକାଏ। ଏଣୁ ସୂର୍ଯ୍ୟାଲୋକଠାରୁ ଦୂରେଇ ରହୁଥିବା ଲୋକ ନିଜ ଖାଦ୍ୟଶୈଳୀରେ ପରିବର୍ତ୍ତନ ଆଣିବା ସହ ଭିଟାମିନ-ଡି ଯୁକ୍ତ ଖାଦ୍ୟ ପ୍ରଚୁର ମାତ୍ରାରେ ଖାଇବାକୁ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଥିବା ରେହମାନ କହିଛନ୍ତି। ଉକ୍ତ ରିପୋର୍ଟକୁ ବିଶ୍ୱର ଅନେକ ପ୍ରମୁଖ ଗଣମାଧ୍ୟମ ପ୍ରକାଶ କରିଥିବା ସେ ସୂଚନା ଦେଇଛନ୍ତି।

## ପୁରୀରୁ ୭ କରୋନା ଆକ୍ରାନ୍ତ ଚିହ୍ନଟ

ପୁରୀ ଅଫିସ,୧୪।୬

- ୭ ଦିନରେ ୫୪ ସଂକ୍ରମିତ
- ଜିଲାର ମୋଟ ପଜିଟିଭ ସଂଖ୍ୟା ୧୫୫

ପୁରୀ ଜିଲାରୁ ରବିବାର ୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୧୫୫ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୯୮ ଜଣ ସୁସ୍ଥ ହୋଇଥିବାବେଳେ ୫୭ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ନୂଆ ସଂକ୍ରମିତଙ୍କ ସମ୍ପର୍କରେ ଜିଲା ପ୍ରଶାସନ କୌଣସି ତଥ୍ୟ ଦେଇନାହିଁ। ଏମାନଙ୍କ ମଧ୍ୟରୁ କେତେଜଣ କ୍ୱାରାଣ୍ଟାଇନ ସେଣ୍ଟରରେ ଥିଲେ ଏବଂ ବାହାରୁ କେତେଜଣ ଆସିଥିଲେ ତାହା ସ୍ପଷ୍ଟ ହୋଇନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି କିଛିଦିନ ପୂର୍ବରୁ ଜିଲାର ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇଥିଲା। ମାତ୍ର ଚଳିତ ସପ୍ତାହରେ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢୁଛି। ଏପ୍ରିଲ ୩ରେ ପ୍ରଥମ ଆକ୍ରାନ୍ତ ଚିହ୍ନଟ ହେବାର ୩୭ ଦିନ ପର୍ଯ୍ୟନ୍ତ ଜିଲାରେ କୌଣସି ନୂଆ ଆକ୍ରାନ୍ତ ନ ଥିଲେ। ତେବେ ଗତ ମେ ୧୦ ତାରିଖଠାରୁ ହଠାତ୍ ସଂଖ୍ୟା ବଢିବାରେ ଲାଗିଥିଲା। ମଝିରେ ଚିହ୍ନଟ ହାର କମିଥିବାବେଳେ ଗତ ୭ଦିନ ହେବ ପୁଣି ବଢିଛି। ଗତ ୭ଦିନରେ ୫୪ ଜଣ ସଂକ୍ରମିତ ଚିହ୍ନଟ ହେବା ପ୍ରଶାସନର ଚିନ୍ତା ବଢାଇଛି।

**ODISHA JOINT ENTRANCE EXAMINATION - 2020**
**( OJEE - 2020 )**

No: OJEE/162 DATE: 14.06.2020

**NOTICE**

**(Extension of the last date of online application and fee payment for Special OJEE for B.TECH)**

In view of the current pandemic situation of **COVID -19,** it is hereby announced that the last date for online submission of application forms for special OJEE for B.TECH is extended as mentioned below.

| Application form | Special OJEE for B.TECH. (Application F) |
|---|---|
| Last date for submission of online application forms | 30-06-2020 |
| Last date for online fee payment | 05-07-2020 |

The detailed schedule regarding dates of Examination and dates for downloading of Admit Cards etc. will be notified in due course of time, after assessment of the situation after **30.06.2020.**

Sd/-
CHAIRMAN, OJEE, ODISHA

## କରୋନା ମୁକାବିଲାରେ ସହଯୋଗ ପାଇଁ ସହମତି ଦେଲେ ୯୦% ଭୁବନେଶ୍ୱରବାସୀ

**ଭୁବନେଶ୍ୱର, ୧୪।୬ (ବ୍ୟୁରୋ):** କରୋନା ଭାଇରସ୍‌ର ମୁକାବିଲା ପାଇଁ ଏବେ ସରକାରଙ୍କ ପକ୍ଷରୁ ସବୁପ୍ରକାର ଚେଷ୍ଟା ଜାରି ରହିଛି। ଏପରିସ୍ଥଳେ ରାଜଧାନୀରେ କରୋନା ମୁକାବିଲା ପାଇଁ ଟୁଇଟରରେ ବିଏମ୍‌ସି ପକ୍ଷରୁ ଲୋକଙ୍କ ପରାମର୍ଶ ପାଇଁ ଏକ ପୋଲ କରାଯାଇଥିଲା। ସେଥିରେ ବିଏମ୍‌ସି ଲେଖିଥିଲା, ଲକ୍‌ଡାଉନ୍ ସମୟରେ ଭୁବନେଶ୍ୱରବାସୀ କରୋନା ଭାଇରସ୍‌ର ସଂକ୍ରମଣକୁ ରୋକିବାରେ ସଫଳ ହୋଇଥିଲେ। ଏବେ ଅନଲକ୍-୧ ଚାଲିଥିବାବେଳେ ଏହି ମହାମାରୀକୁ ରୋକିବା କ୍ଷେତ୍ରରେ ସହରବାସୀଙ୍କ ସହଯୋଗ ପୁଣି ଥରେ ଆବଶ୍ୟକ। ଏଥିପାଇଁ ଭୁବନେଶ୍ୱରବାସୀ ବିଏମ୍‌ସିକୁ ସହଯୋଗ କରିବେ କି ନାହିଁ ସେନେଇ ଟୁଇଟରରେ ପ୍ରଶ୍ନ ରହିଥିଲା। ଏହାର ଉତ୍ତରରେ ୯୦%ରୁ ଅଧିକ ଲୋକ ସହଯୋଗ କରିବେ ବୋଲି ମତାମତ ଦେବା ସହ କିପରି କରୋନା ଭାଇରସ୍‌ରୁ ନିଜକୁ ରକ୍ଷା କରାଯାଇ ପାରିବ ତାହା ଉପରେ ମଧ୍ୟ ନିଜର ମନ୍ତବ୍ୟ ପ୍ରଦାନ କରିଛନ୍ତି। ହେଲେ ୧୦%ରୁ କମ୍ ଲୋକ ସହଯୋଗ କରିବେ ନାହିଁ ବୋଲି ମତାମତା ଦେବାସହ କଟକଣା ହଟାଇବାକୁ କହିଥିବା ଦେଖିବାକୁ ମିଳିଛି।

## ଭୁବନେଶ୍ୱରରେ ପହଞ୍ଚିଲେ ଅଭିନେତା ବିଜୟ ମହାନ୍ତି

ଭୁବନେଶ୍ୱର, ୧୪।୬ (ବ୍ୟୁରୋ)

**ଘରୋଇ ହସ୍ପିଟାଲରେ ଆରମ୍ଭ ହେଲା ଚିକିତ୍ସା**

ହାଇଦ୍ରାବାଦରୁ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି ଓଲିଉଡ୍‌ର ବରିଷ୍ଠ ଅଭିନେତା ବିଜୟ ମହାନ୍ତି। ତାଙ୍କୁ ସ୍ଥାନୀୟ କେୟାର ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି। ପରେ ପ୍ରସ୍ତୁତ ହୋଇ ରହିଥିବା ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା ଆରମ୍ଭ କରିଛି। ଏଥିପାଇଁ ସହଯୋଗର ହାତ ବଢ଼ାଇଥିବା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ତାଙ୍କୁ ଭେଟିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହାସହ ସେ ବିଜୟଙ୍କ ଚିକିତ୍ସାରେ ନିୟୋଜିତ ଡାକ୍ତରଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି। ଏନେଇ ଅପରାଜିତା ନିଜ ଟୁଇଟର ହ୍ୟାଣ୍ଡେଲରେ ସୂଚନା ଦେଇ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

ସୂଚନାଯୋଗ୍ୟ, ମେ' ୨୭ରେ ବିଜୟ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲକୁ ଚେକ୍‌ଅପ୍ ପାଇଁ ଯାଇଥିବାବେଳେ ହୃଦ୍‌ଘାତର ଶିକାର ହୋଇଥିଲେ। ସେହିଦିନଠାରୁ ସେ ସେଠାରେ ଚିକିତ୍ସିତ ହେଉଥିଲେ। ବିଜୟ ଓଡ଼ିଶା ଫେରିବାକୁ ଚାହୁଁଥିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପରେ ବିଜୟଙ୍କୁ ଓଡ଼ିଶା ଫେରାଇ ଆଣିବା ନିମନ୍ତେ ଭୁବନେଶ୍ୱର ଏମ୍‌ପି ଷଡ଼ଙ୍ଗୀ ଓ ଅଭିନେତା ଅଖିଳ ପଟ୍ଟନାୟକ ସହାୟତାର ହାତ ବଢ଼ାଇଥିଲେ। ଏଥିପାଇଁ ଦୁଇ ହସ୍ପିଟାଲର ଡାକ୍ତରଙ୍କ ମଧ୍ୟରେ ଆଲୋଚନା ପରେ ତାଙ୍କୁ ସଡ଼କ ପଥରେ ଅଣାଯିବାକୁ ନିଷ୍ପତ୍ତି ହୋଇଥିଲା। ଶୁକ୍ରବାର ବିଜୟଙ୍କୁ ଆଣିବା ପାଇଁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ହାଇଦ୍ରାବାଦ ଅଭିମୁଖେ ଯାତ୍ରା କରିଥିଲା। ତାଙ୍କ ପରିବାର ସଦସ୍ୟ ମଧ୍ୟ ଉକ୍ତ ଆମ୍ବୁଲାନ୍ସରେ ଆସିଥିଲେ।

# ରାଜଧାନୀରେ ମାଡ଼ିଗଲାଣି କରୋନା

ଭୁବନେଶ୍ୱର, ୧୪।୬ (ବ୍ୟୁରୋ)

**୧୬ ନୂଆ ପଜିଟିଭ୍, ଆକ୍ରାନ୍ତଙ୍କ ସଂଖ୍ୟା ୧୨୨ ଛୁଇଁଲା**

- ୧୧ ଦିନରେ ଚିହ୍ନଟ ୪୫ ଜଣଙ୍କ ମଧ୍ୟରେ ୧୪ ସ୍ଥାନୀୟ ଆକ୍ରାନ୍ତ
- ଅଧିକାଂଶ ହାଟ ବଜାର, ବିଭିନ୍ନ ସ୍ଥାନ ବୁଲିଥିବା ସୂଚନା




ଲକ୍‌ଡାଉନ୍ ହଟିବା ପରଠାରୁ ରାଜଧାନୀ ଭୁବନେଶ୍ୱରରେ ପୁଣି କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ପୂର୍ବରୁ ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳରୁ ପଜିଟିଭ୍ ଚିହ୍ନଟ ହେଉଥିବାବେଳେ ଏବେ ପ୍ରାୟତଃ ସହରର ସବୁ ଅଞ୍ଚଳକୁ ମାଡ଼ିଗଲାଣି ମହାମାରୀ କରୋନା। ପ୍ରତିଦିନ ଭୁବନେଶ୍ୱରରୁ ନୂଆ ପଜିଟିଭ୍ ମାମଲା ନଜରକୁ ଆସୁଥିବାବେଳେ ଶେଷ ୨୪ ଘଣ୍ଟାରେ ଆଉ ୧୬ଜଣ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଭୁବନେଶ୍ୱରରେ ଏବେ କରୋନା ଆକ୍ରାନ୍ତଙ୍କ ୧୨୨ରେ ପହଞ୍ଚିଛି। ୫୮ଜଣ ଚିକିତ୍ସାଧୀନ ଥିବାବେଳେ ୬୦ଜଣ ସୁସ୍ଥ ହୋଇଛନ୍ତି। ୩ଜଣଙ୍କର କରୋନାଜନିତ ଓ ଆଉଜଣେ ଆକ୍ରାନ୍ତଙ୍କର ଅନ୍ୟ ରୋଗରେ ମୃତ୍ୟୁ ହୋଇଥିବା ବିଏମ୍‌ସି ତଥ୍ୟରୁ ଜଣାପଡିଛି।

ମିଳିଥିବା ସୂଚନାନୁସାରେ, ରାଜ୍ୟରେ ଚିହ୍ନଟ ହୋଇଥିବା ୧୯୬ଜଣ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲାରୁ ୨୧ ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରୁ କେବଳ ଭୁବନେଶ୍ୱରରୁ ୧୬ଜଣ ଚିହ୍ନଟ ହୋଇଥିବାବେଳେ ୧୪ କେସ୍ ହୋମ୍ କ୍ୱାରାଣ୍ଟାଇନ୍‌ରୁ ଓ ୨ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଏହି ସ୍ଥାନୀୟ ଆକ୍ରାନ୍ତଙ୍କୁ ନେଇ ସହରବାସୀ ଓ ବିଏମ୍‌ସିର ଚିନ୍ତା ବଢ଼ିଛି। ସେମାନେ ହେଲେ ପଳାଶୁଣି କପିଳେଶ୍ୱର ବିହାର ଅଞ୍ଚଳର ୨୫ ବର୍ଷୀୟ ଭଦ୍ରକ ଫେରନ୍ତା ଯୁବକ। ସେ ପଳାଶୁଣି ହାଟ ବଜାର ସହ ରସୁଲଗଡ଼ ଅଞ୍ଚଳ ବୁଲିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟ ଜଣେ ହେଉଛନ୍ତି ୩୨ବର୍ଷୀୟ ଯୁବକ। ସେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲର କର୍ମଚାରୀ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି। କେବଳ ସେତିକି ନୁହେଁ, ଜୁନ୍ ୪ରୁ ୧୪ ପର୍ଯ୍ୟନ୍ତ ଏହି ୧୧ ଦିନ ମଧ୍ୟରେ ସହରରେ ମୋଟ ୪୫ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ସ୍ଥାନୀୟ ସଂକ୍ରମିତଙ୍କ ସଂଖ୍ୟା ୧୪। ଅଧିକାଂଶ ସ୍ଥାନୀୟ ସଂକ୍ରମିତ ହାଟ ବଜାର ବୁଲିବା ସହ ଡାକ୍ତରଖାନା ଯାଇଥିବା ଜଣାପଡ଼ିଛି। ଫଳରେ ସହରରେ ଗୋଷ୍ଠୀ ସଂକ୍ରମଣ ବ୍ୟାପିବାର ବାଟ ଫିଟିଯାଇଥିବା ବର୍ତ୍ତମାନର ସ୍ଥିତିରୁ ବାରି ହୋଇପଡୁଛି।

ଅନ୍ୟପକ୍ଷରେ ହୋମ୍ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ୧୪ଜଣ ନୂଆ ଆକ୍ରାନ୍ତଙ୍କ ତଥ୍ୟ ଦେଇଛି ବିଏମ୍‌ସି। ଏମାନଙ୍କ ମଧ୍ୟରେ ପଟିଆ ଶ୍ରୀବିହାରର ଗୋଟିଏ ପରିବାରରୁ ୩ଜଣ ଆକ୍ରାନ୍ତ ରହିଛନ୍ତି। ଜଣେ ୩୧ ବର୍ଷୀୟ ଯୁବକ ଥିବାବେଳେ ଅନ୍ୟ ଦୁଇଜଣ ୬୫ ବର୍ଷୀୟ ପୁରୁଷ ଓ ୫୮ ବର୍ଷୀୟା ମହିଳା। ସେହିପରି ଜୟଦେବ ବିହାର ବିଜୁ ପଟ୍ଟନାୟକ କଲେଜ ନିକଟରୁ ଚିହ୍ନଟ ହୋଇଥିବା ୨ ଜଣ ଆକ୍ରାନ୍ତ ଆମେରିକାରୁ ଫେରିଥିଲେ। ଜଣେ ୭୨ ବର୍ଷୀୟ ପୁରୁଷ ଓ ଅନ୍ୟ ଜଣେ ୭୧ ବର୍ଷୀୟା ମହିଳା। ୟୁନିଟ୍-୪ ଶାସ୍ତ୍ରୀ ନଗରରୁ ୨ଜଣ ଆକ୍ରାନ୍ତ କୋଲକାତାରୁ ଫେରିଥିଲେ। ଉଭୟ ୭୫ ଓ ୪୦ ବର୍ଷୀୟ ପୁରୁଷ। କଳିଙ୍ଗବିହାରସ୍ଥିତ ଶୈଳବାଳା ଏନ୍‌କ୍ଲେଭରୁ ଚିହ୍ନଟ ୩୪ ବର୍ଷୀୟ ଯୁବକ ଜଣକ ଓମାନ ଫେରନ୍ତା ହୋଇଥିବାବେଳେ ସତ୍ୟନଗର ଓଭରବ୍ରିଜ ନିକଟରୁ ଚିହ୍ନଟ ୩୩ ବର୍ଷୀୟ ଯୁବକ ଦିଲ୍ଲୀରୁ ଫେରିଥିଲେ। ସେହିପରି ନୟାପଲ୍ଲୀ ଶବରସାହିରୁ ଚିହ୍ନଟ ଆକ୍ରାନ୍ତ ଜଣକ ୫୪ ବର୍ଷୀୟ ପୁରୁଷ ଓ ସେ ଚେନ୍ନାଇରୁ ଫେରିଥିଲେ। ରସୁଲଗଡ଼ ନେତାଜୀ ବିହାରର ୪୭ ବର୍ଷୀୟ ପୁରୁଷ ଜଣକ ଦିଲ୍ଲୀ ଗୁରଗାଓଁରୁ ଫେରି ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ରାଜଧାନୀ ଉପକଣ୍ଠ ଯଦୁପୁରରୁ ଚିହ୍ନଟ ଜଣେ ୩୧ବର୍ଷୀୟ ଯୁବକ ହେଉଛନ୍ତି ଦିଲ୍ଲୀ ଫେରନ୍ତା। ସେହିପରି ୟୁନିଟ୍-୩ ମସଜିଦ୍ କଲୋନୀରେ ୬୦ ବର୍ଷୀୟା ମହିଳା ଜଣକ କୋଲକାତାରୁ ସମ୍ପର୍କୀୟଙ୍କ ଘରୁ ଫେରିବା ପରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
73765-91521
73106-44620
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

INDIA NETWORK
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecome.in
7599145935
8280122168

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

> ନୈତିକତା ଏକ କୃତ୍ରିମ ମାନଦଣ୍ଡରେ ସମସ୍ତଙ୍କୁ ଠିଆ କରିବାକୁ ଚାହୁଁଥିଲା ବେଳେ, ଆଧ୍ୟାତ୍ମିକତା ଜୀବନର ବହୁ ବୈଚିତ୍ର୍ୟ ଭିତରେ ଲୀଳାୟିତ ହୁଏ। ଏହା ମଧ୍ୟ ଆତ୍ମାର ସ୍ୱାଧୀନତାକୁ ସାବ୍ୟସ୍ତ କରେ। —ଶ୍ରୀମା

# ନେପାଳ ଛଡ଼େଇନେବ

ନେପାଳ ପାର୍ଲାମେଣ୍ଟର ନିମ୍ନ ସଦନ ଭାରତର ସୀମାନ୍ତ ତିନୋଟି ଅଞ୍ଚଳ ଲିପୁଲେଖ, କାଳାପାଣି ଏବଂ ଲିମ୍ପିଆଧୁରାକୁ ଏହାର ମାନଚିତ୍ରରେ ସ୍ଥାନ ଦେବା ସଂକ୍ରାନ୍ତ ବିଷୟକୁ ୧୩ ଜୁନ୍‌ରେ ମଞ୍ଜୁରୀ ପ୍ରଦାନ କରିଛି। ଏହା ପରେ ନୂଆଦିଲ୍ଲୀ କେବଳ ପ୍ରତିକ୍ରିୟା ପ୍ରକାଶ କରିଛି। ଭାରତୀୟ ଅଞ୍ଚଳ ଉପରେ ନେପାଳର ଦାବି କୃତ୍ରିମ ଓ ଏହାର କୌଣସି ଐତିହାସିକ ତଥ୍ୟ ନାହିଁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏତିକିରେ ମନ୍ତ୍ରଣାଳୟ ଚୁପ୍ ରହିବା ଜଣାଇ ଦେଉଛି ଯେ ଭାରତ ଉକ୍ତ ବିଷୟକୁ ଅତି ହାଲୁକା ଭାବେ ନେଉଛି। ନେପାଳକୁ ଛୋଟିଆ ରାଷ୍ଟ୍ର ଭାବି ଭାରତ ହେୟଜ୍ଞାନ କରୁଥିଲେ ଏହା ଭବିଷ୍ୟତରେ ବିରାଟ ରୂପ ଧାରଣ କରିପାରେ। କାରଣ ନେପାଳକୁ ଚାଇନା ଦୀର୍ଘ ବର୍ଷ ହେବ ସମର୍ଥନ ଦେଇଆସୁଛି। କରୋନା ଭାଇରସ୍ ସଂକ୍ରମଣ ଯୋଗୁ ଭାରତ ନଇଁପଡ଼ିଥିବା ବେଳେ ଚାଇନାର ଲାଲ୍ ସେନା ଲଦାଖ ଅଞ୍ଚଳରେ ଜାଗା ମାଡ଼ିବସିଲାଣି। ପରିସ୍ଥିତିକୁ ଏଡ଼ାଇବା ପାଇଁ ଚାଇନା ଓ ଭାରତ ମଧ୍ୟରେ କେତେଗୁଡ଼ିଏ ଆଲୋଚନା ହୋଇଥିଲେ ମଧ୍ୟ ଏହାର ପରିଣତି ସମାଧାନ ସ୍ତରକୁ ଆସିପାରି ନାହିଁ। ସୀମାନ୍ତ ଅଞ୍ଚଳ ଉପରେ ତୀକ୍ଷ୍ଣ ଦୃଷ୍ଟି ଦିଆଯାଉ ନ ଥିବାରୁ ବାହ୍ୟ ଶତ୍ରୁ ସହଜରେ ପ୍ରବେଶ କରିପାରୁଛନ୍ତି। ଏପଟେ ଆମ ଦେଶର ନେତୃତ୍ୱ ଓ ସାମରିକ କର୍ତ୍ତୃପକ୍ଷ ପାକିସ୍ତାନ ପ୍ରତି ଯେଭଳି ତତ୍ପରତା ପ୍ରକାଶ କରିଥାଆନ୍ତି, ତାହା ପଛରେ କେବଳ ରାଜନୈତିକ ଉଦ୍ଦେଶ୍ୟ ରହିଛି। ସାଧାରଣ ଭାରତୀୟ ହିନ୍ଦୁ ମନରେ ସର୍ବଦା ମୁସଲମାନ ବିରୋଧୀ ମନୋଭାବ ସୃଷ୍ଟି କରିବା ପାଇଁ ଏକ ବିରାଟ ପ୍ରଚେଷ୍ଟା ଦୀର୍ଘଦିନ ଧରି ଲାଗି ରହିଛି। ତାହାର ପ୍ରତୀକ ଭାବରେ ପାକିସ୍ତାନକୁ ପ୍ରତି କଥାରେ ଟଣାଯାଉଛି। କୌତୂହଳର ବିଷୟ ହେଲା ଯେ, ସୋସିଆଲ ମିଡିଆରେ ଅନେକ ସମୟରେ ପାକିସ୍ତାନ ବିରୋଧୀ ମନ୍ତବ୍ୟ ଟ୍ରେଣ୍ଡିଂ ହୋଇଥାଏ। ତନ୍ମଧ୍ୟରୁ ଗୋଟେ ଅଭଦ୍ର ଗାଳି ସବୁବେଳେ ଅଧିକ ଲୋକପ୍ରିୟ ହୋଇଥିବାର ପରିଲକ୍ଷିତ ହୁଏ। ସେହି ଗାଳିରେ ପାକିସ୍ତାନର ମା' ପ୍ରତି ଅଶୋଭନୀୟ କଥା କୁହାଯାଏ। ବିଶ୍ୱାସ କରାଯାଏ ଯେ, ଏଭଳି ଅଭଦ୍ର ଭାଷା ପ୍ରୟୋଗ କରୁଥିବା ବ୍ୟକ୍ତିମାନେ ଭାରତୀୟ ହିନ୍ଦୁ ଏବଂ ସେମାନେ ଭୁଲିଯାଇଛନ୍ତି ଯେ ୧୯୪୭ ମସିହା ପୂର୍ବରୁ ପାକିସ୍ତାନ ବୋଲି କୌଣସି ଦେଶ ନ ଥିଲା। ଯେହେତୁ ଭାରତରୁ କିଛି ଅଂଶ କାଟି ନେଇ ବ୍ରିଟିଶ ଶାସକମାନେ ପୂର୍ବ ଏବଂ ପଶ୍ଚିମ ପାକିସ୍ତାନ ସୃଷ୍ଟି କରିଥିଲେ, ସେହେତୁ ପାକିସ୍ତାନର ବାସ୍ତବ ମାତା ହେଉଛି ଭାରତ। ଏଥିରୁ ବୁଝିବାକୁ ହେବ ଯେ, ପାକିସ୍ତାନର ମା'କୁ ଗାଳିଦେବା ଅର୍ଥ ଭାରତଭୂମିକୁ ଗାଳିଦେବା। ଏହିଭଳି ତ୍ରୁଟି କେବଳ ଜନସାଧାରଣଙ୍କ ନୁହେଁ, ଆଜିର ଶାସନକର୍ତ୍ତା ମଧ୍ୟ ପଡ଼ୋଶୀ ଦେଶଗୁଡ଼ିକ ସହିତ ତ୍ରୁଟିପୂର୍ଣ୍ଣ ବ୍ୟବହାର କରି ଭବିଷ୍ୟତ ପାଇଁ ଭାରତର ସବୁ ପଡ଼ୋଶୀଙ୍କୁ ସଫଳତାର ସହିତ ଶତ୍ରୁ ଭାବେ ଛିଡ଼ା କରିଦେଲେଣି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ନେପାଳ ସରକାର ଏଭଳି ଭୁଲ ପଦକ୍ଷେପରୁ ଦୂରେଇ ରହିବା ସହ ଭାରତର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ସଂହତିକୁ ସମ୍ମାନ ଦିଅନ୍ତୁ। ଉକ୍ତ ବିବାଦୀୟ ଅଞ୍ଚଳ ଉପରେ ନେପାଳର କର୍ତ୍ତୃତ୍ୱ ଜାହିର କରିବାରେ କୌଣସି ଐତିହାସିକ ତଥ୍ୟ ନାହିଁ ବୋଲି ଭାରତ ଯାହା କହୁଛି, ତାହାର ପ୍ରମାଣ ନୂଆଦିଲ୍ଲୀ ଦେବାକୁ ତତ୍ପରତା ପ୍ରକାଶ କରିବା କଥା। ହେଲେ କେବଳ ବିବୃତି ଓ ବୟାନରେ ସୀମିତ ରହିଛି ଭାରତର ପ୍ରତିକ୍ରିୟା। ଆମର ସ୍ଥଳସେନା ମୁଖ୍ୟ ଜେନେରାଲ ଏମ୍.ଏମ୍. ନରୱାଣେ କହିଛନ୍ତି, ଭାରତ ଓ ନେପାଳ ମଧ୍ୟରେ ସମ୍ପର୍କ ସର୍ବଦା ମଜଭୁତ ରହିଆସିଛି ଓ ଭବିଷ୍ୟତରେ ରହିବ। ଏଥିରୁ ବୁଝିବାକୁ ହେବ ଯେ, ନେପାଳର ଅଗ୍ରଗତିକୁ ଭାରତ ଅତି ଖାମଖିଆଲ ଭାବେ ନେଉଛି। କିନ୍ତୁ ମୌଳିକ ସମସ୍ୟା ରହିଛି ଚାଇନା ପାଖରେ। ପୂର୍ବ ଲଦାଖର ପଙ୍ଗଓଙ୍ଗ, ଡେମ୍‌ଚୋକ ଏବଂ ଦୌଲତ ଓଲ୍‌ଡିରେ ଭାରତ ଓ ଚାଇନା ସେନା ମଧ୍ୟରେ ଦୀର୍ଘ ୫ ସପ୍ତାହ ହେଲା ମୁହାଁମୁହିଁ ସ୍ଥିତି ଜାରି ରହିବା ପରେ ଏବେ ସେନା ପ୍ରତ୍ୟାହାର ଆରମ୍ଭ ହୋଇଛି ବୋଲି କୁହାଯାଉଛି। ଏହା କେତେଦୂର ସତ୍ୟ କହିହେଉ ନାହିଁ। ଅନ୍ୟପକ୍ଷରେ ଏହା ଜଣାପଡ଼ିଯାଉଛି ଯେ, ଭାରତ ବିରୋଧରେ ଚାଇନା ନେପାଳକୁ ଉସୁକାଉଛି। କାରଣ ଚାଇନା ସିଧାସଳଖ ଭାରତ ବିରୋଧରେ ଶତ୍ରୁତା କରିବାର ବୋକାମି କରୁନାହିଁ। ବେଜିଂ ଭଲ ଭାବେ ଜାଣିଛି ଯେ ନୂଆଦିଲ୍ଲୀର କଥା ବଡ଼, କାମ ଛୋଟ। ସେଥିପାଇଁ ନେପାଳ ଭଳିଆ କ୍ଷୁଦ୍ର ଦେଶକୁ ବ୍ୟବହାର କରି ଭାରତର ପ୍ରତିରକ୍ଷା ବ୍ୟବସ୍ଥାକୁ ବ୍ୟତିବ୍ୟସ୍ତ କରାଇଦେଇପାରିବ। ଲଦାଖ ଜଗିବେ ନା ଅରୁଣାଚଳ ପ୍ରଦେଶ, କାଳାପାଣି ଜଗିବେ ନା ଚିକେନ୍ସ ନେକ୍। ଏହିଭଳି ପରିସ୍ଥିତିରେ ଭାରତକୁ ବାଉଳା କରିବାର ଉଦ୍ୟମ କରୁଥାଇପାରେ ଚାଇନା। ବର୍ତ୍ତମାନର ସ୍ଥିତିକୁ ଦେଖିଲେ ନେପାଳର ସାହସ ଏତେ ବଢ଼ିଗଲାଣି ଯେ, ୧୨ ଜୁନ୍‌ରେ ବିହାରର ସୀତାମାଢ଼ି ଜିଲା ସୀମାନ୍ତରେ ନେପାଳ ପୋଲିସ ଆଖିବୁଜା ଗୁଳିକରି ଜଣେ ଭାରତୀୟଙ୍କୁ ହତ୍ୟା କରିଥିବା ବେଳେ ୪ ଜଣଙ୍କୁ ଆହତ କରିଦେଇଥିଲା।

ଏଭଳି ଏକ ସନ୍ଧିକ୍ଷଣରେ ଭାରତୀୟ ନେତୃତ୍ୱ ନେପାଳ ପ୍ରସଙ୍ଗକୁ ଗୁରୁତ୍ୱ ଦେବା କଥା। କୁହାଯାଏ 'ଛୋଟ ସାପର ବିଷ ବେଶି'। ଚାଇନା ଚକ୍ରାନ୍ତରେ ପରିଚାଳିତ ହୋଇ ନେପାଳ ସେହି ବିବାଦୀୟ ଅଞ୍ଚଳକୁ ଯଦି କ୍ରମାଗତ ଭାବେ ନିଜର କହି ଅଧିକାର ସାବ୍ୟସ୍ତ କରିଚାଲେ, ତାହା ହେଲେ ଭାରତ ସେହିସବୁ ଅଞ୍ଚଳକୁ ନିଜ ଅକ୍ତିଆରରେ ରଖିବା ସମ୍ଭବପର ହେବ ନାହିଁ।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଜୁନ୍ ୧୯୯୫

- ଆମେରିକା ଓ ଉତ୍ତର କୋରିଆ ନିଜ ନିଜ ରାଜଧାନୀରେ ଏକ କୂଟନୈତିକ ଦପ୍ତର ଖୋଲିବେ ବୋଲି ଆମେରିକାର ଆଣବିକ କଥାବାର୍ତ୍ତାର ମୁଖ୍ୟ ଅଫିସର ରବର୍ଟ ଗାଲୁସି ପ୍ରକାଶ କରିଛନ୍ତି।
- ମହାରାଷ୍ଟ୍ରରେ ବିଭିନ୍ନ ସଂପ୍ରଦାୟର ଲୋକଙ୍କ ପାଇଁ ଶତକଡ଼ା ୨ ଭାଗ ସ୍ଥାନ ସଂରକ୍ଷଣ କରିବାକୁ ସରକାର ନିଷ୍ପତ୍ତି ନେବା ଫଳରେ ସ୍ଥାନ ସଂରକ୍ଷଣ ସୀମା ୫୨ ଭାଗକୁ ବୃଦ୍ଧି ପାଇଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | B | 9 | | E | | | 4 | 3 | 0 | | D |
| 1 | | | | | 4 | 6 | | | | E | | | | 8 |
| | 6 | | | 1 | | | | 5 | 2 | | A | | 4 | |
| | A | | | | | 2 | | 9 | | | | 7 | 5 | |
| | | C | 8 | | 2 | | | | | 9 | | | | B |
| | | | | | | 5 | | 6 | | | | E | | |
| | | | | | | | | | | D | | 4 | B | |
| | | | 1 | | E | B | 8 | | 5 | | 4 | | 7 | 3 |
| | | | C | 2 | | | 3 | E | B | 1 | | 6 | 8 | |
| | | A | B | 7 | D | | | | | | 2 | | C | |
| | | | | | 3 | | 4 | | | | B | | | |
| | 3 | | | | 6 | | | 8 | 0 | | E | 9 | D | |
| 7 | 2 | | 5 | 0 | | | | | D | A | | | | |
| | | B | | | | | A | | | 7 | | | | |
| 9 | | 0 | | | | D | | | | C | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 6 | 5 | 7 | E | 2 | 8 | B | 0 | 1 | 9 | D | 3 | 4 | C |
| D | 3 | 1 | 6 | 0 | 9 | 4 | E | 5 | 7 | 2 | C | B | 8 | A |
| C | 0 | 4 | 1 | D | 3 | 9 | 6 | 7 | 8 | A | B | E | 5 | 2 |
| 2 | 7 | 9 | 8 | 4 | B | 3 | A | C | 6 | 5 | E | D | 1 | 0 |
| 8 | E | B | A | C | 5 | 1 | D | 2 | 3 | 0 | 4 | 6 | 7 | 9 |
| 7 | 9 | 3 | B | 6 | C | 5 | 8 | D | 2 | 1 | A | 0 | E | 4 |
| 0 | D | 6 | 5 | 2 | A | B | 1 | E | 4 | C | 8 | 7 | 9 | 3 |
| 4 | B | C | D | 9 | 0 | 7 | 2 | 6 | 5 | E | 3 | 8 | A | 1 |
| 1 | 5 | 2 | 4 | 8 | E | A | 9 | 3 | 0 | D | 7 | C | B | 6 |
| E | 8 | A | 3 | 7 | 1 | C | 0 | 4 | B | 6 | 9 | 5 | 2 | D |
| 3 | 1 | D | C | B | 4 | 2 | 5 | 8 | A | 7 | 6 | 9 | 0 | E |
| 9 | 2 | E | 0 | 1 | 7 | 6 | 4 | B | C | 3 | 5 | A | D | 8 |
| B | A | 7 | 2 | 3 | D | E | C | 1 | 9 | 8 | 0 | 4 | 6 | 5 |
| 5 | C | 8 | E | A | 6 | 0 | 7 | 9 | D | 4 | 1 | 2 | 3 | B |
| 6 | 4 | 0 | 9 | 5 | 8 | D | 3 | A | E | B | 2 | 1 | C | 7 |

ଗତକାଲିର ଉତ୍ତର

# କାହା ସ୍ୱାର୍ଥରେ କୃଷି ଅଧ୍ୟାଦେଶ



ଭାଲଚନ୍ଦ୍ର ଷଡ଼ଙ୍ଗୀ

କରୋନାର ମୁକାବିଲା ନାଁରେ କେନ୍ଦ୍ର ସରକାରଙ୍କ ବହୁପ୍ରଚାରିତ ଲକ୍‌ଡାଉନ୍ ଡାକରା ଦେଶରେ ମହାମାରୀର କ୍ରମବର୍ଦ୍ଧମାନ ପ୍ରକୋପକୁ ତ ରୋକିପାରିଲାନି ବରଂ ଜନସଂଖ୍ୟାର ସିଂହଭାଗ ରୂପେ ପରିଚିତ କୃଷକ ଓ ଶ୍ରମିକମାନଙ୍କ ଆର୍ଥିକ ମେରୁଦଣ୍ଡକୁ ହିଁ ଭାଙ୍ଗିଦେବା ଦେଖାଯାଇଛି। ମହାମାରୀ ପୂର୍ବରୁ ହିଁ ଭୟଙ୍କର ସଙ୍କଟକୁ ସାମ୍ନା କରୁଥିବା ଦେଶର କୃଷକ ଶ୍ରେଣୀ ପାଇଁ ଦୁଇ ମାସରୁ ଊର୍ଦ୍ଧ୍ୱ ଲକ୍‌ଡାଉନ୍ ବେଡ଼ି ଉପରେ କୋରଡ଼ାର ମାଡ଼ ପରି ହୋଇଥିବା ବେଳେ ସରକାର ସେମାନଙ୍କ ଦୁର୍ଦ୍ଦଶାକୁ ଦୂର କରିବାକୁ କୌଣସି ପ୍ରକାର ସହାୟତାର ପ୍ୟାକେଜ୍ ଦେବା ପରିବର୍ତ୍ତେ ସେମାନଙ୍କୁ ସ୍ୱାଧୀନତା ଦେବା ନାଁରେ ନିକଟରେ ଯେଉଁ ତିନୋଟି ଅଧ୍ୟାଦେଶ ଆଣିଛନ୍ତି ତାହା ସମଗ୍ର କୃଷିକ୍ଷେତ୍ରକୁ ଦେଶୀ ବିଦେଶୀ ବୃହତ୍ କର୍ପୋରେଟ୍‌ମାନଙ୍କ ହାତରେ ଟେକିଦେବା ସହ ଦେଶର କୋଟି କୋଟି କୃଷକଙ୍କୁ କୃଷିରୁ ବିସ୍ଥାପିତ କରିବାକୁ ଯାଉଛି।

ସରକାରଙ୍କ ଦ୍ୱାରା ଜାରି କୃଷି ସମ୍ପର୍କିତ ଉପରୋକ୍ତ ତିନୋଟି ଅଧ୍ୟାଦେଶ ଯଥା ୧) ଅତ୍ୟାବଶ୍ୟକ ସାମଗ୍ରୀ ଆଇନ (ସଂଶୋଧନ) ଅଧ୍ୟାଦେଶ -୨୦୨୦, ୨) କୃଷି ଉତ୍ପାଦ ବ୍ୟାପାର ଓ ବାଣିଜ୍ୟ (ପ୍ରୋତ୍ସାହନ ଓ ସହଯୋଗ) ଅଧ୍ୟାଦେଶ ୨୦୨୦ ଏବଂ କୃଷକଙ୍କ ମୂଲ୍ୟ ଆଶ୍ୱାସନ ଓ କୃଷିସେବା ଅଧ୍ୟାଦେଶ ୨୦୨୦ ଇତି ମଧ୍ୟରେ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପାଇ ସାରିଛି। କେନ୍ଦ୍ର ସରକାରଙ୍କ ପୂର୍ବରୁ ଓଡ଼ିଶା ସରକାର ମଧ୍ୟ ଏ ସମ୍ପର୍କିତ ଦୁଇଟି ଅଧ୍ୟାଦେଶ ଜାରି କରିଛନ୍ତି। ଦେଶରେ ଲକ୍‌ଡାଉନ୍‌ର ଆଢୁଆଳରେ ଅର୍ଥାତ୍ ଯେତେବେଳେ ମହାମାରୀ ନାଁରେ ଦେଶରେ ସମସ୍ତ ପ୍ରକାର ରାଜନୈତିକ କାର୍ଯ୍ୟକ୍ରମ ଓ ଆନ୍ଦୋଳନ ଉପରେ କଟକଣା ରହିଛି, ତାହାରି ସୁଯୋଗ ନେଇ ସରକାର ନିଜର ବହୁ ପ୍ରତୀକ୍ଷିତ ନୀତିକୁ ଲାଗୁ କରିବାକୁ ସୁଯୋଗ ପାଇଛନ୍ତି। ଏ କ୍ଷେତ୍ରରେ, ଅଧ୍ୟାଦେଶ ଫଳରେ ପ୍ରଭାବିତ ହେବାକୁ ଯାଉଥିବା ବିଭିନ୍ନ ପକ୍ଷ ବିଶେଷ କରି କୃଷକ, କୃଷି ଶ୍ରମିକ ଏବଂ ଉପଭୋକ୍ତାମାନଙ୍କ ଏପରି କି ବିଭିନ୍ନ ରାଜ୍ୟ ସରକାରମାନଙ୍କ ମତାମତ ନିଆଯାଇନି କି ସଂସଦରେ ଏନେଇ ଚର୍ଚ୍ଚା କରିବାକୁ ବି ସରକାର ଚାହିଁ ନାହାନ୍ତି।

ଦେଶରେ ଜନଗଣଙ୍କ ପାଇଁ ଅତ୍ୟାବଶ୍ୟକ ମନେହେଉଥିବା ବିଭିନ୍ନ ସାମଗ୍ରୀ ଏବଂ କୃଷି ଉତ୍ପାଦର ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଅତୀତରେ 'ଅତ୍ୟାବଶ୍ୟକ ସାମଗ୍ରୀ ଆଇନ-୧୯୫୫'ର ପ୍ରଣୟନ ହୋଇଥିଲା। ସେସବୁ ସାମଗ୍ରୀର ଜମାଖୋରି ଏବଂ କଳାବଜାର ଫଳରେ ଉପଭୋକ୍ତାର ସାଧାରଣ ଜୀବନଯାପନ ପ୍ରଭାବିତ ହେଉଥିବା ଦୃଷ୍ଟିରୁ ଦେଶରେ ଜନସାଧାରଣଙ୍କ ଖାଦ୍ୟ ସୁରକ୍ଷାକୁ ନିଶ୍ଚିତ କରିବା ଏହି ଆଇନର ଉଦ୍ଦେଶ୍ୟ ଥିଲା। ଏହାରି ଅନ୍ତର୍ଗତ ସରକାରଙ୍କୁ ଅତ୍ୟାବଶ୍ୟକ ବୋଲି ଘୋଷିତ ସାମଗ୍ରୀର ଉତ୍ପାଦନ, ଭଣ୍ଡାରଣ, ଯୋଗାଣ, ବିତରଣ ଏବଂ ଉଚିତ ଦାମ୍‌କୁ ସୁନିଶ୍ଚିତ କରିବାକୁ ଅଧିକାର ଦିଆଯାଇଛି। ଏହି ଆଇନ କାରଣରୁ ବଡ଼ କମ୍ପାନୀମାନଙ୍କ ପାଇଁ ଏସବୁ ଜିନିଷକୁ ବିପୁଳ ପରିମାଣରେ ଗଚ୍ଛିତ ରଖି ବଜାରରେ ସେସବୁର କୃତ୍ରିମ ଅଭାବ ସୃଷ୍ଟି କରିବା ଏବଂ ମନଇଚ୍ଛା ଦରରେ ବିକ୍ରି କରି ସାଧାରଣ ଜନତାଙ୍କୁ ଲୁଟିବା ସମ୍ଭବ ହେଉ ନ ଥିଲା।

ତେବେ ସରକାରଙ୍କ ସଦ୍ୟତମ ଅଧ୍ୟାଦେଶଟି ଖାଦ୍ୟଶସ୍ୟ, ଡାଲି ଜାତୀୟ ଖାଦ୍ୟ, ତୈଳଜାତ ପଦାର୍ଥ, ପିଆଜ ଏବଂ ଆଳୁ ଆଦିକୁ ଅତ୍ୟାବଶ୍ୟକ ସାମଗ୍ରୀ ତାଲିକାରୁ ବାହାର କରିଦେଇ ବଡ଼ କମ୍ପାନୀଙ୍କ ଲୁଟ୍ ପାଇଁ ଏ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକକୁ ହଟାଇ ଦେଇଛି। ଏହାଦ୍ୱାରା ଦେଶର କୃଷକ ଏବଂ ଉପଭୋକ୍ତାଙ୍କର ତ କୌଣସି ଲାଭ ହେବାର ନାହିଁ ବରଂ କୃଷି ଉତ୍ପାଦର ବ୍ୟବସାୟ କରୁଥିବା ୱାଲମାର୍ଟ, ସିନ୍‌ଜେଣ୍ଟା ଓ ରିଲାଏନ୍ସ ପରି ଦେଶୀ ବିଦେଶୀ ବୃହତ୍ କମ୍ପାନୀମାନେ ଏଣିକି ଏସବୁ ସାମଗ୍ରୀର ବଜାର ଉପରେ ନିଜର ଏକାଧିକାର ପ୍ରତିଷ୍ଠା କରିବାର ସୁଯୋଗ ପାଇବେ। ସେମାନେ ଆଇନଗତ ଭାବେ ବିପୁଳ ପରିମାଣରେ ପଦାର୍ଥକୁ ଗୋଦାମରେ ଗଚ୍ଛିତ ରଖିପାରିବେ, ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରି ମନଇଚ୍ଛା ଦାମ୍‌ରେ ଦେଶର ଏବଂ ବିଦେଶୀ ବଜାରରେ ବିକ୍ରି କରିବାକୁ ସ୍ୱାଧୀନତା ପାଇଯିବେ।

ଯେତେବେଳେ ସରକାରୀ ଘୋଷିତ ସହାୟକ ମୂଲ୍ୟ ଲାଭଜନକ ହେଉନାହିଁ, ସରକାରୀ ସଂଗ୍ରହର ପରିମାଣ ହ୍ରାସ ପାଇବାରେ ଲାଗିଛି, ଖାଦ୍ୟ ନିଗମ ୨.୨୫ ଲକ୍ଷ କୋଟିର ଋଣରେ ବୁଡ଼ି ରହିଛି ଏବଂ ତାକୁ ବିକ୍ରି କରିବାକୁ ଷଡ଼ଯନ୍ତ୍ର ଚାଲିଛି, ସେଭଳି ସ୍ଥିତିରେ ଏହି ଅଧ୍ୟାଦେଶ ଦେଶର ଖାଦ୍ୟଶସ୍ୟ ଓ କୃଷି ଉତ୍ପାଦର ବଜାରକୁ ଦେଶୀ ବିଦେଶୀ ବୃହତ୍ କମ୍ପାନୀଙ୍କ ଏକାଧିକାର ପ୍ରତିଷ୍ଠା କରିବାକୁ ଉଦ୍ଦିଷ୍ଟ। ସରକାର କୃଷକଙ୍କ ନା ଋଣଭାରକୁ ହ୍ରାସ କରିବାକୁ ଚେଷ୍ଟା କରିଛନ୍ତି ନା ସ୍ୱାମୀନାଥନ୍ କମିଶନଙ୍କ ସୁପାରିସ ଅନୁଯାୟୀ ସହାୟକ ଦରରେ ଫସଲର ସଂଗ୍ରହ କରିବାକୁ ଚେଷ୍ଟା କରିଛନ୍ତି। କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବାକୁ ଘୋଷଣା କରୁଥିବା ଏହି ସରକାରର ଶାସନ କାଳରେ ସହାୟକ ଦରରେ ପ୍ରତିବର୍ଷ ମାତ୍ର ୩-୫ପ୍ରତିଶତ ହିଁ ବୃଦ୍ଧି କରାଯାଇଛି, ଯାହା କି ମୁଦ୍ରାସ୍ଫୀତି ଠାରୁ ବି କମ୍।

ସରକାର 'ଏକ ଦେଶ, ଏକ କୃଷିବଜାର' ନାଁରେ କୃଷି ଉତ୍ପାଦ ବାଣିଜ୍ୟ ଓ ବ୍ୟାପାର ଅଧ୍ୟାଦେଶ ୨୦୨୦କୁ ଜାରି କରିବା ସହିତ ଇ-ନାମ୍ ବ୍ୟବସ୍ଥାର ଘୋଷଣା କରିଛନ୍ତି। ଏହାଦ୍ୱାରା କୌଣସି ପ୍ରକାର ଆଞ୍ଚଳିକ ପ୍ରତିବନ୍ଧକ ବିନା ଏଣିକି ଯେ କୌଣସି ରାଜ୍ୟରେ ବି କୃଷିଜାତ ଦ୍ରବ୍ୟର କ୍ରୟ ବିକ୍ରୟ କରାଯାଇପାରିବ। ଏହି ନିଷ୍ପତ୍ତିର ଫାଇଦାଟି ଦେଶର ଚାଷୀଙ୍କ ବଦଳରେ ବୃହତ୍ କମ୍ପାନୀମାନଙ୍କୁ ହିଁ ମିଳିବାକୁ ଯାଉଛି। ସେମାନେ ନିଜର ବିପୁଳ ପୁଞ୍ଜି ବଳରେ ଦେଶର ବିଭିନ୍ନ ପ୍ରାନ୍ତରୁ ସର୍ବାଧିକ ଶସ୍ତାରେ କୃଷି ଉତ୍ପାଦକୁ ବିନା ପ୍ରତିବନ୍ଧକରେ କିଣିପାରିବେ। ବିଶେଷ କରି ଫସଲର ଅମଳ ସମୟରେ ଯେତେବେଳେ ଚାଷୀଙ୍କୁ ସବୁଠାରୁ ବେଶି ସୁରକ୍ଷା ଆବଶ୍ୟକ ସେତେବେଳେ ସେମାନେ ନିଜର ପୁଞ୍ଜି ବଳରେ କୃତ୍ରିମ ଭାବେ ଦାମ୍‌କୁ କମାଇ ଚାଷୀଙ୍କୁ ଅଭାବୀ ବିକ୍ରି ପାଇଁ ବାଧ କରିବା ସହ ବିପୁଳ ମୁନାଫା କମାଇବେ।

କୃଷକ ଏବଂ କୃଷିସେବା ଅଧ୍ୟାଦେଶ ୨୦୨୦ ନାଁରେ ସରକାରଙ୍କ ତୃତୀୟ ଅଧ୍ୟାଦେଶଟି ଦେଶରେ ଠିକା ଚାଷକୁ ଅନୁମତି ଦେବାକୁ ଉଦ୍ଦିଷ୍ଟ। ଏହା ଜରିଆରେ ଏଣିକି ବଡ଼ କମ୍ପାନୀମାନେ ଚାଷୀଙ୍କଠାରୁ ଜମିକୁ ଠିକାରେ ନେଇ ହଜାର ହଜାର ଏକରର ବିରାଟକାୟ ଫାର୍ମ କରି ଚାଷ କରିବେ। ଆମ ଦେଶର ୮୦ପ୍ରତିଶତରୁ ଅଧିକ ଚାଷୀ କ୍ଷୁଦ୍ର, ନାମମାତ୍ର ଓ ଭାଗଚାଷୀ ହୋଇଥିବା ଯୋଗୁ କମ୍ପାନୀ ହାତକୁ ଚାଷ ଜମି ଚାଲିଗଲେ ସେମାନେ ଚାଷରୁ ବେଦଖଲ ହୋଇ ନିଜର ଜୀବିକା ହରାଇବେ। କମ୍ପାନୀର କୃଷିଫାର୍ମ ସବୁ ଅଧିକରୁ ଅଧିକ ଯାନ୍ତ୍ରିକ ହେବା ଯୋଗୁ ସେସବୁ ଜମିରେ ଆଗରୁ କାମ ପାଉଥିବା କୃଷି ଶ୍ରମିକମାନେ ନିଜର ରୋଜଗାର ହରାଇବେ। ଏଯାଏ ଠିକା ଚାଷକୁ ଅନୁମତି ଦିଆଯାଇଥିବା ରାଜ୍ୟମାନଙ୍କରେ କମ୍ପାନୀଙ୍କ ଦ୍ୱାରା ଚାଷୀଙ୍କୁ ପ୍ରତାରଣା, ଶୋଷଣ ଏବଂ ଫସଲର ଅଭାବୀ ବିକ୍ରି ଆଦିର ଅନେକ ତିକ୍ତ ଅନୁଭୂତି ରହିଥିବା ବେଳେ ସରକାର ସେଥିରୁ ଶିକ୍ଷା ନ ନେଇ ପୁଣିଥରେ ସେଭଳି ନୀତିକୁ ହିଁ ଲାଗୁ କରି ଦେଶର ବଡ଼ ପୁଞ୍ଜିପତି ଓ ବଡ଼ ଜମିଦାରମାନଙ୍କ ସ୍ୱାର୍ଥରେ କାମ କରୁଛନ୍ତି।

ଆମ ରାଜ୍ୟର ଅର୍ଦ୍ଧେକ ଚାଷଜମି ଭାଗଚାଷରେ ଥିବାରୁ ଏବଂ ଏଯାଏ ଭାଗଚାଷୀଙ୍କୁ ଆଇନଗତ ଅଧିକାର ଦିଆଯାଇ ନ ଥିବାରୁ ସେମାନେ ଚାଷୀ ପାଇଁ ଉଦ୍ଦିଷ୍ଟ ସାର, କୀଟନାଶକ, ବିହନ, ଜଳସେଚନ, ବ୍ୟାଙ୍କ୍ ଋଣ ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଫସଲ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଥାନ୍ତି। ରାଜ୍ୟର ଭାଗଚାଷୀଙ୍କ ଏଭଳି ଦୁରବସ୍ଥା ସେମାନଙ୍କୁ ଆର୍ଥିକ ଭାବେ କ୍ଷତିଗ୍ରସ୍ତ କରିବା ସହିତ ରାଜ୍ୟରେ କୃଷି ଉତ୍ପାଦନକୁ ପ୍ରଭାବିତ କରୁଛି। ଏଭଳି ପରିସ୍ଥିତିରେ ସରକାର ଗତ ନିର୍ବାଚନ ପୂର୍ବରୁ ଏନେଇ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିବା ସହିତ ଭାଗଚାଷୀଙ୍କୁ ଅଧିକାର ଦେବାକୁ ଆଇନରେ ସଂଶୋଧନ କରିବାର ନାଟକ କରିଥିଲେ। କିନ୍ତୁ ପରିତାପର ବିଷୟ କେନ୍ଦ୍ର ସରକାରଙ୍କ ଅଧ୍ୟାଦେଶର ଅନେକ ପୂର୍ବରୁ ଲକ୍‌ଡାଉନ୍ ସମୟରେ ଅତ୍ୟନ୍ତ ତରବରିଆ ଭାବେ ଓଡ଼ିଶା ସରକାର ଠିକା ଚାଷକୁ ଅନୁମତି ଦେବା ପାଇଁ ଯେଉଁ ଅଧ୍ୟାଦେଶ ଆଣିଲେ ତାହା ଲକ୍ଷ ଲକ୍ଷ ଭାଗଚାଷୀଙ୍କୁ ପ୍ରତାରିତ କରି ସେମାନଙ୍କ ହାତରୁ ଜମିକୁ ଛଡ଼ାଇ ବଡ଼ ବଡ଼ କମ୍ପାନୀଙ୍କ ହାତରେ ଜମି ଟେକିଦେବାକୁ ଯାଉଛି।

ମୋଦି ସରକାରଙ୍କ ଦ୍ୱାରା ନବଉଦାର ନୀତିକୁ ଲାଗୁ କରିବାର ପରିଣାମ ସ୍ୱରୂପ ଦେଶରେ କୃଷି ସଙ୍କଟ ଉତ୍କଟ ହେବା ସହିତ କୃଷକ ଆତ୍ମହତ୍ୟା ଲଗାତର ବଢ଼ିବାରେ ଲାଗିଛି। କୃଷିସଙ୍କଟର ସମାଧାନ ତଥା ନିଜର ପ୍ରତିଶ୍ରୁତି ମୁତାବକ କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବାକୁ ପଦକ୍ଷେପ ନେବା ପରିବର୍ତ୍ତେ ସରକାର କୃଷିକୁ ବୃହତ୍ କର୍ପୋରେଟ୍‌ଙ୍କ ହାତରେ ଟେକିଦେବାକୁ ଯେଉଁ ବିପଜ୍ଜନକ ପଦକ୍ଷେପ ନେଉଛନ୍ତି ତାହା କୃଷକଙ୍କୁ ସ୍ୱାଧୀନତା ନାଁରେ କୋଟି କୋଟି କୃଷକଙ୍କୁ କୃଷିରୁ ବାହାର କରିଦେବାକୁ ଯାଉଛି। ଲକ୍‌ଡାଉନ୍‌ର ଆଢୁଆଳରେ ଅଣାଯାଇଥିବା ଉପରୋକ୍ତ ତିନୋଟି ଅଧ୍ୟାଦେଶ ଦେଶର କୃଷକ, କୃଷି ଶ୍ରମିକ ଏବଂ ସାଧାରଣ ଉପଭୋକ୍ତାଙ୍କ ଟ୍ରିପଲ ମର୍ଡର ପରି ମନେହେଉଛି। କର୍ପୋରେଟ୍‌ଙ୍କ ପାଇଁ ଦେଶର କୃଷିକ୍ଷେତ୍ରକୁ ସମ୍ପୂର୍ଣ୍ଣ ଖୋଲିଦେବାର ଏହି ନିଷ୍ପତ୍ତି କୃଷକଙ୍କ କୃଷି, କୃଷି ଶ୍ରମିକଙ୍କ ଜୀବିକା ଏବଂ ସାଧାରଣ ଖାଉଟିଙ୍କ ସ୍ୱାର୍ଥ ଉପରେ ସବୁଠାରୁ ବଡ଼ ଆକ୍ରମଣ ବୋଲି କୁହାଯାଇପାରେ।

ଫୋନ୍ : ୯୪୩୭୧୬୭୩୯୧
ଇମେଲ୍: bhalachandra.odisha@gmail.com

# ଅର୍ଥନୀତିରେ ଆସନ୍ନ ଅପଚ୍ଛାୟା



ମାୟାଧର ନାୟକ

୨୦୦୮ ମସିହାର ଶେଷ ପର୍ଯ୍ୟାୟରେ ପ୍ରଚାରିତ ହେବାକୁ ଲାଗିଲା ଗୋଟାଏ ବିଶେଷ ବିସମ୍ବାଦ- ଅର୍ଥନୈତିକ ମାନ୍ଦାବସ୍ଥା। ଆମେରିକା କୁଆଡ଼େ ଦେବାଳିଆ ହେବାକୁ ବସିଲାଣି। ଆଉ ବିଶ୍ୱ ଅର୍ଥନୀତି କ୍ଷେତ୍ରରେ ଏହାର ପ୍ରଭାବ ଓ ପ୍ରକୋପ ଭିତରେ ଭିତରେ ପଡ଼ି ସାରା ପୃଥିବୀ ବିଶେଷତଃ ଏସିଆ ମହାଦେଶର ରାଷ୍ଟ୍ରପୁଞ୍ଜର ଅର୍ଥନୈତିକ ଭିତ୍ତିଭୂମି ମୂଳପୋଛ ହେବାର ଭୟାବହ ପ୍ରକ୍ରିୟା ଆରମ୍ଭ ହୋଇସାରିଲାଣି। ଏବେ କରୋନା ମହାମାରୀ ତା'ର କାୟା ବିସ୍ତାର କରି ଚାଲିଛି। ବିଭିନ୍ନ ଦେଶରେ କଳକାରଖାନା ବନ୍ଦ ହୋଇଆସିଲାଣି କିମ୍ବା ଧକେଇ ଧକେଇ ଚାଲିଛି। ପ୍ରବାସୀ ଶ୍ରମିକମାନେ ଜୀବିକା କ୍ଷେତ୍ର ଛାଡ଼ି ଘରମୁହାଁ ହୋଇଛନ୍ତି। ଚାଷକ୍ଷେତ୍ର ଉଜୁଡି ଗଲାଣି। ଏଣେ ପଙ୍ଗପାଳ ଭୟ। ଗାଁଗଣ୍ଡା, ସହରବଜାରରେ କାମଦାମ ନାହିଁ। ଚାରିଆଡ଼େ ଜୀବନଜୀବିକା ଉଚ୍ଛନ୍ନ। ଏଣେ ବିଶ୍ୱବ୍ୟାପୀ ଅର୍ଥନୈତିକ ମହାମାନ୍ଦାବସ୍ଥା ଆରମ୍ଭ ହୋଇଯାଇଛି ବୋଲି ଅର୍ଥନୈତିଜ୍ଞମାନେ କହିସାରିଲେଣି।

୧୯୨୯ ମସିହାର ମହାମାନ୍ଦାବସ୍ଥା ବେଳେ ଅର୍ଥନୀତିଜ୍ଞ କେନ୍‌ସ୍‌ଙ୍କ ତତ୍ତ୍ୱକୁ ପୁଞ୍ଜିବାଦୀ ରାଷ୍ଟ୍ରମାନେ କାର୍ଯ୍ୟକାରୀ କରିଥିଲେ। କେନ୍‌ସ୍ ତତ୍ତ୍ୱର ମୂଳଭିତ୍ତି ହେଲା, ମାନ୍ଦା କାଟିବା ପାଇଁ ସାମଗ୍ରିକ ଚାହିଦା ବଢ଼ାଇବାକୁ ହେବ। ଏହି ଚାହିଦା ସରକାର ବଢ଼ାଇବେ, ରାଜକୋଷରୁ ଅର୍ଥ ବ୍ୟୟ କରିବେ। ସରକାର ଅର୍ଥ ବ୍ୟୟ କଲେ ଲୋକଙ୍କ ହାତକୁ ଟଙ୍କା ଯିବ, ଟଙ୍କା ରହିଲେ ଲୋକେ ଜିନିଷପତ୍ର କିଣିବେ, ବିନିଯୋଗ ମଧ୍ୟ ବଢ଼ିବ। ଯେକୌଣସି ଭାବେ ଲୋକଙ୍କ ରୋଜଗାର ବଢ଼ାଇ ଲୋକଙ୍କ ପକେଟକୁ ଟଙ୍କା ଆସିବା ଦରକାର। ପ୍ରୟୋଜନରେ ମାଟି ଖୋଳି, ସେଇ ମାଟି ଗାତରେ ଭର୍ତ୍ତି କରିବା କାମ ବି ଆଗେ ଦରକାର। ଏବେ ୨୦୨୦ରେ ମାଟି ଖୋଳି ଗାତ ପୋତିବା ସମ୍ଭବ ନୁହେଁ। ବିଶ୍ୱର ଏହି ଆର୍ଥିକ ମହାମାନ୍ଦାବସ୍ଥା କେତେ ମାସ ବା ବର୍ଷ ଲାଗିରହିବ ଏବେଠୁ କହିବା ସମ୍ଭବ ନୁହେଁ।

ଲୋକଙ୍କୁ ଏକ ଅନ୍ଧାରି ଦିଗଆଡ଼କୁ ଠେଲି ଦିଆଯାଉଛି। ମଣିଷ ଜାତିକୁ ଗୋଟାଏ ଘଷରା ଜୀବନ ବଞ୍ଚିବାକୁ ଅନୁପ୍ରେରିତ କରାଯାଉଛି। ସ୍ଥାଣୁ ଅର୍ଥନୀତିକୁ କିଛି ସମୟ ପାଇଁ ଚଳଚଞ୍ଚଳ କରି ରଖିବା ଉଦ୍ଦେଶ୍ୟରେ ପ୍ରବଳ ପ୍ରୟାସର ଏକ ପ୍ରାୟୋଜିତ ପର୍ଯ୍ୟାୟ ସବୁଦେଶର ସରକାରମାନେ ଆରମ୍ଭ କରୁଛନ୍ତି। ତଥାପି ସଙ୍କଟ ଜାଲରୁ କେହି ମୁକୁଳି ପାରୁନାହାନ୍ତି। ଭାରତର ସବୁକ୍ଷେତ୍ରରେ ବର୍ତ୍ତମାନ ଶ୍ରମିକ ସଂକଚୋନର ହୋହଲ୍ଲା ଆରମ୍ଭ ହୋଇଗଲାଣି। ରପ୍ତାନି ଆମଦାନୀ 'ଠପ୍' ହେବାକୁ ବସିଲାଣି। ଏସବୁ ଅବସ୍ଥା ଦେଖି ଭାରତୀୟ ପୁଞ୍ଜିପତିଙ୍କ ମନରେ କୋକୁଆଭୟ ଦେଖାଦେଲାଣି। ଜଗତୀକରଣ ଯୋଗୁ ବିଶ୍ୱ ଅର୍ଥନୀତି ଦେବାଳିଆ ଅବସ୍ଥାକୁ ଆସିଯାଇଛି। ସବୁଦେଶରେ ଜନଅସନ୍ତୋଷ ଆନ୍ଦୋଳନର ଆଭାସ ପାଇ ନେତାମାନେ ଯେତେ ଛାନିଆ ହୋଇଗଲେଣି, ସେମାନଙ୍କ ପ୍ରଭୁମାନେ ତା'ଠାରୁ ଆହୁରି ଅଧିକ ଛାନିଆ।

ଅର୍ଥନୀତିର ଗହୀରି କଥା, ସାଧାରଣ ଲୋକେ ବୁଝିପାରୁନାହାନ୍ତି। ପକେଟକୁ ଅର୍ଥ ନ ଆସିବାରୁ ସମସ୍ତଙ୍କ ଭିତରେ ଭାଳେଣି ପଡ଼ିଗଲାଣି। ବିଭିନ୍ନ ଶିଳ୍ପାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନରୁ ଶ୍ରମିକ ଛଟେଇ ହେଉଛନ୍ତି। ଏହା ସବୁଦିନେ ଖବରକାଗଜ, ରେଡିଓ, ଟିଭିରେ ଜୋରସୋର ପ୍ରଚାର ଚାଲିଛି। ଟ୍ରେଡ୍ ୟୁନିୟନମାନଙ୍କ ମୁଣ୍ଡରେ ବୁଦ୍ଧି ପଶୁନି। ପୁରୁଣା ଢଙ୍ଗରେ ଆନ୍ଦୋଳନ ଚାଲିଛି। ଶ୍ରମିକ ଆନ୍ଦୋଳନରେ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ନୂତନ ବିକଳ୍ପ ବାହାରିପାରିନି। ୟାଡ଼େ ସେମିତି ଦୃଢ ସଂଗଠନ ନାହିଁ, ଲୋକେ ପ୍ରଚଣ୍ଡ ସୁବିଧାବାଦୀ ହୋଇଯାଇଛନ୍ତି। ଏବେ ବିପଦ ସମସ୍ତଙ୍କ ଉପରେ ପଡ଼ିଛି।

ଜଗତୀକରଣ, ଉଦାରୀକରଣ, ଘରୋଇକରଣ, ବଜାର ଅର୍ଥନୀତିର ଲଗାମକୁ ପୁଞ୍ଜିପତିମାନଙ୍କ ହାତରେ ଛାଡ଼ି ଦିଆଗଲା। ସେମାନେ ସାରା ପୃଥିବୀର ସମ୍ପତ୍ତିକୁ ନିଜ ଅକ୍ତିଆରରେ ରଖିବାକୁ ପ୍ରବଳ ଲୋଭ କଲେ। ଉପଭୋକ୍ତା ଓ ଉତ୍ପାଦନବାଦକୁ ବିଜ୍ଞାପନ ମାଧ୍ୟମରେ ପ୍ରଚାର କଲେ। ପୁଞ୍ଜିପତିମାନେ ଉତ୍ପାଦିତ ଦ୍ରବ୍ୟକୁ ସପ୍ଲାଏ କରି ଯାହାକିଛି ଲୋକଙ୍କ ରକ୍ତ ଅର୍ଜିତ ସମ୍ପତ୍ତିକୁ ହାତେଇ ନେଲାପରେ ଅର୍ଥାଭାବରୁ ଡିମାଣ୍ଡ କମିଲା, ୟାଡେ ସପ୍ଲାଏ ବନ୍ଦ। ଉତ୍ପାଦନ ନ ହେଲେ କଳକାରଖାନା, ଖଣିଖାଦାନ ସବୁ ବନ୍ଦ। ଶ୍ରମିକ କର୍ମଚାରୀ କ୍ରିୟାଶୀଳତା ବନ୍ଦ। ବିଭିନ୍ନ ଦେଶ ଯେଉଁ ରପ୍ତାନି ଉତ୍ପାଦନ କରୁଥିଲେ ସେ ମଧ୍ୟ ବନ୍ଦ ହୋଇଯାଇଥିବାରୁ ତମାମ ବିଶ୍ୱରେ ପୁଞ୍ଜି ସଙ୍କଟ ସୃଷ୍ଟି ହୋଇଛି। ସମୟ ଆସୁଛି, ଆମେ ଯେମିତି କଷ୍ଟେମଷ୍ଟେ ଚଳୁଥିଲେ ସେମିତି ମଧ୍ୟ ଚଳିପାରିବା ସମ୍ଭବ ହେବନି।

ଏଇ ଆସନ୍ନ ବିପଦରୁ କୃଷି ହିଁ ଜୀବନ ବଞ୍ଚାଇପାରିବ। କିନ୍ତୁ କୃଷି ଭିତ୍ତିଭୂମିର ବିକାଶ ସେଭଳି ହୋଇପାରିନାହିଁ। ଏହା ପଛରେ ଅନେକ କାରଣ ରହିଛି। ଶିଳ୍ପବିପ୍ଲବ ପରେ ପରେ କୃଷି ଧୀରେ ଧୀରେ ଧ୍ୱଂସମୁଖୀ ହେଲା। କୃଷି କାର୍ଯ୍ୟକୁ ଲୋକେ ବେଶି ପସନ୍ଦ କଲେନି। କୃଷି-କୃଷକ ଅବହେଳିତ ହେଲେ। ଏବେ ଶିଳ୍ପରେ ମହାମାନ୍ଦାବସ୍ଥା ଭୟଙ୍କର ଭାବେ ଦେଖାଦେଇଥିବାରୁ ଘରମୁହାଁ ଶ୍ରମଜୀବୀମାନେ କୃଷିକାର୍ଯ୍ୟକୁ ଆପଣାଇ ନେବା ହଠାତ୍ ସମ୍ଭବ ନୁହେଁ। ବଞ୍ଚିବା ପାଇଁ ପରିସ୍ଥିତିକୁ ଆପଣେଇ ନେଇ ସରକାରକୁ ବାଧ୍ୟ କରିବାକୁ ହେବ ରାଜକୋଷରୁ ଆଖିବୁଜି ଅର୍ଥ ମୁକୁଳାଇ କୃଷି ଜଳସେଚନରେ ଖର୍ଚ୍ଚ କର। ଜଳସେଚନ ହେଲେ ଟାଙ୍ଗରା ଭୂଇଁ ପୁଣି ସବୁଜ ହୋଇଉଠିବ। ଏବେ ଏସିଆର କୃଷିକ୍ଷେତ୍ରଗୁଡ଼ିକ ଶୁଷ୍କ ପାଲଟିଛି। ସମୟ ଆସିଛି ଏସିଆର ସମାଜକୁ ବଞ୍ଚାଇବାକୁ ପଡିବ, ଅର୍ଥନୀତିରେ ଆସନ୍ନ ଅପଚ୍ଛାୟାକୁ ଦୂରେଇ ଦେବାକୁ ହେବ।

ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

## ଏଇ ଭାରତରେ

କୋଭିଡ୍-୧୯ ମହାମାରୀ ସମୟରେ ଅନ୍‌ଲାଇନ୍‌ରେ ଶିକ୍ଷାରୁ ବଞ୍ଚିତ ହେଉଥିବା ଗରିବ ପିଲାମାନଙ୍କୁ ସାହାଯ୍ୟର ହାତ ବଢାଇଛନ୍ତି କେରଳର ଜଣେ ଅବସରପ୍ରାପ୍ତ ଶିକ୍ଷକ ପି.କେ. ବିନୋଦ କୁମାର। ସେ ଗରିବ ପିଲାମାନଙ୍କୁ ନିଜ ପେନ୍‌ସନ ଟଙ୍କାରେ ଟାବଲେଟ କିଣି ଯୋଗାଇ ଦେଇଛନ୍ତି। ବିନୋଦ କୁମାର କୋଝିକୋଡ୍‌ସ୍ଥ କୋଡାଲ ଗଭର୍ନମେଣ୍ଟ ୟୁପି ସ୍କୁଲର ବିଜ୍ଞାନ ଶିକ୍ଷକ ଥିଲେ ଓ ୨୦୧୮ରେ ସ୍ୱେଚ୍ଛାକୃତ ଅବସର ନେଇଛନ୍ତି। ଅବସର ପରେ କୁମାର ପାଇଥିବା ଟଙ୍କାରୁ ୧ ଲକ୍ଷ ୮୭ ହଜାର ଖର୍ଚ୍ଚ କରି ୧୮ ଜଣ ଗରିବ ପିଲାଙ୍କୁ ଟାବଲେଟ୍ ଯୋଗାଇ ଦେଇଛନ୍ତି। ସ୍କୁଲ କର୍ତ୍ତୃପକ୍ଷ ଏହି ଗରିବ ପିଲାଙ୍କ ତାଲିକା ପ୍ରସ୍ତୁତ କରିଥିଲେ। କେବଳ ଏତିକ ନୁହେଁ, ଅବସର ନେବା ପୂର୍ବରୁ ବି ପ୍ରତିବର୍ଷ ସେ ପଢ଼ାଉଥିବା ସ୍କୁଲର ଟପ୍ପରଙ୍କୁ ଆର୍ଥିକ ପୁରସ୍କାର ଦେବାର ବ୍ୟବସ୍ଥା କରିବା ସହ ଗରିବ ପିଲାମାନଙ୍କୁ ପାଠ୍ୟ ଉପକରଣ ମଧ୍ୟ ଯୋଗାଇ ଦେଉଥିଲେ। କୁମାର ଭାରତୀୟ ସାକ୍ଷରତା ମିଶନ ଦ୍ୱାରା ପ୍ରଦତ୍ତ ଦି ନ୍ୟାଶନାଲ ବିଲ୍‌ଡର ଆୱାର୍ଡ ଲାଭ କରିଛନ୍ତି।

## ସାପ୍ତାହିକ ପଞ୍ଜିକା

**ଜୁନ୍ ୭:** ରାଜ୍ୟ ସରକାର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ ସମ୍ପୂର୍ଣ୍ଣ ଗୀତ 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦେଇଛନ୍ତି।

**ଜୁନ୍ ୮:** କାଳବୈଶାଖୀ ବର୍ଷା ସମୟରେ ବଜ୍ରପାତ ଘଟି ୧୦ ଜଣଙ୍କ ଜୀବନ ଯାଇଛି।

- ଭାରତରେ ସଂକ୍ରମିତଙ୍କ ସଂଖ୍ୟା ୨.୫୭ ଲକ୍ଷରୁ ଅଧିକ। ଚାଇନାକୁ ଟପିଲା ମହାରାଷ୍ଟ୍ର।

**ଜୁନ୍ ୯:** ବରିଷ୍ଠ ଆଇନଜୀବୀ ସାବିତ୍ରୀ ରଥଙ୍କୁ ଓଡ଼ିଶା ହାଇକୋର୍ଟର ନୂତନ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି।

**ଜୁନ୍ ୧୦:** ଅତି ଦାରିଦ୍ର୍ୟ ମଧ୍ୟକୁ ଚାଲିଯିବେ ୪.୯ କୋଟି ବୋଲି ଜାତିସଂଘ ସତର୍କ କରାଇଲା।

- କରୋନା ସଂକ୍ରମଣରେ ଦେଶର ୭.୭୮୦ ଲୋକଙ୍କ ଜୀବନ ଗଲାଣି।

**ଜୁନ୍ ୧୧:** ଅଭିନେତା ଜଗେଶ ମୁକାତିଙ୍କ ଦେହାନ୍ତ।

**ଜୁନ୍ ୧୨:** ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା ଓ ବରିଷ୍ଠ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ରାଜ୍ୟସଭାକୁ ନିର୍ବାଚିତ।

## ପାଠକ ଶ୍ରେଷ୍ଠ ବିଚାରକ

### ସାମାଜିକ ଦୂରତ୍ୱ ଛୁଆଁ ଅଛୁଆଁକୁ ଉଜ୍ଜୀବିତ କରିଛି

ମହାଶୟ,

କରୋନା ସମଗ୍ର ବିଶ୍ୱକୁ କବଳିତ କରିଛି। ଏହାର କୌଣସି ଔଷଧ ଆବିଷ୍କାର ହୋଇପାରି ନ ଥିବାରୁ ସମସ୍ତଙ୍କୁ ସଚେତନ କରିବା ପାଇଁ କେତୋଟି ନିୟମ ନିର୍ଦ୍ଧାରଣ କରାଯାଇଛି। ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା, କରମର୍ଦ୍ଦନ ନ କରିବା ଇତ୍ୟାଦି। ଜଣେ ଭଦ୍ରଲୋକଙ୍କୁ ଦୂରେଇ ଯାଇ କଥାବାର୍ତ୍ତା କରନ୍ତୁ ବୋଲି କହିବାରୁ ସେ ଉତ୍‌କ୍ଷିପ୍ତ ହୋଇଉଠିଲେ। ଏହାର ପ୍ରକୃତ କାରଣ, କରୋନା ପାଇଁ ସାମାଜିକ ଦୂରତା ରକ୍ଷା କରିବା ନା ଆଉ କିଛି। ପରେ ଜଣାପଡ଼ିଲା ଯେ ମହିଳା ଜଣକ ଉଚ୍ଚ ବର୍ଗର ଓ ଭଦ୍ରଲୋକ ଜଣକ ଅସବର୍ଣ୍ଣ। ତେବେ ସେ ଯାହାହେଉ ଆମ ସମାଜରେ ଅଦ୍ୟାବଧି ଛୁଆଁ ଅଛୁଆଁ ଭେଦଭାବ ରହିଛି। ଉପରକୁ ସ୍ପଷ୍ଟ ହେଉ ନ ଥିଲେ ମଧ୍ୟ ଭିତିରି ଉଦ୍ଦେଶ୍ୟ ଜଣାପଡୁଛି।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

### ପରୀକ୍ଷାଫଳ ତ୍ରୁଟିମୁକ୍ତ ହେଉ

ବିଗତ କିଛିବର୍ଷ ଧରି ଦଶମ ତଥା ଯୁକ୍ତଦୁଇ ଦ୍ୱିତୀୟ ବର୍ଷର ପରୀକ୍ଷାଫଳରେ ତ୍ରୁଟି ପରିଲକ୍ଷିତ ହେଉଛି। ଯଦ୍ୱାରା ଛାତ୍ରୀଛାତ୍ର ତଥା ଅଭିଭାବକମାନେ ଅସନ୍ତୋଷ ଜାହିର କରିଆସୁଛନ୍ତି। କେତେ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କର ଖାମଖିଆଲ ଯୋଗୁ ପରୀକ୍ଷାଫଳ ତ୍ରୁଟିକୁ ନେଇ ଉଭୟ ଶିକ୍ଷକବୃନ୍ଦ ଏବଂ ଗଣଶିକ୍ଷାମନ୍ତ୍ରୀଙ୍କୁ ଦାୟୀ କରାଯାଉଛି। ଯଦିଓ ଏ ବର୍ଷ ଲକ୍‌ଡାଉନ୍ ଯୋଗୁ ଦଶମ ତଥା ଯୁକ୍ତଦୁଇ ଦ୍ୱିତୀୟ ବର୍ଷ ପରୀକ୍ଷା ଖାତା ଦେଖା ବିଳମ୍ବରେ ଆରମ୍ଭ ହୋଇଛି ମାତ୍ର ପରୀକ୍ଷାଫଳକୁ ତ୍ରୁଟିମୁକ୍ତ କରିବା ପାଇଁ ଉଭୟ ଶିକ୍ଷକବୃନ୍ଦ ଏବଂ ଗଣଶିକ୍ଷା ମନ୍ତ୍ରୀ ଧ୍ୟାନ ଦେବା ଆବଶ୍ୟକ।

କିଷନ ଷଡ଼ଙ୍ଗୀ, ଛାତ୍ର, ଗଜପତିନଗର, ଭୁବନେଶ୍ୱର

### ଚିରନ୍ତନୀ

ଗୋଲାପ ପାନକରେ ଶିଶିର ବିନ୍ଦୁ
ପ୍ରଭାତ ସମୀରଣେ ଉଛୁଳେ ସିନ୍ଧୁ
କିପାଁ ଗୋ ଆଖି ଜଳ ନୟନେ ଛଳ ଛଳ
ବିଦାୟ ମାଗେ ଦୂର ଗଗନେ ଇନ୍ଦୁ
ପ୍ରଭାତ ସମୀରଣେ ଉଛୁଳେ ସିନ୍ଧୁ।
(ପ୍ରଭାତ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବିବାହ ଦିନକ ପରେ ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ପାଟଣା, ୧୪।୬(ସ୍ୱ.ପ୍ର.): ବିବାହର ଦିନକ ପରେ ଜଣେ ମହିଳା ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ତାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ଘଟିଛି କେନ୍ଦୁଝର ଜିଲା ପାଟଣା ଥାନା ପାଟଣା-ପିପିଳିଆ ରାସ୍ତାର ଦହିବାହାଳି ନିକଟରେ। ରବିବାର ଅପରାହ୍ନରେ ଏହି ଦମ୍ପତି ବାଇକ୍‌ରେ ଆସୁଥିବା ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଉଭୟେ ପରସ୍ପରକୁ ଭଲପାଇ ବିବାହ କରିଥିବା ବେଳେ ମହିଳାଜଣକ ୬ମାସର ଗର୍ଭବତୀ ଥିବା ଡାକ୍ତର ସୂଚନା ଦେଇଛନ୍ତି। ମୃତ ମହିଳା ହେଲେ ଘଟଗାଁ ଥାନା ପିପିଳିଆ ଗ୍ରାମର ପ୍ରତିମା ନାଏକ। ଗୁରୁତର ଥିବା ତାଙ୍କ ସ୍ୱାମୀ ସୁମନ୍ତ କୁମାର ପାତ୍ରଙ୍କୁ ପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୁମନ୍ତଙ୍କ ଘର ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଧୀନ ନୂଆଗାଁ ଗ୍ରାମରେ। ୫ ବର୍ଷ ହେଲା ସୁମନ୍ତଙ୍କ ସହ ପ୍ରତିମାଙ୍କ ପ୍ରେମ ସମ୍ପର୍କ ଥିଲା। ଶନିବାର ପ୍ରତିମାଙ୍କ ଘରେ ଉଭୟଙ୍କର ଲେଖାପଢ଼ା ହୋଇ ବିବାହ ସମ୍ପନ୍ନ ହୋଇଥିଲା। ରବିବାର ଉଭୟେ ଏକ ବାଇକ୍ ଯୋଗେ ପିପିଳିଆରୁ କରଞ୍ଜିଆ ଫେରୁଥିବା ବେଳେ ଦହିବାହାଳି ରାସ୍ତା ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ପାଟଣା ଅଗ୍ନିଶମ ବାହିନୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ପାଟଣା ମେଡିକାଲରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ପ୍ରତିମାଙ୍କୁ ମୃତ ଘୋଷଣା କରିଥିଲେ।

### ଦଶପଲ୍ଲା ପୂର୍ବତନ ବିଡିଓଙ୍କୁ ହତ୍ୟା ଧମକ

ସରକାରୀ ବାସଭବନକୁ ଟେକାମାଡ଼



ନୟାଗଡ ଅଫିସ,୧୪।୬: ଦଶପଲ୍ଲା ବ୍ଲକର ପୂର୍ବତନ ବିଡିଓ ଦେବୀପ୍ରସାଦ ମହାନ୍ତିଙ୍କୁ ହତ୍ୟା ଧମକ ମିଳିଛି। ଏଥିସହିତ ବ୍ଲକ କଲୋନୀ ପରିସରରେ ଥିବା ତାଙ୍କ ସରକାରୀ ବାସଭବନ ଉପରକୁ ଟେକାମାଡ ହୋଇଛି। ଏପରି କି ଫାଟକ, ଝରକା ଓ କବାଟକୁ ଭାଙ୍ଗି ଦିଆଯାଇଛି। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନ ଥିଲା। ଟେକାପଥର ମାଡ଼ବେଳେ ବିଡିଓ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏଠାର ବିଡିଓଙ୍କର ପ୍ରାୟ ଦୁଇଦିନ ତଳେ ବଦଳି ହୋଇଥିଲା। ଅନ୍ୟପକ୍ଷେ ପୂର୍ବରୁ କେତେଜଣ ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧିଙ୍କ ମଧରେ ବିଡିଓଙ୍କ ମନୋମାଳିନ୍ୟ ହୋଇ ବିବାଦ ଲାଗିରହିଥିଲା। ଯେଉଁ କାରଣରୁ ଏହି ଘଟଣା ଘଟିଛି ବୋଲି କୁହାଯାଇଛି।

### ଛୁରାମାଡ଼ରେ ଯୁବକ ଗୁରୁତର

ନୟାଗଡ଼ ଅଫିସ/ ଓଡ଼ଗାଁ,୧୪।୬ (ସ୍ୱ.ପ୍ର.): ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଗୁମୀ ଗାଁରେ ରବିବାର ପୂର୍ବ ଶତ୍ରୁତାକୁ ନେଇ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଫଳରେ ସମ୍ପୃକ୍ତ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେ ହେଲେ ଅବନୀ ସାହୁ(୩୧)। ଅବନୀଙ୍କ ଅଭିଯୋଗ ଅନୁସାରେ ସେ ଗୁମୀ ଛକରୁ ଘରକୁ ଫେରୁଥିଲେ। ଏହି ସମୟରେ ତାଙ୍କ ଗାଁର ଭଜି ବାହୁକ (୩୦) ଓ ପ୍ରଦୀପ ବାହୁକ(୨୭) ମିଳିତ ଭାବେ ଆକ୍ରମଣ କରିଥିଲେ। ଏପରିକି ଅବନୀଙ୍କ ମୁଣ୍ଡକୁ ଛୁରି ମାରି ଫେରାର ହୋଇ ଯାଇଥିଲେ।

### ସଫେଇ କର୍ମଚାରୀଙ୍କୁ ମିଳିବ ହୋମିଓପାଥି ଔଷଧ

ପୁରୀ ଅଫିସ,୧୪।୬: ସମ୍ପ୍ରତି କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ପୁରୀ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଆଞ୍ଚଳିକ ହୋମିଓପାଥି ଗବେଷଣା ସଂସ୍ଥାନ, ପୁରୀ ପକ୍ଷରୁ ଆସନ୍ତା ୧୬ ଓ ୧୭ ତାରିଖରେ ଟାଉନ ହଲ୍ ପରିସରରେ ହୋମିଓପାଥି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ପୌରପାଳିକା ଅଧୀନରେ କାର୍ଯ୍ୟରତ ୬୨୦ ସଫେଇ କର୍ମଚାରୀ ଓ ୨୧୫ ଜଣ ଅନ୍ୟାନ୍ୟ କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ହୋମିଓପାଥି ଔଷଧ ଦିଆଯିବ। ଏଥିସହ କରୋନା ଭୂତାଣୁ ସଂକ୍ରମଣଠାରୁ ଦୂରେଇ ରହିବା ଲାଗି ସଚେତନ କରାଯିବ ବୋଲି ସଂସ୍ଥାନର ଗବେଷଣା ଅଧିକାରୀ ଡା. ଉମାକାନ୍ତ ପୃଷ୍ଟି ଏବଂ ପୌର ସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ ସିଠ କହିଛନ୍ତି।

# ୨୫ ହଜାର ଲୋକ ନିଯୁକ୍ତି ହରାଇଛନ୍ତି

## କଳିଙ୍ଗନଗର ଶିଳ୍ପାଞ୍ଚଳ

ଯାଜପୁର ଅଫିସ,୧୪।୬




**ବନ୍ଦପଡ଼ିଛି ନୀଳାଚଳ, ମେସ୍କୋ, ମୈଥାନ, ରୋହିତ, ଯାଜଦାନି**

ଗତ ୫ ବର୍ଷ ମଧରେ କଳିଙ୍ଗନଗର ଶିଳ୍ପ କାରଖାନାରେ କାର୍ଯ୍ୟରତ ପ୍ରାୟ ୨୦ ହଜାର ଠିକା ଶ୍ରମିକ ଏବଂ ୫ ହଜାରରୁ ଊର୍ଦ୍ଧ୍ୱ ନିୟମିତ କର୍ମଚାରୀ ନିଯୁକ୍ତି ହରାଇଛନ୍ତି। ଇତିମଧରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍, ମେସ୍କୋ ଷ୍ଟିଲ୍, ମୈଥାନ ଇସ୍ପାତ, ରୋହିତ ଫେରୋଟେକ୍, ଯାଜଦାନି ଭଳି ବୃହତ୍ କମ୍ପାନୀ ବନ୍ଦ ପଡ଼ିଥିବାରୁ ନିଯୁକ୍ତି ସୁଯୋଗ ସଙ୍କୁଚିତ ହୋଇଛି। ଏଭଳିସ୍ଥିତିରେ କରୋନା ଜନିତ ଆର୍ଥିକ ଦୁଃସ୍ଥିତି ଘୋଟିଛି। ଫଳରେ ଯେଉଁ ଶ୍ରମିକ ଓ କର୍ମଚାରୀ ନିଯୁକ୍ତି ହରାଇଛନ୍ତି ସେମାନଙ୍କ ପରିବାରବର୍ଗଙ୍କ ପାଇଁ ଚଳିତ ରଜପର୍ବ ଫିକା ପଡ଼ିଛି। ଆର୍ଥିକ ଅଭାବ ଅନଟନରେ ଗତି କରୁଥିବା ଶ୍ରମିକ ପରିବାର ସେମାନଙ୍କ ପିଲାଙ୍କ ପାଇଁ ନୂଆ ପୋଷାକ ଦେଇ ପାରୁନାହାନ୍ତି।

ନବେ ଦଶକରେ ଅନେକ ମନଲୋଭା ପ୍ରତିଶ୍ରୁତି ପାଇ ଜିଲାବାସୀ ଶିଳ୍ପ କାରଖାନାକୁ ସ୍ୱାଗତ କଲେ। ଘରୋଇ ପୁଞ୍ଜି ନିବେଶରେ ବହୁ ଶିଳ୍ପ କାରଖାନା ଗଢ଼ିଉଠିଲା। ପ୍ରଥମ ଘରୋଇ ଶିଳ୍ପସଂସ୍ଥା ଭାବେ ମେସ୍କୋ ଷ୍ଟିଲ କଳିଙ୍ଗନଗରରେ ପାଦ ଥାପିଥିଲା। ମେସ୍କୋ ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ସହ ଯୋଡ଼ା ଖଣି ମଣ୍ଡଳରେ ୨ଟି ଖଣି ହାତେଇଥିଲା। ପରବର୍ତ୍ତୀ ସମୟରେ ଖଣି ଦୁର୍ନୀତି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ମେସ୍କୋ ଷ୍ଟିଲର ଯୋଡ଼ାରେ ଥିବା ଏକ ଲୁହାପଥର ଖଣିରୁ ପ୍ରାୟ ୯୨୪.୭୫ କୋଟି ଟଙ୍କା ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ମେସ୍କୋ ଷ୍ଟିଲ ଜରିମାନା ଦାଖଲ କରି ନ ପାରିବାରୁ ଖଣି ବନ୍ଦ ହେବା ସହ କଳିଙ୍ଗନଗର କାରଖାନା ମଧ ବନ୍ଦ ପଡିଛି। ଏହାସହ ମେସ୍କୋ ଗ୍ରୁପ ମାଲିକାନାରେ ଥିବା ମୈଥାନ ଇସ୍ପାତ ମଧ ବନ୍ଦ ପଡିଥିବାରୁ ହଜାର ହଜାର ଶ୍ରମିକ ଓ କର୍ମଚାରୀଙ୍କ ଜୀବିକା ଯାଇଛି। ଟାଟା ଷ୍ଟିଲ କାରଖାନାରେ ୨୦୧୫ ମାର୍ଚ୍ଚ ସୁଦ୍ଧା ୨୬୦୨ ଜଣ ନିୟମିତ କର୍ମଚାରୀ ଓ ୩୬,୧୦୮ ଜଣ ଶ୍ରମିକ ବିଭିନ୍ନ ଠିକାସଂସ୍ଥା ଜରିଆରେ କାମ କରୁଥିଲେ। ୨୦୧୬ ମାର୍ଚ୍ଚ ସୁଦ୍ଧା ସେଠାରେ ୨୬୮୨ ନିୟମିତ କର୍ମଚାରୀ ଏବଂ ୧୭,୬୯୯ ଠିକା ଶ୍ରମିକ କାର୍ଯ୍ୟ କରୁଥିବା ୭ମ ପୁନର୍ବାସ ଏବଂ ପରିପାର୍ଶ୍ୱ ଉନ୍ନୟନ ପରାମର୍ଶଦାତା କମିଟି (ଆର୍‌ପିଡିଏ) ବୈଠକରୁ ଜଣାପଡ଼ିଛି। ଅର୍ଥାତ୍ ଗୋଟିଏ ବର୍ଷ ମଧରେ ଅଧାରୁ ଅଧିକ ଠିକା ଶ୍ରମିକ ନିଯୁକ୍ତି ହରାଇଥିଲେ। ସେହିପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମ୍ଏମ୍‌ଟିସି, ଓଡ଼ିଶା ସରକାରଙ୍କ ଉଦ୍ୟୋଗ ଇପିକଲ ଏବଂ ଓଏମ୍‌ସିର ଯୌଥ ପରିଚାଳନାରେ ଥିବା ନୀଳାଚଳ ଇସ୍ପାତ କାରଖାନାକୁ ଗତ ଏପ୍ରିଲରୁ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଛି। ଫଳସ୍ୱରୂପ ଏହି କାରଖାନାରେ କାମ କରୁଥିବା ପ୍ରାୟ ୪ ହଜାର କର୍ମଚାରୀ ଓ ଶ୍ରମିକ ଜୀବିକା ହରାଇଛନ୍ତି। ଏହାବାଦ୍ ବିଆରପିଏଲ, ଜିନ୍ଦଲ ଷ୍ଟେନଲେସ ଷ୍ଟିଲ, ଯାଜଦାନି ଷ୍ଟିଲ କାରଖାନାରେ ହାରାହାରି ପ୍ରାୟ ୬୦ ପ୍ରତିଶତ କର୍ମଚାରୀ ଓ ଶ୍ରମିକ ନିଯୁକ୍ତି ହରାଇଥିବା ୭ମ ଆର୍‌ପିଡିଏ ବୈଠକରୁ ଜଣାପଡ଼ିଛି। କଳିଙ୍ଗନଗର ବାସଚ୍ୟୁତ କମିଟିର ସମ୍ପାଦକ ବାବୁଲି ପୂର୍ତ୍ତି କୁହନ୍ତି, ଜମିବାଡି ହରାଇଥିବା ବିସ୍ଥାପିତମାନେ ଚାକିରିରୁ ମଧ ବିଦା ହୋଇଛନ୍ତି। ଏଭଳିସ୍ଥିତିରେ ଚାକିରି ହରାଇଥିବା ଭୂମିପୁତ୍ର ପରଘରେ କାମ କରୁଛନ୍ତି। ସେମାନଙ୍କ ପରିବାରର ଆର୍ଥିକ ସ୍ଥିତି ଦୋହଲି ଯାଇଛି। ଏପରିକି ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରୁଛନ୍ତି। ବକେୟା ଦରମା ନ ମିଳିବା ଯୋଗୁ ଗତ ୪ ଦିନ ମଧରେ ନୀଳାଚଳର ଜଣେ ଶ୍ରମିକ ରୋଗଶଯ୍ୟାରେ ଆଖିବୁଜିଥିବାବେଳେ ଜଣେ କର୍ମଚାରୀ ଆତ୍ମହତ୍ୟା କରିଛନ୍ତି। ତେଣୁ ରଜ ପାଳନ କରିବାକୁ ନିଯୁକ୍ତି ହରାଇଥିବା ଲୋକଙ୍କ ପରିବାରବର୍ଗ ଚିନ୍ତା ବି କରୁନାହାନ୍ତି ବୋଲି ବାବୁଲି କହିଛନ୍ତି।

# କ୍ଷୀର ବ୍ୟବସାୟୀଙ୍କୁ ହତ୍ୟା

ବ୍ରହ୍ମପୁର ଅଫିସ,୧୪।୬

- ୨୦ ଲକ୍ଷ ଟଙ୍କା, ୨୫ ଭରି ଗହଣା ଲୁଟ୍
- ଫିଙ୍ଗର ପ୍ରିଣ୍ଟ ସଂଗ୍ରହ, ୫୨ ମିନିଟ୍‌ର ଅପରେଶନ



ଲମ୍ବୋଦର ମୁନୀ

ଗଞ୍ଜାମ ଜିଲା ଗୋଶାଣୀନୂଆଗାଁ ଥାନା ହିଲପାଟଣାର ଜଣେ କ୍ଷୀର ବ୍ୟବସାୟୀଙ୍କୁ ହତ୍ୟା କରାଯାଇଛି। ଶନିବାର ବିଳମ୍ବିତ ରାତିରେ କ୍ଷୀର ବ୍ୟବସାୟୀ ଲମ୍ବୋଦର ମୁନୀ(୬୬)ଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି। କେତେକ ଦୁର୍ବୃତ୍ତ ଲୁଟ ଉଦ୍ଦେଶ୍ୟରେ ତାଙ୍କୁ ହତ୍ୟା କରିଥିବା ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି। ଘରର ବିଭିନ୍ନ ସ୍ଥାନରୁ ଫିଙ୍ଗର ପ୍ରିଣ୍ଟ ସଂଗ୍ରହ କରାଯାଇଛି। ସୂଚନାଯୋଗ୍ୟ, ହିଲ୍‌ପାଟଣାର ଏକ ଆପାର୍ଟମେଣ୍ଟରେ ଲମ୍ବୋଦର ତାଙ୍କ ସ୍ତ୍ରୀଙ୍କ ସହ ରହୁଛନ୍ତି। ସେ ହେରିଟେଜ୍ କ୍ଷୀର କମ୍ପାନୀର ଡିଲର ଥିଲେ। ସେ ରହୁଥିବା ଆପାର୍ଟମେଣ୍ଟ ନିକଟରେ ଲକ୍ଷ୍ମୀ ଭଣ୍ଡାର ନାମକ ଏକ ଗୋଦାମ କରି କ୍ଷୀର ବ୍ୟବସାୟ କରୁଥିଲେ। ସେଠାରେ ସେ କିଛିଦିନ ହେଲା ରାତିରେ ଏକା ଶୋଉଥିଲେ। ଶନିବାର ସେ ସେଠାରେ ଶୋଇଥିଲେ। ରବିବାର ସକାଳେ ତାଙ୍କ ଗାଡି ଡ୍ରାଇଭର ରୂପେଶ କୁମାର ପାଢୀ କ୍ଷୀର ନେବା ପାଇଁ ଗୋଦାମ ପାଖରେ ପହଞ୍ଚିଥିଲେ। ସେ ଲମ୍ବୋଦରଙ୍କୁ ଫୋନ କଲେ ମଧ କୌଣସି ଉତ୍ତର ମିଳି ନ ଥିଲା। ଗୋଦାମ ଭିତର ପଟୁ କବାଟ ବନ୍ଦ ରହିଥିଲା। ଡ୍ରାଇଭର ଏନେଇ କ୍ଷୀର ଗୋଦାମ ମ୍ୟାନେଜର ଭି.ବିନୟଙ୍କୁ ଖବର ଦେଇଥିଲେ। ପରେ ବିନୟ ସେଠାରେ ପହଞ୍ଚିଥିଲେ। ସେମାନେ ଗୋଦାମ ପଛପଟକୁ ଯାଇ ଗ୍ରୀଲ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଘର ଭିତରକୁ ପଶି ମାଲିକ ଲମ୍ବୋଦରଙ୍କ ମୃତଦେହ ଖଟ ତଳେ ପଡିଥିବା ଦେଖିବାକୁ ପାଇଥିଲେ। ଏନେଇ ମ୍ୟାନେଜର ବିନୟ ଗୋଶାଣୀନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ନଂ. ୮୭/୨୦ରେ ଏକ ହତ୍ୟା ମାମଲା ରୁଜୁ କରିଛି। ମ୍ୟାନେଜରଙ୍କ ଅଭିଯୋଗ ଅନୁସାରେ, ମାଲିକ ଲମ୍ବୋଦର ପିନ୍ଧିଥିବା ସୁନା ଚେନ, ମୁଦି, ବ୍ରେସ୍‌ଲେଟ ସହ ଆଲମିରାରେ ଥିବା ପ୍ରାୟ ୨୫ ଭରି ଓଜନର ସୁନା ଗହଣା ଓ ୨୦ ଲକ୍ଷ ଟଙ୍କା ଚୋରି ହୋଇଯାଇଛି।

ଖବର ପାଇ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ନିକଟରେ ଥିବା ଏକ ଆପାର୍ଟମେଣ୍ଟରେ ଲାଗିଥିବା ସିସିଟିଭି ଫୁଟେଜ ପୋଲିସ ଯାଞ୍ଚ କରିବା ପରେ ହତ୍ୟାକାରୀଙ୍କ ସମ୍ପର୍କରେ ସୂଚନା ପାଇଛି। ୪ ଜଣ ଦୁର୍ବୃତ୍ତ ଶନିବାର ବିଳମ୍ବିତ ରାତିରେ ଲମ୍ବୋଦରଙ୍କ ଗୋଦାମ ଭିତରକୁ ପଶିଥିଲେ। ଉକ୍ତ ଗୋଦାମରୁ ସେମାନେ ବାହାରି ରେଳଷ୍ଟେଶନ ଅଭିମୁଖେ ଯାଉଥିବା ଫୁଟେଜ୍ ଯାଞ୍ଚ ବେଳେ ଜଣାପଡିଛି।

# ମେଶିନ ଦ୍ୱାରା ରଥଟଣା ପ୍ରସ୍ତାବକୁ ବିରୋଧ

## ‘ସେବାୟତ ଟାଣିଲେ ହାତୀ ଆବଶ୍ୟକ ପଡ଼ିବ ନାହିଁ’

ପୁରୀ ଅଫିସ,୧୪।୬

କରୋନା ଯୋଗୁ ରଥଯାତ୍ରା ହେବ କି ନାହିଁ ତାକୁ ନେଇ କଳ୍ପନାଜଳ୍ପନା ଲାଗିରହିଛି। କେନ୍ଦ୍ର ସରକାର ଏବଂ ହାଇକୋର୍ଟ ରଥଯାତ୍ରା ନିଷ୍ପତ୍ତି ରାଜ୍ୟ ସରକାରଙ୍କ ଉପରେ ଛାଡ଼ିଛନ୍ତି। କିନ୍ତୁ ସରକାର ଏ ପର୍ଯ୍ୟନ୍ତ କିଛି ସ୍ପଷ୍ଟ କରିନାହାନ୍ତି। ଅପରପକ୍ଷେ ରଥଯାତ୍ରା ଯେତେ ପାଖେଇ ଆସୁଛି ଶ୍ରଦ୍ଧାଳୁଙ୍କ ମଧରେ ସେତେ ଉତ୍କଣ୍ଠା ବଢିବାରେ ଲାଗିଛି। ଏପଟେ ରଥଖଳାରେ ତିନିରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରୀମନ୍ଦିର ପ୍ରଶାସନର ପ୍ରସ୍ତୁତି ଏବଂ ବିଭିନ୍ନ ନିଯୋଗ ସହ ହୋଇଥିବା ଆଲୋଚନାରୁ ରଥଯାତ୍ରାକୁ ନେଇ ସେବାୟତମାନେ ଦୃଢ ଆଶାବାଦୀ ଅଛନ୍ତି। ଏସବୁ ଭିତରେ ରଥଯାତ୍ରାକୁ ନେଇ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି କରି ରଥଟଣାରେ ମେଶିନ କିମ୍ବା ହାତୀ ନିୟୋଜନ ଭଳି ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ସରକାର ବିଚାର କରନ୍ତୁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ମେଶିନ ଦ୍ୱାରା ରଥଟଣା ପ୍ରସ୍ତାବକୁ ବିରୋଧ କରିଛି ଶୁଦ୍ଧସୁଆର ନିଯୋଗ।



ପ୍ରେମାନନ୍ଦ ଦାସମହାପାତ୍ର

ରବିବାର ନିଯୋଗ ସମ୍ପାଦକ ପ୍ରେମାନନ୍ଦ ଦାସମହାପାତ୍ର ଏହାକୁ ବିରୋଧ କରି ଗଣମାଧ୍ୟମକୁ କହିଛନ୍ତି, ଦଇତାପତି ଓ ଶୁଦ୍ଧସୁଆର ମିଶି ୧୭୦ ଜଣ ସେବକ। ଏମାନଙ୍କ ମଧ୍ୟରୁ ୬୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୧୮ ବର୍ଷରୁ କମ୍ ପ୍ରାୟ ୩୦ ଜଣ ସେବକ ରଥ ଉପରେ ରହିବେ ଏବଂ ଅନ୍ୟମାନେ ରଥ ଟାଣିବା ଲାଗି ଆମେ ଶ୍ରୀମନ୍ଦିର ପ୍ରଶାସନକୁ ତାଲିକା ଦେଇଛୁ। ସେହିପରି ହାତୀ ରଥ ଟାଣିବା ନେଇ ହେଉଥିବା ଚର୍ଚ୍ଚା ସମ୍ପର୍କରେ ସେ କହିଥିଲେ, ପୂର୍ବରୁ ବାଲିରେ ରଥ ଦବିଗଲେ ହାତୀ ଟାଣୁଥିଲେ। ଏବେ ହାତୀ ଟାଣିଲେ କିଛି ଅସୁବିଧା ନାହିଁ, କିନ୍ତୁ ମେଶିନ ଦ୍ୱାରା ରଥ ଟଣାଯିବା ଠିକ୍ ନୁହେଁ। ପୋଲିସ, ସେବାୟତ ଏବେ ରଥ ଟାଣିବାର ବ୍ୟବସ୍ଥା କରାଯାଉ। ବର୍ତ୍ତମାନ ଯଦି ସବୁ ସେବାୟତ ରଥ ଟାଣନ୍ତି ତେବେ ହାତୀର କୌଣସି ଆବଶ୍ୟକ ପଡ଼ିବ ନାହିଁ। କାରଣ ଏବେ ଆଗ ଭଳି ଆଉ ବାଲି ନାହିଁ ବୋଲି ପ୍ରେମାନନ୍ଦ ପ୍ରକାଶ କରିଛନ୍ତି।

# ଉଠିଲା ତିନିରଥରେ ଦୁଆର ବେଢ଼ା

ପୁରୀ ଅଫିସ, ୧୪।୬

**କାମ ସରିଲା, ଖୋଲାଗଲା ରଥଚାଳି**

ରଥଯାତ୍ରା ପାଇଁ ତିନିରଥ ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଥଖଳାରୁ ପ୍ରାୟତଃ କାମ ସରିଯାଇଥିବାରୁ ଚାଳିକୁ ଖୋଲି ଦିଆଯାଇଛି। ଆଉ ଯାହା କାମ ଅଛି ତାହା ରଥ ଉପରେ ହେବ। ରବିବାର ତିନିରଥର ପ୍ରଥମେ ୨ଟି ଲେଖାଏ ଆଗିଆଣୀ ଓ ପଛିଆଣୀ ଏବଂ ୨ଟି ଲେଖାଏ ପାର୍ଶ୍ୱ ଦୁଆର ବେଢା ଉଠିଛି। ପ୍ରଥମେ ତାଳଧ୍ୱଜ ରଥରେ ଦୁଆର ବେଢା ଉଠିଥିଲା। ପରେ ନନ୍ଦିଘୋଷ ଓ ଶେଷରେ ଦର୍ପଦଳନ ରଥ ଉପରକୁ ଦୁଆର ବେଢା ଉଠିଥିଲା। ଏହାପରେ ପର୍ଯ୍ୟାୟ କ୍ରମେ କଳସ, ଚାରିପଟ କଣି ଫାଉଡ଼ି, ବଟମ୍ ବାଡ଼ିଆ ଯିବ। ସେହିପରି ରୂପକାର ସେବକ ପ୍ରଭା ଖୋଦେଇ କରୁଥିବାବେଳେ ତିନିରଥରେ ବେଦି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅନ୍ୟପକ୍ଷରେ ଗୁଣ୍ଡିଚା ମନ୍ଦିରରୁ ଘୋଡ଼ାଗୁଡ଼ିକୁ ଅଣାଯାଇ ରଥଖଳାରେ ରଖାଯାଇଛି। ଆବଶ୍ୟକ ମୁତାବକ ମରାମତି ପରେ ଧୂଆଯାଇ ଚିତ୍ରକର ସେବକ ଏହାକୁ ରଙ୍ଗ କରିବେ। ଶ୍ରୀମନ୍ଦିର ପ୍ରଶାସନ ନୂତନ କାର୍ଯ୍ୟାଳୟ ପରିସରରେ ରଙ୍ଗ କାମ ଚାଲିଛି। ଚିତ୍ରକର ସେବକମାନେ ଶିଖର ଡମ୍ବରୁ, ପାର୍ଶ୍ୱ ଦେବଦେବୀ, ସଖୀ, ଓଲଟଶୁଆ, ହଂସପଟା, କନ୍ୟାପଟା, ରଷିପଟା, ଓଲଟଶୁଆ, ପାରାଭାଡ଼ି, କଳସପେଣ୍ଡି, ଠେକରାବାଡ଼, ନାଟଗୋଡ଼, ଦଧିନଉତି, କଣଗୁଜ, ପଟାଗୁଜ, ମୁହାଁଟି, ଅଁଳା ପ୍ରଭୃତି ରଙ୍ଗ କରୁଛନ୍ତି। ଦରଜି ସେବକ ରଥକନାରେ ଜରିଫିତା, ଲେସ୍ ଲଗାଉଛନ୍ତି। ଦୋଳବେଦି ପରିସର ଅସ୍ଥାୟୀ ଶାଳରେ ଓଝା ସେବକମାନେ ସମସ୍ତ କଣ୍ଟା, କ୍ଲାମ୍ପ ତିଆରି କରିସାରିଥିବାରୁ ଶାଳ କାମ ବି ଶେଷ ହୋଇଛି।

**ରଥଖଳାରୁ...**



### କୋଭିଡ୍ ନିୟମ ଉଲ୍ଲଂଘନ ମହଙ୍ଗା ପଡ଼ିଲା

## ଭୋଜି କରି ଜିଲା ପରିଷଦ ଉପାଧ୍ୟକ୍ଷଙ୍କ ସମେତ ୪ ଗିରଫ

କେନ୍ଦୁଝର, ୧୪।୬ (ସ୍ୱ.ପ୍ର.)

କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ଚଳିତବର୍ଷ ରଜ ପାଳନ ଉପରେ କଟକଣା ଲାଗୁ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ଘରେ ରହିବାକୁ ଏବଂ ଗୋଟିଏ ସ୍ଥାନରେ ଏକତ୍ରିତ ନ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଏହି ନିୟମକୁ ଉଲ୍ଲଂଘନ କରି ଏକାଠି ଭୋଜି କରିବା କେନ୍ଦୁଝର ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁଙ୍କୁ ମହଙ୍ଗା ପଡିଛି। ତାଙ୍କ ସହ ଅନ୍ୟ ୩ଜଣଙ୍କୁ ରାମଚନ୍ଦ୍ରପୁର ଥାନା ପୋଲିସ ରବିବାର ଗିରଫ କରିଛି। ଅନ୍ୟ ୩ଜଣ ହେଲେ ରାମଚନ୍ଦ୍ରପୁର ଗ୍ରାମର ଲକ୍ଷ୍ମୀଧର ସାହୁ, କାଳନ୍ଦୀ ସାହୁ ଓ ପଦନା ଗ୍ରାମର ହୃଷୀକେଶ ରାଉତ। ରଜ ଉପଲକ୍ଷେ ଥାନାଠାରୁ କିଛି ଦୂରରେ ଏକ ଭୋଜିଭାତ ଆୟୋଜନ ହୋଇଥିଲା । ସେଠାରେ ୫୦ରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ । ଖବରପାଇ ରାମଚନ୍ଦ୍ରପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୪ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। କୋଭିଡ ନିୟମ ଉଲ୍ଲଂଘନ ଅଭିଯୋଗରେ ପୋଲିସ ଏକ ମାମଲା (ନଂ. ୭୯/୨୦) ରୁଜୁ କରିଛି।

# ‘ରିପୋର୍ଟ ନେଗେଟିଭ କହିଲେ, ମୃତଦେହ ଦେଲେନି’

କେନ୍ଦ୍ରାପଡା ଅଫିସ, ୧୪।୬

- ଭିନ୍ନ ମୋଡ଼ ନେଲା ଚିତ୍ତରଞ୍ଜନଙ୍କ ମୃତ୍ୟୁ ଘଟଣା
- ଜିଲାପାଳ, ତହସିଲଦାରଙ୍କ ବିରୋଧରେ ଅଭିଯୋଗ

କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଥାନା କୁସୁନପୁର ଗ୍ରାମର ଚିତ୍ତରଞ୍ଜନ ନାୟକଙ୍କ ମୃତ୍ୟୁ ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। ସଙ୍ଗରୋଧ କେନ୍ଦ୍ରରେ ଭୁଲ୍ ଇଞ୍ଜେକଶନ୍ ଦିଆଯିବା କାରଣରୁ ଚିତ୍ତରଞ୍ଜନଙ୍କ ମୃତ୍ୟୁ ଘଟିଥିବା ନେଇ ବାପା ନିତ୍ୟାନନ୍ଦ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଜିଲାପାଳ ଓ ତହସିଲଦାରଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ମେ ୨୭ରେ ଚିତ୍ତରଞ୍ଜନ ସୁରଟରୁ ଫେରି ମାର୍ଶାଘାଇସ୍ଥିତ ସଙ୍ଗରୋଧ କେନ୍ଦ୍ରରେ ଥିଲେ । ସେଠାରେ ଥିବା ବେଳେ ଛିଙ୍କ ଓ ଗଳା ଦରଜ ହେବାରୁ ସଙ୍ଗରୋଧ କେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ କେତୋଟି ଇଞ୍ଜେକଶନ ଦେଇଥିଲେ। ଗତ ୧୦ ତାରିଖରେ ଅବସ୍ଥା ଗୁରୁତର ହେବାରୁ କଟକସ୍ଥିତ କୋଭିଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜିଲା ପ୍ରଶାସନ ତାଙ୍କୁ କରୋନା ନେଗେଟିଭ କହିଥିଲେ ମଧ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇ ନ ଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମାର୍ଶାଘାଇ ତହସିଲଦାରଙ୍କ ନେତୃତ୍ୱରେ ଜୋରଜବରଦସ୍ତ ଟାଉନ ଥାନା ଅନ୍ତର୍ଗତ କଜଳାଠାରେ ପୋତି ଦିଆଯାଇଥିଲା। ଫଳରେ ପୁଅକୁ ମୁଖାଗ୍ନି ଦେବାରୁ ବଞ୍ଚିତ ହୋଇଛନ୍ତି ବୋଲି ନିତ୍ୟାନନ୍ଦ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ମୃତକଙ୍କ ଟେଷ୍ଟ ରିପୋର୍ଟ ନେଗେଟିଭ ଥିଲେ ମଧ୍ୟ ପରିବାର ସଦସ୍ୟଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ମୃତଦେହ ସତ୍କାର କରାଯାଇଛି। ଏହି ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି ବୋଲି ଥାନା ଅଧିକାରୀ କାଳନ୍ଦୀଚରଣ ବେହେରା କହିଛନ୍ତି।

# ରଜରେ ଯୁବକଙ୍କୁ ଗୁଳିକରି ହତ୍ୟା

ଖୋର୍ଦ୍ଧା ଅଫିସ,୧୪।୬



- ଗୋଟିଏ ଗୁଳି, ୪ ଖୋକା ଜବତ
- ପୂର୍ବ ଶତ୍ରୁତାରୁ ଗୁଳିମାଡ଼ ସନ୍ଦେହ, ୨ ଅଟକ



ପହିଲି ରଜରେ ରବିବାର ଖୋର୍ଦ୍ଧା ସଦର ଥାନା ଅଧୀନ ଦଧିମାଛଗାଡ଼ିଆରେ ଜଣେ ଯୁବକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମୃତ ଯୁବକ ହେଲେ ଲାଲା ପ୍ରଧାନ(୩୫)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସେଠାରୁ ପୋଲିସ ଗୋଟିଏ ଗୁଳି ଓ ୪ ଖୋକା ଜବତ କରିଛି। ଅତିରିକ୍ତ ଏସ୍‌ପି ମାୟାଧର ସେଠୀ, ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର, ସଦର ଥାନାଧିକାରୀ ଅନିତା ସାହୁ, ଟାଉନ ଥାନାଧିକାରୀ ଉମାଶଙ୍କର ସିଂ ପ୍ରମୁଖ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ଲାଗି ଗ୍ରାମରେ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ପୂର୍ବ ଶତ୍ରୁତାକୁ ନେଇ ଗୁଳିମାଡ଼ ହୋଇଥିବା ପୋଲିସ ସନ୍ଦେହ କରୁଛି। ମୃତ ଯୁବକଙ୍କ ପରିବାରଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଦଫା ୩୦୨, ୨୫/୨୭ ଆର୍ମ୍ସ ଆକ୍ଟରେ ଏକ ମାମଲା (ନଂ.୧୦୪/୨୦) ରୁଜୁକରି ୨ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

କେତେଜଣ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ସକାଳ ପ୍ରାୟ ୭ଟାରେ ଗ୍ରାମର କେତେଜଣ ଯୁବକ ଦଧିମାଛଗାଡିଆ ଖେଳପଡ଼ିଆ ନିକଟ ବନ୍ଧକୁ ଶୌଚ ହେବାକୁ ଯାଉଥିଲେ। କିଛି ଦୂରରେ କୌଣସି କାରଣକୁ ନେଇ କେତେଜଣ ଯୁବକଙ୍କ ସହ ଲାଲାଙ୍କ ବଚସା ହୋଇଥିଲା। କିଛି ବୁଝିବା ପୂର୍ବରୁ ହଠାତ୍ ଗୁଳି ଫୁଟିବା ଶବ୍ଦ ଶୁଭିଥିଲା। ଦୁଇଜଣ ଯୁବକ ତାଙ୍କ ଉପରକୁ ଅତର୍କିତ ଭାବେ ଫାୟାରିଂ କରି ଫେରାର ହୋଇଯାଇଥିଲେ। ଲାଲା ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡିଥିଲେ। ଖବରପାଇ ଗ୍ରାମବାସୀ ଓ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏ ସମ୍ପର୍କରେ ଏସ୍‌ଡିପିଓ ମିଶ୍ର କହିଛନ୍ତି, ୬ରାଉଣ୍ଡ ଗୁଳି ଫାୟାରିଂ ହୋଇଛି। ମୃତକଙ୍କ ଦେହରେ ବିଭିନ୍ନ ସ୍ଥାନରେ ଗୁଳି କ୍ଷତ ଚିହ୍ନ ରହିଛି। ୫ଟି ଗୁଳି ତାଙ୍କ ମୁଣ୍ଡ ଏବଂ ଗୋଟିଏ ଗୁଳି ତାଙ୍କ ପେଟରେ ବାଜିଛି।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ସିକ୍ୟୁରିଟି ଗାର୍ଡ ମୃତ

**ଖୋର୍ଦ୍ଧା ଅଫିସ,୧୪।୬:** ଖୋର୍ଦ୍ଧା ଶିଳ୍ପାଞ୍ଚଳ ଫାଣ୍ଡି ଅନ୍ତର୍ଗତ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡଙ୍କ ରବିବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସେ ହେଲେ ଟାଙ୍ଗୀ ଥାନା ଅଞ୍ଚଳର ବିଷ୍ଣୁପ୍ରସାଦ ବେହେରା। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୦/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଏକ ଘରୋଇ କମ୍ପାନୀରେ ବିଷ୍ଣୁ ସକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରନ୍ତି। ଶନିବାର ବିଳମ୍ବିତ ରାତିରେ ସେ କୌଣସି କାରଣରୁ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ରବିବାର ସକାଳେ ଏହି ଘଟଣା ଜଣାପଡିବା ପରେ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପୂର୍ବତନ ନାଏବ ସରପଞ୍ଚଙ୍କଠାରୁ ସୁନାଚେନ ଲୁଟ୍

**ବାଲିଅନ୍ତା,୧୪।୬(ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ ବାଲିଅନ୍ତା ଅଞ୍ଚଳର ପୂର୍ବତନ ନାଏବ ସରପଞ୍ଚ ମୁରଲୀଧର ପରିଡ଼ାଙ୍କ ବେକରୁ ଦୁଇଜଣ ଦୁର୍ବୃତ୍ତ ସୁନା ଚେନ ଲୁଟି ନେଇଥିବା ରବିବାର ଅଭିଯୋଗ ହୋଇଛି। ବାଲିଅନ୍ତା ଥାନା ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୯ଟାରେ ମୁରଲୀଧର ଘର ସମ୍ମୁଖ ରାସ୍ତାରେ ଛିଡା ହୋଇଥିଲେ। ଏହି ସମୟରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ହଠାତ୍ ତାଙ୍କ ବେକରୁ ସୁନାଚେନ ଛିଣ୍ଡାଇନେଇ ଫେରାର ହୋଇଯାଇଥିଲେ। ବାଟରେ ଜଣେ ଯୁବକ ଦୁର୍ବୃତ୍ତଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ ବନ୍ଧୁକ ଦେଖାଇ ଖସି ପଳାଇଥିଲେ। ଏହି ଦୁଇ ଦୁର୍ବୃତ୍ତଙ୍କ ଫଟୋ ସିସିକ୍ୟାମେରାରେ କଏଦ ହୋଇଛି। ଏ ନେଇ ମୁରଲୀଧର ଥାନାରେ ଅଭିଯୋଗ କରିଛନ୍ତି।

### ଜିଲାରୁ ୧୯ କରୋନା ଆକ୍ରାନ୍ତ ଚିହ୍ନଟ

**କଟକ ଅଫିସ,୧୪।୬:** କଟକ ଜିଲାରୁ ରବିବାର ୧୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କଟକ ସହରରୁ ଜଣେ ଆକ୍ରାନ୍ତ ରହିଛନ୍ତି। ତାଙ୍କୁ ଅଶ୍ୱିନୀ କୋଭିଡ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ସେହିଭଳି କାନପୁରରୁ ୪, ବଡ଼ମ୍ବାରୁ ୪, ମାହାଙ୍ଗାରୁ ଜଣେ, ସୁବର୍ଣ୍ଣପୁରରୁ ୯ଜଣ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ଅଶ୍ୱିନୀ କୋଭିଡ୍ ହସ୍ପିଟାଲ ଓ କିମ୍ସ କୋଭିଡ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଏମାନେ ସଙ୍ଗରୋଧ କେନ୍ଦ୍ର ନା ସ୍ଥାନୀୟ ଆକ୍ରାନ୍ତ, ସେନେଇ ସୂଚନା ଦିଆଯାଇ ନାହିଁ। କଟକ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୪୪ରେ ପହଞ୍ଚିଛି।

### କୁଆଖାଇ ନଦୀରେ ମାଛ ଧରାଳି ନିଖୋଜ

**ବାଲକାଟୀ,୧୪।୬(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ନିକଟସ୍ଥ କୁଆଖାଇ ନଦୀରେ ରବିବାର ଜଣେ ମାଛ ଧରାଳି ନିଖୋଜ ହୋଇଛନ୍ତି। ସେ ହେଲେ ବାଲିପାଟଣା ଥାନା ସୋମଣାଶାସନ ଚିତ୍ତଳପୁର ଗ୍ରାମର ସେକ୍ ଜଲାଲ ଉଦ୍ଦିନ (୫୫)। ସେ ବାଇକରେ ଦୁଇ ପୁଅଙ୍କ ସହ ଆସି ଗଡ଼କଣ୍ଟଣିଆରେ ପହଞ୍ଚିଥିଲେ। ଦୁଇପୁଅ ନଦୀରେ ପଶି ମାଛ ଧରୁଥିବା ବେଳେ ସେ କୂଳରେ ବସିଥିଲେ। ହଠାତ୍ ନଦୀ ଭିତରକୁ ଯିବା ପରେ ବୁଡ଼ି ଯାଇଥିଲେ। ଦୁଇ ପୁଅଙ୍କ ସମେତ ସ୍ଥାନୀୟ ବାସିନ୍ଦା ଖୋଜାଖୋଜି କରି ମଧ ତାଙ୍କର ସନ୍ଧାନ ମିଳି ନ ଥିଲା। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ସନ୍ଧ୍ୟା ପର୍ଯ୍ୟନ୍ତ ତାଙ୍କର ସନ୍ଧାନ ମିଳି ନ ଥିଲା।

### ୨ ବଜାର ୪୮ ଘଣ୍ଟା ଶଟ୍‌ଡାଉନ

**ଖୋର୍ଦ୍ଧା ଅଫିସ,୧୪।୬:** ଖୋର୍ଦ୍ଧା ବ୍ଲକ୍ ମଲ୍ଲିପୁର ପଞ୍ଚାୟତର ସରପଞ୍ଚ ମୁକ୍ତାପୁର ଓ ନୂଆପଡ଼ା ବଜାରକୁ ୪୮ ଘଣ୍ଟା ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ସୋମବାର ସକାଳ ୬ଟାରୁ ବୁଧବାର ସକାଳ ୬ଟା ପର୍ଯ୍ୟନ୍ତ ଶଟଡାଉନ ଘୋଷଣା କରାଯାଇଛି। ରଜ ପାଇଁ ଦୁଇ ବଜାରରେ ଗୋଷ୍ଠୀ ସଂକ୍ରମଣ ଏଡ଼ାଇବା ଲାଗି ଏଭଳି ନିଷ୍ପତ୍ତି ହୋଇଥିବା ସରପଞ୍ଚ ବିଜୟ ଦାସ କହିଛନ୍ତି।

# ଉପକୂଳକୁ ମାଡୁଛି ବ୍ରାଉନସୁଗାର ଚେର

**କଟକ ଅଫିସ,୧୪।୬**

- ମାଫିଆଙ୍କ ଟାର୍ଗେଟରେ ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର
- କାରବାର ନେଟ୍‌ୱର୍କରେ ଶିକ୍ଷିତ ବେକାର

କାୟା ବିସ୍ତାର କରିବାରେ ଲାଗିଛି ବ୍ରାଉନସୁଗାର ବେପାର। ଏହାର ଗଡ଼ଫାଦର କୁହାଯାଉଥିବା ବଡ଼ ବ୍ୟବସାୟୀ ଶିକ୍ଷିତ ବେକାର ଯୁବକଙ୍କୁ ନିଜ ନେଟୱର୍କ ଭିତରକୁ ଆଣୁଛନ୍ତି। ସେଇମାନଙ୍କୁ ହିଁ ବ୍ୟବହାର କରି ଏହି ଧନ୍ଦାକୁ ବଢ଼ାଉଛନ୍ତି। କମ୍ ସମୟରେ ମୋଟା ଅଙ୍କର ଟଙ୍କା ରୋଜଗାର ଲାଳସାରେ ଏହି ବେପାର ମାଡ଼ି ଚାଲିଛି। କଟକ, ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକରେ ବ୍ରାଉନସୁଗାର ବେପାରୀ ବେଶ୍ ସକ୍ରିୟ ଥିବାବେଳେ ଏହାର ଚେର ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ପୁରୀ ଭଳି ଉପକୂଳ ଅଞ୍ଚଳକୁ ମଧ ମାଡ଼ିଲାଣି ବୋଲି କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ସୂଚନା ଦେଇଛି। ଗତ ଜାନୁୟାରୀ ପହିଲାରୁ ଏ ପର୍ଯ୍ୟନ୍ତ ଏହି ବିଭାଗ ମୋଟ ୭ଟି ସ୍ଥାନରୁ ବ୍ରାଉନସୁଗାର ଜବତ କରିଛି। ଗତ ୧୦ ଦିନରେ ୩ଟି ଘଟଣା ନଜରକୁ ଆସିଛି। ଲକ୍‌ଡାଉନ୍‌ର ଫାଇଦା ନେଇ ଏହି ବେପାର ଏବେ ଅତି ସକ୍ରିୟ ଥିବା ଉପରୋକ୍ତ ଘଟଣାରୁ ଜଣାପଡୁଛି।

କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଅଧୀନରେ ରହିଛି ୧୦ ଜିଲା। ଏହି ଜିଲାଗୁଡ଼ିକ ହେଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ନୟାଗଡ଼ ଓ ପୁରୀ। ଓଡ଼ିଶାରେ ବ୍ରାଉନସୁଗାର ବେପାରର ହବ୍ ହେଉଛି ବାଲେଶ୍ୱର ଜିଲା। ସେଠାକାର ଜଳେଶ୍ୱରରୁ ବିଭିନ୍ନ ସ୍ଥାନକୁ ବ୍ରାଉନସୁଗାର ଚାଲାଣ ହେଉଛି। ବ୍ରାଉନସୁଗାର ମୁଖ୍ୟତଃ ଆଫଗାନିସ୍ତାନରୁ ଆସୁଛି। ବେପାରୀମାନେ ଏହାକୁ ଆଫଗାନିସ୍ତାନରୁ ପଶ୍ଚିମବଙ୍ଗର ମେଦିନାପୁର ଯାଏ ପହଞ୍ଚାଉଛନ୍ତି। ସେଠାରୁ ଏହାକୁ ଉଭୟ ଜଳପଥ ଓ ସ୍ଥଳପଥ ଦେଇ ଜଳେଶ୍ୱରକୁ ଅଣାଯାଉଛି। ପରେ କେତେକ ଯୁବଗୋଷ୍ଠୀଙ୍କ ଦ୍ୱାରା ଏହାକୁ ବିକ୍ରି କରାଯାଉଛି। ଗତ ୮ ତାରିଖରେ ଜଗତପୁର ନିକଟରୁ ଗିରଫ ହୋଇଥିଲେ ୨୯ବର୍ଷୀୟ କର୍ଣ୍ଣଚନ୍ଦ୍ର ଦାସ। ତାଙ୍କଠାରୁ ୨୭୫ ଗ୍ରାମର ବ୍ରାଉନସୁଗାର ଜବତ ହୋଇଥିଲା, ଯାହାର ମୂଲ୍ୟ ୨୮ ଲକ୍ଷ ଟଙ୍କା ହେବ। କର୍ଣ୍ଣଚନ୍ଦ୍ର ଜଳେଶ୍ୱର ଯାଇ ଏକ କେଜି ବ୍ରାଉନସୁଗାର ବିକ୍ରି ପାଇଁ ଆଣିଥିଲେ ବୋଲି ଗୋଇନ୍ଦା ବିଭାଗ ସମ୍ମୁଖରେ ବୟାନ ରଖିଛନ୍ତି। ୭୨୫ ଗ୍ରାମ ବ୍ରାଉନସୁଗାର ସେ ବିକ୍ରି କରିସାରିଥିବା ବେଳେ ବଳକାକୁ ନେଇ କଟକ ଆସୁଥିବା ବେଳେ ଧରାପଡ଼ିଥିଲେ। ସେ ବ୍ରାଉନସୁଗାର ହୋମ ଡେଲିଭରି କରୁଥିଲେ ବୋଲି ଜଣାପଡ଼ିଛି। ଏହା ପୂର୍ବରୁ ଜୁନ ୩ରେ ଭଦ୍ରକରୁ ଦୁଇ ଜଣ ଯୁକ୍ତ ୩ ପଢୁଆ ଛାତ୍ର (୪୦ ଗ୍ରାମ), ମେ ୩୧ରେ ଖୋର୍ଦ୍ଧା ଜଟଣୀରୁ ଜଣେ ୨୬ ବର୍ଷୀୟ ଯୁବକ (୧୦୫ ଗ୍ରାମ) ବ୍ରାଉନସୁଗାର ନେଇ ଯାଉଥିବା ବେଳେ ଗିରଫ ହୋଇଥିଲେ। ଜାନୁୟାରୀ ୧୩ରେ ପୁରୀ ନିମାପଡ଼ାରୁ ଦୁଇ ଜଣ (୫୧ ଗ୍ରାମ), ୨୫ ତାରିଖରେ ଭଦ୍ରକରୁ ଜଣେ (୧୮ ଗ୍ରାମ), ୨୮ ତାରିଖରେ ଜଗତ୍‌ସିଂହପୁରରୁ ଜଣେ (୨୧ ଗ୍ରାମ) ଓ ଫେବୃୟାରୀ ୨୦ରେ ଭଦ୍ରକରୁ ଜଣେ (୨୪ ଗ୍ରାମ) ଗିରଫ ହୋଇଛନ୍ତି।

ଏକ ଗ୍ରାମ ବ୍ରାଉନସୁଗାରର ମୂଲ୍ୟ ୨୪୦୦ ଟଙ୍କା। ଗୋଟିଏ ଗ୍ରାମକୁ ୪ଟି ପୁଡ଼ିଆ କରାଯାଏ। ପ୍ରତ୍ୟେକ ପୁଡ଼ିଆର ଦାମ ୬୦୦ ଟଙ୍କା ଦରରେ ବିକ୍ରି ହୁଏ। କୋଟି କୋଟି ଟଙ୍କାର ବେପାର ଖୁବ ସତର୍କତାର ସହ ଚାଲିଥିବା ବେଳେ ଏହାର ମୂଳ ଯାଏ ପହଞ୍ଚିବା ପୋଲିସ ପାଇଁ ମୁସ୍କିଲ ହୋଇପଡ଼ିଛି। କେନ୍ଦ୍ରାଞ୍ଚଳ ଅବକାରୀ ନିରୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ କହିବା ମୁତାବକ, ୧୦ ଜିଲା ଭିତରୁ ମୟୂରଭଞ୍ଜ, ଯାଜପୁର, ନୟାଗଡ଼ରେ ବ୍ରାଉନସୁଗାର ବେପାର ସକ୍ରିୟ ହୋଇନାହିଁ। ପୁରୀ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ାରେ ବେପାର ବଢ଼ିବାରେ ଲାଗିଲାଣି। ବର୍ତ୍ତମାନ ଯାଏ ଏହି ବେପାର ସହର ଭିତରେ ସୀମିତ ରହିଛି। ଥରେ ଗାଁ ଭିତରକୁ ବେପାରର ଚେର ପଶିଲେ ସ୍ଥିତି ବିଗିଡ଼ିଯିବ ବୋଲି ସେ କହିଛନ୍ତି।

# ଥାନା ଆଗରେ ମୃତଦେହ ରଖି ଧାରଣା

**ଭୁବନେଶ୍ୱର,୧୪।୬(ବ୍ୟୁରୋ)**



- ସନ୍ଦେହଜନକ ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା
- ହତ୍ୟା ମାମଲା ରୁଜୁ, ହତ୍ୟାକାରୀଙ୍କୁ ଗିରଫ ଦାବି

ତମାଣ୍ଡୋ ଥାନା ଜଗନ୍ନାଥ ମନ୍ଦିର ନିକଟରେ ରହୁଥିବା ତରାବୋଇ ଅଞ୍ଚଳର ସନାତନ ମିଶ୍ର(୨୫)ଙ୍କ ସନ୍ଦେହଜନକ ଅବସ୍ଥାରେ ଝୁଲନ୍ତା ମୃତ ଦେହ ଶନିବାର ସକାଳେ ଉଦ୍ଧାର କରାଯାଇଥିଲା। ପୁଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ମୃତ ସନାତନଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସନାତନଙ୍କୁ ପିଟି ପିଟି ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଥିବା ପରିବାର ସଦସ୍ୟ ଓ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ମାତ୍ର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବସିଥିବାରୁ ଏହାର ପ୍ରତିବାଦ କରି ରବିବାର ବ୍ୟବଚ୍ଛେଦ ପରେ ମୃତଦେହକୁ ତମାଣ୍ଡୋ ଥାନା ଆଗରେ ରଖି ଘେରାଉ କରିଥିଲେ। ତୁରନ୍ତ ହତ୍ୟା ମାମଲା ରୁଜୁ କରାଯିବା ସହ ହତ୍ୟାକାରୀଙ୍କୁ ଗିରଫ ଦାବି କରି ଧାରଣାରେ ବସିଥିଲେ। ଜୋନ୍ ଏସିପି ଓ ତିମାଣ୍ଡୋ ଥାନା ଅଧିକାରୀ ଲୋକଙ୍କୁ ବୁଝାଶୁଝା କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ହତ୍ୟା ନେଇ ରିପୋର୍ଟ ଆସିଲେ ହତ୍ୟା ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣାରୁ ଉଠିଥିଲେ ଲୋକେ।

ଅଭିଯୋଗ ମୁତାବକ, ସନାତନ ତମାଣ୍ଡୋ ଜଗନ୍ନାଥ ମନ୍ଦର ନିକଟରେ ରହୁଥିବା ସ୍ଥାନୀୟ ଜଣେ ରାଜନେତାଙ୍କ ଘରେ ୧୦ବର୍ଷ ଧରି କାମ କରୁଥିଲେ। କିଛିଦିନ ତଳେ ମାଲିକଙ୍କ ସହ ମନୋମାଳିନ୍ୟ ହେବା ପରେ ୨ ମାସ ତଳେ ଘରକୁ ଚାଲିଯାଇଥିଲେ। ଶନିବାର ସକାଳେ ସେ ଉକ୍ତ ମାଲିକଙ୍କ ଘରକୁ ଯାଇ ଆଉ ଫେରି ନ ଥିଲେ। ଦିନ ପ୍ରାୟ ୧୦ଟାରେ ମାଲିକଙ୍କ ଘର ଲୋକେ ଫୋନ୍ କରି ସନାତନ ଆତ୍ମହତ୍ୟା କରିଥିବା ଜଣାଇଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନାତନଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାତ୍ର ସନାତନଙ୍କ ଦେହରେ ବହୁ ସ୍ଥାନରେ ମାଡ଼ ଓ କ୍ଷତ ଚିହ୍ନ ରହିଛି। ତାଙ୍କୁ ମାଡ ମାରାଯିବା ପରେ ହତ୍ୟା କରି ରସିରେ ଝୁଲାଇ ଆତ୍ମହତ୍ୟା ରୂପ ଦିଆଯାଇଛି ବୋଲି ସନାତନଙ୍କ ମା' ଥାନରେ ଭିଯୋଗ ଆଣିଥିଲେ।

# ମାସେ ଭିତରେ ଫେରିଯିବ 'ସୁନ୍ଦରୀ'

**ଭୁବନେଶ୍ୱର, ୧୪।୬(ବ୍ୟୁରୋ)**

**ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପ ବିଫଳ**

- ଜଙ୍ଗଲରେ ନ ଛାଡ଼ି ଏନ୍‌କ୍ଲୋଜରରେ ରଖିବାକୁ ବିଶେଷଜ୍ଞଙ୍କ ମତ
- ବାଘୁଣୀ ନାଁରେ ମଣିଷ ମାରିବା ଅଭିଯୋଗ ଆସିଥିଲା
- ମଧ୍ୟପ୍ରଦେଶରୁ ଆସିଥିବା ମହାବଳ ମହାବୀରର ମୃତ୍ୟୁ ମଧ ଘଟିଥିଲା

ସାତକୋଶିଆରେ ଥିବା ବାଘୁଣୀ 'ସୁନ୍ଦରୀ' ମାସକ ଭିତରେ ମଧ୍ୟପ୍ରଦେଶ ଫେରିଯିବ। ଏଥିପାଇଁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ରାଜ୍ୟ ସରକାରଙ୍କୁ ତୃତୀୟ ଚିଠି ଲେଖିଛନ୍ତି। ଗତ ଡିସେମ୍ବରରେ ବାଘୁଣୀକୁ ଫେରାଇ ଦେବାକୁ ଏନ୍‌ଟିସିଏ ଓଡ଼ିଶା ସରକାରଙ୍କୁ ପ୍ରଥମେ ଚିଠି ଦେଇଥିଲେ। ପରେ ରାଜ୍ୟ ସରକାର ମଧ୍ୟପ୍ରଦେଶ ସରକାରଙ୍କୁ ଚିଠି ଲେଖି ସାତକୋଶିଆରୁ ବାଘୁଣୀକୁ ନେଇଯିବା ପାଇଁ କହିଥିଲେ। ଏବେ ବାନ୍ଧବଗଡ଼କୁ ଫେରିଯିବ ସୁନ୍ଦରୀ। ଫଳରେ 'ସୁନ୍ଦରୀ'କୁ ଆଣି ସାତକୋଶିଆରେ ବ୍ୟାଘ୍ର ପ୍ରକଳ୍ପର ଯେଉଁ ସ୍ୱପ୍ନ ଥିଲା ତାହା ବିଫଳ ହୋଇଯାଇଛି। ଏଥିପାଇଁ ସାତକୋଶିଆ କର୍ତ୍ତୃପକ୍ଷଙ୍କ ଅପାରଗତାକୁ ଦାୟୀ କରାଯାଉଥିବାବେଳେ ଏଥିପାଇଁ ପ୍ରାୟ ୧୦କୋଟି ଟଙ୍କା ପାଣିରେ ପଡ଼ିଥିବା ବନ୍ୟପ୍ରାଣୀ ବିଶେଷଜ୍ଞ କହିଛନ୍ତି। ସେପଟେ ବାନ୍ଧବଗଡ଼କୁ ଫେରିଲେ ମଧ ସେ ଆଉ ଜଙ୍ଗଲରେ ରହିପାରିବ ନାହିଁ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ସେମାନଙ୍କ କହିବାନୁଯାୟୀ, ଗତ ଦେଢ଼ବର୍ଷ ହେବ ସୁନ୍ଦରୀ ଏନ୍‌କ୍ଲୋଜରରେ ରହିବା ଫଳରେ ତା'ର ଜଙ୍ଗଲୀ ପ୍ରକୃତି



ହରାଇ ପୋଷା ଭଳି ହୋଇଗଲାଣି। ଶିକାର କରିବା ଖାଇବା ଭୁଲି ଯାଇଥିବ। ଜଙ୍ଗଲରେ ଛାଡ଼ି ଦେଲେ ସେ ଖୁବ୍‌ଶୀଘ୍ର ମରିଯାଇପାରେ। ତେଣୁ ସେ ବାନ୍ଧବଗଡ଼ ଗଲେ ମଧ ତାକୁ ସେହିଭଳି ଏନ୍‌କ୍ଲୋଜରରେ ରଖାଯାଇ ଅନୁଧ୍ୟାନ କରିବା ଉଚିତ୍।

ସୂଚନାଯୋଗ୍ୟ, ରାଜ୍ୟରେ ବ୍ୟାଘ ସଂଖ୍ୟା ବୃଦ୍ଧି କରିବା ପାଇଁ ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପ ଆରମ୍ଭ କରିବାକୁ ଯୋଜନା ହୋଇଥିଲା। ସାତକୋଶିଆରେ ବାଘ ଛାଡ଼ିବା ପାଇଁ ୨୦୧୭ ସେପ୍ଟେମ୍ବର ୧ରେ ଏନ୍‌ଟିସିଏ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ପର୍ଯ୍ୟାୟକ୍ରମେ ୬ଟି ବାଘ ଅଣାଯିବ ବୋଲି ଯୋଜନା ହୋଇଥିଲା। ୨୦୧୮ ଜୁଲାଇ ୬ରେ ପ୍ରଥମେ ମଧ୍ୟପ୍ରଦେଶର କାହ୍ନା ଟାଇଗର ରିଜର୍ଭରୁ ୩ବର୍ଷର 'ମହାବୀର' ନାମକ ମହାବଳ ବାଘକୁ ଅଣାଯାଇ ସାତକୋଶିଆରେ ଛଡ଼ା ଯାଇଥିଲା। ସେହିବର୍ଷ ଅଗଷ୍ଟ ୧୭ରେ ମଧ୍ୟପ୍ରଦେଶର ବାନ୍ଧବଗଡ଼ରୁ ବାଘୁଣୀ 'ସୁନ୍ଦରୀ'କୁ ସାତକୋଶିଆ ଅଣାଯାଇଥିଲା। ସୁନ୍ଦରୀ ମଣିଷ ମାରିବା ଅଭିଯୋଗ ଆସିବା ପରେ ତାକୁ ୨୦୧୮ ନଭେମ୍ବର ୬ରେ ଜଙ୍ଗଲରୁ ଏନ୍‌କ୍ଲୋଜରରେ ରଖାଗଲା। ସେପଟେ ସୁନ୍ଦରୀର ଚର୍ଚ୍ଚା ଥମି ନ ଥିବା ବେଳେ 'ମହାବୀର'ର ମୃତ୍ୟୁ ହୋଇଗଲା। ସୁନ୍ଦରୀକୁ ଧରାଯିବାର ୮ଦିନ ପରେ ଅର୍ଥାତ୍ ନଭେମ୍ବର ୧୪ରେ ସାତକୋଶିଆର କୋର୍ ଏରିଆରରେ 'ମହାବୀର'ର ମୃତ ଶରୀର ଠାବ କରାଯାଇଥିଲା। ପ୍ରଥମେ ମହାବୀର ଝିଙ୍କ ଦ୍ୱାରା ମରିଥିବା ବନ ବିଭାଗ କହିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ମହାବୀରକୁ ଶିକାର କରାଯାଇଥିବା ଜଣାପଡ଼ିଥିଲା। ଏହାପରେ ବନବିଭାଗର କାର୍ଯ୍ୟକଳାପ ଉପରେ ଅନେକ ପ୍ରଶ୍ନ ଉଠିଥିଲା। ଦୁଇ ଦୁଇଟି ବାଘକୁ ସୁରକ୍ଷା ଦେଇ ନ ପାରିବାରୁ ଏତେବଡ଼ ପ୍ରକଳ୍ପ ଅନ୍ଧାର ଘେରକୁ ଚାଲିଗଲା ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି।

### ବଜାର, ୩ ୱାର୍ଡ ୧୨ ଘଣ୍ଟା ପାଇଁ ଶଟ୍‌ଡାଉନ୍

**ନିଶ୍ଚିନ୍ତକୋଇଲି,୧୪।୬(ସ୍ୱ.ପ୍ର.):** କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ନିଶ୍ଚିନ୍ତକୋଇଲି ହାଟ, ବଜାର ସମେତ ୬, ୭ ଏବଂ ୮ ନମ୍ବର ୱାର୍ଡକୁ ୧୨ ଘଣ୍ଟା ପାଇଁ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ସୋମବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀହେବ ବୋଲି ସରପଞ୍ଚ ରବୀନ୍ଦ୍ର ସେଠି କହିଛନ୍ତି। ଏନେଇ ଜିଲାପାଳଙ୍କୁ ସେ ଅବଗତ କରାଇଛନ୍ତି। ବଡକ୍ଷୀରି, ବରାଦ ଓ ଓରଟି ପଞ୍ଚାୟତରେ କଣ୍ଟାକ୍ଟ ଟ୍ରେସିଂ କରି ନିଶ୍ଚିନ୍ତକେଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇଛି। ବ୍ଲକରେ ଶୁକ୍ରବାର ୪୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଏହି ସଂଖ୍ୟା ୭୬ରେ ପହଞ୍ଚିଛି। ସଂକ୍ରମଣ ଆଶଙ୍କା ଦୃଷ୍ଟିରେ ରଖି ରବିବାର ବରାଦ ଓ ଫୋଗଳ ପଞ୍ଚାୟତର ୨ଟି ଲେଖାଏ ୱାର୍ଡକୁ ଶଟ୍ ଡାଉନ୍ ଘୋଷଣା କରାଯାଇଥିଲା।

### ୩୮ ନମୁନା ନେଗେଟିଭ

**ଚୌଦ୍ୱାର,୧୪।୬(ଡି.ଏନ୍.ଏ.)**

ଚୌଦ୍ୱାର ସହରାଞ୍ଚଳରେ ଜଣେ କରୋନା ପଜିଟିଭ୍ ବ୍ୟକ୍ତିଙ୍କ ସମ୍ପର୍କରେ ଆସିଥିବା ୩୮ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଶୁକ୍ରବାର ପଠାଯାଇଥିଲା। ପରୀକ୍ଷା କରାଯାଇଥିବା ସମସ୍ତ ନମୁନା ନେଗେଟିଭ ଆସିଥିବା ରବିବାର ପୌର ନିର୍ବାହୀ ଅଧିକାରୀ ପବିତ୍ର ବେହେରା କହିଛନ୍ତି।

# ଖୁବ୍‌ଶୀଘ୍ର ପୁରୀ, କୋଣାର୍କକୁ ଗଡ଼ିବ ମୋ ବସ୍

**ଭୁବନେଶ୍ୱର, ୧୪।୬ (ବ୍ୟୁରୋ)**

- ରୁଟ୍ ମ୍ୟାପ୍ ପ୍ରସ୍ତୁତ କରୁଛି କ୍ରୁଟ୍, ଚଳିତ ସପ୍ତାହରେ ହୋଇପାରେ ନିଷ୍ପତ୍ତି
- ପୂର୍ବରୁ ଏହି ରୁଟ୍‌ରେ ହୋଇଛି ପରୀକ୍ଷାମୂଳକ ଯାତ୍ରା

ଖୁବ୍‌ଶୀଘ୍ର ଭୁବନେଶ୍ୱରରୁ ଭାୟା ପିପିଲି ଦେଇ ପୁରୀ ଓ କୋଣାର୍କକୁ ମୋ ବସ୍ ସେବା ଆରମ୍ଭ ହେବ। ଏନେଇ କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ କେବଳ ସରକାରଙ୍କ ଅନୁମତିକୁ ଅପେକ୍ଷା ରହିଛି। ଏନେଇ ଚଳିତ ସପ୍ତାହରେ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କ ସହ ପରିବହନ କମିଶନରଙ୍କ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ରାଜ୍ୟରେ ଆଉ କେତେ ସଂଖ୍ୟାରେ ନୂଆ ବସ୍ ଚଳାଚଳ କରିବ, କେତେ ସଂଖ୍ୟାର ପୁରୁଣା ଡିଟିଏସ୍ ବସ୍‌ର ପୁନରୁଦ୍ଧାର କରାଯିବ, ନୂଆ ରୁଟ୍ ମ୍ୟାପ୍ ସମେତ ପୁରୀ ଓ କୋଣାର୍କକୁ ମୋ ବସ୍ କେବେଠୁ ଗଡ଼ିବ ସେନେଇ ସ୍ଥିର କରାଯିବ ବୋଲି ଜଣାପଡ଼ିଛି।

ପୁରୀ, କୋଣାର୍କ ରୁଟ୍‌ରେ ମୋ ବସ୍ ଚଳାଚଳ ପାଇଁ ଲୋକେ କ୍ରୁଟ୍‌କୁ ଟୁଇଟ୍ ମାଧ୍ୟମରେ ଦାବି କରୁଛନ୍ତି। କ୍ରୁଟ୍‌ର ଜନୈକ ଅଧିକାରୀଙ୍କ ସୂଚନା ମୁତାବକ, ପୁରୀକୁ ମୋ ବସ୍ ଚଳାଚଳ ପାଇଁ ବହୁ ପୂର୍ବରୁ ନକ୍ସା ପ୍ରସ୍ତୁତ ହୋଇଛି। କିଛିଦିନ ତଳେ ଏକ ମୋ ବସ୍ ପରୀକ୍ଷାମୂଳକ ଭାବେ ଉକ୍ତ ରୁଟ୍‌ମ୍ୟାପ୍ ଅନୁସାରେ ପୁରୀ ଓ କୋଣାର୍କ ଅଭିମୁଖେ ଯାଇ ନିର୍ଦ୍ଧାରିତ ବସ୍ ଷ୍ଟାଣ୍ଡ ସ୍ଥାନରେ ରହଣି କରି ଫେରିଥିଲା। ବସ୍ ଓ ରୁଟ୍ ସଂଖ୍ୟା ବୃଦ୍ଧି ନିଷ୍ପତ୍ତି ପରେ ଭୁବନେଶ୍ୱରରୁ ଭାୟା ପିପିଲି ଦେଇ ପୁରୀ ଓ କୋଣାର୍କକୁ ମୋ ବସ୍ ଯାତାୟତ କରିବାକୁ ଯୋଜନା କରାଯାଇଥିବା ଅଧିକାରୀ ଜଣକ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ପୁରୀକୁ ମୋ ବସ୍ ଗଡ଼ିବାକୁ କ୍ରୁଟ୍ ଚିନ୍ତା କରୁଛି ବୋଲି ଏହାର ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା ଗତ ଜାନୁୟାରୀରେ ସୂଚନା ଦେଇଥିଲେ। ଏହା ପରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ସାମ୍ପ୍ରତିକ କରୋନା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ସେବା ଆରମ୍ଭରେ ବିଳମ୍ବ ହେଉଥିବା ଜଣାପଡିଛି।

# ଶୁଟିଂ ସେଟ୍‌ରେ ସର୍ବଦା କୁଲ୍ ରହୁଥିଲେ

**ଭୁବନେଶ୍ୱର,୧୪।୬(ବ୍ୟୁରୋ)**

**ସୁଶାନ୍ତଙ୍କ ଓଡ଼ିଶା ଲିଙ୍କ୍**

ସେଲିବ୍ରିଟିଙ୍କଠାରୁ ଆରମ୍ଭକରି କ୍ରିକେଟର ଓ ରାଜନେତାଙ୍କ ପର୍ଯ୍ୟନ୍ତ ସମସ୍ତେ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ବିୟୋଗରେ ମ୍ରିୟମାଣ ହୋଇପଡିଛନ୍ତି। ତାଙ୍କସହ କାମ କରିଥିବା ଦୁଇ ଓଡ଼ିଆ କଳାକାର ମଧ ଆଜି ଭାଙ୍ଗି ପଡିଛନ୍ତି। ହିନ୍ଦୀ ଫିଲ୍ମ 'ଛିଛୋରେ'ରେ ସୁଶାନ୍ତ ସିଂ ରାଜପୁତଙ୍କ ସହ ଅଭିନୟ କରି ଚର୍ଚ୍ଚାକୁ ଆସିଥିଲେ ଓଡ଼ିଶାର ଅମ୍ରିତ କଶ୍ୟପ। ରାଉରକେଲା ଜନ୍ମିତ ୨୭ବର୍ଷୀୟ ଏହି ଅଭିନେତା ଉକ୍ତ ଫିଲ୍ମରେ ସୁଶାନ୍ତଙ୍କ ବିରୋଧରେ ଏକ କ୍ରିକେଟ୍ ମ୍ୟାଚ୍ ଖେଳୁଥିବା ଦୃଶ୍ୟ ବେଶ୍ ଆଦୃତ ହୋଇଥିଲା। ତେବେ ଶୁଟିଂ ସେଟ୍‌ରେ ସୁଶାନ୍ତ ବୋଲିଂ କରିବା ସମୟରେ ଅମ୍ରିତ ପ୍ରଥମେ ଠିକ୍‌ଭାବେ ବ୍ୟାଟିଂ କରିପାରି ନ ଥିଲେ। ଏହାପରେ ଅମ୍ରିତଙ୍କ ପାଖକୁ ଆସି ସେ ଯାହା କହିଥିଲେ ତାହା ସେଟ୍‌ରେ ସମସ୍ତଙ୍କୁ ଢେର୍ ହସାଇଥିଲା। 'ଧୋନୀଙ୍କ ସହ ଖେଳୁଛୁ, ଠିକ୍‌ଭାବେ ବ୍ୟାଟିଂ କର', ସୁଶାନ୍ତଙ୍କ ଏହି ପଦିଏ କଥା ଅମ୍ରିତଙ୍କୁ କେବଳ ହସାଇ ନ ଥିଲା, ବରଂ ସେଟ୍‌ରେ କୁଲ୍ ହୋଇ କାମ କରିବାକୁ ପ୍ରେରଣା ଯୋଗାଇଥିଲା। ତାଙ୍କ ବିୟୋଗରେ ଭାଙ୍ଗିପଡ଼ିଥିବା ଅମ୍ରିତ କହିଛନ୍ତି, ମୋର ପ୍ରଥମ ଏବଂ ଶେଷ ଫିଲ୍ମ ତାଙ୍କ ସହ ଥିଲା। ଜୀବନରେ କେବେ ହାରି ନ ଯିବାକୁ 'ଛିଛୋରେ' ଫିଲ୍ମରେ ସେ ସମସ୍ତଙ୍କୁ ବାର୍ତ୍ତା ଦେଇଥିଲେ। ସେହିଭଳି ଆତ୍ମହତ୍ୟା କେବେ କୌଣସି ସମସ୍ୟାର ସମାଧାନ ନୁହେଁ ବୋଲି କହିଥିଲେ। ହେଲେ ଆଜି ଏ ଖବର ଶୁଣିବାପରେ ମୋର ବିଶ୍ୱାସ ହେଉନି। ଏଥିରେ ମୁଁ ମର୍ମାହତ। ଚାରିପାଖରେ ଯାହା ବି ଘଟୁଛି ସମସ୍ତେ ସେ ସମ୍ପର୍କରେ କଥା ହେବା ଉଚିତ। ଖୋଲାଖୋଲିଭାବେ ଆଲୋଚନା କଲେ ଏଭଳି ଘଟିବନି ବୋଲି ସେ କହିଛନ୍ତି।



'ସୋନ୍ ଚିଡିୟାଁ' ଫିଲ୍ମ ଶୁଟିଂସେଟ୍‌ରେ ସତ୍ୟଙ୍କ ସହ ସୁଶାନ୍ତ ସିଂ ରାଜପୁତ।

କେବଳ ଅମ୍ରିତ ନୁହେଁ, ଆଉଜଣେ ଓଡ଼ିଆ କଳାକାର ମଧ ସୁଶାନ୍ତଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ। ସେ ହେଲେ ଓଡ଼ିଆ ଅଭିନେତା ସତ୍ୟ ରଞ୍ଜନ। ୨୦୧୯ରେ ରିଲିଜ ହୋଇଥିବା ହିନ୍ଦୀ ଆକ୍ସନ ଫିଲ୍ମ 'ସୋନ୍‌ଚିଡ଼ିୟାଁ'ରେ ସୁଶାନ୍ତ ସିଂ ରାଜପୁତ, ଭୂମି ପେଡ୍‌ନେକର, ମନୋଜ ବାଜପେୟୀ, ରଣବୀର ଶୋରେ ଏବଂ ଆଶୁତୋଷ ରାଣାଙ୍କ ଭଳି ବ୍ରିଲିଆଣ୍ଟ କଳାକାରଙ୍କ ସହ ଅଭିନୟ କରିଥିବା ସତ୍ୟ ଉକ୍ତ ଫିଲ୍ମରେ ନିଖୁଣ ଓ ଜୀବନ୍ତ ଅଭିନୟର ଯାଦୁ ଦେଖାଇଥିଲେ। ଚମ୍ବଲ ଇଲାକାର ଏକ ସତ୍ୟ ଘଟଣା ଉପରେ ଆଧାରିତ ଏହି ଫିଲ୍ମରେ ଭଦ୍ରକ ଜନ୍ମିତ ୩୫ବର୍ଷୀୟ କଳାକାର ସତ୍ୟ ଅଭିନେତା ସୁଶାନ୍ତ ସିଂ ରାଜପୁତ, ମନୋଜ ବାଜପେୟୀ, ଆଶୁତୋଷ ରାଣାଙ୍କ ଭଳି କଳାକାରଙ୍କଠାରୁ ଅନେକ କିଛି ଶିଖିବାକୁ ପାଇଥିବା କହିଥିଲେ। ଜୀବନରେ କେବେ ବଡ଼ କଳାକାର କିମ୍ବା ସେଲିବ୍ରିଟି ହେବା ଇଚ୍ଛା ନ ଥିଲା, ବରଂ ପେସାଗତ ଓ ବୃତ୍ତିଗତ କଳାକାରଙ୍କ ସହ ଅଭିନୟ କରିବାର ଲକ୍ଷ୍ୟ ଥିଲା। ଯାହାକି ଏହି ଫିଲ୍ମ ମାଧ୍ୟମରେ ପୂରଣ ହୋଇଥିବା ସେ କହିଥିଲେ। ତାଙ୍କ ବିୟୋଗରେ ସେ ସୋସିଆଲ ମିଡିଆରେ ଭାବପ୍ରବଣ ହୋଇ ଏକ ପୋଷ୍ଟ କରିବା ସହ ସୁଶାନ୍ତ ବହୁତ ମନେପଡ଼ିବେ ବୋଲି ସତ୍ୟ କହିଛନ୍ତି।




ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ପରଲୋକରେ ରବିବାର ପୁରୀଠାରେ ସ୍ୟାଣ୍ଡ ଆନିମେଶନ ଦ୍ୱାରା ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ବାଲୁକାଶିଳ୍ପୀ ମାନସ ସାହୁ।

### ଫନୀରେ ଓଡ଼ିଶା ସହ ଛିଡ଼ାହେବାକୁ କହିଥିଲେ ସୁଶାନ୍ତ

**ଭୁବନେଶ୍ୱର,୧୪।୬(ବ୍ୟୁରୋ):** 'ଏମ୍.ଏସ୍. ଧୋନୀ' ଫିଲ୍ମରେ ନିଖୁଣ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତିଥିବା ଯୁବ ଅଭିନେତା ସୁଶାନ୍ତ ସିଂ ରାଜପୁତ ଆଉ ନାହାନ୍ତି। ହେଲେ ତାଙ୍କୁ ଆଜି ସମସ୍ତେ ଝୁରୁଛନ୍ତି। ରିଲ୍ ଲାଇଫରେ ଜଣେ ସାଦାସିଧା ଯୁବକଭାବେ ଅଧିକାଂଶ ଫିଲ୍ମରେ ନଜରକୁ ଆସିଥିବା ସୁଶାନ୍ତ ରିୟଲ ଲାଇଫ୍‌ରେ ମଧ ବେଶ୍ ଶାନ୍ତ, ସରଳ ଓ ପରୋପକାରୀ ଥିଲେ। ଓଡ଼ିଶା ପ୍ରତି ତାଙ୍କର ରହିଥିବା ମହାନୁଭବତାକୁ ଓଡ଼ିଶାବାସୀ ମନେପକାଉଛନ୍ତି। ୨୦୧୯ ମେ' ୩ରେ ଓଡ଼ିଶାକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ପ୍ରଳୟଙ୍କରୀ ବାତ୍ୟା 'ଫନୀ' ପରେ ଓଡ଼ିଶାକୁ ଏଭଳି ଏକ ବଡ଼ ବିପତ୍ତିର ଆମେ ଓଡ଼ିଶାକୁ ରକ୍ଷା କରିବାକୁ ନିଜ ପ୍ରଶଂସକଙ୍କୁ ଅନୁରୋଧ କରିଥିଲେ। ଇନ୍‌ଷ୍ଟାଗ୍ରାମରେ ସେ ଲେଖିଥିଲେ, ଓଡ଼ିଶା ଆମକୁ ଏହି ମୁହୂର୍ତ୍ତରେ ଆବଶ୍ୟକ କରୁଛି। ଯେତେଶୀଘ୍ର ସମ୍ଭବ ଆମେ ସେମାନଙ୍କ ନିକଟରେ ପହଞ୍ଚିବା ଉଚିତ ବୋଲି କହିଥିଲେ। ଓଡ଼ିଶା ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ୍‌ରେ ଦାନ କରିବାକୁ କହିବାସହ ଏହାର ଲିଙ୍କ୍ ମଧ ଶେୟାର କରିଥିଲେ। ତେବେ ଏହି 'କେଦାରନାଥ' ଅଭିନେତା ପୂର୍ବରୁ ମଧ ଅନେକ ସାମାଜିକ ସେବାକାର୍ଯ୍ୟ ସହ ଜଡ଼ିତ ଥିଲେ। କେରଳ ବାତ୍ୟାବେଳେ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ୧ କୋଟି ଟଙ୍କା ଦାନ କରିଥିବାବେଳେ ୨୦୧୮ ନାଗାଲାଣ୍ଡ ବାତ୍ୟା ସମୟରେ ୧.୨୫ କୋଟି ଟଙ୍କାର ସହାୟତା ପ୍ରଦାନ କରିଥିଲେ। ସେହିଭଳି ନିଜର ଜଣେ ପ୍ରଶଂସକଙ୍କ ନାମରେ ସେ ୧ କୋଟି ଟଙ୍କା ବିପର୍ଯ୍ୟୟ ପୀଡ଼ିତଙ୍କ ପାଇଁ ଦେଇଥିଲେ, ଯାହା ତାଙ୍କ ମହାନତା ଓ ସେବା ମନୋବୃତ୍ତିକୁ ପ୍ରମାଣିତ କରିଥିଲେ।

## ସଂକ୍ଷେପରେ

### ଅଟୋମୋବାଇଲ ଡିଲରଶିପରେ ଛଟେଇ ଆଶଙ୍କା

ନୂଆଦିଲ୍ଲୀ,୧୪।୬: ଗତ ବର୍ଷ ମାନ୍ଦାବସ୍ଥା ଯୋଗୁ ଦେଶର ଅଟୋମୋବାଇଲ ଡିଲରଶିପ ନିଯୁକ୍ତି ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥିଲା। ଚଳିତ ବର୍ଷ କରୋନା ମହାମାରୀ ଯୋଗୁ ଏହି ସମସ୍ୟା ଗତବର୍ଷଠାରୁ ବଢ଼ିଯିବ ବୋଲି ଆଶଙ୍କା କରାଯାଉଛି। ଅଟୋମୋବାଇଲ ଡିଲର ମହାସଂଘ (ଫାଡା)କହିଛି ଯେ, ମହାମାରୀ ଯୋଗୁ ଡିଲରଶିପଗୁଡ଼ିକରେ ନିଯୁକ୍ତି ହ୍ରାସ ହେବାର ଆଶଙ୍କା କରାଯାଉଛି। ଗତବର୍ଷ ମାନ୍ଦାବସ୍ଥା ଲାଗି ଏହି କ୍ଷେତ୍ରରେ ପ୍ରାୟ ୨ ଲକ୍ଷ ନିଯୁକ୍ତି କ୍ଷତିଗ୍ରସ୍ତ ହୋଇଥିଲା। ନିକଟରେ ଫାଡା ଏ ନେଇ ଏକ ସର୍ଭେ ମଧ କରିଥିଲା। ଆଉଟଲେଟଗୁଡ଼ିକରେ ଶ୍ରମଶକ୍ତି କମାଇବା ନେଇ ଡିଲରମେମ୍ବରମାନେ ଯୋଜନା ରଖିଛନ୍ତି। ଯଦି ଚାହିଦା ବଢେ ନାହିଁ ତେବେ ନିଯୁକ୍ତି କମିବ ବୋଲି ଫାଡାର ସଭାପତି ଆଶିଷ ହର୍ଷରାଜ କାଲେ ମତବ୍ୟକ୍ତ କରିଛନ୍ତି। ଗତ ଅଟୋମୋବାଇଲ ଶିଳ୍ପ କ୍ଷତିଗ୍ରସ୍ତ ହେବାରୁ ମେ ଠାରୁ ଜୁଲାଇ ମଧରେ ୨ ଲକ୍ଷ ନିଯୁକ୍ତି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି।

### ବଫରଷ୍ଟକ୍ ଲାଗି ୨୫ ହଜାର ଟନ୍ ପିଆଜ ସଂଗ୍ରହ

ନୂଆଦିଲ୍ଲୀ,୧୪।୬: ବିଭିନ୍ନ କୃଷକ ଉତ୍ପାଦକ ଅନୁଷ୍ଠାନ ଏବଂ କୃଷି ସମବାୟ ସମିତିଗୁଡ଼ିକଠାରୁ ଜାତୀୟ କୃଷି ସମବାୟ ବିପଣନ ମହାସଂଘ ନାଫେଡ ପ୍ରାୟ ୨୫ ହଜାର ଟନ୍‌ର ପିଆଜ ସଂଗ୍ରହ କରିଛି। ସରକାରଙ୍କ ଲାଗି ବଫରଷ୍ଟକ ଉଦ୍ଦେଶ୍ୟରେ ଏଭଳି କ୍ରୟ କରାଯାଇଥିବା ଜଣାପଡଛି। ଗତ ବର୍ଷ ନାଫେଡ ୫୭ ହଜାର ଟନ୍ ପିଆଜ କ୍ରୟ କରିଥିଲା। ଚଳିତ ବର୍ଷ ପ୍ରମୁଖ ଉତ୍ପାଦନକାରୀ ରାଜ୍ୟଗୁଡ଼ିକଠାରୁ ଚଳିତ ବର୍ଷ ୧ ଲକ୍ଷ ଟନ୍ ପିଆଜ ସଂଗ୍ରହ ନେଇ ଯୋଜନା ରଖାଯାଇଥିବା ନାଫେଡ ପକ୍ଷରୁ ସୂଚନା ରହିଛି। ଘରୋଇ ବଜାରରେ ଦରଦାମକୁ ନିୟନ୍ତ୍ରଣ କରିବା ଏବଂ ୧ ଲକ୍ଷ ଟନ୍‌ର ଏକ ଷ୍ଟକ ରଖିବାକୁ ସରକାର ଯୋଜନା ରଖିଛନ୍ତି। ଏଗୁଡ଼ିକ ପିଆଜ ଅଭାବ ଦେଖାଯାଉଥିବା ମାସରେ ବଜାରକୁ ଛଡାଯିବ ବୋଲି ଏହା ସୂଚନା ଦେଇଛି।

# ଇନ୍ଧନ ଦର ବୃଦ୍ଧି ଅବ୍ୟାହତ

- ଗତ ୮ ଦିନ ଧରି ବଢୁଛି
- ରବିବାର ପେଟ୍ରୋଲ ୬୨, ଡିଜେଲ ୬୪ ପଇସା ବୃଦ୍ଧି
- ଉଚ୍ଚ ଟିକସ ଯୋଗୁ ଦର କମୁନି

ନୂଆଦିଲ୍ଲୀ,୧୪।୬



ଗତ ୮ ଦିନ ହେବ ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧିରେ ଲଗାମ ଲାଗିପାରୁ ନାହିଁ। ରବିବାର ପେଟ୍ରୋଲ ଲିଟର ପିଛା ୬୨ ପଇସା ଏବଂ ଡିଜେଲ ଲିଟର ପିଛା ୬୪ ପଇସା ବଢ଼ିଛି। ଗୋଟିଏ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଇନ୍ଧନ ଦର ବୃଦ୍ଧି ଘଟିବା ଯୋଗୁ ପେଟ୍ରୋଲ ଦର ୪.୫୨ ଟଙ୍କା ଏବଂ ୪.୬୪ ଟଙ୍କା ମହଙ୍ଗା ହୋଇଛି। ଏହା ପୂର୍ବରୁ ଦୀର୍ଘ ୮୨ ଦିନ ଧରି ତେଲ କମ୍ପାନୀଗୁଡ଼ିକ ଇନ୍ଧନ ଦରରେ କୌଣସି ପରିବର୍ତ୍ତନ କରି ନ ଥିଲେ। ଏହି ଦର ବୃଦ୍ଧି ଫଳରେ ଦିଲ୍ଲୀରେ ପେଟ୍ରୋଲର ଲିଟର ପିଛା ଦର ୭୫.୧୬ ଟଙ୍କାରୁ ୭୫.୭୮ ଟଙ୍କାକୁ ବୃଦ୍ଧି ଘଟିଛି। ସେହିଭଳି ଡିଜେଲର ଲିଟର ପିଛା ଦର ୭୩.୩୯ ଟଙ୍କାରୁ ୭୪.୦୩ ଟଙ୍କା ଛୁଇଁଥିବା ରାଷ୍ଟ୍ରାୟତ୍ତ ତେଲ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ଦିଆଯାଇଛି।

ସ୍ଥାନୀୟ ସେଲ୍‌ସ ଟିକସ ଏବଂ ଭ୍ୟାଟ୍ ଆଧାରରେ ଦେଶର ବିଭିନ୍ନ ପ୍ରାନ୍ତରେ ଇନ୍ଧନ ଦରରେ ଭିନ୍ନତା ଦେଖାଯାଇଛି। ୨୦୧୭ ଜୁନରେ ତେଲ କମ୍ପାନୀଗୁଡ଼ିକ ଦୈନିକ ଭିତ୍ତିରେ ଇନ୍ଧନ ଦର ପରିବର୍ତ୍ତନ ନିୟମ ଆରମ୍ଭ କରିଥିଲେ। ପେଟ୍ରୋଲ ଉପରେ ୬୨ ପଇସା ଏବଂ ଡିଜେଲ ଉପରେ ୬୪ ପଇସା ବୃଦ୍ଧି ନୂଆ ନିୟମ ଲାଗୁ ହେବା ପରଠାରୁ ସର୍ବାଧିକ। ଅର୍ଥାତ ବର୍ତ୍ତମାନ ଯାଏ ଏକାଥରକେ ଏଭଳି ବୃଦ୍ଧି କେବେ ହୋଇ ନ ଥିଲା। ବର୍ତ୍ତମାନ ଜୁନ ୭ ପରଠାରୁ ତେଲ କମ୍ପାନୀଗୁଡ଼ିକ ଲଗାତର ଦର ବୃଦ୍ଧି କରି ଚାଲିଛନ୍ତି। ସେହିଭଳି ଗତ ଆଠ ଦିନ ମଧ୍ୟରେ ପେଟ୍ରୋଲ ଉପରେ ୪.୫୨ ଟଙ୍କା ଏବଂ ଡିଜେଲ ଉପରେ ୪.୬୪ ଟଙ୍କାର ଦର ବୃଦ୍ଧି ମଧ ରେକର୍ଡ ସ୍ତରର ବୃଦ୍ଧି।

### କାହିଁକି ବଢୁଛି ଦର

ସରକାର ଅତିରିକ୍ତ ରାଜସ୍ୱ ସଂଗ୍ରହ ଲାଗି ଇନ୍ଧନ ଉପରେ ଅତିରିକ୍ତ ଉତ୍ପାଦ ଟିକସ ବଢାଇଥିଲେ। ଅନ୍ତର୍ଜାତୀୟ ବଜାରରେ ତେଲ ଦର ନିମ୍ନରେ ରହିଥିବାରୁ ଟିକସ ବଢିଲେ ମଧ କମ୍ପାନୀଗୁଡ଼ିକ ରିଟେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ନ କରି ନିଜ ଉପରେ ପଡୁଥିବା ପ୍ରଭାବକୁ ନିଜ ମଧ୍ୟରେ ବ୍ୟବସ୍ଥିତ କରିଥିଲେ। ଏହା ପରେ ରାଜ୍ୟଗୁଡ଼ିକ ଭ୍ୟାଟ୍ ବଢାଇଲେ। ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିଥିବା ବେଳେ ରାଜ୍ୟ ଏବଂ କେନ୍ଦ୍ର ସ୍ତରରେ ବର୍ଦ୍ଧିତ ଟିକସ ଯୋଗୁ ଇନ୍ଧନ ଦର ଲଗାତର ବଢୁଛି। ସରକାର ମାର୍ଚ୍ଚ ୧୪ରେ ଉଭୟ ପେଟ୍ରୋଲ ଏବଂ ଡିଜେଲ ଉପରେ ୩ ଟଙ୍କା ଲେଖାଏ ଉତ୍ପାଦ ଟିକସ ଲାଗୁ କରିଥିଲେ। ଏହା ପରେ ମେ ମାସ ୫ରେ ପୁଣି ଥରେ ପେଟ୍ରୋଲ ଏବଂ ଡିଜେଲ ଉପରେ ଯଥାକ୍ରମେ ୧୦ ଓ ୧୩ ଟଙ୍କା ମୂଲ୍ୟ ଉତ୍ପାଦ ଟିକସ ଲାଗୁ କରିଛନ୍ତି। ଏଭଳି ଟିକସ ବୃଦ୍ଧି ଦ୍ୱାରା ସରକାର ଅତିରିକ୍ତ ୨ ଲକ୍ଷ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ଲାଗି ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ପେଟ୍ରୋଲ ଲିଟର ପିଛା ୩୨.୯୮ ଟଙ୍କା ଏବଂ ଡିଜେଲ ଉପରେ ୩୧.୮୩ ଟଙ୍କାର ଉତ୍ପାଦ ଟିକସ ଲାଗୁଛି। ୨୦୧୪ରେ ନରେନ୍ଦ୍ର ମୋଦି ଶାସନ କ୍ଷମତାକୁ ଆସିବା ପରେ ପେଟ୍ରୋଲ ଉପରେ ଉତ୍ପାଦ ଟିକସ ୯.୪୮ ଟଙ୍କା ଏବଂ ଡିଜେଲ ଉପରେ ୩.୫୬ ଟଙ୍କା ରହିଥିଲା। ନଭେମ୍ବର ୨୦୧୪ରୁ ଜାନୁୟାରୀ ୨୦୧୬ ମଧ୍ୟରେ ସରକାର ୯ ଥର ଉତ୍ପାଦ ଟିକସ ବଢାଇଛନ୍ତି। ସେହି ୧୫ ମାସରେ ପେଟ୍ରୋଲ ଏବଂ ଡିଜେଲ ଉପରେ ଯଥାକ୍ରମେ ୧୧.୭୭ ଟଙ୍କା ଓ ୧୩.୪୭ ଟଙ୍କା ଉତ୍ପାଦ ଟିକସ ବଢାଯିବା ଯୋଗୁ ସରକାର ବୃହତ୍ ପରିମାଣର ରାଜସ୍ୱ ଆଦାୟ କରିଛନ୍ତି। ଏହି ବାବଦକୁ ୨୦୧୪-୧୫ରେ ରାଜସ୍ୱ ୯୯ ହଜାର କୋଟି ଟଙ୍କା ଥିବା ବେଳେ ଏହା ୨୦୧୬-୧୭ରେ ୨.୪୨ ଲକ୍ଷ କୋଟି ଟଙ୍କାକୁ ବଢ଼ିଯାଇଥିଲା। ୨୦୧୭ରେ ସରକାର ୨ ଟଙ୍କାର ଉତ୍ପାଦ ଟିକସ କମାଇଥିଲେ। ଗୋଟିଏ ବର୍ଷ ପରେ ଏଥିରେ ୧.୫୦ ଟଙ୍କା ହ୍ରାସ ହୋଇଥିଲା। ୨୦୧୯ ଜୁଲାଇରେ ପୁଣି ଥରେ ୨ ଟଙ୍କା ଉତ୍ପାଦ ଟିକସ ବଢାଯାଇଥିଲା। ଚଳିତବର୍ଷ ମାର୍ଚ୍ଚରେ ପୁଣି ଏଥିରେ ୩ ଟଙ୍କା ବୃଦ୍ଧି ଘଟିଥିଲା। ଅର୍ଥାତ ସରକାର ବାରମ୍ବାର ଟିକସ ବଢାଇବା ଯୋଗୁ ଇନ୍ଧନ ଦର ହ୍ରାସ ହେଉ ନ ଥିବା ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି।

# ଚଳିତ ବର୍ଷ ହୋଇ ନ ପାରେ ବ୍ୟାଙ୍କ ଘରୋଇକରଣ

ନୂଆଦିଲ୍ଲୀ,୧୪।୬




ଚଳିତବର୍ଷ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଘରୋଇକରଣ ଲାଗି ସରକାର ଅଗ୍ରସର ହୋଇ ନ ପାରନ୍ତି। ବ୍ୟାଙ୍କଗୁଡ଼ିକର ଭାଲ୍ୟୁଏଶନ ଏବଂ ଚାପଗ୍ରସ୍ତ ସମ୍ପତ୍ତି ବର୍ତ୍ତମାନ ଉଚ୍ଚରେ ରହିଛି। ସେହିଭଳି କୋଭିଡ-୧୯ ଦେଶର ବ୍ୟାଙ୍କିଙ୍ଗ କ୍ଷେତ୍ରର ଚାପକୁ ବଢାଇଛି। ଏଭଳି ବିଭିନ୍ନ ସମସ୍ୟାକୁ ବିଚାର କରି ସରକାର ବ୍ୟାଙ୍କ ଘରୋଇକରଣ ଯୋଜନାକୁ ଆଗକୁ ନ ବଢାଇ ପାରନ୍ତି ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ବର୍ତ୍ତମାନ ୪ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ରିଜର୍ଭ ବ୍ୟାଙ୍କର ପ୍ରମ୍ପ୍ଟ କରେକ୍ଟିଭ ଆକ୍ସନ(ପିସିଏ) ନିୟମ ଯୋଗୁ ବିଭିନ୍ନ କଟକଣାରେ ରହିଛନ୍ତି। ଏହା ମଧ୍ୟରେ ଋଣ ଯୋଗାଣ, ପରିଚାଳନା କ୍ଷତିପୂରଣ ଏବଂ ନିର୍ଦ୍ଦେଶକଙ୍କ ଫି' ଭଳି ବିଭିନ୍ନ ପ୍ରସଙ୍ଗ ସାମିଲ ରହିଛି। ଏଭଳି ପ୍ରସଙ୍ଗକୁ ଦେଖିଲେ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ, ୟୁକୋ ବ୍ୟାଙ୍କ ଏବଂ ୟୁନାଇଟେଡ ବ୍ୟାଙ୍କ ଅଫ ଇଣ୍ଡିଆର ଘରୋଇକରଣ ଲାଗି ବର୍ତ୍ତମାନ ସ୍ଥିତି ଭଲ ନୁହେଁ ବୋଲି ଅଧିକାରୀ କହିଛନ୍ତି। ଯଦି ସଂସ୍ଥାଗୁଡ଼ିକ ଷ୍ଟ୍ରାଟେଜିକ ସେକ୍ଟର ସହ ସମ୍ପର୍କ ରଖିଥାନ୍ତି ତେବେ ତା'ର ଘରୋଇକରଣ ଲାଗି ସରକାର ଆଗଭର ହେବେ ନାହିଁ। ସରକାର ବ୍ୟାଙ୍କଗୁଡ଼ିକରେ ଅଂଶଧନକୁ କମାଇବା ଦିଗରେ ପଦକ୍ଷେପ ନେବାକୁ ଯୋଜନା ରଖିଛନ୍ତି। ମାତ୍ର ବର୍ତ୍ତମାନର ମହାମାରୀ କେବଳ ବ୍ୟାଙ୍କଗୁଡ଼ିକର ଅଭିବୃଦ୍ଧିକୁ ପ୍ରଭାବିତ କରିନାହିଁ ବରଂ ସେଗୁଡ଼ିକର ଆର୍ଥିକ ଅବସ୍ଥାକୁ କ୍ଷତିଗ୍ରସ୍ତ କରିଛି। ଫେବୃୟାରୀରେ ଆସିଥିବା ବଜେଟରେ ବ୍ୟାଙ୍କଗୁଡ଼ିକ ଲାଗି ପୁଞ୍ଜି ଯୋଗାଣ ଲାଗି କୌଣସି ଘୋଷଣା ହୋଇନାହିଁ। ବ୍ୟାଙ୍କଗୁଡ଼ିକର ମିଶ୍ରଣ ଦିଗରେ ସରକାର ଗତ କିଛିବର୍ଷରେ ବିଭିନ୍ନ ପଦକ୍ଷେପ ହାତକୁ ନେଇଛନ୍ତି। ମିଶ୍ରଣ ଦ୍ୱାରା ୭ ବଡ ବ୍ୟାଙ୍କ ଏବଂ ୫ ଛୋଟ ବ୍ୟାଙ୍କ ରହିଛନ୍ତି। ଏହା ୨୦୧୭ରେ ୨୭ ରହିଥିଲା।

# ୧.୦୪ ଲକ୍ଷ କୋଟିର ନିବେଶ ହାତେଇଲା ଜିଓ

ନୂଆଦିଲ୍ଲୀ,୧୪।୬

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଏହାର ଡିଜିଟାଲ ୟୁନିଟ ଜିଓ ପ୍ଲାଟଫର୍ମ ଲାଗି ମାତ୍ର ୮ ସପ୍ତାହରେ ୧.୦୪ ଲକ୍ଷ କୋଟି ଟଙ୍କାର ନିବେଶ ହାତେଇଛି। ଶନିବାର ହୋଇଥିବା ଡିଲ୍‌ରେ ନିବେଶ ଫାର୍ମ ଟିପିଜି ଜିଓରେ ୪,୫୪୬ କୋଟି ଟଙ୍କା ନିବେଶ କରିବ ବୋଲି ଘୋଷଣା କରିଛି। ଏହା ଦ୍ୱାରା ଉକ୍ତ ଫାର୍ମ ଜିଓର ୦.୯୩% ଅଂଶଧନ ହାସଲ କରିବ। ସେହିଭଳି ପ୍ରାଇଭେଟ ଇକ୍ୱିଟି ଫାର୍ମ ଏଲ୍. କ୍ୟାଟରଟନ ଜିଓରେ ୧୮୯୪ କୋଟି ଟଙ୍କାର ନିବେଶ ଦ୍ୱାରା ୦.୩୯% ଅଂଶଧନ ହାସଲ କରିବ ବୋଲି ରିଲାଏନ୍ସ ପକ୍ଷରୁ ସୂଚନା ରହିଛି। ରିଲାଏନ୍ସ ବର୍ତ୍ତମାନ ସୁଦ୍ଧା ଜିଓ ପ୍ଲାଟଫର୍ମର ୨୨.୩୮% ଅଂଶଧନକୁ ବିକ୍ରି କରିଛି। ପ୍ରମୁଖ ନିବେଶକଙ୍କ ମଧ୍ୟରେ ଫେସବୁକ ମଧ ସାମିଲ ରହିଛି। ଜିଓ ପ୍ଲାଟଫର୍ମରେ ଟେଲିକମ କମ୍ପାନୀ ରିଲାଏନ୍ସ ଜିଓ ଇନଫୋକମ, ମ୍ୟୁଜିକ ଏବଂ ଭିଡିଓ ଷ୍ଟ୍ରିମି ଆପ୍ଲିକେଶନ ମଧ ସାମିଲ ରହିଛି। ଜିଓ ପ୍ଲାଟଫର୍ମର ଏଣ୍ଟରପ୍ରାଇଜେସ ଭାଲ୍ୟୁ ୫.୧୬ ଲକ୍ଷ କୋଟି ଟଙ୍କା ରହିଛି। ଏପ୍ରିଲ ୨୨ରେ ହୋଇଥିବା ଡିଲ୍‌ରେ ଜିଓରେ ଫେସବୁକ ୪୩, ୫୭୩ କୋଟି ଟଙ୍କା ନିବେଶ ନେଇ ଘୋଷଣା କରିଥିଲା। କରୋନା ମହାମାରୀ ଯୋଗୁ ବର୍ତ୍ତମାନ ସାରା ବିଶ୍ୱରେ ସଙ୍କଟ ଆସିଥିବା ବେଳେ ଜିଓ ଏଭଳି ବୃହତ୍ ନିବେଶ ସଂଗ୍ରହ କରିବାକୁ ସକ୍ଷମ ହୋଇଛି। ବିକ୍ରି ହୋଇଥିବା ମୋଟ ୨୨.୩୮% ଅଂଶଧନ ମଧ୍ୟରୁ ଫେସବୁକ ସର୍ବାଧିକ ୯.୯୯% ଅଂଶ ହାସଲ କରିଛି। ଏହାବାଦ ସିଲଭର ଲେକ ମୋଟ ୨ ପର୍ଯ୍ୟାୟରେ ୨.୦୮% ଅଂଶଧନ, କେକେଆର ଏବଂ ଭିଷ୍ଟା ଇକ୍ୱିଟି ପାର୍ଟନର ୨.୩୨% ଲେଖାଏ ଅଂଶଧନ, ଆବୁଧାବିର ସୋଭରେନ ୱେଲ୍‌ଥ ଫଣ୍ଡ ମୁବାଦଲା ଇନଭେଷ୍ଟମେଣ୍ଟ କୋ ୧.୮୫% ଏବଂ ଗ୍ଲୋବାଲ ଇକ୍ୱିଟି ଫାର୍ମ ଜେନେରାଲ ଆଟ୍ଲାଣ୍ଟିକ ୧.୩୪% ଅଂଶଧନ ହାସଲ କରିଥିବା ଜଣାପଡିଛି।

# ଏସ୍‌ବିଆଇ ୟୋନୋରେ 'ଇନ୍‌ଷ୍ଟା ସଞ୍ଚୟ ବ୍ୟାଙ୍କ ଖାତା'

ଭୁବନେଶ୍ୱର,୧୪।୬

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)ର ସମନ୍ୱିତ ବ୍ୟାଙ୍କିଙ୍ଗ୍ ଓ ଲାଇଫ ଷ୍ଟାଇଲ ପ୍ଲାଟଫର୍ମ ୟୋନୋ ଜରିଆରେ ଅନ୍‌ଲାଇନ ବ୍ୟାଙ୍କ ଖାତା ଖୋଲିବାକୁ ଚାହୁଁଥିବା ଗ୍ରାହକଙ୍କ ପାଇଁ ନୂଆ ସୁବିଧା ଆରମ୍ଭ ହୋଇଛି। ଆଧାର ଭିତ୍ତିକ ତତ୍କାଳ ଓ ଡିଜିଟାଲ ସଞ୍ଚୟ ଖାତା ଖୋଲିବା ସୁବିଧା 'ଏସ୍‌ବିଆଇ ଇନଷ୍ଟା ସେଭିଂ ବ୍ୟାଙ୍କ ଆକାଉଣ୍ଟ'ପୁଣି ଥରେ ଆରମ୍ଭ ହୋଇଛି। ଏହି ନୂତନ ସେବା ସମ୍ପୂର୍ଣ୍ଣ କାଗଜ ବିହୀନ। କେବଳ ପାନ୍ ଓ ଆଧାର ନମ୍ବର ଜରିଆରେ ଏହି ଖାତା ଖୋଲିବାର ସୁବିଧା ବ୍ୟାଙ୍କ ଦେଉଛି। ଏସ୍‌ବିଆଇ ଇନଷ୍ଟା ସଞ୍ଚୟ ଖାତାରେ ଗ୍ରାହକମାନେ ୨୪ଘଣ୍ଟା ବ୍ୟାଙ୍କିଙ୍ଗ ସେବା ପାଇପାରିବେ। ସମସ୍ତ ନୂତନ ଇନଷ୍ଟା ସେଭିଂ ବ୍ୟାଙ୍କ ଖାତାର ଗ୍ରାହକଙ୍କୁ ଏସ୍‌ବିଆଇ ରୂପେ ଏଟିଏମ୍-ଡେବିଟ କାର୍ଡ ପ୍ରଦାନ କରୁଛି। ଏହି ସୁବିଧା ପାଇଁ ଗ୍ରାହକଙ୍କୁ କେବଳ ୟୋନୋ ଆପ ଡାଉନଲୋଡ କରି ନିଜର ପାନ୍ ଓ ଆଧାର ନମ୍ବର ଦେବାକୁ ପଡିବ। ୟୁଜରଙ୍କ ମୋବାଇଲକୁ ଆସିଥିବା ଓଟିପି ଏବଂ ଅନ୍ୟାନ୍ୟ ବିବରଣୀ ଦେବାକୁ ହେବ। ପ୍ରକ୍ରିୟା ଶେଷ ହୋଇଯିବା ପରେ ଗ୍ରାହକଙ୍କର ଖାତା ସକ୍ରିୟ ହୋଇଯିବ। ଏହା ପରେ ଗ୍ରାହକ ବ୍ୟାଙ୍କ କାରବାର ଆରମ୍ଭ କରିପାରିବେ। ବର୍ଷକ ମଧ୍ୟରେ ନିଜ ଶାଖା ପରିଦର୍ଶନ କରି ସେ ଏହି ଖାତାକୁ ପୂର୍ଣ୍ଣ କେୱାଇସି ନିୟମ ପାଳନ କରୁଥିବା ଖାତାରେ ପରିଣତ କରିପାରିବେ। ଏ ବିଷୟରେ ଏସ୍‌ବିଆଇର ଅଧ୍ୟକ୍ଷ ରଜନୀଶ କୁମାର କହିଛନ୍ତି ଯେ ବ୍ୟାଙ୍କ ତା'ର ଏହି ସେବାକୁ ପୁନର୍ବାର ଆରମ୍ଭ କରିଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ। ଏଥିରେ ସମସ୍ତ ପ୍ରକାରର ବ୍ୟାଙ୍କିଙ୍ଗ୍ ସୁବିଧା ରହିଛି। ଯାହା ଆମର ସମ୍ଭାବ୍ୟ ଗ୍ରାହକମାନେ ବ୍ୟାଙ୍କ ଶାଖା ପରିଦର୍ଶନ ନ କରି ସୁବିଧାଜନକ ଭାବରେ ଚିନ୍ତାମୁକ୍ତ ଓ କାଗଜ ବିହୀନ ବ୍ୟାଙ୍କିଙ୍ଗ ସେବା ପାଇ ପାରିବେ। ଗ୍ରାହକଙ୍କୁ ପ୍ରଯୁକ୍ତିବିଦ୍ୟା ଜରିଆରେ ଶ୍ରେଷ୍ଠ ଡିଜିଟାଲ ବ୍ୟାଙ୍କିଙ୍ଗ ସେବା ପ୍ରଦାନ କରିବା ଲାଗି ବ୍ୟାଙ୍କ ଉଦ୍ୟମ କରୁଛି ବୋଲି ସେ ମତ ଦେଇଛନ୍ତି।

## ରାଜ୍ୟ ଖବର

# ଭାଲୁ ଆକ୍ରମଣରେ ୨ ମୃତ, ଜଣେ ଆହତ

**ଜଙ୍ଗଲକୁ ମହୁ ସଂଗ୍ରହ ପାଇଁ ଯିବା କାଳହେଲା**

ସମ୍ବଲପୁର/ରେଢାଖୋଲ, ୧୪।୬ (ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢ଼ାଖୋଲ ବନଖଣ୍ଡ ଅଧୀନ ବଣିଆବନ୍ଧ ଗାଁ ଜଙ୍ଗଲରେ ରବିବାର ସନ୍ଧ୍ୟାରେ ଏକ ଅଘଟଣ ଘଟିଛି। ରଜ ସଂକ୍ରାନ୍ତି ଅବସରରେ ଜଙ୍ଗଲକୁ ମହୁ ସଂଗ୍ରହ କରିବାକୁ ଯିବା ୩ ଜଣ ଲୋକଙ୍କ କାଳ ହୋଇଛି। ଭାଲୁ ଆକ୍ରମଣରେ ଦୁଇଜଣଙ୍କ ଜଙ୍ଗଲରେ ହିଁ ମୃତ୍ୟୁ ଘଟିଛି। ଜଣେ ଆହତ ହୋଇଛନ୍ତି। ସେହିଭଳି ଗଛରେ ଚଢ଼ି ଦୁଇ ଜଣ ଯୁବକ ଭାଲୁ କବଳରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତେବେ ମୃତକ ଦ୍ୱୟ ହେଲେ ବଣିଆଁବନ୍ଧ ଗାଁର ଚେରୁ ମୁଣ୍ଡା (୫୫), କୃଷ୍ଣ ମୁଣ୍ଡା (୪୮)। ସେହିପରି ଆହତ ବ୍ୟକ୍ତି ଜଣକ ହେଲେ ଅଷାଢୁ ମୁଣ୍ଡା (୪୦)। ତାଙ୍କୁ ରେଢ଼ାଖୋଲ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ଭିମ୍‌ସାର ପଠାଯାଇଛି। ସୁବନ ମୁଣ୍ଡା (୨୦) ଓ ସୁବଳ ମୁଣ୍ଡା (୨୦) ଅଳ୍ପକେ ବର୍ତ୍ତି ଯାଇଛନ୍ତି। ରାତିସୁଦ୍ଧା ମୃତଦେହ ଉଦ୍ଧାର ହୋଇ ପାରିନାହିଁ। ବନ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ଜଗି ରହିଛନ୍ତି।

# ବ୍ୟାସନଗର ସ୍ୱୟଂଶାସିତ କଲେଜର ୩ ଅଧାପକଙ୍କୁ କାରଣ ଦର୍ଶାଅ ନୋଟିସ

**ଜାଲ୍ ପ୍ରମାଣପତ୍ରରେ ଚାକିରି, ଭିଜିଲାନ୍ସରେ ମାମଲା**

- ଦରମା ବନ୍ଦ ନିର୍ଦ୍ଦେଶ ଦେଲେ ଉଚ୍ଚଶିକ୍ଷା ବିଭାଗ ସଚିବ
- ମାସକ ମଧରେ ଉତ୍ତର ରଖିବାକୁ ନିର୍ଦ୍ଦେଶ

ଯାଜପୁରରୋଡ,୧୪।୬(ଡି.ଏନ.ଏ.)

ଯାଜପୁର ଜିଲାର ଅନ୍ୟତମ ପ୍ରାଚୀନ ଶିକ୍ଷାନୁଷ୍ଠାନ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ନିଯୁକ୍ତି କେଳେଙ୍କାରୀ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ୩ ଅଧାପକଙ୍କୁ ଉଚ୍ଚଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ର କାରଣ ଦର୍ଶାଅ ନୋଟିସ (ପତ୍ରସଂଖ୍ୟା ୧୮୯୯୧/୧୧।୬।୨୦୨୦) ଦେଇଛନ୍ତି। ସେମାନେ ହେଲେ ଇଂଲିଶ ବିଭାଗ ଅଧାପକ ଦିଲୀପ କୁମାର ରାଉତ, ଗଣିତ ବିଭାଗ ଅଧାପକ ବିବେକାନନ୍ଦ ଜେନା ଏବଂ ପ୍ରାଣୀବିଜ୍ଞାନ ବିଭାଗ ଅଧାପିକା ପୁନ ପୁନ ଦାସ। ମିଥ୍ୟା ଓ ଜାଲ୍ ପ୍ରମାଣପତ୍ର ପ୍ରସ୍ତୁତ କରି ଜିଆଇଏ/ବ୍ଲକଗ୍ରାଣ୍ଟର ସମସ୍ତ ସୁବିଧା ସୁଯୋଗ ହାସଲ କରିବା ନେଇ ସେମାନଙ୍କ ନାମରେ କଟକ ଭିଜିଲାନ୍ସ ଡିଭିଜନରେ ମାମଲା ରୁଜୁ ହୋଇ ବିଚାରାଧୀନ ରହିଛି। ଅଧାପକ ରାଉତଙ୍କ ନାମରେ ୩୮/୨୧।୭।୨୦୧୮, ଜେନାଙ୍କ ନାମରେ ୩୭/୨୧।୭।୨୦୧୮ ଓ ଦାସଙ୍କ ନାମରେ ୩୪/୧୭।୭।୨୦୧୮ ନମ୍ବରରେ ଭିଜିଲାନ୍ସ ମାମଲା ରୁଜୁ ହୋଇଛି। ଏହାକୁ ଆଧାର କରି ଉଚ୍ଚଶିକ୍ଷା ବିଭାଗ ସଚିବ ମିଶ୍ର ଅଭିଯୁକ୍ତ ଅଧାପକମାନଙ୍କ ନାମରେ କାରଣ ଦର୍ଶାଅ ନୋଟିସ ଜାରି କରି ଏକମାସ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ୍ ପରବର୍ତ୍ତୀ ନିର୍ଦ୍ଦେଶ ଜାରି ନ କରିବା ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କ ଦରମା ଓ ଗ୍ରାଣ୍ଟ ଇନ୍ ଏଡ୍ ବେନିଫିଟ ବନ୍ଦ କରିବାକୁ ନୋଟିସରେ ଦର୍ଶାଯାଇଛି। ସମ୍ପୃକ୍ତ ଅଧାପକଙ୍କ ବ୍ଲକଗ୍ରାଣ୍ଟ କାହିଁକି ପ୍ରତ୍ୟାହାର କରା ନ ଯିବ ସେ ସମ୍ପର୍କରେ ମଧ ଉତ୍ତର ରଖିବାକୁ କଲେଜ ଅଧକ୍ଷଙ୍କୁ ନିର୍ଦ୍ଦେଶ ହୋଇଛି। ଏ ସଂକ୍ରାନ୍ତରେ ବ୍ୟାସନଗର ସ୍ୱୟଂଶାସିତ କଲେଜର ଅଧକ୍ଷ ଶିବଚରଣ ମାଝିଙ୍କୁ ପଚାରିବାରୁ ସେ କହିଛନ୍ତି, ପୂର୍ବତନ ଅଧକ୍ଷ ଭିଜିଲାନ୍ସକୁ ଆବଶ୍ୟକ କାଗଜପତ୍ର ଦାଖଲ କରିଛନ୍ତି। କଲେଜରେ ମହଜୁଦ ଥିବା ସମ୍ପୃକ୍ତ ତଥ୍ୟକୁ ଆଧାର କରି ଏକ ରିପୋର୍ଟ ସଚିବଙ୍କୁ ୩୦ ଦିନ ମଧ୍ୟରେ ଦାଖଲ କରାଯିବ। ଏହାସହ ସଚିବଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଭିଯୁକ୍ତ ଅଧାପକମାନଙ୍କ ଦରମା ବନ୍ଦ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଶିଳ୍ପବିହୀନ ଜିଲାରେ ରୋଜଗାର ଚିନ୍ତା

**ବଲାଙ୍ଗୀର ଫେରିଲେଣି ୮୫ ହଜାର ପ୍ରବାସୀ ଶ୍ରମିକ**

- ଫେରିବାକୁ ପଞ୍ଜୀକରଣ କରିଛନ୍ତି ୧ ଲକ୍ଷ ୪୫ ହଜାର
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଲଟିଛି ସାହା
- ଜିଲାରେ ଚାଲିଛି ପ୍ରବାସୀଙ୍କ ଦକ୍ଷତା ଚିହ୍ନଟ କାର୍ଯ୍ୟକ୍ରମ

ବଲାଙ୍ଗୀର ଅଫିସ, ୧୪।୬



ବଲାଙ୍ଗୀରକୁ ଫେରିଥିବା ପ୍ରବାସୀ ଶ୍ରମିକମାନେ।

କରୋନା ସଂକ୍ରମଣ ସମସ୍ୟା ଠୁ ବି ଅଧିକ ଚର୍ଚ୍ଚାରେ ରହିଛି ବଲାଙ୍ଗୀର ଜିଲାର ପ୍ରବାସୀ ଶ୍ରମିକ ସମସ୍ୟା। କରୋନା ମହାମାରୀ ଅନେକ ସରକାରୀ ତଥ୍ୟ ଉପରୁ ପର୍ଦ୍ଦା ହଟାଇ ଦେଇଛି । ଜିଲାରୁ ପ୍ରତିବର୍ଷ ଲକ୍ଷାଧିକ ଦାଦନ ଶ୍ରମିକ ରାଜ୍ୟ ବାହାରକୁ କାମ କରିବାକୁ ଯାଉଥିଲେ ମଧ ଜିଲା ଶ୍ରମ ବିଭାଗ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଉଥିଲା । ଚଳିତବର୍ଷ ଜିଲାରୁ ମାତ୍ର ୧୧ ହଜାର ୫ ଶହ ଦାଦନ ଶ୍ରମିକ ରାଜ୍ୟ ବାହାରକୁ ଯାଇଥିବା ସରକାରୀ ତଥ୍ୟ କହୁଛି । ଅନ୍ୟପକ୍ଷେ କରୋନା ପରେ ବାହାର ରାଜ୍ୟରେ ଥିବା ଜିଲାର ପ୍ରାୟ ଦେଢ଼ଲକ୍ଷ ପ୍ରବାସୀ ଫେରିବାକୁ ପଞ୍ଜୀକରଣ କରିଛନ୍ତି । କରୋନା ସରକାରୀ ମିଥ୍ୟା ତଥ୍ୟକୁ ଉଜାଗର କରିଦେଇଛି । ଏ ପର୍ଯ୍ୟନ୍ତ ଶ୍ରମିକ ସ୍ପେଶାଲ ଟ୍ରେନ୍, ଯାତ୍ରୀବାହୀ ବସ୍, ଅନ୍ୟାନ୍ୟ ଯାନବାହନ, ବ୍ୟକ୍ତିଗତ ଉଦ୍ୟମରେ ଜିଲାକୁ ପ୍ରାୟ ୮୫ ହଜାର ଶ୍ରମିକ ଫେରିଥିବା ଜଣାପଡିଛି । ବାହାର ରାଜ୍ୟରୁ ଫେରିଥିବା ପ୍ରବାସୀ ଶ୍ରମିକଙ୍କ ମଧ୍ୟରୁ ଅନେକ ସରକାରୀ କ୍ୱାରାଣ୍ଟାଇନ୍ ଅବଧି ପୂରା କରିବା ପରେ ହୋମ୍ ଆଇସୋଲେଶନ୍‌ରେ ରହିଛନ୍ତି । କେତେକ ସମ୍ପୂର୍ଣ୍ଣ କ୍ୱାରାଣ୍ଟାଇନ୍ ଅବଧି ପୂରଣ କରିସାରିଛନ୍ତି । ଜିଲାକୁ ଫେରିବା ପରେ ଶୂନ୍ୟହସ୍ତ ହୋଇ ଫେରିଥିବା ଏହି ଶ୍ରମିକମାନେ ଏବେ କ'ଣ କରିବେ ତାହା ଚିନ୍ତାର ବିଷୟ ପାଲଟିଛି ।

ବଲାଙ୍ଗୀର ଜିଲାରେ ଶିଳ୍ପ ନାହିଁ । ଏକମାତ୍ର କୃଷିଭିତ୍ତିକ ଶିଳ୍ପ କାରଖାନା ଦେଓଗାଁସ୍ଥିତ ବିଜୟାନନ୍ଦ ସମବାୟ ଚିନିକଳ ଦୀର୍ଘ ୭/୮ ବର୍ଷ ହେଲା ବନ୍ଦ ପଡିଛି। ଜିଲାରେ ମାତ୍ର ୩ ପ୍ରତିଶତ ନିଶ୍ଚିତ ଜଳସେଚନ ସୁବିଧା ରହିଛି। ଏଭଳି ସ୍ଥିତିରେ ଜିଲାରେ ପ୍ରବାସୀ ଶ୍ରମିକଙ୍କୁ ରୋଜଗାର ଯୋଗାଇବାର ବିକଳ୍ପ ରାସ୍ତା ସୀମିତ। କ୍ୱାରାଣ୍ଟାଇନ୍ ଅବଧି ପୂରଣ କରିବା ପରେ ଏତେ ସଂଖ୍ୟକ ପ୍ରବାସୀ ଶ୍ରମିକ କିଭଳି ନିୟୋଜିତ ହେବେ ତାହା ଏବେ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଦୀର୍ଘ ୨୦ବର୍ଷର ସ୍ଥିର ଶାସନ ରାଜ୍ୟରେ ରହିଥିଲେ ମଧ ବଲାଙ୍ଗୀର ଜିଲାର ଦାଦନ ଓ ପ୍ରବାସୀ ଶ୍ରମିକ ସମସ୍ୟାର ସମାଧାନ ବାଟ ବାହାରି ପାରିନାହିଁ। ନୂଆ ଶିଳ୍ପ ତ ପ୍ରତିଷ୍ଠା ହୋଇପାରିଲା ନାହିଁ ଚାଲିଥିବା ଚିନିକଳ ବି ବନ୍ଦ ହୋଇଗଲା । ଏଭଳି ସ୍ଥିତିରେ ସରକାରଙ୍କ ପାଖରେ କର୍ମନିଯୋଜନର ବିକଳ୍ପ ପନ୍ଥା କ'ଣ ରହିଛି ଏହା ଏବେ ବଡ ପ୍ରଶ୍ନ ହୋଇ ଉଭାହୋଇଛି । ରାଜ୍ୟ ବାହାରୁ ଆସୁଥିବା ପ୍ରବାସୀ ଶ୍ରମିକ କରୋନା ସଂକ୍ରମିତ ଚିହ୍ନଟ ହେଉଥିବାରୁ ଏହା ନୂଆ ସମସ୍ୟା ସୃଷ୍ଟି କରୁଛି ।

କରୋନା ମହାମାରୀ ସମୟରେ ଜିଲାରେ ଶ୍ରମିକଙ୍କ ପାଇଁ ସାହାଭରସା ପାଲଟିଛି ଏମ୍‌ଜିଏନ୍‌ଆର୍‌ଇଜିଏସ୍। ଏହି ଯୋଜନାରେ ଜିଲାର ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା ହୋଇଛି। ଶନିବାର ଗୋଟିଏ ଦିନରେ ୧ଲକ୍ଷ ୧୯ହଜାର ପର୍ଯ୍ୟନ୍ତ ଶ୍ରମିକ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ କରିଛନ୍ତି । ଶ୍ରମିକମାନେ ୯୯.୨୩ ପ୍ରତିଶତ ମଜୁରି ଠିକଣା ସମୟରେ ପାଉଥିବା ସୂଚନା ଦିଆଯାଇଛି। ତେବେ କରୋନା ସମୟରେ ରାଜ୍ୟ ବାହାରୁ ଆସିଥିବା ପ୍ରବାସୀ ଓ ଜିଲା ଭିତର ଶ୍ରମିକଙ୍କୁ ଏହି ଗୋଟିଏ ଯୋଜନାରେ କେତେ ନିୟୋଜିତ କରାଯାଇପାରିବ ତାହା ବଡ଼ ପ୍ରଶ୍ନ ହୋଇ ଉଭା ହୋଇଛି । ବିଶେଷକରି ବାହାର ରାଜ୍ୟରେ ରହି କାମ କରୁଥିବା ଅର୍ଦ୍ଧକୁଶଳୀ, ଅଣକୁଶଳୀ ଶ୍ରମିକଙ୍କୁ କିଭଳି ନିଯୁକ୍ତି ଯୋଗାଯିବ ଏହା ମଧ ବଡ଼ ପ୍ରଶ୍ନ। ଏ ସମ୍ପର୍କରେ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ପଚାରିବାରୁ ପ୍ରବାସୀ ଶ୍ରମିକମାନଙ୍କୁ ଏମଜିଏନ୍‌ଆରଇଜିଏ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉଛି। ଯେଉଁ ଶ୍ରମିକମାନେ ରାଜ୍ୟ ବାହାରେ ବିଭିନ୍ନ ଦକ୍ଷତା ନେଇ କାର୍ଯ୍ୟ କରୁଥିଲେ ସେମାନଙ୍କର ଦକ୍ଷତା ଚିହ୍ନଟ(ସ୍କିଲମ୍ୟାପିଂ) ଅଭିଯାନ ଚାଲିଛି। ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

# ୯୫ କଇଁଛ ଜବତ



ନବରଙ୍ଗପୁର,୧୪।୬(ବି.ପ୍ର.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ଅନ୍ତର୍ଗତ ୨୬ ନଂ ଜାତୀୟ ରାଜପଥ କଡରୁ ୯୫ଟି କଇଁଛ ବନ ବିଭାଗ ରବିବାର ଜବତ କରିଛି। ଏଥିସହ ଏକ ବାଇକ(ନଂ.ସିଜି୦୪ସିୱାଇ-୫୨୫୮) ଜବତ କରିଛି। ଜଣେ ବ୍ୟକ୍ତି ଏକ ବାଇକରେ କଇଁଛ ନେଉଥିବା ବେଳେ ବନ ବିଭାଗ କର୍ମଚାରୀଙ୍କୁ ଦେଖି ଗାଡି ଛାଡି ଫେରାର ହୋଇଯାଇଥିଲେ। କଇଁଛ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସୁରକ୍ଷିତ ସ୍ଥାନରେ ଛଡାଯିବ ବୋଲି ଫରେଷ୍ଟର ଉମାକାନ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି। ବାଇକ ନମ୍ବରକୁ ଆଧାର କରି ବନବିଭାଗ ତଦନ୍ତ କରୁଛି।

# କାଠଫାଳିଆରେ ପିଟି ମା'ଙ୍କୁ ହତ୍ୟା, ପୁଅ ଗିରଫ

ବିନିକା,୧୪।୬(ଡି.ଏନ୍.ଏ.)



ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅଧୀନ ଖଇରମାଳ ଗ୍ରାମରେ ରବିବାର ସକାଳେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକ ଜନ୍ମଦାତ୍ରୀ ମା'ଙ୍କୁ କାଠ ଫାଳିଆରେ ପିଟି ହତ୍ୟା କରିଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ପୁଅ ଗଣେଶ ଭୁଏ(୩୦)ଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ରକ୍ତ ଜୁଡୁବୁଡୁ କାଠଫାଳିଆକୁ ଜବତ କରାଯାଇଛି।

ପ୍ରକାଶ ଯେ, ଗଣେଶ ସକାଳୁ ଉଠି କୌଣସି କାରଣ ନେଇ ଘରର ସଦସ୍ୟଙ୍କୁ ଗାଳିଗୁଲଜ କରିବା ସହ ପାଟିତୁଣ୍ଡ କରିଥିଲେ। ଏହି ସମୟରେ ତାଙ୍କ ମା' ସତ୍ୟ ଭୁଏ(୬୦) ଘର ସମ୍ମୁଖରେ ନିଜ ମୁହଁ ହାତ ଧୋଉଥିଲେ। ତେବେ ସେ ହଠାତ୍ ନିଜର ହିତାହିତ ଜ୍ଞାନ ଭୁଲିଯାଇ ନିକଟରେ ପଡିଥିବା ଏକ କାଠଫାଳିଆରେ ମା'ଙ୍କୁ ପିଟିଥିଲେ। ତଳେ ପଡିଯିବା ପରେ ସେ ମାଙ୍କ ମୁଣ୍ଡକୁ ବାରମ୍ବାର ପ୍ରହାର କରି ଚାଲିଥିଲେ। ଏହାଦେଖି ଗଣେଶଙ୍କ ବାପା ଫଗୁନୁ ଭୁଏ (୬୫) ଓ ବିବାହିତା ବଡ ଭଉଣୀ ମାଳତୀ ତାଙ୍କୁ ଏଥିରୁ ନିବୃତ୍ତ ହେବା ପାଇଁ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲେ। ଶେଷରେ ବୃଦ୍ଧା ମା'ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ ବିନିକା ଥାନା ଆଇଆଇସି କୁଶ ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ଗଣେଶଙ୍କୁ ଗିରଫ କରିଥିଲେ। ଏହାପରେ ପୋଲିସ ଜବତ ମୃତଦେହକୁ ବିନିକା ମେଡିକାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ନେଇ ବିନିକା ଥାନାରେ ଏକ ମାମଲା (ନଂ. ୧୫୧/୨୦) ରୁଜୁ ହୋଇଛି। ଥାନା ଅଧିକାରୀ ପାଣିଗ୍ରାହୀଙ୍କୁ ପଚାରିବାରୁ ଲକ୍‌ଡାଉନ୍ ସମୟରେ ମା' କାମ କରିଯିବାକୁ ବାରମ୍ବାର କହିବାରୁ ଗଣେଶ ଏଭଳି କାଣ୍ଡ କରିଥିବା ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ତେବେ ତଦନ୍ତ ଜାରୀ ରହିଛି ବୋଲି ସେ କହିଛନ୍ତି।

# ଛୋଟ ପରଦାରୁ 'ଛିଛୋରେ'



**ନୂଆଦିଲ୍ଲୀ:** ଇର୍ଫାନ୍ ଖାନ୍‌ଙ୍କ ପରେ ଆଉଜଣେ ଭର୍ସାଟାଇଲ ଆକ୍ଟରଙ୍କୁ ବଲିଉଡ୍ ହରାଇଛି। ଅଳ୍ପଦିନରେ ଲକ୍ଷ ଲକ୍ଷ ଫ୍ୟାନ୍ସ ଫଲୋୟର ସୃଷ୍ଟି କରିପାରିଥିବା ୟଙ୍ଗ ଆକ୍ଟର ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ଚଳଚ୍ଚିତ୍ର ଜଗତକୁ ସ୍ତବ୍ଧ କରିଦେଇଛି। ଚଳଚ୍ଚିତ୍ରରେ ଚରିତ୍ରକୁ ନେଇ ସବୁବେଳେ ଗୁରୁଗମ୍ଭୀର ଏହି ଖ୍ୟାତନାମା ଆକ୍ଟରଙ୍କ ଏପରି ମୃତ୍ୟୁ ପରେ ବଲିଉଡ୍‌ରେ ଶୋକର ଛାୟା ଖେଳିଯାଇଛି। ଏସବୁ ଭିତରେ ସୁଶାନ୍ତଙ୍କ ପ୍ରଫେଶନାଲ ଜୀବନ, ଉତ୍ଥାନପତନ, ପ୍ରତିକୂଳ ସମୟକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା।

'କିସ୍ ଦେଶ ମେଁ ହେ ମେରା ଦିଲ୍' ନାମକ ଏକ ଶୋ'ରୁ କ୍ୟାରିୟର ଆରମ୍ଭ କରିଥିଲେ ସୁଶାନ୍ତ। ହେଲେ ଏକତା କପୁରଙ୍କ 'ପବିତ୍ର ରିସ୍ତା' ସିରିୟଲ୍ ତାଙ୍କ ପାଇଁ ଆଣି ଦେଇଥିଲା ପ୍ରସିଦ୍ଧି। ଏହାପରେ ଚଳଚ୍ଚିତ୍ର 'କାଏ ପୋ ଚେ' ମାଧ୍ୟମରେ ବଲିଉଡ୍‌ରେ ପାଦ ଥାପିଥିଲେ ସେ। ତାଙ୍କର ଅନ୍ତିମ ସିନେମା ଥିଲା 'ଛିଛୋରେ'। ଏହାକୁ ବାଦ୍ ଦେଲେ 'ସୁଦ୍ଧ ଦେଶି ରୋମାନ୍ସ', ଏମ୍. ଏସ୍. ଧୋନୀ: ଦ ଅନଟୋଲ୍ଡ ଷ୍ଟୋରି, ପିକେ, ରାବତା, କେଦାରନାଥ, ସୋନାଚିଡ଼ିଆ ଭଳି ଫିଲ୍ମରେ ସୁଶାନ୍ତଙ୍କ ଦମଦାର ଅଭିନୟ ବେଶ୍ ପ୍ରଶଂସା ସାଉଁଟିଥିଲା। ତେବେ କ୍ରିକେଟର ମହେନ୍ଦ୍ର ସିଂ ଧୋନୀଙ୍କ ବାୟୋପିକ୍ ଉପରେ ଆଧାରିତ ଏମ୍. ଏସ୍. ଧୋନୀ: ଦ ଅନଟୋଲ୍ଡ ଷ୍ଟୋରିରେ ଧୋନୀଙ୍କ ଭୂମିକାରେ ଅଭିନୟ କରି ଏକ ନିଆରା ଛାପ ଛାଡ଼ିଥିଲେ ସୁଶାନ୍ତ। ଏହି ଚଳଚ୍ଚିତ୍ର ୧୦୦ କୋଟି କ୍ଲବରେ ସାମିଲ ହୋଇଥିଲା। ସେହିପରି ଆକ୍ସନ ଥ୍ରୀଲର 'ଡିଟେକ୍ଟିଭ୍ ବ୍ୟୋମକେଶ ବକ୍ସି' ମଧ୍ୟ ବେଶ୍ ସଫଳତା ପାଇଥିଲା। ଏଥିସହ ଡ୍ୟାନ୍ସ ରିଆଲିଟି ଶୋ 'ଜରା ନଚ୍ କେ ଦିଖା-୨'ରେ 'ଝଲକ ଦିଖ ଲା ଜା-୪' ତାଙ୍କର ଡ୍ୟାନ୍ସିଂ ଟ୍ୟାଲେଣ୍ଟକୁ ବେଶ୍ ପସନ୍ଦ କରିଥିଲେ ଦର୍ଶକ।

କେବଳ ଅଭିନୟ ନୁହେଁ, ଶିକ୍ଷାକ୍ଷେତ୍ରରେ ମଧ୍ୟ ବେଶ୍ ପାରଦର୍ଶୀ ଥିଲେ ସୁଶାନ୍ତ। ପାଟଣାର ସେଣ୍ଟ କେରେନ୍ସ ହାଇସ୍କୁଲରେ ସୁଶାନ୍ତ ପ୍ରାଥମିକ ଶିକ୍ଷା ସାରିବା ପରେ ଦିଲ୍ଲୀ କୁଲାଚୀ ହଂସରାଜ ମଡେଲ ସ୍କୁଲରୁ ଉଚ୍ଚଶିକ୍ଷା ହାସଲ କରିଥିଲେ। ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷାରେ ସାରା ଭାରତରେ ୭ନଂ ର୍ୟାଙ୍କ୍ ହାସଲ କରିବା ପରେ ଦିଲ୍ଲୀ କଲେଜ ଅଫ୍ ଇଞ୍ଜିନିୟରିଂରୁ ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାତେଇଥିଲେ। ଶିକ୍ଷାରେ ଧୂରୀଣ ସୁଶାନ୍ତ ପଦାର୍ଥ ବିଜ୍ଞାନରେ ନ୍ୟାଶନାଲ ଅଲିମ୍ପିଆଡ ଜିତିଥିଲେ। ଇଣ୍ଡିଆନ ସ୍କୁଲ ଅଫ୍ ମାଇନିଂରେ ଅଧ୍ୟୟନ କରି ସେ ୧୧ଟି ଏଣ୍ଟ୍ରାନ୍ସରେ ଉତ୍ତୀର୍ଣ୍ଣ ହୋଇଥିଲେ। ତେବେ ଅଭିନୟ ଜଗତରେ ପାଦ ଦେବାପରେ ତାଙ୍କର ଏହି ପାଠ୍ୟକ୍ରମ ଅସମ୍ପୂର୍ଣ୍ଣ ରହିଯାଇଥିଲା। କେବଳ ଏତିକି ନୁହେଁ, ପାଠପଢ଼ା କ୍ଷେତ୍ରରେ ଅନେକ ଗରିବ ଛାତ୍ରୀଛାତ୍ରଙ୍କୁ ମଧ୍ୟ ସେ ସାହାଯ୍ୟ କରୁଥିଲେ।

## ମନେପଡ଼େ...

➤ହମ୍ ହାର ଜିତ, ସକ୍ସେସ ଫେଲିୟୋର ମେ ଇତନା ଉଲଝ ଗୟେ ହେଁ କି ଜିନ୍ଦେଗୀ ଜିନା ଭୁଲ୍ ଗୟେ ହେଁ। ଜିନ୍ଦେଗୀ ମେ ଅଗର୍ କୁଛ ସବ୍‌ସେ ଜ୍ୟାଦା ଇମ୍ପୋର୍ଟାଣ୍ଟ ହୈ ତୋ ୱୋ ହେ ଖୁଦ୍ କି ଜିନ୍ଦେଗୀ: **ଛିଛୋରେ**

➤ତୁମ୍ହାରେ ରିଜଲ୍ଟ ଡିସାଇଡ୍ ନୈହିଁ କରତା ହେ କି ତୁମ୍ ଲୁଜର ହେ କି ନୈହିଁ, ତୁମ୍ହାରି କୋସିସ ଡିସାଇଡ୍ କର୍‌ତି ହୈ: **ଏମ୍‌ଏସ୍ ଧୋନୀ: ଦ ଅନଟୋଲ୍ଡ ଷ୍ଟୋରି**

➤ଦୁସ୍‌ରୋ ସେ ହାର୍‌କର ଲୁଜର କେହଲାନେ ସେ କହିଁ ଜ୍ୟାଦା ବୁରା ହୈ, ଖୁଦ୍ ସେ ହାରକର ଲୁଜର କେହଲନା: **ଛିଛୋରେ**



➤ସଚ୍ଚେ ଦୋସ୍ତ ୱହି ହୋତେ ହେଁ, ଜୋ ଅଚ୍ଛେ ୱକ୍ତ ମେଁ ଆପକୀ ବଜାତେ ହେ ଔର ଜବ୍ ମୁସ୍କିଲ ୱକ୍ତ ଆତା ହୈ ତୋ ୱହି ଛିଛୋରେ ଆପକୀ ଦରୱାଜେ ପର ଖଡ଼େ ନଜର ଆତେ ହେଁ: **ଛିଛୋରେ**

## ଅଭିନୟକୁ ଝୁରିଲେ ସଭିଏଁ...



ସୁଶାନ୍ତ ସିଂ ରାଜପୁତଙ୍କ ପରି ଜଣେ ପ୍ରତିଭାବାନ ଯୁବ ଅଭିନେତା ଏତେ ଶୀଘ୍ର ଚାଲିଗଲେ! ସେ ଟିଭି ଓ ସିନେ ଜଗତରେ ବେଶ୍ ନାଁ କରିଥିଲେ। ମନୋରଞ୍ଜନ ଦୁନିଆରେ ତାଙ୍କର ଉତ୍ତରଣ ଅନେକଙ୍କ ପାଇଁ ପ୍ରେରଣା ଥିଲା। ଅଭିନୟରେ ସେ ଅନେକ ଅବିସ୍ମରଣୀୟ ଛାପ ଛାଡ଼ିଯାଇଛନ୍ତି। ତାଙ୍କ ମୃତ୍ୟୁ ଖବର ଶୁଣି ମୁଁ ମର୍ମାହତ। ତାଙ୍କ ପରିବାର ଓ ଶୁଭେଚ୍ଛୁଙ୍କୁ ସମବେଦନା ଜଣାଉଛି। ଓମ୍ ଶାନ୍ତି।

**– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



ପ୍ରତିଭାବାନ୍ ସୁଶାନ୍ତ ସିଂ ରାଜପୁତଙ୍କ ପରଲୋକ ଖବର ଶୁଣି ମୁଁ ମର୍ମାହତ ଓ ଦୁଃଖିତ। ତାଙ୍କ ପରିବାର, ବନ୍ଧୁ ଓ ତାଙ୍କ ଅଭିନୟକୁ ପସନ୍ଦ କରୁଥିବା ପ୍ରତ୍ୟେକଙ୍କ ପାଇଁ ସମବେଦନା।

**–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



ଏହି ଖବର ମୋତେ ମର୍ମାହତ ଓ ବାକ୍‌ଶୂନ୍ୟ କରିଦେଇଛି। ସୁଶାନ୍ତଙ୍କ 'ଛିଛୋରେ' ସିନେମା ଦେଖିବା ପରେ ଏହାକୁ ମୁଁ କେତେ ଉପଭୋଗ କରିଛି, ତାହା ଏହି ସିନେମାର ନିର୍ମାତା ତଥା ମୋର ବନ୍ଧୁ ସାଜିଦଙ୍କୁ କହିଛି। ମୁଁ ଏହି ସିନେମାର ଏକ ଅଂଶ ହୋଇଥାଆନ୍ତି କି, 'ଛିଛୋରେ' ଦେଖିବା ପରେ ମୋ' ଭିତରେ ଏଭଳି ଇଚ୍ଛା ହୋଇଥିଲା। ସେ ସତରେ ଜଣେ ପ୍ରତିଭାବାନ୍ ଅଭିନେତା ଥିଲେ। ଏଭଳି ଦୁଃଖ ସମୟରେ ଭଗବାନ ତାଙ୍କ ପରିବାରକୁ ଦୃଢ଼ କରନ୍ତୁ।

**– ଅକ୍ଷୟ କୁମାର, ଅଭିନେତା**



ଏଭଳି ଦୁଃଖଦ ଖବର ଶୁଣିବା ପରେ ସୁଶାନ୍ତଙ୍କ ପରିବାରକୁ ମୋ' ତରଫରୁ ଗଭୀର ସମବେଦନା ଜଣାଉଛି। ଏଭଳି ସମୟରେ ଭଗବାନ ସେମାନଙ୍କୁ ଶକ୍ତି ଦିଅନ୍ତୁ। ମୁଁ ଏପର୍ଯ୍ୟନ୍ତ ତାଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁ ନାହିଁ।

**– ଶାହିଦ କପୁର, ଅଭିନେତା**



ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ଖବର ସତରେ ଅତି ଦୁଃଖଦ। ଏହା ଅପୂରଣୀୟ କ୍ଷତି। ତାଙ୍କ ପରିବାର ଓ ପ୍ରିୟଜନଙ୍କୁ ଗଭୀର ସମବେଦନା। ସୁଶାନ୍ତଙ୍କ ଆତ୍ମାର ସଦ୍‌ଗତି ହେଉ।

**– ଅଜୟ ଦେବଗନ, ଅଭିନେତା**



ମୁଁ ଆଦୌ ବିଶ୍ୱାସ କରିପାରୁନାହିଁ। ଏହା ଅତି ଦୁଃଖଦ। ସେ ଜଣେ ଚମତ୍କାର ଅଭିନେତା ଓ ଜଣେ ଭଲ ବନ୍ଧୁ ଥିଲେ। ଏହା ହୃଦୟ ଭାଙ୍ଗିଦେଲା ଭଳି ଖବର। ଶ୍ରଦ୍ଧାଞ୍ଜଳି ମୋର ବନ୍ଧୁ।

**– ନବାଜୁଦ୍ଦିନ ସିଦ୍ଦିକି, ଅଭିନେତା**



ସୁଶାନ୍ତଙ୍କ ଭଳି ଜଣେ ପ୍ରତିଭାବାନ୍ ଓ ଉଦ୍ୟମୀ କଳାକାରଙ୍କୁ ହରେଇବା ସତରେ ହୃଦୟ ଭାଙ୍ଗିଯିବା ଭଳି। ଆମେ ଦୁଇଜଣ ଏକାଠି କାମ କରିଥିବା ବେଳର ମୁହୂର୍ତ୍ତ ସବୁ ସ୍ମୃତି ହୋଇ ରହିବ।

**– ମାଧୁରୀ ଦୀକ୍ଷିତ, ଅଭିନେତ୍ରୀ**



ସୁଶାନ୍ତ, ଆମେ ଦିନେ ଏକାଠି ଟେନିସ୍ ଖେଳିବା ବୋଲି ତୁମେ କହିଥିଲ। ତୁମେ ଜୀବନ୍ତ ଓ ହସରେ ଭରପୂର ଥିଲ। ଯେଉଁଆଡ଼େ ଯାଉଥିଲ, ହସ ବାଣ୍ଟୁଥିଲ। ଦୁନିଆ ତୁମକୁ ଝୁରିବ। ଏହା ଲେଖିବା ବେଳକୁ ମୋ ହାତ ଥରୁଛି।

**– ସାନିଆ ମିର୍ଜା, ଟେନିସ୍ ତାରକା**



ସୁଶାନ୍ତ, ତୁମ ଭଳି ଅତି ତରୁଣ ଓ ପ୍ରତିଭାବାନ୍ ଏତେ ଶୀଘ୍ର ଚାଲିଯିବାର ଥିଲା ! ମୁଁ ଅତି ଦୁଃଖୀ ଓ ବିଷଣ୍ଣ ଯେ ଆମେ ଏଭଳି ଏକ ଦୁନିଆରେ ଥିଲେ ଯାହା ତୁମକୁ ତୁମ ଅସୁବିଧା ସମୟରେ ସହାୟ ହୋଇପାରିଲା ନାହିଁ।

**– ଅନୁଷ୍କା ଶର୍ମା, ଅଭିନେତ୍ରୀ**



ମୁଁ ଏହାକୁ ବିଶ୍ୱାସ କରିପାରୁ ନାହିଁ। ସୁଶାନ୍ତ ଜଣେ ଚମତ୍କାର ଅଭିନେତା ଥିଲେ ଏବଂ ମୁଁ ତାଙ୍କ ସହ କାଟିଥିବା ସମୟ ସବୁ ଏବେ ବି ସ୍ମୃତିରେ ଝଲସୁଛି। ତାଙ୍କର ଅଭିନୟ ମୋତେ ସବୁବେଳେ ଉତ୍ସାହିତ କରିଛି।

**– ବରୁଣ ଧୱନ, ଅଭିନେତା**



ସେ ମୋତେ ବହୁତ ଭଲପାଉଥିଲେ। ତାଙ୍କର ସ୍ଫୂର୍ତ୍ତି, ନିଷ୍ଠା ଓ ହସଭର୍ତ୍ତି ତାଙ୍କ ଚେହେରା ବହୁତ ମନେପଡ଼ିବ। ଆଲ୍ଲା ତାଙ୍କ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ ଓ ତାଙ୍କ ପରିବାର ପାଇଁ ମୋର ସମବେଦନା। ଏହା ଅତି ଦୁଃଖଦ ଓ ଆକସ୍ମିକ।

**– ଶାହରୁଖ ଖାନ୍, ଅଭିନେତା**



ମୋ' ପାଖରେ ଶବ୍ଦ ନାହିଁ କି ମୁଁ ବୁଝିପାରୁ ନାହିଁ ତୁମେ ଏଭଳି ରାସ୍ତା କାହିଁକି ବାଛିନେଲ! ବାଲାଜି ପ୍ରଡକ୍ସନକୁ ଆସିଥିବା ଜଣେ ପ୍ରତିଭାବାନ୍ ତରୁଣରୁ ତାରକା ପାଲଟିବା ଯାଏ ତୁମେ ଦେଶକୁ ଗର୍ବିତ କରିଥିଲ। ବହୁ ପଥ ଅତିକ୍ରାନ୍ତ କରି ଆସିଥିଲ, ଆହୁରି ଅନେକ ବାଟ ଯିବାର ଥିଲା। ଏତେ ଶୀଘ୍ର ଚାଲିଯିବା ପରେ ତୁମକୁ ସମସ୍ତେ ଝୁରିବେ।

**– ସ୍ମୃତି ଇରାନୀ, ଭାଜପା ନେତ୍ରୀ**

## 'ଲୁହ ବୁନ୍ଦାରୁ ଝାପ୍ସା ଅତୀତ ବାଷ୍ପୀଭୂତ ହୋଇଯାଉଛି'

**ବମ୍ବେ:** ବଲିଉଡ ତାରକା ସୁଶାନ୍ତ ସିଂ ରାଜପୁତ ଆତ୍ମହତ୍ୟା କରିଥିବା ଖବର ପ୍ରଚାରିତ ହେବାପରେ ବଲିଉଡ୍ ଫିଲ୍ମ ଏବଂ ଟେଲିଭିଜନ ଇଣ୍ଡଷ୍ଟ୍ରି ତଥା କୋଟି କୋଟି ଦର୍ଶକ ଏବଂ ସମର୍ଥକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ୩୪ବର୍ଷୀୟ ଏହି ଅଭିନେତା ତାଙ୍କ ବାନ୍ଦ୍ରାସ୍ଥିତ ବାସଭବନରେ ଫାଶୀ ଲଗାଇ ରବିବାର ଆତ୍ମହତ୍ୟା କରିଛନ୍ତି। ତାଙ୍କ ମୃତ୍ୟୁ ବଲିଉଡ ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତେବେ ମୃତ୍ୟୁ ପୂର୍ବରୁ ସ୍ୱର୍ଗତ ମା'ଙ୍କ ଉଦ୍ଦେଶ୍ୟରେ ସୁଶାନ୍ତ କରିଥିବା ଶେଷ ଇନ୍‌ଷ୍ଟାଗ୍ରାମ୍ ଏବେ ସମସ୍ତଙ୍କୁ ଚକିତ କରିଛି। ଏଥିରେ ସେ 'ଲୁହ ବୁନ୍ଦାରୁ ଝାପ୍ସା ଅତୀତ ବାଷ୍ପୀଭୂତ ହୋଇଯାଉଛି, ଅସରନ୍ତି ସ୍ୱପ୍ନ ହସର ଏକ ଖୋଦିତ ରୂପ ଏବଂ ଏକ କ୍ଷୀଣ ଜୀବନ। ଏହି ଦୁହିଁଙ୍କ ମଧ୍ୟରେ ମଧ୍ୟସ୍ଥତା କରୁଛି... ମା' ବୋଲି ଉଲ୍ଲେଖ କରିଥିଲେ। ଇନ୍‌ଷ୍ଟାଗ୍ରାମ୍‌ରେ ଉକ୍ତ ସନ୍ଦେଶ କେବଳ ତାଙ୍କ ସ୍ୱର୍ଗତ ମା'ଙ୍କୁ ଉତ୍ସର୍ଗ କରି ଉଲ୍ଲେଖ କରାଯାଇଥିଲା। ଉକ୍ତ ଇନ୍‌ଷ୍ଟାଗ୍ରାମକୁ ସୁଶାନ୍ତ ଗତ ୩ତାରିଖରେ ପୋଷ୍ଟ କରିଥିଲେ। ସେଥିରେ ସେ ମା'ଙ୍କ ଏକ ଫଟୋ ସହ ନିଜର ଏକ ଫଟୋ ମଧ୍ୟ ଶେୟାର କରିଥିଲେ। ସବୁବେଳେ କାବ୍ୟିକ ଲେଖା ପାଇଁ ପରିଚିତ ସୁଶାନ୍ତ ଶେଷରେ ଏଭଳି ଏକ ପୋଷ୍ଟ କରି ସମସ୍ତଙ୍କ ଆଖିରେ ଲୁହ ଭରି ଦେଇଛନ୍ତି।

**ମା'ଙ୍କ ଉଦ୍ଦେଶ୍ୟରେ ଶେଷ ଇନ୍‌ଷ୍ଟାଗ୍ରାମ୍**



## ଆଫେୟାର ପାଇଁ ଚର୍ଚ୍ଚିତ ସୁଶାନ୍ତ

ବଲିଉଡ୍‌ର ଭର୍ସାଟାଇଲ ଯୁବ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟାରେ ସ୍ତବ୍ଧ ହୋଇଯାଇଛି ସିନେ ଜଗତ। 'କଠିନ ସମୟରେ ଆତ୍ମହତ୍ୟା ବିକଳ୍ପ ନୁହେଁ, ବରଂ ନିଷ୍ଠା ଏବଂ ପରିଶ୍ରମ ଦ୍ୱାରା ପ୍ରତିକୂଳ ସମୟକୁ ପାର୍ କରାଯାଇପାରିବ'। କିଛିଦିନ ତଳେ 'ଛିଛୋରେ' ସିନେମାରେ ଏଭଳି କିଛି ବାର୍ତ୍ତା ପାଇଥିଲେ ଦର୍ଶକ। ଫ୍ୟାନ୍ସଙ୍କୁ ନିଜ ଫିଲ୍ମ ମାଧ୍ୟମରେ ସବୁବେଳେ ସକାରାତ୍ମକ ବାର୍ତ୍ତା ଦେଉଥିବା ସୁଶାନ୍ତ ଯେ ଏପରି ଚରମ ନିଷ୍ପତ୍ତି ନେବେ ତାହାକୁ ଗ୍ରହଣ କରିପାରୁନାହାନ୍ତି ଅନେକେ। କେବଳ ସିନେମା ନୁହେଁ, ନିଜର ବ୍ୟକ୍ତିଗତ ଜୀବନକୁ ନେଇ ମଧ୍ୟ ଚର୍ଚ୍ଚିତ ଥିଲେ ବଲିଉଡ୍‌ର ଏହି ହ୍ୟାଣ୍ଡସମ୍ ଆକ୍ଟର। ଅଙ୍କିତା ଲୋଖଣ୍ଡେ, କ୍ରିତି ଶାନନ ଏବଂ ରୀୟା ଚକ୍ରବର୍ତ୍ତୀଙ୍କ ସହ ତାଙ୍କ ଲଭ୍ ଆଫେୟାର ବେଶ୍ ଚର୍ଚ୍ଚିତ ପ୍ରସଙ୍ଗ ପାଲଟିଥିଲା। ସୁଶାନ୍ତଙ୍କ ଏପରି ଦୁଃଖଦ ମୃତ୍ୟୁ ପରେ ପୁରୁଣା ଦିନର ସ୍ମୃତିକୁ ସାଉଁଟୁଛି ବଲିଉଡ୍।

ଛୋଟ ପରଦାରୁ ଯାତ୍ରା ଆରମ୍ଭ କରିଥିବା ସୁଶାନ୍ତ ଖୁବ୍ କମ୍ ଦିନରେ ବଡ଼ ପରଦାରେ ନିଜର ଅଭିନୟ ଯାଦୁ ମାଧ୍ୟମର ଦର୍ଶକଙ୍କ ମନରେ ସୃଷ୍ଟି କରିଥିଲେ ସ୍ୱତନ୍ତ୍ର ସ୍ଥାନ। ଧୀରସ୍ଥିର ସ୍ୱଭାବ ଏବଂ ଓଠରେ ସ୍ମିତହାସ୍ୟ ଥିଲା ତାଙ୍କର ବେଞ୍ଚମାର୍କ। ତେବେ ବ୍ୟକ୍ତିଗତ ଜୀବନ, ଲଭ୍ ଲାଇଫ୍‌କୁ ନେଇ ମଧ୍ୟ ସୁଶାନ୍ତ ଥିଲେ ବେଶ୍ ଚର୍ଚ୍ଚିତ।


ଅଙ୍କିତା


କ୍ରିତି


ରୀୟା

**ଅଙ୍କିତା ଲୋଖଣ୍ଡେ:** ଛୋଟ ପରଦାର ସିରିୟଲ 'ପବିତ୍ର ରିସ୍ତା' ସୁଶାନ୍ତ ସିଂ ରାଜପୁତ୍‌ଙ୍କୁ ଘରେ ଘରେ ପରିଚିତ କରାଇଥିଲା। ଏଥିରେ ତାଙ୍କ ବିପକ୍ଷରେ ଅଭିନୟ କରିଥିଲେ ଅଙ୍କିତା ଲୋଖଣ୍ଡେ। ପରଦା ଉପରେ ଦର୍ଶକଙ୍କ ଭରପୂର ମନୋରଞ୍ଜନ କରୁଥିବା ଏହି ଯୋଡ଼ି ଯେତିକି ଚର୍ଚ୍ଚିତ ଥିଲେ ତା'ଠାରୁ ଢେର ଚର୍ଚ୍ଚା ସାଉଁଟିଥିଲେ ପରଦା ପଛରେ ବ୍ୟକ୍ତିଗତ ଜୀବନକୁ ନେଇ। ୫ବର୍ଷ ଧରି ପରସ୍ପରର ନିକଟତର ହୋଇ ରହିବା ପରେ ସେମାନଙ୍କ ମଧ୍ୟରେ ବ୍ରେକ୍ ଅପ୍ ହୋଇଯାଇଥିଲା।

**କ୍ରିତି ଶାନନ୍:** ଅଙ୍କିତା ଲୋଖଣ୍ଡେଙ୍କ ସହିତ ବ୍ରେକ୍‌ଅପ୍ ପରେ ସୁଶାନ୍ତଙ୍କ ଜୀବନକୁ ଆସିଥିଲେ ବଲିଉଡ୍‌ର ଆଗଧାଡ଼ିର ଅଭିନେତ୍ରୀ କ୍ରିତି ଶାନନ। ଯଦିଓ ଫିଲ୍ମ 'ରାବ୍‌ତା' ଫ୍ଲପ୍ ହୋଇଯାଇଥିଲା, ତଥାପି ଏହି ଫିଲ୍ମରେ କ୍ରିତି-ସୁଶାନ୍ତଙ୍କ ଆଫେୟାରକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ହେଲେ ଏହି ସମ୍ପର୍କ ମଧ୍ୟ ବେଶିଦିନ ତିଷ୍ଠି ନ ଥିଲା। କିଛି ଦିନ ଭିତରେ କ୍ରିତିଙ୍କୁ ଛାଡ଼ି ନିଜ କ୍ୟାରିୟରକୁ ଫୋକସ୍ କଲେ ସୁଶାନ୍ତ। ତେବେ ସୁଶାନ୍ତଙ୍କ ସହ ସମ୍ପର୍କକୁ ନେଇ ଦୁହେଁ କେବେ ବି କ୍ୟାମେରା ଆଗରେ ପ୍ରତିକ୍ରିୟା ରଖି ନ ଥିଲେ।

**ରୀୟା ଚକ୍ରବର୍ତ୍ତୀ:** ନିକଟରେ ବଲିଉଡ୍ ଆକ୍ଟ୍ରେସ୍ ତଥା ବାନ୍ଧବୀ ରୀୟା ଚକ୍ରବର୍ତ୍ତୀଙ୍କ ନାମକୁ ସୁଶାନ୍ତଙ୍କ ସହ ଯୋଡ଼ାଯାଉଥିଲା। ପାର୍ଟି, ଫଙ୍କ୍ସନ୍‌ରେ ଏହି ଦୁଇ ବଲିଉଡ ତାରକା ପରସ୍ପରର ଖୁବ୍ ନିକଟତର ହେଉଥିବା ମଧ୍ୟ ଦେଖିବାକୁ ମିଳିଥିଲା। ନିକଟରେ ଦୁହେଁ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଥିବା ଶୁଣିବାକୁ ମିଳୁଥିଲା। ତେବେ କ୍ୟାରିୟରକୁ ନେଇ ସଚେତନ ରୀୟା କିନ୍ତୁ ବିବାହ ପାଇଁ ମାନସିକ ଭାବେ ପ୍ରସ୍ତୁତ ନ ଥିବା କହି ଆସୁଥିଲେ।

### ୨୦୧୮ରେ ସାଜିଥିଲେ ଉଦ୍ୟୋଗୀ

ସୁଶାନ୍ତ ସିଂ ରାଜପୁତ ଫିଲ୍ମ ଦୁନିଆରେ ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ଫିଲ୍ମଗୁଡ଼ିକ ବକ୍ସ ଅଫିସରେ ଭଲ ରୋଜଗାର କରୁଥିଲା। ଏହାକୁ ବାଦ୍ ଦେଲେ ସେ ରୋଜଗାର ଲାଗି ଅନ୍ୟ ପନ୍ଥା ମଧ୍ୟ ବାଛିଥିଲେ। ଆୟର ଅନ୍ୟ ଉତ୍ସ ଜୀବନରେ ଅନେକ ଗୁରୁତ୍ୱ ବହନ କରେ। ଏହାକୁ ଧ୍ୟାନରେ ରଖି ସେ ୨୦୧୮ରେ ଉଦ୍ୟୋଗ ଜଗତରେ ପ୍ରବେଶ କରିଥିଲେ। ସିରିଏଲ ଏଣ୍ଟରପ୍ରେନ୍ୟୁର ବରୁଣ ମାଥୁରଙ୍କ ସହ ମିଳିତ ହୋଇ ଇନସାଇ ଭେଞ୍ଚର୍ସ ପ୍ରାଇଭେଟ ଲିମିଟେଡ ନାମରେ ସେ ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି ବିଜ୍‌ନେସ ମଡେଲ ବେଶ୍ ସ୍ୱତନ୍ତ୍ର ରହିଥିଲା। ଏହି କମ୍ପାନୀରେ ସୁଶାନ୍ତ ଅତିରିକ୍ତ ନିର୍ଦ୍ଦେଶକ ଥିଲେ।

## ଏମାନେ ବି କରିଛନ୍ତି ଆତ୍ମହତ୍ୟା

**କେବଳ ବଲିଉଡ୍‌ର 'ଛିଛୋରେ' ସୁଶାନ୍ତ ସିଂ ରାଜପୁତ ନୁହନ୍ତି, ତାଙ୍କ ପୂର୍ବରୁ ମଧ୍ୟ ଫିଲ୍ମ ଓ ଟିଭି ଇଣ୍ଡଷ୍ଟ୍ରିର ବହୁ ଚର୍ଚ୍ଚିତ କଳାକାର ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇ ପ୍ରଶଂସକମାନଙ୍କୁ କନ୍ଦାଇ ସାରିଛନ୍ତି।**

**କୁଶଲ ପଞ୍ଜାବୀ:** ବଲିଉଡ ଅଭିନେତା କୁଶଲ ପଞ୍ଜାବୀ ଗତବର୍ଷ ଡିସେମ୍ବରରେ ମୁମ୍ବାଇଠାରେ ଆତ୍ମହତ୍ୟା କରିଥିଲେ। ଫିଲ୍ମ 'ସଲାମ-ଏ-ଇସ୍କ'ରେ ଇଣ୍ଡଷ୍ଟ୍ରିର ଆଗଧାଡ଼ିର ନାୟିକା ପ୍ରିୟଙ୍କା ଚୋପ୍ରାଙ୍କ ସହ ତାଙ୍କ ଅଭିନୟକୁ ବେଶ୍ ପ୍ରଶଂସା ମିଳିଥିଲା। ୨୦୦୪ରେ 'ଲକ୍ଷ୍ୟ' ଏବଂ ୨୦୦୫ରେ 'କାଲ୍'ରେ ମଧ୍ୟ କୁଶଲ ଅଭିନୟ କରିଥିଲେ। ଏହାଛଡ଼ା କେତୋଟି ଟିଭି ଶୋ'ରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିଥିଲା।

**ଜିୟା ଖାନ୍:** ହିନ୍ଦୀ ଫିଲ୍ମ ଜଗତର ଅନ୍ୟତମ ଚର୍ଚ୍ଚିତ ଅଭିନେତ୍ରୀ ଜିୟା ଖାନ୍ ୨୦୧୩ରେ ମୁମ୍ବାଇସ୍ଥିତ ନିଜ ଘରେ ଆତ୍ମହତ୍ୟା କରିଥିଲେ। ଏପରି ଚରମ ପଦକ୍ଷେପ ନେବାବେଳେ ଜିୟା ଗର୍ଭବତୀ ଥିଲେ। ମାତ୍ର ୨୫ ବର୍ଷ ବୟସ ମଧ୍ୟରେ ଜିୟା 'ନିଶବ୍ଦ', 'ହାଉସ୍‌ଫୁଲ' ଓ 'ଗଜନୀ' ଭଳି ହିଟ୍ ଫିଲ୍ମରେ ଅଭିନୟ କରି ବେଶ୍ ପ୍ରଶଂସା ସାଉଣ୍ଟିପାରିଥିଲେ।

**ଦିବ୍ୟା ଭାରତୀ:** ବଲିଉଡ୍‌ରେ ଚହଳ ଅଭିନେତ୍ରୀ ଦିବ୍ୟା ଭାରତୀଙ୍କ ମୃତ୍ୟୁ ୧୯୯୩ରେ ହୋଇଥିଲା। ନିଜ ଘରର ପାଞ୍ଚ ମହଲା ଉପରୁ ଖସି ପଡ଼ିବା ଫଳରେ ତାଙ୍କ ଜୀବନ ଯାଇଥିଲା। ତେବେ ଏହା ଆତ୍ମହତ୍ୟା ବୋଲି କୁହାଯାଉଛି। କେତେଜଣ ଏହାକୁ ଦୁର୍ଘଟଣା ବୋଲି ମଧ୍ୟ କହୁଛନ୍ତି।

**ନାଫିସା ଜୋଶେଫ:** ପୂର୍ବତନ ମିସ ଇଣ୍ଡିଆ ଏବଂ ଟିଭି ଅଭିନେତ୍ରୀ ନାଫିସା ଜୋଶେଫ ୨୦୦୪ରେ ନିଜ ଆପାର୍ଟମେଣ୍ଟରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ବିବାହର ସପ୍ତାହେ ପୂର୍ବରୁ ତାଙ୍କର ଏପରି ଚରମ ପଦକ୍ଷେପ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ନାଫିସାଙ୍କ ବିବାହ କରିବାକୁ ଥିବା ଯୁବକ ବିବାହିତ ଥିବା ଏବଂ ପୂର୍ବ ସ୍ତ୍ରୀଙ୍କୁ ଛାଡପତ୍ର ଦେଇଥିବା ଖବର ଆସିଥିଲା। ଏହା ଜାଣିବା ପରେ ନାସିଆ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହୋଇଥିଲା।

**ପ୍ରେକ୍ସା ମେହେଟ୍ଟା:** କ୍ରାଇମ୍ ପେଟ୍ରୋଲ ଅଭିନେତ୍ରୀ ପ୍ରେକ୍ସା ମେହଟ୍ଟା ମଧ୍ୟପ୍ରଦେଶର ଇନ୍ଦୋରରେ ଗତ ମେ ୨୫ରେ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିଲେ। ଲକଡାଉନ୍ ଯୋଗୁ କାମ ନ ପାଇବା, ସ୍ୱପ୍ନ ସାକାର ନ ହେବାରୁ ଆତ୍ମବିଶ୍ୱାସ ହରାଇବା ଏବଂ ଡିପ୍ରେସନକୁ ଚାଲିଯିବା ତାଙ୍କ ଆତ୍ମହତ୍ୟାର କାରଣ ବୋଲି ସୁଇସାଇଡ୍ ନୋଟ୍ ଦର୍ଶାଇଥିଲେ।

**କୁଲଜିତ୍ ରାନ୍ଧୱା:** ଲୋକପ୍ରିୟ ସୁପରମଡେଲ ତଥା ଟିଭି ଅଭିନେତ୍ରୀ କୁଲଜିତ ରାନ୍ଧୱା ୨୦୦୬ରେ ତାଙ୍କ ଆପାର୍ଟମେଣ୍ଟରେ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିଲେ। ଜୀବନର ଚାପକୁ ସମ୍ଭାଳି ନ ପାରି ସେ ଆତ୍ମହତ୍ୟା ବାଟକୁ ବାଛିଥିବା ନେଇ ଏକ ସୁଇସାଇଡ୍ ନୋଟରେ ଉଲ୍ଲେଖ କରିଥିଲେ।


କୁଶଲ ପଞ୍ଜାବୀ


ଜିୟା ଖାନ୍


ଦିବ୍ୟା ଭାରତୀ


ନାଫିସା ଜୋଶେଫ


ପ୍ରେକ୍ସା ମେହେଟ୍ଟା


କୁଲଜିତ୍ ରାନ୍ଧୱା


## ମନେ ପଡ଼ନ୍ତି



**ଦ୍ୱାଦଶାହ ଉପଲକ୍ଷେ**



**୰ ରୁକ୍ମିଣୀ ନନ୍ଦ**

ସ୍ୱାମୀ - ୰ ସ୍ୱର୍ଗତ ଫକୀର ମୋହନ ନନ୍ଦ
ଗଣ୍ଡରପୁର, କଟକ

ଆବିର୍ଭାବ : ୦୭.୦୯.୧୯୩୭
ତିରୋଧାନ : ୦୪.୦୬.୨୦୨୦

ଦ୍ୱାଦଶାହ ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ତୁମର ସ୍ନେହ, ତ୍ୟାଗ, କର୍ତ୍ତବ୍ୟପରାଣତା, ପରୋପକାର ଓ ଆଦର୍ଶ ସବୁବେଳେ ଆମର ପାଥେୟ ହେଉ।

ଶୋକ ସନ୍ତପ୍ତ :
ନନ୍ଦ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ

ଧ-୧୭୪୯୩

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ବୈଜୟନ୍ତୀ ସାହୁ**
ବଡ଼ଇଚ୍ଛାପୁର, ବାଛରା, ଜଟଣୀ
ଆବିର୍ଭାବ: ତା. ୦୧।୦୩।୧୯୫୮
ତିରୋଧାନ: ତା. ୦୫।୦୬।୨୦୨୦

ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ, ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ପାଥେୟ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-
ସ୍ୱାମୀ: ସତ୍ୟବାଦୀ ସାହୁ, ଶାଶୁ: ତୁଲ, ପୁତ୍ର: ଜୀବନ, ଚନ୍ଦନ, ପୁତ୍ରବଧୂ: ସ୍ମିତା, ନାତି: ଆର୍ଯ୍ୟାନ, ଝିଅ: ସୋନାଲି, ଜ୍ୱାଇଁ: ସୌମ୍ୟ, ବନ୍ଧୁ ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।।

ଧ-୧୭୪୯୨

**ଏକାଦଶାହ ଉପଲକ୍ଷେ**



**୰ଗଜେନ୍ଦ୍ର ନାଥ ମହାନ୍ତି**
ଉଦୟ: ୦୪-୩-୧୯୩୯, ଅସ୍ତ: ୦୫-୬-୨୦୨୦
ବଳରାମପୁର, କୁଜଙ୍ଗ, ଜଗତ୍‌ସିଂହପୁର

ହେ ପରମପୂଜ୍ୟ ! ଜାତି,ବର୍ଣ୍ଣ,ଧର୍ମ ନିର୍ବିଶେଷରେ ଆପଣ ଥିଲେ ଶ୍ରେଷ୍ଠ ପୁରୁଷ, ଜଣେ ସୁମଣିଷ। ଦୁଃଖୀ ରଙ୍କି ମାନଙ୍କ ପ୍ରତି ଆପଣଙ୍କ ଉଦାରଭାବ ହେଉଛି ଆମର ଆଦର୍ଶ, ଆପଣଙ୍କ ତ୍ୟାଗପୂତ ଜୀବନ ପାଇଁ ଆମେ ଗର୍ବିତ।

ଶୋକସନ୍ତପ୍ତ
ପୁତ୍ର- ଟିଣ୍ଟୁ, ପିଣ୍ଟୁ, ପୁତ୍ରବଧୂ- ଲିପା, ଦୀପା, ଝିଅ- ଲୁନା, ଇନା, ଜ୍ୱାଇଁ- ବାବୁଲି, ବବି
ନାତି- ସିଡ୍ଡୁନ୍, କୁନୁ, ଚୁଲୁ, ରିତୁଲ୍
ନାତୁଣି- ସୋମା, ଗୁଞ୍ଜନ, ସୁମନ୍
ପୁତୁରା- ଶ୍ରୀନିବାସ, ସତ୍ୟପ୍ରକାଶ, ବାପୁଜୀ, ଦିପ୍ତି, ଜ୍ଞାନ, ବାଦଲ, ଦିବ୍ୟ
ବନ୍ଧୁ ଓ ପରିବାର ବର୍ଗ
ଆପଣଙ୍କ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

ଧ-୧୭୪୯୪

# ଅଣ୍ଟା ବିନ୍ଧୁଥିଲେ...

ଅଣ୍ଟା ବିନ୍ଧୁଥିଲେ ଏଥିପ୍ରତି ସତର୍କ ରହିବା ନିହାତି ଜରୁରୀ। କାରଣ ପ୍ରାରମ୍ଭରୁ ଏହାର ଉପଚାର ନ କରିଲେ ପରବର୍ତ୍ତୀ ସମୟରେ ତାହା ଗମ୍ଭୀର ସମସ୍ୟା ଭାବରେ ଉଭା ହୋଇଥାଏ। ଅଣ୍ଟାଜନିତ ସମସ୍ୟା ଥିଲେ ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରହନ୍ତୁ ନାହିଁ। କିଛି ସମୟ ବ୍ୟବଧାନରେ ଚଲାବୁଲା କଲେ ଏଥିରୁ ଉପଶମ ମିଳିଥାଏ। ଏପରି ବସନ୍ତୁ ନାହିଁ, ଯାହାର ପ୍ରଭାବ ଅଣ୍ଟା ଉପରେ ପଡିବ। ସବୁବେଳେ ସିଧା ବସିବାକୁ ଚେଷ୍ଟା କରନ୍ତୁ। କୁସନ ଚେୟାରରେ ଅଧିକାଂଶ ସମୟ ବସୁଥିଲେ ତାହାର ପ୍ରଭାବ ଅଣ୍ଟା ଉପରେ ପଡିଥାଏ। ତେଣୁ କିଛି ସମୟ ଚାଲିଲେ ଆରାମ ଲାଗିଥାଏ। ଯଦି ଅଣ୍ଟା ସମସ୍ୟା ରହିଛି ତେବେ ବିଳମ୍ବ ନ କରି ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଏଥିପାଇଁ କେତେକ ଏକ୍ସରସାଇଜ କରିବାକୁ ପଡିଥାଏ। ସେ ସମ୍ପର୍କରେ ଡାକ୍ତରଙ୍କ ନିକଟରୁ ବୁଝି ନିଅନ୍ତୁ।



# ସ୍ୱାସ୍ଥ୍ୟୋପକାରୀ ଆମ୍ବ

ଆମ୍ବରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। କଞ୍ଚା ଆମ୍ବ ଚଣଟି ଅଜୀର୍ଣ୍ଣ ସମସ୍ୟାକୁ କେତେକାଂଶରେ ଦୂର କରିଥାଏ। ଆମ୍ବ ଖାଇଲେ ତାହା କୋଲେଷ୍ଟରଲ ସ୍ତରକୁ ସନ୍ତୁଳିତ ରଖିଥାଏ। କ୍ୟାନ୍ସର ସହ ଲଢ଼ିବାର ଶକ୍ତି ଆମ୍ବର ରହିଛି ବୋଲି ୟୁନିଭର୍ସିଟି ଅଫ ଲଣ୍ଡନର ବିଶେଷଜ୍ଞମାନେ ସଦ୍ୟତମ ଗବେଷଣାରୁ ଜାଣିପାରିଛନ୍ତି। ଆମ୍ବରେ ଭିଟାମିନ୍ 'ସି' ଭରି ରହିଛି। ଏଥିରେ ଥିବା ଭିଟାମିନ୍ 'ଏ' ଦୃଷ୍ଟି ଶକ୍ତିକୁ ପ୍ରଖର କରିଥାଏ। ଆମ୍ବ ହେଉଛି ବେଟା କ୍ୟାରୋଟିନ୍‌ର ଅନ୍ୟତମ ଉତ୍ସ ଏବଂ ଏହା ମଧ୍ୟ ଆଣ୍ଟି ଅକ୍ସିଡାଣ୍ଟ ଭାବରେ କାମ କରିଥାଏ। ଆମ୍ବରେ ଥିବା ଭିଟାମିନ୍ 'ବି-୬' ମସ୍ତିଷ୍କ ପାଇଁ ବେଶ୍ ଉପକାରୀ। ବ୍ଲଡପ୍ରେସର ରୋଗୀ ଏହାକୁ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି। ଖାସ୍ କଥା ହେଲା, ଆମ୍ବ ଖାଇଲେ ତାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ। ଏହାକୁ ଖାଇଲେ ଅସ୍ଥି ମଧ୍ୟ ମଜଭୁତ ହୋଇଥାଏ।



# ବାପା-ପୁଅର ମେଳ ଭିତରେ ଅମେଳ



ଡ. ନିଖିଳାନନ୍ଦ ପାଣିଗ୍ରାହୀ






ଜେ. ଜେ. ଥମସନ



ଜି. ପି. ଥମସନ

ଆମେ ଯଦି ନୋବେଲ ବିଜୟୀଙ୍କ ତାଲିକା ଦେଖୁ, ଏମିତି କେତେକ ଦୃଷ୍ଟାନ୍ତ ଆମ ନଜରରେ ପଡ଼ିବ, ଯାହା ସହଜରେ ଏଡ଼ାଇ ହେବ ନାହିଁ। ଉଦାହରଣ ଭାବେ ପିତା-ପୁତ୍ର ଯୋଡ଼ି। ବ୍ରାଗ୍ ପରିବାର ଉଇଲିଅମ ହେନରି ଏବଂ ଉଇଲିଅମ ଲରେନସ ଏକ୍ସରେ କ୍ରିଷ୍ଟଲ ଆନାଲିସିସ ପାଇଁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର (୧୯୧୫) ପାଇଥିଲେ। ଏହି ବାପା-ପୁଅ ଯୋଡି ବ୍ୟତୀତ ଜେ.ଜେ. ଥମସନ ଓ ଜି.ପି.ଥମସନ (ଇଲେକ୍‌ଟ୍ରୋନ୍ କଣିକା ଉପରେ ଗବେଷଣା ପାଇଁ ୧୯୦୬ ଏବଂ ୧୯୩୭ରେ ପଦାର୍ଥ ବିଜ୍ଞାନ ପାଇଁ), ନିଲସ ବୋର୍ ଓ ଆଗେ ବୋର୍ (୧୯୯୨ ଓ ୧୯୭୫ରେ ଯଥାକ୍ରମେ ଅଣୁର ଗଠନ ଓ ନ୍ୟୁକ୍ଲିୟର ଷ୍ଟ୍ରକଚର ବିଷୟରେ ଅବଦାନ ପାଇଁ), ଆର୍ଥର କୋର୍ଣ୍ଣବର୍ଗ ଓ ରୋଜେର କୋର୍ଣ୍ଣବର୍ଗ (ଜୀବ ବିଜ୍ଞାନ ଓ ରସାୟନ ଶାସ୍ତ୍ର ପାଇଁ ଯଥାକ୍ରମେ ୧୯୫୯ ଓ ୨୦୦୬ରେ), କାର୍ଲମାନେ ସେବାନ ଓ କାଇ ସେବାନ (ଏକ୍ସରେ ସ୍ପେକ୍ଟ୍ରୋସ୍କୋପି ବିଷୟରେ ୧୯୨୪ ଓ ୧୯୮୧ ମସିହାରେ), ହାନ୍ସ ୟୁଲେର ଚେଲପିନ୍ ଓ ପୁତ୍ର ଉଲଫ ଭନ୍ ୟୁଲେର (ଯଥାକ୍ରମେ ୧୯୨୯ରେ ରସାୟନ ବିଜ୍ଞାନ ଓ ୧୯୭୦ରେ ଭେଷଜ ବିଜ୍ଞାନ) ବିଜ୍ଞାନ ଜଗତରେ ଗୋଟିଏ ଲେଖାଏଁ ଉଜ୍ଜ୍ୱଳ ଜୋତିଷ୍କ ଭାବରେ ଉଦ୍‌ଭାଷିତ ହୋଇଛନ୍ତି।

ଉପରୋକ୍ତ ପିତା-ପୁତ୍ରମାନଙ୍କ ଅବଦାନ ଅବିସ୍ମରଣୀୟ। ତେବେ ଏମାନଙ୍କ ମଧ୍ୟରେ ଆମେ ଯେଉଁ ଦୁଇ ଜଣଙ୍କୁ ଆଲୋଚନା ପାଇଁ ବିଚାରକୁ ନେବା ସେମାନେ ହେଉଛନ୍ତି ପିତା ଜେ.ଜେ. ଥମସନ (ସଂକ୍ଷେପରେ ଜେ.ଜେ.) ଏବଂ ପୁତ୍ର ଜି.ପି. ଥମସନ (ସଂକ୍ଷେପରେ ଜି.ପି.)। ଉଭୟଙ୍କ ଗବେଷଣା ପଦାର୍ଥ ବିଜ୍ଞାନ ସମ୍ବନ୍ଧିତ। ପୁଣି ସେମାନଙ୍କ ମୂଳ ବିଷୟବସ୍ତୁ ହେଉଛି ଇଲେକ୍ଟ୍ରୋନ୍ ଓ ତାହାର ଗୁଣାବଳୀ ନିର୍ଦ୍ଧାରଣ। ତେଣୁ ଏହି ପ୍ରସଙ୍ଗରେ ମେଳ ଉଲ୍ଲେଖନୀୟ। କିନ୍ତୁ ସେମାନଙ୍କ ଗବେଷଣାର ନିଷ୍କର୍ଷରେ ଅମେଳ ରହିଛି। ଏହି ସମ୍ବନ୍ଧରେ ସମ୍ୟକ୍ ଧାରଣା ପାଇଁ ସେମାନଙ୍କର ଜୀବନୀ ଓ ସଫଳତା ପ୍ରତି ଦୃଷ୍ଟିଦେବା ଉଚିତ ହେବ।

ପିତା ଜେ.ଜେ. (ଡିସେମ୍ବର ୧୮୫୬- ଅଗଷ୍ଟ ୧୯୪୦) ଇଂଲଣ୍ଡର ମାଞ୍ଚେଷ୍ଟରଠାରେ ଜନ୍ମ ଗ୍ରହଣ କରିଥିଲେ। ସେ ପ୍ରସିଦ୍ଧ କ୍ୟାମ୍ବ୍ରିଜର ଟ୍ରିନିଟି କଲେଜରେ ଅଧ୍ୟୟନ କରିଥିଲେ। ତାଙ୍କ ବାପା ବିରଳ ପୁସ୍ତକର ବିକ୍ରେତା ଭାବେ ଗୋଟିଏ ବହି ଦୋକାନର ମାଲିକ ଥିଲେ। ତାଙ୍କ ଅଭିଭାବକମାନେ ଚାହୁଁଥିଲେ ଯେ ପୁଅ ଗୋଟିଏ ଇଞ୍ଜିନିୟର ହେଉ। କିନ୍ତୁ ବାପାଙ୍କ ଅକାଳ ବିୟୋଗ କାରଣରୁ ସେ କ୍ୟାମ୍ବ୍ରିଜରେ ଅଙ୍କ ଅଧ୍ୟୟନ କଲେ ଏବଂ ୧୮୮୦ରେ ବି.ଏ.ରେ ସଫଳ ହୋଇ ସ୍ମିଥ ପୁରସ୍କାର ବିଜେତା ହୋଇଥିଲେ। ତା' ପରବର୍ଷ ଟ୍ରିନିଟି କଲେଜରେ ଗବେଷଣା ପାଇଁ ଜଣେ ମେଧାବୀ ଛାତ୍ର ଭାବରେ ଛାତ୍ରବୃତ୍ତି ପାଇଥିଲେ। ଆଦାମ ପ୍ରାଇଜ୍ ସହ ସେଠାରେ ମାଷ୍ଟର ଡିଗ୍ରୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେ ଗମ୍ଭୀର ସ୍ୱଭାବ ସମ୍ପନ୍ନ ଥିଲେ।

ସେତେବେଳେ ମହିଳାମାନଙ୍କୁ କ୍ୟାମ୍ବ୍ରିଜ କ୍ଲାସରେ ବସିବାକୁ ସୁଯୋଗ ଦିଆଯାଉ ନ ଥିଲା। ଏହି ବ୍ୟବସ୍ଥା ଅନୁଯାୟୀ ରୋଜ୍ ପାଗେଟ୍ ନାମ୍ନୀ ଜଣେ ଛାତ୍ରୀ ପଦାର୍ଥ ବିଜ୍ଞାନ ଶ୍ରେଣୀରେ ଉପସ୍ଥିତ ରହୁଥିଲେ। ଏହି ଅବସରରେ ଜେ.ଜେ. ତାଙ୍କ ସମ୍ପର୍କରେ ଆସିଥିଲେ। ପରବର୍ତ୍ତୀ କାଳରେ ସେ ତାଙ୍କର ଜୀବନସଙ୍ଗିନୀ ହୋଇଥିଲେ।

କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗରେ କ୍ୟାଭେଣ୍ଡିସ ପ୍ରଫେସର ପଦବୀରେ ନିଯୁକ୍ତ ହେବା ଏକ ଅସାମାନ୍ୟ ଘଟଣା। ଓସବର୍ଣ୍ଣ ରେନେଲଡ୍,ରିସାର୍ଡ ଗ୍ଲେଜ୍‌ବ୍ରୁକ ପରି ସୁପ୍ରତିଷ୍ଠିତ ପଦାର୍ଥବିତ୍‌ମାନେ ଏହି ଚେୟାର ସକାସେ ଆଗ୍ରହୀ ଥିଲେ। କିନ୍ତୁ ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଜେ.ଜେ. ଥମସନ ପରି ଜଣେ ଗଣିତଜ୍ଞଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯାଇଥିଲା। ତା'ପରେ ଜେ.ଜେ.ଙ୍କୁ ୧୯୦୬ରେ ପଦାର୍ଥ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ଦ୍ୱାରା ମହିମାମଣ୍ଡିତ କରାଯାଇଥିଲା। ସେ ଜଣେ ଉତ୍ତମ ଶିକ୍ଷକ ଥିଲେ। ତାଙ୍କ ଛାତ୍ରମାନଙ୍କ ମଧ୍ୟରୁ ବାର୍କଲା, ନିଲିସ୍ ବୋର୍, ମାକ୍ସ ବର୍ଣ୍ଣ, ଉଇଲିୟମ ହେନେରି ବର୍ଗ, ଓୱେନ ରିଚାର୍ଡସନ ଓ ଚାର୍ଲସ ଉଇଲସନ ପଦାର୍ଥ ବିଜ୍ଞାନରେ ଏବଂ ଆଷ୍ଟନ ଓ ରଦରଫୋର୍ଡ ରସାୟନବିଜ୍ଞାନ ଶାସ୍ତ୍ରରେ ନୋବେଲ ବିଜୟୀ ହୋଇଥିଲେ। ଦେହାନ୍ତ ପରେ ତାଙ୍କ ଚିତାଭସ୍ମ ସାର୍ ଆଇଜାକ୍ ନିୟୁଟନ୍ ଓ ତାଙ୍କର ସୁଯୋଗ୍ୟ ଛାତ୍ର ରଦରଫୋର୍ଡଙ୍କ ସମାଧି ନିକଟରେ ୱେଷ୍ଟମିନିଷ୍ଟର ଆବେ ଲଣ୍ଡନଠାରେ ରଖାଯାଇଥିଲା।

୧୮୮୦ ଦଶକ ଓ ୧୮୯୦ ଦଶକରେ ବୈଜ୍ଞାନିକମାନେ କାଥୋଡ ରେ' ସମ୍ପର୍କରେ ବିଶେଷଜ୍ଞାନ ପାଇଁ ଗଭୀର ଗବେଷଣାରତ ଥିଲେ। କାଥୋଡ ରେ' ହେଉଛି ନେଗେଟିଭ ଚାର୍ଜର ଏକ ସ୍ରୋତ। କମ ଚାପ ଥିବା ଗ୍ୟାସ୍ ଡିସଚାର୍ଜରେ ରଖାଯାଇଥାଏ। ଏହି ଟ୍ୟୁବର (କ୍ରୁକସ ଟ୍ୟୁବ୍) ନେଗେଟିଭ ଇଲେକ୍ଟ୍ରୋଡରୁ ଯେଉଁ ଇଲେକ୍ଟ୍ରୋନ୍ ସ୍ରୋତ ନିର୍ଗତ ହୁଏ ତାହା ହେଉଛି କ୍ୟାଥୋଡ ରେ'। ଏହା ମଧ୍ୟ କେତେକ ଇଲେକ୍ଟ୍ରୋନ୍ ଟ୍ୟୁବର ଉତ୍ତପ୍ତ ତାରରୁ ଉତ୍ପନ୍ନ ହୁଏ। କ୍ୟାଥୋଡ ରେ' ଭିତ୍ତିକ ବହୁ ସଂଖ୍ୟକ ପରୀକ୍ଷା ମଧ୍ୟରୁ ଜେ.ଜେ.ଙ୍କ ପରୀକ୍ଷା (୧୮୯୭) ଯେଉଁ ନିଷ୍କର୍ଷ ପ୍ରକଟ କଲା, ତାହା ଯୁଗାନ୍ତକାରୀ। ଏହା ସର୍ବସାଧାରଣରେ ଆଲୋଡ଼ନ ସୃଷ୍ଟି କଲା।

> "ଏହି ଟ୍ୟୁବର (କ୍ରୁକସ ଟ୍ୟୁବ୍) ନେଗେଟିଭ ଇଲେକ୍ଟ୍ରୋଡରୁ ଯେଉଁ ଇଲେକ୍ଟ୍ରୋନ୍ ସ୍ରୋତ ନିର୍ଗତ ହୁଏ ତାହା ହେଉଛି କ୍ୟାଥୋଡ ରେ'। ଏହା ମଧ୍ୟ କେତେକ ଇଲେକ୍ଟ୍ରୋନ୍ ଟ୍ୟୁବର ଉତ୍ତପ୍ତ ତାରରୁ ଉତ୍ପନ୍ନ ହୁଏ। କ୍ୟାଥୋଡ ରେ' ଭିତ୍ତିକ ବହୁ ସଂଖ୍ୟକ ପରୀକ୍ଷା ମଧ୍ୟରୁ ଜେ.ଜେ.ଙ୍କ ପରୀକ୍ଷା (୧୮୯୭) ଯେଉଁ ନିଷ୍କର୍ଷ ପ୍ରକଟ କଲା, ତାହା ଯୁଗାନ୍ତକାରୀ। ଏହା ସର୍ବସାଧାରଣରେ ଆଲୋଡ଼ନ ସୃଷ୍ଟି କଲା।"



ଜେ.ଜେ.ଙ୍କ ନିର୍ଯାସରୁ ସୃଷ୍ଟ ହେଲା ଯେ ପରମାଣୁ (ଆଟମ) ଅଭ୍ୟନ୍ତର ସମାଙ୍ଗ (ହୋମୋଜନିୟସ) ନୁହେଁ। ଏହି ତଥ୍ୟ ଦୁଇ ହଜାର ବର୍ଷ ଧରି ପ୍ରଚଳିତ ଧାରଣାର ବିପରୀତ ଥିଲା। ଆଟମ ମଧ୍ୟରେ କ୍ଷୁଦ୍ର ଋଣାତ୍ମକ (ନେଗେଟିଭ୍) ଚାର୍ଜଯୁକ୍ତ କଣିକା ରହିଛି। ଏଗୁଡିକ ହେଉଛି ଇଲେକ୍ଟ୍ରୋନ୍ ଏବଂ କ୍ୟାଥୋଡ ରେ' ସ୍ରୋତର ଉପାଦାନ।

କିନ୍ତୁ ଆମେ ଜାଣୁ ଚାର୍ଜ ଦୃଷ୍ଟିରୁ ମୋଟାମୋଟି ଭାବେ କୌଣସି ଆଟମ୍ ହେଉଛି ଅନାବିଷ୍ଟ (ନ୍ୟୁଟ୍ରାଲ)। ଯଦି ଆଟମ ଭିତରେ ଇଲେକ୍ଟ୍ରୋନ୍ ପରି ଏକ ଋଣାତ୍ମକ ଚାର୍ଜ ରହିଲା, ତେବେ ଏହା ନ୍ୟୁଟ୍ରାଲ ହେବା ପାଇଁ ସମପରିମାଣ ତାର ଯୁକ୍ତାତ୍ମକ (ପଜିଟିଭ) ଚାର୍ଜ ଆବଶ୍ୟକ। ତେଣୁ ଜେ.ଜେ. ଏମିତି ଗୋଟିଏ ଆଟମବମ ମଡେଲ ଆଙ୍କିଲେ, ଯାହା ଏକ ବ୍ରିଟିଶ ବ୍ୟଞ୍ଜନ ପ୍ଲମ୍ ପୁଡିଙ୍ଗ ଭାବେ ପରିଚିତ। ଚାର୍ଜ ସମାନ ଭାବରେ ସୁପ୍ ମଧ୍ୟରେ ଅବସ୍ଥାପିତ ପଜିଟିଭ ଚାର୍ଜମାନଙ୍କ ମଧ୍ୟରେ ଇଲେକ୍ଟ୍ରୋନମାନେ ମଧ୍ୟ ସମଭାବରେ ରହିବେ (୧୯୦୪)। କିନ୍ତୁ ଏହି ମଡେଲକୁ ତାଙ୍କ ଛାତ୍ର ରଦରଫୋର୍ଡ ପରବର୍ତ୍ତୀ କାଳରେ ପରିବର୍ତ୍ତନ କଲେ। ଆଲଫା ପାର୍ଟିକାଲ ଉପରେ ପରୀକ୍ଷା କରି ୧୯୧୧ରେ ସେ ଦର୍ଶାଇଲେ ଯେ, ଆଟମ୍‌ର ଠିକ୍ ମଧ୍ୟରେ ସମସ୍ତ ପଜିଟିଭ ଚାର୍ଜ ଜମା ହୋଇରହିଛି ଏବଂ ବାହାରେ ଇଲେକ୍ଟ୍ରୋନମାନେ ରହିଛନ୍ତି।

ତେବେ ଜେ.ଜେ.ଙ୍କ ଗବେଷଣା ପରମାଣୁଠାରୁ କ୍ଷୁଦ୍ରତର ଏକ କଣିକା (ଇଲେକ୍ଟ୍ରୋନ୍)ର ସର୍ବପ୍ରଥମ ଆବିଷ୍କାର। ପୁଣି ତାଙ୍କ ପରୀକ୍ଷା ଦ୍ୱାରା ଇଲେକ୍ଟ୍ରୋନ ଚାର୍ଜ ଓ ବସ୍ତୁତ୍ୱ ମଧ୍ୟରେ ଅନୁପାତ ନିର୍ଣ୍ଣିତ ହୋଇଥିଲା।

୧୯୦୯ରେ ମିଲିକାନ୍ (୧୮୬୮-୧୯୫୩) ଅଏଲ-ଡ୍ରପ୍ ପରୀକ୍ଷା ମାଧ୍ୟମରେ ସଫଳ ଭାବେ ଇଲେକ୍ଟ୍ରୋନ ଚାର୍ଜର ପରିମାଣ ନିରୂପଣ କରିଥିଲେ। ତେଣୁ ଥମସନ ଓ ମିଲିକାନ୍‌ଙ୍କ ଡାଟା ସାହାଯ୍ୟରେ ଇଲେକ୍ଟ୍ରୋନ୍‌ର ବସ୍ତୁତ୍ୱ ଜାଣିହେଲା। ସମ୍ପ୍ରତି ଇଲେକ୍ଟ୍ରୋନ ବସ୍ତୁତ୍ୱ ହେଉଛି ପ୍ରାୟ ୯.୧୦୯X୧୦-୩୧ କେଜି, ଯାହା କି ସବ୍ ଅର୍ଥାତ୍ ଆଟୋମିକ୍ ପରମାଣୁଠାରୁ କ୍ଷୁଦ୍ରତର ସ୍ଥିର କଣିକା ମଧ୍ୟରେ ସର୍ବନିମ୍ନ। ଏହାର ଚାର୍ଜ (ଋଣାତ୍ମକ) ହେଉଛି ପ୍ରାୟ ୧.୬୦୨X୧୦-୧୯ କୁଲମ୍ବ, ଯାହା ଇଲେକ୍ଟ୍ରିକ୍ ଚାର୍ଜର ମୌଳିକ ଏକକ (ବେସିକ ୟୁନିଟ୍) ଭାବେ ବିବେଚିତ ହେଉଛି।

ଉକ୍ତ ଡାଟାରୁ ସ୍ପଷ୍ଟ ଯେ ବସ୍ତୁତ୍ୱ ଓ ଚାର୍ଜ ଥିବାରୁ ଇଲେକ୍ଟ୍ରୋନ୍ ଗୋଟିଏ ବସ୍ତୁ। କିନ୍ତୁ ଯଦି କେହି କହେ ଯେ ଏହା ଏକ ତରଙ୍ଗ, ତେବେ ଜଣେ ଏହାକୁ ଅସମ୍ଭବ ବୋଲି ପ୍ରତ୍ୟାଖ୍ୟାନ କରିବ, କାରଣ ତରଙ୍ଗର କଦାପି ବସ୍ତୁତ୍ୱ ବା ଚାର୍ଜ ନ ଥାଏ।

*-ବଡ଼ଖେମୁଣ୍ଡି ବଙ୍ଗଳା,*
*ଉତ୍କଳ ଆଶ୍ରମ ମାର୍ଗ, ବ୍ରହ୍ମପୁର*
*ମୋ : ୯୪୩୭୦୨୬୬୫୧*

# ଅସନ୍ତୁଳିତ ଜୀବନଶୈଳୀ ଓ ଶରୀରରେ ଅମ୍ଳଜାନ ପରିମାଣ

ଆମେ ବଞ୍ଚିବା ପାଇଁ ଅମ୍ଳଜାନ (ଅକ୍ସିଜେନ)ର କେତେ ଆବଶ୍ୟକତା ରହିଛି ତାହା କହିବା ବାହୁଲ୍ୟ। ଶରୀରରେ ଏହାର ପରିମାଣ ସନ୍ତୁଳିତ ନ ରହିଲେ ତାହା ଆମ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ଏ ସମ୍ପର୍କରେ ନିକଟରେ ଏକ ରୋଚକ ତଥ୍ୟ ଜଣାପଡିଛି। ଜଣେ ବ୍ୟକ୍ତିର ଜୀବନଶୈଳୀ ଯଦି ଅସନ୍ତୁଳିତ ରହେ ତେବେ ତାଙ୍କର ଶରୀରରେ ଅମ୍ଳଜାନ ପରିମାଣ ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏପରି ବିଷୟବସ୍ତୁକୁ ନେଇ କାଲିଫର୍ନିଆ ୟୁନିଭର୍ସିଟି ପକ୍ଷରୁ ହୋଇଥିବା ସର୍ଭେରୁ ଏକଥା ଜଣାପଡିଛି। ଯେଉଁମାନଙ୍କର ଜୀବନଶୈଳୀ ଅସନ୍ତୁଳିତ ଥିଲା ସେମାନଙ୍କର ଶରୀରରେ ଅମ୍ଳଜାନ ପରିମାଣ କିପରି ରହୁଛି ତାହାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଦ୍ୱାରା ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା।




ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କ ଶରୀରରେ ଅମ୍ଳଜାନ ପରିମାଣ ଅସନ୍ତୁଳିତ ରହୁଥିବାର ସେମାନେ ଜାଣିବାକୁ ପାଇଥିଲେ। ତେଣୁ ନିଜ ଜୀବନଶୈଳୀ ଯେମିତି ସନ୍ତୁଳିତ ରହେ ସେଥିପ୍ରତି ଧ୍ୟାନ ଦେବାକୁ ସେମାନେ ପରାମର୍ଶ ଦେଇଛନ୍ତି।

# ଏୟାର ଫ୍ରେସନରର ବହୁଳ ବ୍ୟବହାର କ୍ଷତିକାରକ

ଘର ଭିତର ଭାଗର ପରିବେଶକୁ ସୁଗନ୍ଧମୟ କରିବାକୁ ଆଜିକାଲି ବିଭିନ୍ନ ପ୍ରକାରର ଏୟାର ଫ୍ରେସନର ବଜାରରେ ଉପଲବ୍ଧ। କିନ୍ତୁ ଏହାର ବହୁଳ ବ୍ୟବହାର ବାୟୁମଣ୍ଡଳ ପ୍ରତି କ୍ଷତିକାରକ ସାବ୍ୟସ୍ତ ହୋଇଥାଏ ବୋଲି ୟୁନିଭର୍ସିଟି ଅଫ ସିଡ୍‌ନୀର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏୟାର ଫ୍ରେସନର ବାୟୁମଣ୍ଡଳକୁ ସୁଗନ୍ଧିତ କରିଦିଏ, ହେଲେ ଏଥିରେ ଏପରି କେତେକ ତତ୍ତ୍ୱ ରହିଛି, ଯାହା ବାୟୁମଣ୍ଡଳରେ ଥିବା କେତେକ ସୂକ୍ଷ୍ମ ତଥା ସ୍ୱାସ୍ଥ୍ୟ ପାଇଁ ଉପକାରୀ କଣିକାଗୁଡିକୁ ନଷ୍ଟ କରିଦିଏ।



ଏଥିରେ ଥିବା 'ଲିମୋଲିନ୍' ତତ୍ତ୍ୱ ଘର ଭିତରକୁ ଆସୁଥିବା ବାୟୁକୁ ସୁଗନ୍ଧମୟ କରେ। କିନ୍ତୁ ଏହାର ବହୁଳ ବ୍ୟବହାର ଦ୍ୱାରା ଘରର ଆଭ୍ୟନ୍ତରୀଣ ବାୟୁକୁ ଦୂଷିତ କରିଦିଏ, ଯାହା କେତେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଏହାର ବ୍ୟବହାର ପ୍ରତି ଆମେ ସଚେତନ ରହିବା ଆବଶ୍ୟକ ବୋଲି ଏହି ଗବେଷଣାର ମୁଖ୍ୟ ଡା. ମିଶେଲ ୱାରିଙ୍ଗ ସୂଚନା ଦେଇଛନ୍ତି।

## ସ୍ୱାସ୍ଥ୍ୟ ସୂଚନା

- ଓଜନ ବଢ଼ିବା (ଓବେସିଟି) ଆଜିକାଲି ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟି ଗଲାଣି। ତେଣୁ ସବୁବେଳେ ନିଜ ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ।
- ଯଦି ଓଜନ କମାଇବାକୁ ନିର୍ଦ୍ଦିଷ୍ଟ ବ୍ୟାୟାମ କରୁଛନ୍ତି ତେବେ ନିୟମିତ ସମୟ ବ୍ୟବଧାନରେ ଓଜନ କେତେ କମୁଛି ତାହା ଦେଖିନିଅନ୍ତୁ।
- ଅନିଦ୍ରାଜନିତ ସମସ୍ୟା ରହୁଛି କି ? ଯଦି ଏହା ଦୀର୍ଘଦିନ ଧରି ଲାଗି ରହିଛି ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ନ ହେଲେ ଏହା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ।
- ପ୍ରତିଦିନ ଯେତେ ପରିଶ୍ରମ କଲେ ମଧ୍ୟ ନିଜର ବିଶ୍ରାମ ସମୟ ପ୍ରତି ଧ୍ୟାନ ଦିଅନ୍ତୁ। ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ।
- ଖାଇବାର କିଛି ସମୟ ପୂର୍ବରୁ ଅଳ୍ପ ପାଣି ପିଅନ୍ତୁ। ଏହା ହଜମକ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ।
- ଯଦି ଆପଣ ଦୀର୍ଘଦିନ ହେବ ଡାଇବେଟିସ୍, ବ୍ଲଡପ୍ରେସର ପରି ସମସ୍ୟା ସହ ଜଡିତ ତେବେ ନିଜର ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ। ତା'ସହ ନିୟମିତ ସମୟ ଅନ୍ତରାଳରେ ରକ୍ତରେ ସୁଗାର ପରିମାଣ କେତେ ଅଛି ଜାଣିନିଅନ୍ତୁ ଏବଂ ବ୍ଲଡପ୍ରେସର କେତେ ରହୁଛି ତାହା ମାପି ନିଅନ୍ତୁ।
- ଯଦି ଆପଣ ପ୍ରତିଦିନ ବ୍ୟାୟାମ କରୁଛନ୍ତି ତେବେ ଏହି ତାଲିକାରେ ଯୋଗ, ପ୍ରାଣାୟମ ସାମିଲ କରନ୍ତୁ। କାରଣ ବ୍ୟାୟାମ ପରି ଏଗୁଡିକ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ।



## ରାଉତପଡ଼ାରେ ଗୋଷ୍ଠୀସଂଘର୍ଷ, ଜଣେ ଗୁରୁତର

ଖୋର୍ଦ୍ଧା ଅଫିସ: ବେଗୁନିଆ ଥାନା ଅନ୍ତର୍ଗତ ରାଉତପଡ଼ାରେ ପୂର୍ବ ଶତ୍ରୁତାକୁ ନେଇ ରବିବାର ରାତିରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କ ପରିଚୟ ମିଳିପାରିନାହିଁ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରଛି। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ଲାଗି ଗ୍ରାମରେ ଗୋଟିଏ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି।

**ସଂକ୍ଷେପରେ**

## ଓ୍ୱାରଲେସ୍ ଯନ୍ତ୍ରାଂଶ ଦେବାକୁ କହି ୨.୫ ଲକ୍ଷ ଠକେଇ

**ଭୁବନେଶ୍ୱର,୧୪।୬(ବ୍ୟୁରୋ):** ଖାରବେଳନଗର ଥାନା ଅଞ୍ଚଳରେ ଥିବା ଏକ କମ୍ପାନୀକୁ ଓ୍ୱାରଲେସ୍ ଯନ୍ତ୍ରାଂଶ ଦେବାକୁ କହି ଅଢେଇ ଲକ୍ଷ ଟଙ୍କା ଠକି ନେଇଛି କୋଲକାତାର ଏକ ସଂସ୍ଥା। ଏହି ନେଇ ଉକ୍ତ କମ୍ପାନୀର ଏମ୍‌ଡି ଏସ୍‌ଏମ୍‌ଏମ୍ ରହମାନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ.୧୨୪/୨୦ ରୁଜୁ କରି ତଦନ୍ତ ଚଳାଇଥିବାବେଳେ ଠକେଇ କରିଥିବା ଉକ୍ତ ସଂସ୍ଥାର ମୁଖ୍ୟକୁ ଧରିବା ପାଇଁ ଚଢାଉ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଖାରବେଳନଗରର ପ୍ଲଟ ନଂ.ଏସ୍‌ସିଆର/୯୭ରେ ଏକ କମ୍ପାନୀର ଅଫିସ ରହିଛି। ଏହି କମ୍ପାନୀ ରାଜ୍ୟର ବିଭିନ୍ନ ବ୍ୟାଙ୍କ୍‌କୁ ଓ୍ୱାରଲେସ୍ ଲିଙ୍କ୍ ଯୋଗାଇ ଦେଇଥାଏ। ଦୁର୍ଗାପୁରରେ ଥିବା ଏକ ବ୍ୟାଙ୍କ୍‌କୁ ଲିଙ୍କ୍ ଦେବା ପାଇଁ କିଛି ଟେକ୍‌ନିକାଲ ଯନ୍ତ୍ରାଂଶର ଆବଶ୍ୟକ ଥିବାରୁ ଏମ୍‌ଡି ରହମାନ ପୂର୍ବରୁ ଯନ୍ତ୍ରାଂଶ ଯୋଗାଉଥିବା କୋଲକାତାର ଏକ ସଂସ୍ଥାକୁ ଗତ ୮ ତାରିଖରେ ଅଢେଇ ଲକ୍ଷ ଟଙ୍କା ପଠାଇଥିଲେ। ଉକ୍ତ ସଂସ୍ଥା ୧୨ ତାରିଖ ସୁଦ୍ଧା ଯନ୍ତ୍ରାଂଶ ପଠାଇବାର ଥିଲା। ହେଲେ ତାହା ନ ପହଞ୍ଚିବାରୁ ଏନେଇ ରହମାନ ତାଙ୍କ ସହ ଯୋଗାଯୋଗ କରିଥିଲେ ମଧ ସେ ଧରାଛୁଆଁ ଦେଇ ନ ଥିଲେ। ପରେ ଟଙ୍କା ନ ଫେରାଇ ବିଭିନ୍ନ ଧମକ ଦେଇଥିଲେ। ଶେଷରେ କମ୍ପାନୀର ଏମ୍‌ଡି ରହମାନ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ଚିଟ୍‌ଫଣ୍ଡ ଠକେଇ: ସରକାରଙ୍କୁ ଦସ୍ତାବିଜ ମାଗିଲା ସିବିଆଇ

**ଭୁବନେଶ୍ୱର,୧।୬(ବ୍ୟୁରୋ):** ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୨୦୧୩ରୁ ରାଜ୍ୟରେ ବହୁଚର୍ଚ୍ଚିତ ଚିଟଫଣ୍ଡ୍ ମହାଠକେଇ ମାମଲାର ତଦନ୍ତ ଚଳାଇଛି ସିବିଆଇ। ତେବେ ଏକ ବର୍ଷର ନିରବତା ପରେ ଏବେ କରୋନା ସମୟରେ ହଠାତ୍ ସିବିଆଇର ଚିଟ୍‌ଫଣ୍ଡ ଖୋଳତାଡ଼କୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ସିସୋର ଚିଟ୍‌ଫଣ୍ଡ ଠକେଇରେ ୩ଜଣ ବରିଷ୍ଠ ଅଧିକାରୀ ଓ ଜାମିନରେ ଆସିଥିବା ଶୁଭଙ୍କର ନାୟକଙ୍କୁ ଜେରା କରାଯାଇଥିବା ଖବରକୁ ଶୁଭଙ୍କର ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଚିଟ୍‌ଫଣ୍ଡ୍‌ରେ ତାଙ୍କର ସଂପୃକ୍ତି ନେଇ ରହିଥିବା ମାମଲା ସିବିଆଇ କୋର୍ଟରେ ବିଚାରାଧୀନ ରହିଛି। ଜାମିନରେ ଆସିବା ପରେ ୪ମାସ ତଳେ ଫାଇନାଲ ଚାର୍ଜଶିଟ ସମ୍ପର୍କିତ ପଚରାଉଚରା ପାଇଁ ସିବିଆଇକୁ ସହଯୋଗ କରିଛି। କୋର୍ଟ କିମ୍ବା ସିବିଆଇ ପକ୍ଷରୁ ନୋଟିସ କରାଯାଇ ନାହିଁ କି କୌଣସି ଜେରାର ମଧ ସେ ସମ୍ମୁଖୀନ ହୋଇନି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱର ସିବିଆଇ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ଅଧିକାରୀ କହିଛନ୍ତି, ବର୍ତ୍ତମାନ କୋଭିଡ-୧୯କୁ ନଜରରେ ରଖି କାହାକୁ କାର୍ଯ୍ୟାଳୟରେ ଜେରା କରାଯାଉନାହିଁ। ଚିଟ୍‌ଫଣ୍ଡ୍ ସଂସ୍ଥାଗୁଡ଼ିକର ବିଜ୍ଞାପନ ସଂକ୍ରାନ୍ତ ତଥ୍ୟ ସହ ଅନ୍ୟକିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ସରକାରଙ୍କୁ ମଗାଯାଇଥିବା ସେ କହିଛନ୍ତି।

## ବିବେକାନନ୍ଦ ଯୁବ ସଂସଦର ଆଲୋଚନାଚକ୍ର

କଟକ ଅଫିସ,୧୪।୬: ବିବେକାନନ୍ଦ ଯୁବ ସଂସଦ ତରଫରୁ ଅନ୍‌ଲାଇନ୍ ଆଲୋଚନାମାଳା ଆୟୋଜିତ ହେଉଛି। ଏଥିରେ ସ୍ୱାମୀ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀର ଉପସଭାପତି ତଥା ପଦ୍ମଶ୍ରୀ ଡ. ନିବେଦିତା ଭିଡେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସେ ସ୍ୱାମୀ ବିବେକାନନ୍ଦଙ୍କ ବ୍ୟକ୍ତି ଏବଂ ସମାଜ ପ୍ରତି ଦୃଷ୍ଟିଭଙ୍ଗୀ ଉପରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ ସନ୍ଦେଶକୁ ଉଦାହରଣ ମାଧମରେ ପରିବେଷଣ କରି ଯୁବ ଗୋଷ୍ଠୀକୁ ଉଦ୍‌ବୁଦ୍ଧ କରିଥିଲେ। ଚାରି ଯୋଗ, ଇନ୍ଦ୍ରିୟ ନିୟନ୍ତ୍ରଣ, ଆସନ, ପ୍ରାଣାୟମକୁ ଆପଣାଇବାକୁ ପରାମର୍ଶ ଦେଇଥିଲେ। ଏଥିରେ ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଯୁବପିଢ଼ି ଭାଗ ନେଇଥିଲେ। ପ୍ରିୟବ୍ରତ ମିଶ୍ର ସଂଯୋଜନା କରିଥିବା ବେଳେ ଅରୁଣ କୁମାର ତ୍ରିପାଠୀ, ଅନୁଷ୍ଠାନର ସଭାପତି ସନ୍ତୋଷ ମହାପାତ୍ର ଯୁବ ସଂସଦର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସମ୍ପାଦକ ଡ. ଚିତ୍ତରଞ୍ଜନ ନାୟକ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ବିନାୟକ ଘୋଷ, ପ୍ରିୟବ୍ରତ ଶତପଥୀ, ଆଶିଷ ପ୍ରଧାନ, ଚିନ୍ମୟ ରଞ୍ଜନ କୁମାର, ପ୍ରିୟବ୍ରତ ମିଶ୍ର, ଅରୁଣ ତ୍ରିପାଠୀ, ବିଶ୍ୱେଶର ମହାପାତ୍ର, ଅରୋ କୁମାର ସାହୁ, ଗୌତମ ସାମଲ, କୈବଲ୍ୟପତି ମିଶ୍ର, ଗୁପ୍ତେଶ୍ୱର ପଟେଲଙ୍କ ପରିଚାଳନାକୁ ଶ୍ରେୟ ଦେଇଥିଲେ।

# କାର୍ଡିଓଲୋଜିରେ ନାହାନ୍ତି ସ୍ଥାୟୀ ପରଫ୍ୟୁଜୋନିଷ୍ଟ

କଟକ ଅଫିସ,୧୪।୬

**ଏସ୍‌ସିବି ମେଡିକାଲ**

- ଠିକା ଟେକ୍ନିସିଆନଙ୍କୁ ନେଇ କରାଯାଉଛି ଅସ୍ତ୍ରୋପଚାର
- ବିଭାଗ ପାଇଁ ୨ ସ୍ଥାୟୀ ପରଫ୍ୟୁଜୋନିଷ୍ଟ ଆବଶ୍ୟକ

୩୩ ବର୍ଷ ତଳେ ୧୯୮୭ରୁ ଏସ୍‌ସିବି ମେଡିକାଲ କାର୍ଡିଓଲୋଜି ବିଭାଗରେ ଆରମ୍ଭ ହୋଇଥିଲା ଓପନ୍ ହାର୍ଟ ବାଇପାସ୍ ସର୍ଜରୀ। ସେବେଠାରୁ ସରକାରୀ ଭାବେ ରାଜ୍ୟରେ ଆଉ ଅନ୍ୟ କୋଉ ହସ୍ପିଟାଲରେ ଏହି ସୁବିଧା ଏଯାଏ ରୋଗୀଙ୍କୁ ମିଳିପାରି ନାହିଁ। ଫଳରେ ହୃଦ୍‌ରୋଗ ଅସ୍ତ୍ରୋପଚାର ପାଇଁ ଏସ୍‌ସିବିର କାର୍ଡିଓଲୋଜି ବିଭାଗ ହିଁ ଏକମାତ୍ର ବିକଳ୍ପ ହୋଇ ରହିଛି। କିନ୍ତୁ ଏଠାରେ ଅସ୍ତ୍ରୋପଚାର ବେଳେ ଡାକ୍ତରଙ୍କ ପରି ପରଫ୍ୟୁଜୋନିଷ୍ଟ ବା ରକ୍ତ ସଂଚାଳକଙ୍କ ମଧ ଗୁରୁ ଦାୟିତ୍ୱ ରହିଥାଏ। କିନ୍ତୁ ଏଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖୁଥିବା ପଦବୀରେ ଏଯାବତ୍ ସ୍ଥାୟୀ ଟେକ୍ନିସିଆନ ନାହାନ୍ତି।

ଉଲ୍ଲେଖଯୋଗ୍ୟ, କାର୍ଡିଓଲୋଜିର ହୃଦ୍ ଶଲ୍ୟ ବକ୍ଷ ବିଭାଗ ବା କାର୍ଡିଓ ଥୋରାସିକ ସର୍ଜରୀ (ସିଟିଭିଏସ୍) ବିଭାଗରେ ହିଁ ସମସ୍ତ ପ୍ରକାରର ଅସ୍ତ୍ରୋପଚାର କରାଯାଇଥାଏ। କିନ୍ତୁ ଏହି ବିଭାଗରେ ଅସ୍ତ୍ରୋପଚାର ବେଳେ ଡାକ୍ତରଙ୍କ ପରିକା ପରଫ୍ୟୁଜୋନିଷ୍ଟ (ରକ୍ତ ସଞ୍ଚାଳକ)ଙ୍କ ଗୁରୁତ୍ୱ ବି ଅଧିକ ଥାଏ। ଅସ୍ତ୍ରୋପଚାର ବେଳେ ରୋଗୀ ଦେହରେ ରକ୍ତ ସଞ୍ଚାଳନ କରାଇବା ପରଫ୍ୟୁଜୋନିଷ୍ଟଙ୍କ ଦାୟିତ୍ୱ। ଏପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରୁଥିବା ଏହି ଟେକ୍ନିସିଆନଙ୍କ ପାଇଁ ଏସ୍‌ସିବିରେ ଏଯାଏ ଏକ ସ୍ଥାୟା ପଦବୀ ସୃଷ୍ଟି କରାଯାଇ ନାହିଁ । କିନ୍ତୁ ଏସ୍‌ସିବିର ସିଟିଭିଏସ୍ ବିଭାଗରେ ଦୈନିକ ଗୋଟିଏରୁ ଦୁଇଟି ଅସ୍ତ୍ରୋପଚାର ଜଣେ ଠିକା କର୍ମଚାରୀ (ପରଫ୍ୟୁଜୋନିଷ୍ଟ)ଙ୍କୁ ନେଇ କରାଯାଉଛି। ଏହି ଜଣେ ମାତ୍ର ଠିକା କର୍ମଚାରୀ ନିଜ ସ୍ୱାସ୍ଥ୍ୟଗତ କିମ୍ବା ପାରିବାରିକ କାରଣରୁ ଛୁଟିରେ ରହିଲେ ସେଦିନ ଅସ୍ତ୍ରୋପଚାର କରାଇବା କଷ୍ଟସାଧ ହେଉଛି। ପରଫ୍ୟୁଜୋନିଷ୍ଟ ଜଣକ କୌଣସି କାରଣରୁ ଯଦି ଚାକିରି ଛାଡ଼ିଦିଅନ୍ତି, ତେବେ ହାର୍ଟ ସର୍ଜରୀ କରିବାରେ ସମସ୍ୟା ଉପୁଜିବା ଆଶଙ୍କା ଅଧିକ ରହିଛି। ଏ ବାବଦରେ ଉକ୍ତ କର୍ମଚାରୀ, ସିଟିଭିଏସ୍ ବିଭାଗ ଓ ଏସ୍‌ସିବି କର୍ତ୍ତୃପକ୍ଷ ବହୁବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇଛନ୍ତି। ସ୍ଥାୟୀ ପଦବୀ ସୃଷ୍ଟି କରିବା ପାଇଁ ପ୍ରତିଶ୍ରୁତି ମିଳିଛି ସତ ; କିନ୍ତୁ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଏସ୍‌ସିବି ପାଇଁ ୨ଜଣ ସ୍ଥାୟୀ ପରଫ୍ୟୁଜୋନିଷ୍ଟଙ୍କ ଆବଶ୍ୟକତା ରହିଛି।

**ପରଫ୍ୟୁଜୋନିଷ୍ଟଙ୍କ ଦାୟିତ୍ୱ**

ହାର୍ଟର ବାଇପାସ ସର୍ଜରୀ ବେଳେ ଡାକ୍ତର ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍‌କୁ ରକ୍ତ ସଞ୍ଚାଳନ ବନ୍ଦ କରାଇ ଅସ୍ତ୍ରୋପଚାର କରିଥାନ୍ତି। ସେହି ସମୟରେ ପରଫ୍ୟୁଜୋନିଷ୍ଟ ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍‌କୁ ରକ୍ତ ସଞ୍ଚାଳନ ନ କରାଇ ଏକ ମେଶିନ ଦ୍ୱାରା (କାର୍ଡିଓ ପଲମୋନାରୀ ହାର୍ଟ-ଲଙ୍ଗ୍ ମେଶିନ)ରେ ଏହି ରକ୍ତ ସଞ୍ଚାଳନ ପ୍ରକ୍ରିୟାକୁ ନିୟନ୍ତ୍ରଣ କରିଥାନ୍ତି । ଫଳରେ ଅପରେଶନ ଠିକ୍ ଭାବେ ହେବା ସହ ରୋଗୀଙ୍କ ଜୀବନ ମଧ ରକ୍ଷା ହୋଇଥାଏ।

## ରଜରେ ବରୁଣେଇ, ଉଗ୍ରତାରା ପୀଠ ଖାଁ ଖାଁ



ଖୋର୍ଦ୍ଧା ଅଫିସ,୧୪।୬

ରାଜ୍ୟରେ କରୋନା ଭୂତାଣୁ ବ୍ୟାପିବାରେ ଲାଗିଛି। ଗୋଷ୍ଠୀ ସଂକ୍ରମଣକୁ ଏଡ଼ାଇବା ଲାଗି ସରକାର ଚଳିତ ବର୍ଷ ସାମୂହିକ ରଜ ଉତ୍ସବ ଏବଂ ଏକାଠି ପାଳନ ଉପରେ କଟକଣା ଜାରି କରିଛନ୍ତି। ଫଳରେ ଖୋର୍ଦ୍ଧା ଜିଲାର ଗାଁଠୁ ସହର ସବୁଠି ରଜ ଫିକା ପଡ଼ିଛି। ରଜରେ ପ୍ରମୁଖ ପର୍ଯ୍ୟଟନସ୍ଥଳ ବରୁଣେଇ ଏବଂ ମା’ ଉଗ୍ରତାରା ପୀଠରେ ପ୍ରବଳ ଭିଡ଼ ହୁଏ। ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ଦୋକାନ ବଜାର ମଧ ବସେ। ମାତ୍ର ଏଥର ପ୍ରଶାସନ ପକ୍ଷରୁ ଏହି ଦୁଇ ସ୍ଥାନରେ ୧୪୪ ଧାରା ଜାରି କରାଯାଇଛି। ଫଳରେ ଏହି ଦୁଇ ପୀଠ ଖାଁ ଖାଁ ରହିଛି। ଦହିବରା ଓ ଗୁପଚୁପ ବ୍ୟବସାୟୀ ଅଜୟ ପ୍ରଧାନ କହିଛନ୍ତି, ରଜ ତିନି ଦିନ ଏଠାରେ ଭଲ ବେପାର ହୋଇଥାଏ। ତେବେ ଚଳିତ ବର୍ଷ କରୋନା ଯୋଗୁ ସବୁ ବନ୍ଦ। ବେପାର ବି ମାଡ଼ ହେଲା। ସେହିପରି ଅନ୍ୟ ଜଣେ ବ୍ୟବସାୟୀ ସୁରେଶ ସାହୁ କହିଛନ୍ତି, ଗତ ମାର୍ଚ୍ଚ ମାସରୁ ଏଠାକୁ ପର୍ଯ୍ୟଟକଙ୍କ ଆଗମନ ଉପରେ କଟକଣା ରହିଛି। ଫଳରେ ଉଠାଦୋକାନୀଙ୍କ ବେପାର ଠପ୍ ହୋଇପଡ଼ିଛି। ଏହା ଦ୍ୱାରା ପରିବାର ଚଳାଇବା କଷ୍ଟକର ହେଉଛି।



## ସାମାଜିକ ଦୂରତ୍ୱ ମାନି ଖେଳିଲେ ପୁଚି, ଦୋଳି

ଖୋର୍ଦ୍ଧା ଅଫିସ,୧୪।୬

ରଜ ହେଉଛି ଓଡ଼ିଶାର ସଂସ୍କୃତି ଓ ପରମ୍ପରାଭିତ୍ତିକ ପର୍ବ। ରବିବାର କରୋନା କଟକଣା ଓ ଶଟ୍‌ଡାଉନ ମଧରେ ଖୋର୍ଦ୍ଧା ଜିଲାରେ ପହିଲି ରଜ ପାଳନ ହୋଇଛି। ଏଥର କରୋନା ମହାମାରୀ ଯୋଗୁ ରଜ ପର୍ବ ଫିକା ପଡ଼ିଛି। ଲୋକେ ଘରେ ରହି ପିଠାପଣା ଓ ପାନ ଖାଇ ରଜ ପାଳନ କରିଛନ୍ତି। ସେହିପରି ଯୁବତୀମାନେ ସଜବାଜ ହୋଇ ନୂତନ ବସ୍ତ୍ର ପରିଧାନ କରି ସାମାଜିକ ଦୂରତ୍ୱ ମାନି ଓ ମାସ୍କ ପିନ୍ଧି ପୁଚି, ଦୋଳି ଖେଳିଥିଲେ। ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ଗେଡିଆପଲ୍ଲୀ ଗ୍ରାମରେ ଯୁବତୀମାନେ ସଜବାଜ ହୋଇ ପରସ୍ପରକୁ ରଜ ପାନ ଦେଇ ଶୁଭେଚ୍ଛା ଜଣାଇଥିଲେ। ସାମାଜିକ ଦୂରତ୍ୱ ରଖି ଦୋଳି ଓ ପୁଚି ଖେଳିଥିଲେ। ରୀତାଞ୍ଜଳି ମହାପାତ୍ର ଓ ପ୍ରୀତିସ୍ମିତା ସାହୁ କହିଛନ୍ତି, ପ୍ରତିବର୍ଷ ଆମେ ଧୁମ୍‌ଧାମ୍‌ରେ ରଜ ପାଳନ କରିଥାଉ। ଗାଁ ବୁଲି ପିଠା ଖାଇବା ସହ ଦୋଳି ଓ ପୁଚି ଖେଳୁ। ମାତ୍ର ଏଥର ଗାଁ ବୁଲିବା ବନ୍ଦ। କାହା ଘରକୁ ପିଠା ଖାଇବାକୁ ଯାଉନାହୁଁ। ମାସ୍କ ପିନ୍ଧି ଓ ସାମାଜିକ ଦୂରତ୍ୱ ରଖି ଘରଦାଣ୍ଡରେ ପୁଚି, ଦୋଳି ଖେଳୁଛୁ। ସେହିପରି ସୌମ୍ୟ ସ୍ୱାଗତ କହିଛନ୍ତି, ରଜରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିଥାଉ। ମାତ୍ର ଏଥର ସବୁ ବନ୍ଦ ରଖାଯାଇଛି।

## ରଜରେ ବାଲିହରଚଣ୍ଡୀ ପୀଠ ଖାଁ ଖାଁ

ବ୍ରହ୍ମଗିରି,୧୪।୬(ଡି.ଏନ୍.ଏ.)

ଚଳିତବର୍ଷ କରୋନା ମହାମାରୀ ଲାଗି ରଜ ଉତ୍ସବ ଫିକା ପଡିଛି। ରବିବାର ପହିଲିରଜ ଥିବା ବେଳେ ଗାଁରେ ଦେଖିବାକୁ ମିଳି ନ ଥିଲା ଯୁବତୀମାନଙ୍କ ରଜ ଦୋଳି। ଯୁବକଙ୍କ ଖେଳକୁଦର ଆସର କି ପାନ ଦୋକାନରେ ନ ଥିଲା ରଜପାନ। ସେହିପରି ବ୍ରହ୍ମଗିରିର ପ୍ରସିଦ୍ଧ ବାଲିହରଚଣ୍ଡୀ ପୀଠ ଖାଁ ଖାଁ ରହିଥିଲା। ଏଠାରେ ପ୍ରତିବର୍ଷ ରଜ ଉତ୍ସବ ନିଆରା ଢଙ୍ଗରେ ପାଳନ ହୋଇଥାଏ। ପ୍ରତିଦିନ ହଜାର ହଜାର ଭକ୍ତଙ୍କ ସମାଗମରେ ଉକ୍ତ ପୀଠ ଚଳଚଞ୍ଚଳ ରହିଥାଏ। ହେଲେ ପୀଠରେ ଶନିବାର ମଧ ରାତ୍ରରୁ ୧୪୪ ଧାରା ବଳବତ୍ତର ରହିଥିବାରୁ ଭକ୍ତଙ୍କ ଗହଳି ଦେଖିବାକୁ ମିଳି ନ ଥିଲା। କେବଳ ପାଳିଆ ସେବାୟତଙ୍କୁ ନେଇ ଭୋର ୪ଟାରୁ ଦ୍ୱାରଫିଟା, ମଙ୍ଗଳ ଆଳତି ଓ ମାଜଣା ପରେ ମା’ଙ୍କୁ କୁମାରୀ ବେଶ କରାଯାଇଥିଲା।

## ରଜ ପାଇଁ ପ୍ରତିଯୋଗିତା

ପୁରୀ ଅଫିସ,୧୪।୬

ନୀଳାଦ୍ରି କଲ୍‌ଚରାଲ ଏକାଡେମୀ ପକ୍ଷରୁ ରଜ ମହୋତ୍ସବ ଉପଲକ୍ଷେ ସିଦ୍ଧ ମହାବୀରଠାରେ ହୁଳହୁଳି, ପୁଚି, ଅଳତା ଲଗାଇବା ଏବଂ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ମହିଳା ଓ ଝିଅଙ୍କୁ ନେଇ ସାମାଜିକ ଦୂରତ୍ୱ ରକ୍ଷା କରି ଏହା କରାଯାଇଥିଲା। ବିଚାରକ ଭାବେ ସ୍ୱର୍ଣ୍ଣଲତା ବିଶୋଇ, ବନ୍ଦନା ବେହେରା, ରାଜଲକ୍ଷ୍ମୀ ମହାନ୍ତି ଯୋଗଦେଇଥିଲେ। ଏକାଡେମୀର ଉପଦେଷ୍ଟା ସୁରେନ୍ଦ୍ର ନାଥ ଦାଶ, ସଭାପତି ପ୍ରଦ୍ୟୁମ୍ନ ମିଶ୍ର, ସମ୍ପାଦକ ପ୍ରମୋଦ ଜେନା କହିଛନ୍ତି ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ଅନୁମତି ମିଳିବା ପରେ ମୁକ୍ତାକାଶ ମଞ୍ଚରେ ରଜ ମହୋତ୍ସବ ପାଳନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ବିଶ୍ୱନାଥ ଦାଶ, ହରିହର ପ୍ରସାଦ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଜିଠାରୁ ରାଜଧାନୀରେ ‘ପିଠା ଅନ୍ ହ୍ୱିଲ୍’

ଭୁବନେଶ୍ୱର,୧୪।୬(ବ୍ୟୁରୋ)

**୬ ସ୍ଥାନରେ ମିଳିବ ବିଭିନ୍ନ ପ୍ରକାର ପିଠା**

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ଆରମ୍ଭ ହୋଇଥିବା ପିଠା ‘ହୋମ୍ ଡେଲିଭରି’ ବ୍ୟବସ୍ଥା ଭୁବନେଶ୍ୱରରେ ବେଶ୍ ଆଦୃତ ହୋଇଛି। ଶନିବାର ଏବଂ ରବିବାର ଶଟ୍‌ଡାଉନ୍ ଥିବାରୁ ୩ରୁ ୫କିଲୋମିଟର ମଧରେ ରହୁଥିବା ଲୋକ ପିଠା ଅର୍ଡର କରିପାରିବେ ବୋଲି ଭୁବନେଶ୍ୱରର ପାନ୍ଥନିବାସ ପକ୍ଷରୁ ପୂର୍ବରୁ କୁହାଯାଇଥିଲା। ଶନିବାର ଅର୍ଥାତ୍ ସଜବାଜ ଦିନ ଏହି ପରିଧି ମଧରେ ରହୁଥିବା ଲୋକେ ଏହି ସୁବିଧା ପାଇଥିଲେ। ତେବେ ରବିବାର ପହିଲି ରଜରେ ଗ୍ରାହକଙ୍କ ଅନୁରୋଧକ୍ରମେ ପାନ୍ଥନିବାସଠାରୁ ୧୦ କିଲୋମିଟର ପର୍ଯ୍ୟନ୍ତ ଦୂରରେ ଥିବା ଲୋକେ ଏହି ସୁବିଧା ପାଇଥିଲେ। ଚନ୍ଦ୍ରଶେଖରପୁର, ପଟିଆ, ରସୁଲଗଡ଼, ପାତ୍ରପଡା ଆଦି ଅଞ୍ଚଳରେ ହୋମ୍ ଡେଲିଭରି ମାଧମରେ ଓଟିଡିସି ପିଠା ପହଞ୍ଚାଇଥିଲା। ପ୍ରଥମ ଦିନରେ ୨୦୦ ଅର୍ଡର ଆସିଥିବାବେଳେ ଦ୍ୱିତୀୟ ଦିନରେ ୨୫୦ ଲୋକ ପିଠା ପାଇଁ ଅର୍ଡର କରିଥିଲେ। ପୋଡ଼ ପିଠା ସହ କାକରା, ଆରିସା, କ୍ଷୀରଗଜା ଆଦିର ଅଧିକ ଡିମାଣ୍ଡ ରହିଥିଲା। ପୋଡ଼ପିଠା କିଲୋପିଛା ୪୦୦ଟଙ୍କା ରହିଥିବାବେଳେ ଅନ୍ୟ ପିଠା ଗୋଟାକୁ ୨୦ ଟଙ୍କା ରହିଛି। କୋଭିଡ଼-୧୯ ସଂକ୍ରମଣ ରୋକିବା ପାଇଁ ସରକାରୀ କଟକଣା ମଧରେ ଓଟିଡିସି ଏଥର ନିଆରା ଢଙ୍ଗରେ ଓଡ଼ିଶାର ପାରମ୍ପରିକ ପର୍ବ ରଜକୁ ଲୋକଙ୍କ ସହ ପାଳିବାକୁ ନିଷ୍ପତ୍ତି ନେଇଛି।

ଅନ୍ୟପକ୍ଷରେ ୧୫ରୁ ୧୭ ତାରିଖ ମଧରେ ‘ପିଠା ଅନ୍ ହ୍ୱିଲ୍’ କାର୍ଯ୍ୟକ୍ରମ ମାଧମରେ ଭୁବନେଶ୍ୱରର ଜୟଦେବଭବନ, ରୁପାଲି ଛକ, ଖଣ୍ଡଗିରି ଛକ, ସିଆର୍‌ପି ଛକ, ପୋଖରୀପୁଟ ଛକ ଓ ନିଳାଦ୍ରୀବିହାର ଛକ ଭଳି ୬ଟି ସ୍ଥାନରେ ପିଠା ଉପଲବ୍ଧ ହେବ। ମାସ୍କ ପିନ୍ଧି ଓ ସାମାଜିକ ଦୂରତ୍ୱ କଟକଣାକୁ ପାଳନ କରି ଗ୍ରାହକମାନେ ଏହି କାଉଣ୍ଟରରୁ ରଜପିଠା କିଣିପାରିବେ ବୋଲି ଓଟିଡିସି ପକ୍ଷରୁ କୁହାଯାଇଛି। ଏହି ୩ଦିନ ଅଧିକ ପିଠା ବିକ୍ରି ହେବା ସହ ଡିମାଣ୍ଡ ବଢିବ ବୋଲି ଓଟିଡିସି ପକ୍ଷରୁ ଆଶା କରାଯାଇଛି।

## ମୁଣ୍ଡମୁହାଣରେ କଣ୍ଢେଇ ଦୋଳ ଜମାଣ

**ଯାଁଳା,୧୪।୬(ଡି.ଏନ୍.ଏ.):** ପହିଲି ରଜ ଅବସରରେ ରବିବାର ଯାଁଳା ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡମୁହାଣ ଗ୍ରାମର ରାଧାମାଧବଙ୍କ ମଣ୍ଡପ ପ୍ରାଙ୍ଗଣରେ କଣ୍ଢେଇ ଦୋଳ ଜମାଣ ଅନୁଷ୍ଠିତ ହୋଇଛି। ବିଭିନ୍ନ ସାହିରୁ ଆସି ଏହି ଦୋଳ ବିମାନ ମଣ୍ଡପ ନିକଟରେ ଏକତ୍ରିତ ହୋଇଥାନ୍ତି। ସକାଳ ଓ ସନ୍ଧ୍ୟାରେ ଶୁଖିଲି ଭୋଗ ଲାଗି କରାଯାଇଥାଏ। ଏହା ୩ଦିନ ବ୍ୟାପୀ ପାଳିତ ହୋଇଥାଏ। ଶେଷ ରଜରେ ଆଟିକା ଭୋଗ ଲାଗି କରାଯିବା ପରେ ସନ୍ଧ୍ୟାରେ ଦୋଳ ବିମାନ ନିଜ ନିଜ ସାହିକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ବୋଲି ଗ୍ରାମ ପୁରୋହିତ ଅମ୍ବିକା ପ୍ରସାଦ ମହାପାତ୍ର କହିଛନ୍ତି।



## ଟଣ୍ଡ ଗଣିଲେ ୩୦ ଅମାନିଆ

**ଚୌଦ୍ୱାର,୧୪।୬(ଡି.ଏନ୍.ଏ.):** କରୋନା ମୁକାବିଲା ଲାଗି ୧୧ ଜିଲାରେ ଜୁନ୍ ମାସର ପ୍ରତ୍ୟେକ ଶନିବାର ଓ ରବିବାରକୁ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। କେତେଜଣ ଅମାନିଆ ଏହାକୁ ନ ମାନି ବୁଲୁଛନ୍ତି। ଚୌଦ୍ୱାର ଥାନା ପୋଲିସ ରବିବାର ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ କରି ବିନା କାରଣରେ ବୁଲୁଥିବା ୩୦ଜଣଙ୍କୁ ଧରିବା ସହିତ ସେମାନଙ୍କ ପାଖରୁ ୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏସ୍‌ଆଇ ତପସ୍ୱିନୀ କାନୁନ୍‌ଗୋ ଏବଂ ଏଏସ୍‌ଆଇ ନିରଞ୍ଜନ ଗୌଡ଼ ବିଭିନ୍ନ ସ୍ଥାନରେ ଯାଞ୍ଚ କରିଥିଲେ।

## ବଟି ନ ଦେବାରୁ ମିଲ୍‌ରେ ପଶି ଭଙ୍ଗାରୁଜା

ଭୁବନେଶ୍ୱର(ବ୍ୟୁରୋ),୧୪।୬

**ଚନ୍ଦନପୁରରେ ବଢୁଛି ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ**

ପୁରୀ ଜିଲା ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବା ବେଳେ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିଛି। ପୋଲିସର ନୀରବତା ସାଙ୍ଗକୁ ରାଜନେତାଙ୍କ ସହଯୋଗ ଉକ୍ତ ଅସାମାଜିକ ବ୍ୟକ୍ତିଙ୍କୁ ବେଶ୍ ସୁହାଉଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ପୁରୀ ଜିଲା ଚନ୍ଦନପୁର ଥାନା ଅଞ୍ଚଳରେ। ଗତ ୬ ତାରିଖରେ ଏହି ଥାନା ଅନ୍ତର୍ଗତ ବୀରନରସିଂହପୁର ପଞ୍ଚାୟତରେ ଥିବା ଜୟ ମା ଚୁଡା ମିଲ୍‌ରେ କେତେଜଣ ଅସମାଜିକ ବ୍ୟକ୍ତି ପଶି ବଟି ମାଗିବା ସହ ଟଙ୍କା ନ ଦେଲେ ମିଲ୍ ବନ୍ଦ କରିବା ପାଇଁ ଧମକ ଦେଇଥିଲେ। ମାଲିକ ନ ଥିବାବେଳେ କର୍ମଚାରୀଙ୍କୁ ମିଲ ବନ୍ଦ କରିବା ପାଇଁ ଧମକାଇଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ଉକ୍ତ ଦିନ ମିଲ ମାଲିକ ଦିଲୀପ କୁମାର ମିଶ୍ର ତୁରନ୍ତ ଏ ନେଇ ଚନ୍ଦନପୁର ଥାନା ଆଇଆଇସି ପ୍ରିୟରଞ୍ଜନ ନାୟକଙ୍କୁ ଜଣାଇଥିଲେ। ଘଟଣାର ୭ଦିନ ପରେ ଅଭିଯୁକ୍ତମାନେ ଖୋଲୁମଖୁଲା ବୁଲୁଥବା ବେଳେ ଘଟଣାର ତଦନ୍ତ ଚାଲିଛି ବୋଲି ଆଇଆଇସି ନାୟକ କହିଥିଲେ। ଏହି ସମୟ ବ୍ୟବଧାନରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ଫଳରେ ଉକ୍ତ ଅସମାଜିକ ବ୍ୟକ୍ତିମାନେ ପୁଣି ମିଲ ମାଲିକଙ୍କୁ ଧମକାଇଥିଲେ। ଏ ନେଇ ଗତ ୧୩ ତାରିଖରେ ମିଲ ମାଲିକ ଦିଲୀପ ଅତିରିକ୍ତ ଏସ୍‌ପି ଅରୁଣ କୁମାର ଜେନାଙ୍କୁ ଜଣାଇବା ସହ ଲିଖିତ ଅଭିଯୋଗ କରିଥିଲେ। ଏହା ସହ ଚନ୍ଦନପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗର ମାତ୍ର ୪୦ମିନିଟ ପରେ ଉକ୍ତ ଅସମାଜିକ ବ୍ୟକ୍ତି ପୁଣିଥରେ ମିଲ୍‌ରେ ପଶି ପ୍ରାୟ ୪ଲକ୍ଷ ଟଙ୍କାର ଆସବାବପତ୍ର ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ମାଡ଼ ମାରି ପଳାଇଥିଲେ। ଏ ନେଇ ଦିଲୀପ ଚନ୍ଦନପୁର ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ଭାଇକୁ ଥାନାକୁ ଉଠାଇଆଣି ପଚରାଉଚରା କରିଥିଲା। ହେଲେ ହଠାତ ରାତି ୧ଟାରେ ମୁଖ୍ୟ ଅଭିଯୁକ୍ତଙ୍କ ଭାଇକୁ ଥାନା ଅଧିକାରୀ ଛାଡିଦେଇଥିଲେ। ଏ ପର୍ଯ୍ୟନ୍ତ ପୋଲିସି କାହାରିକୁ ଧରିପାରି ନ ଥିବା ବେଳେ ତାଙ୍କ ଜୀବନ ପ୍ରତି ବିପଦ ଥିବା ମିଲ୍ ମାଲିକ ଦିଲୀପ କହିଛନ୍ତି।

# ପରମ୍ପରା ରକ୍ଷା ପାଇଁ ଅନୁକଳ୍ପ ଚିନ୍ତା କରାଯାଇପାରେ

ପୁରୀ ଅଫିସ,୧୪।୬

**ରଥଯାତ୍ରା ପ୍ରସଙ୍ଗରେ ମତ ରଖିଲେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ**

କରୋନା ଯୋଗୁ ରଥଯାତ୍ରା ହେବ କି ନାହିଁ ତାକୁ ନେଇ କଳ୍ପନାଜଳ୍ପନା ଲାଗିରହିଛି। ଶ୍ରୀମନ୍ଦିର ପ୍ରଶାସନ କିମ୍ବା ରାଜ୍ୟ ସରକାର ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ କରିନାହାନ୍ତି। ଏଭଳି ସ୍ଥଳେ ରଥଯାତ୍ରା ପ୍ରସଙ୍ଗରେ ପୁରୀ ଗୋବର୍ଦ୍ଧନ ମଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ନିର୍ଣ୍ଣାୟକ ମତ ଦେଇ ନ ଥିଲେ ମଧ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି। ରବିବାର ଗଣମାଧମକୁ ସୂଚନା ଦେଇ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ କହିଛନ୍ତି ଯେ, ରଥଯାତ୍ରାର ବିକଳ୍ପ ପରିବର୍ତ୍ତେ ଅନୁକଳ୍ପ ଚିନ୍ତା କରାଯାଇପାରେ। ବିଷମ ପରିସ୍ଥିତିରେ ପରମ୍ପରା ରକ୍ଷା ପାଇଁ ଶ୍ରୀମନ୍ଦିର ଭିତରେ ରୀତିନୀତି ପାଳନ କରାଯାଇପାରିବ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଓ ଗାଇଡ୍‌ଲାଇନ ପାଳନ କରାଯାଇ କିଭଳି ଭାବେ ରଥଯାତ୍ରା ସମ୍ପନ୍ନ ହେବ, ସର୍ବନିମ୍ନ ସେବାୟତଙ୍କ ଜୀବନକୁ ଗୁରୁତ୍ୱ ଦେଇ ଟିଭି ମାଧମରେ ଭକ୍ତ ରଥଯାତ୍ରା ଦେଖିବାର ମଧ ସୁଯୋଗ ରହିଛି। ତେବେ ଶଙ୍କରାଚାର୍ଯ୍ୟ ଧାର୍ମିକ ଦୃଷ୍ଟିକୋଣରୁ ଅଧିକୃତ ନ୍ୟାୟାଧୀଶ ହୋଇଥିଲେ ମଧ ରଥଯାତ୍ରା ପ୍ରସଙ୍ଗରେ ପ୍ରଶାସନ ଏପର୍ଯ୍ୟନ୍ତ ମୋ’ ନିକଟକୁ ଆସିନାହିଁ କି ପରାମର୍ଶ ଲୋଡ଼ିନାହିଁ। ତେଣୁ ଏବେ କୌଣସି ନିର୍ଣ୍ଣାୟକ ମତ ଦେବା ଠିକ୍ ନୁହେଁ। ଯଦି ପ୍ରଶାସନ ମୋ ପାଖକୁ ଆସେ ତେବେ ମୁଁ ମତ ଦେବି।

# ଘର ଭିତରେ ମନ ବୁଝାଇଲେ କୁମାରୀ

ପୁରୀ ଅଫିସ,୧୪।୬

କରୋନା ମାଡ଼ରେ ରଙ୍ଗହୀନ ହୋଇପଡ଼ିଛି ଓଡ଼ିଶାର ଗଣପର୍ବ ରଜ। ବିଶେଷକରି ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାରେ ରଜପର୍ବକୁ ବେଶ୍ ଧୂମ୍‌ଧାମରେ ପାଳନ କରାଯାଏ। କିନ୍ତୁ ମହାମାରୀ କରୋନା ପାଇଁ ଏହି ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ସପ୍ତାହର ଶନିବାର ଏବଂ ରବିବାର ଶଟ୍‌ଡାଉନ ଘୋଷଣା କରାଯାଇଛି। ଜରୁରୀ କାମ ନ ଥିଲେ ବାହାରକୁ ବାହରିବା ଉପରେ କଟକଣା ରହିଛି। ତେଣୁ ପୁରୀ ସମେତ ଉପକୂଳବର୍ତ୍ତୀ ଜିଲାରେ ଫିକା ପଡ଼ିଛି ରଜ ପର୍ବ। ରବିବାର ଥିଲା ପହିଲି ରଜ। ହେଲେ ଏଥର ଦେଖିବାକୁ ମିଳି ନ ଥିଲା କୁମାରୀମାନେ ସାଙ୍ଗ ହୋଇବୁଲିବା କିମ୍ବା ରଜଦୋଳି ଖେଳିବା। କେବଳ ଘର ଭିତରେ ହିଁ କୁମାରୀମାନେ ପିଠା ଖାଇ, ଲୁଡ, ତାସ୍ ଖେଳି ମନ ବୁଝାଇଥିଲେ।





ରଜ ପାଇଁ ପ୍ରସ୍ତୁତ ହୋଇଥିବା ପିଠା।



ଝିଅମାନେ ଦୋଳି ଖେଳୁଛନ୍ତି।

**ରଙ୍ଗହୀନ ରଜ ପର୍ବ**

ସାଧାରଣତଃ କୁମାରୀମାନେ ରଜକୁ ଉତ୍ସାହର ସହ ଅପେକ୍ଷା କରିଥାନ୍ତି। ଗାଁ ହେଉ ଅବା ସହର ସବୁଠି ରଜ ପାଇଁ ଉତ୍ସବମୁଖର ହୋଇପଡ଼େ। କୁମାରୀମାନେ ରଜ ତିନିଦିନ ଯାକ ପୋଡ଼ପିଠା ଆଉ ରଜ ପାନ ଖାଇ ଦୋଳିରେ ମଜା ନେଇଥାନ୍ତି। ହେଲେ ଏଥର ଏ ସବୁକୁ ଫିକା ପକାଇଦେଇଛି କରୋନା। କୁମାରୀମାନେ ନିଜ ପରିବାର ଭିତରେ ରହି ରଜ ପାଳିଛନ୍ତି। ରଜପର୍ବ ଉପଲକ୍ଷେ ଅନୁଷ୍ଠିତ ହେଉଥିବା ବିଭିନ୍ନ ପ୍ରକାର ପ୍ରତିଯୋଗିତା ବନ୍ଦ ହୋଇଯାଇଛି। ସାମୂହିକ ରଜପର୍ବ ପାଳନ କରାଯାଉ ନାହିଁ । ରବିବାର ପହିଲି ରଜରେ କୁମାରୀମାନେ ନୂଆ ପୋଷାକ ପରିଧାନ କରିଥିଲେ ମଧ ବାହାରକୁ ବୁଲି ଯାଇପାରି ନ ଥିଲେ। ନିଜ ଘର ଭିତରେ ରହି ପିଠାପଣା ଖାଇବା ସହ କେହି କେହି ନିଜ ବାଡ଼ି ଓ ଅଗଣାରେ ଦୋଳି ଖେଳିଥିଲେ। ପ୍ରତିବର୍ଷ ବିଭିନ୍ନ ସଙ୍ଗଠନ ପକ୍ଷରୁ ରଜ ଉତ୍ସବ ପାଳନ କରାଯାଏ। ପ୍ରତିଯୋଗିତା ଆୟୋଜନ ସହ ବିଭିନ୍ନ ପ୍ରକାର ପିଠାପଣା ପ୍ରସ୍ତୁତ କରାଯାଏ। ହେଲେ ଏଥର ସେଭଳି ଦୃଶ୍ୟ ଦେଖିବାକୁ ମିଳୁନାହିଁ। ପୁରୀସ୍ଥିତ ଏମ୍ପାୟର୍ସ ହୋଟେଲରେ ରଜ ପର୍ବ ଉପଲକ୍ଷେ ବିଭିନ୍ନ ପ୍ରକାର ପାରମ୍ପରିକ ପିଠା ପ୍ରସ୍ତୁତ କରାଯାଇଥିଲା। ଓଡ଼ିଶାର ଏହି ଗଣପର୍ବର ସ୍ମୃତିକୁ ଉଜ୍ଜୀବିତ ରଖିବା ଲାଗି ଏଭଳି ପ୍ରୟାସ କରାଯାଇଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ନୟାଗଡ଼ରେ ସୁସ୍ଥ ହେଲେଣି ୯୧ କରୋନା ଆକ୍ରାନ୍ତ

**ନୟାଗଡ ଅଫିସ:** ନୟାଗଡ଼ ଜିଲାରେ ରବିବାର ୪ଜଣ କରୋନା ଆକ୍ରାନ୍ତ ସୁସ୍ଥ ହେବା ପରେ ମୋଟ୍ ସୁସ୍ଥ ବ୍ୟକ୍ତିଙ୍କ ସଂଖ୍ୟା ୯୧ରେ ପହଞ୍ଚିଛି। ସୁସ୍ଥ ବ୍ୟକ୍ତିଙ୍କ ମଧ୍ୟରେ ନୟାଗଡ ବ୍ଲକରୁ ଜଣେ ଓ ଭପୁର ବ୍ଲକରୁ ୩ଜଣ ଅଛନ୍ତି। ଜିଲାର ମୋଟ୍ ୧୧୧ ଅକ୍ରାନ୍ତଙ୍କ ମଧ୍ୟରୁ ଏବେ ୨୦ଜଣ ଭୁବନେଶ୍ୱର କୋଭିଡ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ହତ୍ୟା: ଅଭିଯୁକ୍ତ ଗିରଫ

**ଧର୍ମଶାଳା,୧୪।୬ (ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅଧୀନ ଚକ୍ରଧରପୁର ପଞ୍ଚାୟତ ଗୟାସାହିର ପଦ୍ମାବତୀ ଶବର(୪୦)ଙ୍କୁ ହତ୍ୟା କରିବା ଅଭିଯୋଗରେ ଜେନାପୁର ପୋଲିସ ରବିବାର ତାଙ୍କ ସ୍ୱାମୀ ଚିଲିକା ଶବର (୪୫)ଙ୍କୁ ଗିରଫ କରିଛି। ଶନିବାର ପୂର୍ବାହ୍ନରେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ଏହି ସମୟରେ ଚିଲିକା ଉତ୍କ୍ଷିପ୍ତ ହୋଇ ପଦ୍ମାବତୀଙ୍କୁ ଧକ୍କା ଦେବା ଯୋଗୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ପୋଲିସ ଚିଲିକାଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି।

### ନାବାଳିକାଙ୍କ ଆତ୍ମହତ୍ୟା

**ନୟାଗଡ଼ ଅଫିସ,୧୪।୬:** ନୟାଗଡ଼ ଜିଲା ଗୋଡ଼ିପଡ଼ା ଫାଣ୍ଡି ଅଧୀନ ହରିଡ଼ାବନ୍ଧ ଗାଁର ଜଣେ ନାବାଳିକା ରବିବାର ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ଗ୍ରାମର ରୁବି ସେଠୀ(୧୬)। ତେବେ ତାଙ୍କ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନି। ସେ ରଣପୁର ଥାନା ଅଧୀନ ଦର୍ପନାରାୟଣପୁର ଅଞ୍ଚଳରେ ରହୁଥିଲେ। ରୁବିଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଫାଣ୍ଡି ଅଧିକାରୀଙ୍କୁ ଦୁର୍ବ୍ୟବହାର, ଜଣେ ଗିରଫ

**ବିଞ୍ଝାରପୁର/ସିଂହପୁର, ୧୪।୬ (ଡି.ଏନ୍.ଏ.):** ବିଞ୍ଝାରପୁର ଥାନା ଅଧୀନ ଜରୀ ଫାଣ୍ଡି ଅଧିକାରୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ରବିବାର ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ ଜରୀ ଗ୍ରାମର ନୀଳମଣି ମଲିକ(୩୨)। ନୀଳମଣି ଫାଣ୍ଡିକୁ ଆସି ଫାଣ୍ଡି ଅଧିକାରୀ ଅଶୋକ ସ୍ୱାଇଁଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ ନେଇ ଥାନାରେ ୧୫୯/୨୦ ନଂ.ରେ ମାମଲା ରୁଜୁ କରାଯାଇ ନୀଳମଣିକୁ କୋର୍ଟ ଚାଲାଣ କରାଯାଇଛି।

### ବିଦ୍ୟୁତ୍ କାଟ ନେଇ ବଢୁଛି ଅସନ୍ତୋଷ

**ସିଂହପୁର ୧୪।୬ (ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ବାଲମକୁଳି ଉପଖଣ୍ଡ ଅଧୀନ ସିଂହପୁର, ଫତେପୁର, ବାଛୋଳ, ଓଲେଇ ଚନ୍ଦନପୁର, ଟିଣା, ଜରୀ ଓ ବାଙ୍ଗରା ଆଦି ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ପ୍ରତି ଘଣ୍ଟାରେ ବିଦ୍ୟୁତ୍ କାଟ କରାଯାଉଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହାଛଡ଼ା ସନ୍ଧ୍ୟାରେ ବାରମ୍ବାର ଲାଇନ୍ କଟୁଥିବାରୁ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ଘଟୁଛି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ଦାବି ହୋଇଛି।

### ପ୍ରବାସୀ ପାଳିଲେ ରଜ ଉତ୍ସବ

**ଆଳି, ୧୪।୬(ଡି.ଏନ୍.ଏ.):** କରୋନା ମହାମାରୀ ସମୟରେ ଆଳି ବ୍ଲକ ଅନ୍ତର୍ଗତ ବଡାମ୍ବିଲା ଗ୍ରାମପଞ୍ଚାୟତର ୨ ସଙ୍ଗରୋଧ କେନ୍ଦ୍ରରେ ରବିବାର ରଜ ଉତ୍ସବ ପାଳନ କରାଯାଇଛି। ଏହି କେନ୍ଦ୍ରରେ ରହୁଥିବା ପ୍ରବାସୀମାନଙ୍କୁ ଖୁସି କରାଇବା ଉଦ୍ଦେଶ୍ୟରେ ପଞ୍ଚାୟତ ସରପଞ୍ଚ ଭରତ ଚରଣ ସେଠୀ, ପଞ୍ଚାୟତ ସମିତି ଅଧକ୍ଷା ଝରଣା ଦାଶ ଓ ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ଦାଶ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏହି ଅବସରରେ ଦାଶ ଅନ୍ତେବାସୀଙ୍କ ନିକଟରେ ପହଞ୍ଚି ରଜ ଶୁଭେଚ୍ଛା ଜଣାଇବା ସହ ମହିଳାମାନଙ୍କୁ ନୂଆ ଶାଢ଼ି, ଶଙ୍ଖା, ସିନ୍ଦୂର ଓ ଅଳତା ଆଦି ପ୍ରଦାନ କରିଥିବା ବେଳେ ପୁରୁଷ ଓ ଶିଶୁମାନଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ ।ଏହାପରେ ଅନ୍ତେବାସୀଙ୍କୁ ରଜ ଉପଲକ୍ଷେ ଫଳ ଭାର ଦିଆଯିବା ସହ ମଣ୍ଡା, ଆରିସା ଭଳି ସୁସ୍ୱାଦୁ ବ୍ୟଞ୍ଜନର ବ୍ୟବସ୍ଥା କରାଯାଇଥିଲା। ପ୍ରବାସୀମାନଙ୍କ ପାଇଁ ଏଭଳି ଆୟୋଜନକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଇଟାଭାଟିରେ କାମ କରୁଛନ୍ତି ଶିଶୁଶ୍ରମିକ

**ନୟାଗଡ଼ ଅଫିସ,୧୪।୬**



**ନୟାଗଡ଼ ଜିଲା**
- ଲକ୍‌ଡାଉନ, ଶଟ୍‌ଡାଉନର ଫରକ ପଡୁନି
- ବୌଦ୍ଧ ଜିଲାରୁ ଆସିଛନ୍ତି ଶିଶୁଶ୍ରମିକ

ଲକ୍‌ଡାଉନ, ଶଟଡାଉନ୍ ସମୟରେ ବି ଶିଶୁ ଶ୍ରମିକମାନେ କାମ କରୁଛନ୍ତି। ତାହା ପୁଣି ଇଟାଭାଟି ପରି ବିପଦଜନକ ସ୍ଥାନରେ। ବୌଦ୍ଧ ଜିଲାରୁ ଶିଶୁମାନେ ଆସି ନୟାଗଡ଼ ଜିଲାରେ ଏହି କାମ କରୁଥିବା ଦେଖିବାକୁ ମିଳୁଛି। ହେଲେ ଶ୍ରମ ବିଭାଗ କିମ୍ବା ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନାହିଁ। ଯାହାଫଳରେ ଶିଶୁଙ୍କ ଜୀବନ ଏବେ ସଙ୍କଟରେ ରହିଛି।

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାର ସ୍କୁଲ ଛୁଟି କରିଛନ୍ତି। ହେଲେ କେତେଜଣ ସ୍କୁଲ ଛାତ୍ରୀଛାତ୍ର ପନିପରିବା ବିକ୍ରି କରିବା ସହ ଦୋକାନ ବଜାରରେ ରହି କାମ କରୁଥିବା ଦେଖିବାକୁ ମିଳିଛି। ଜିଲା ସଦର ମହକୁମାର ଜଳଖିଆ, ଗ୍ରସେରି, ଷ୍ଟେସନାରୀ, ପନିପରିବା ପରି ଦୋକାନରେ ଶିଶୁମାନେ କାମ କରୁଛନ୍ତି। ସେହିଭଳି କିଛି ଶିଶୁ ଭିକ୍ଷା ବୃତ୍ତିରେ ନିୟୋଜିତ ହୋଇଛନ୍ତି। ଏ ନେଇ ଜଣେ ୧୩ ବର୍ଷୀୟା ନାବାଳିକା କୁହନ୍ତି, ଭିକ୍ଷା ମାଗିବାକୁ ଆମେ ବାଧ୍ୟ। କାରଣ କାମ ମିଳୁନି। ପରିବାରର ଲୋକମାନେ ହାତବାନ୍ଧି ବସିଛନ୍ତି। କାମ ମିଳିଲେ କମ ଅର୍ଥ ମିଳୁଛି। ଏଭଳିସ୍ଥିତିରେ ଭିକ୍ଷା ଦେବାକୁ ମଧ୍ୟ ଲୋକେ କୁଣ୍ଠିତ ହେଉଛନ୍ତି। କରୋନା ଯୋଗୁ ଆମ ପରିବାର ଚଳିବାରେ ଅସୁବିଧା ହେଉଛି। ଖୁଣ୍ଟୁବନ୍ଧ ଅଞ୍ଚଳରେ ଇଟାଭାଟିରେ କାର୍ଯ୍ୟରତ ଜଣେ ୧୨ ବର୍ଷୀୟା ନାବାଳିକା କହିଛନ୍ତି, ଆମ ଘର ବୌଦ୍ଧରେ। କରୋନା ଯୋଗୁ ଘରେ ଖାଇବାକୁ କିଛି ନାହିଁ। ବାପାଙ୍କୁ କାମ ମିଳୁନି। ଇଟାଭାଟି କାମରେ ଭଲ ପଇସା ଦିଆଯିବ କହି ଆମକୁ ଅଣାଯାଇଛି। କରୋନାର ଭୟ ଥିଲେ ବି ଆମକୁ କାମ କରିବାକୁ ପଡ଼ିବ। ନଚେତ ଘରେ ଚୁଲି ଜଳିବନି। ୧୧ ବର୍ଷୀୟ ଜଣେ ନାବାଳକ କହିଛନ୍ତି, ସ୍କୁଲ ଛୁଟି ଅଛି। ହେଲେ ଘରେ ଅସୁବିଧା ହେତୁ ପନିପରିବା ବିକ୍ରି କରିବାକୁ ପଡୁଛି। ସବୁ ଦିନ ଆସୁନି। ମାସରେ ୧୦ରୁ ୧୨ ଦିନ ପରିବା ବିକୁଛି। ବାକି ସମୟରେ ଅନ୍ୟ କାମ କରୁଛି। ସେହିପରି ୧୦ ବର୍ଷର ଜଣେ ନାବାଳିକା କହିଛନ୍ତି, କାମ ନ କଲେ କିଏ ଖାଇବା ପାଇଁ ଦେବ। ଆମ ପାଇଁ ଲକ୍‌ଡାଉନ, ଶଟ୍‌ଡାଉନର ଫରକ ନାହିଁ। ଆମେ କିପରି ରୋଜଗାର କରି ନିଜେ ଚଳିବା ସହ ପରିବାରକୁ ବଞ୍ଚାଇବୁ ସେନେଇ ଚିନ୍ତାରେ। ଲକ୍‌ଡାଉନରେ କାମ କରିବାବେଳେ ରୋଗକୁ ଭୟ ନାହିଁ। ପୋଲିସକୁ ଭୟ ଲାଗୁଛି। କାଳେ ଆମ କାମ ବନ୍ଦ କରାଇ ଦେବ। କାମ ବନ୍ଦ କରାଇଦେଲେ ଘରେ ଚୁଲି ଜଳିବନି। ଏନେଇ ଜିଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନା କହିଛନ୍ତି, ଶିଶୁ ଶ୍ରମିକମାନେ ବିପଦଜନକ କାର୍ଯ୍ୟରେ ନିୟୋଜିତ ହୋଇଥିବା ନେଇ ଅଭିଯୋଗ ନ ଥିଲା। ଏବେ ଜାଣିଲୁ। ଖବ୍ରଶୀଘ୍ର ତଦନ୍ତ କରି ଏ ଦିଗରେ ପଦକ୍ଷେପ ନେବୁ।

# ଯାଜପୁରରେ ୩୪୧ କରୋନା ସଂକ୍ରମିତ

**ଯାଜପୁର ଅଫିସ/ରତ୍ନଗିରି, ୧୪।୬(ଡି.ଏନ.ଏ.)**

- ୧୨ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ
- ୨ ଗାଁ କଣ୍ଟେନମେଣ୍ଟ ଜୋନ୍ ଘୋଷିତ
- ସୁସ୍ଥ ହୋଇଛନ୍ତି ୨୯୦

ଯାଜପୁର ଜିଲାରେ ନୂଆ ୧୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ରବିବାର ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୪୧ରେ ପହଞ୍ଚିଛି। ନୂତନ ସଂକ୍ରମିତମାନଙ୍କ ମଧ୍ୟରୁ ଯାଜପୁର ବ୍ଲକର ୨ ଜଣ ପୁରୁଷ ହରିୟାଣା ଓ ସୁରଟ ଫେରନ୍ତା, ବରୀ ବ୍ଲକର ୪ ପୁରୁଷ (୨ ଜଣ ସୁରଟ, ଜଣେ କୋଲକାତା ଏବଂ ଜଣେ ଆନ୍ଧ୍ରପ୍ରଦେଶ ଫେରନ୍ତା), ଦଶରଥପୁର ବ୍ଲକର ୪ ଜଣ ଉତ୍ତରପ୍ରଦେଶ ଓ ହରିୟାଣା ଫେରନ୍ତା ଏବଂ ବିଞ୍ଝାରପୁର ବ୍ଲକର ୨ ଜଣ ପୁରୁଷ ଦିଲ୍ଲୀ ଫେରନ୍ତା ବୋଲି ସୂଚନା ମିଳିଛି। ଅନ୍ୟପକ୍ଷେ ୨୯୦ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ରବିବାର ସୁଦ୍ଧା ଜିଲାକୁ ୧୮,୮୪୫ ପ୍ରବାସୀ ଓଡ଼ିଆ ଫେରିଥିବା ବିଭାଗ ପକ୍ଷରୁ ରିପୋର୍ଟରେ ଦର୍ଶାଯାଇଛି।

ଅନ୍ୟପକ୍ଷରେ ଯାଜପୁର ବ୍ଲକ ଛତିଶଦେଵିଲ ପଞ୍ଚାୟତର ଜାମାପୁର ଗ୍ରାମ(୯୭ ପରିବାର) ଏବଂ ବରୀ ବ୍ଲକ ଉଦୟନାଥପୁର ପଞ୍ଚାୟତର କହରଗଣ୍ଡ ଗ୍ରାମ (୧୬୦ ପରିବାର) ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି।

# ସଙ୍ଗରୋଧ କେନ୍ଦ୍ରରେ ରଜ ପାଳିଲେ ଅନ୍ତେବାସୀ



ପ୍ରବାସୀଙ୍କୁ ବସ୍ତ୍ର ଓ ପିଠା ପ୍ରଦାନ କରାଯାଉଛି।

**ତିର୍ତ୍ତୋଲ,୧୪।୬(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଅଧୀନ ଗରାମ ପଞ୍ଚାୟତର ୨ଟି ସଙ୍ଗରୋଧ କେନ୍ଦ୍ରରେ ଅନ୍ତେବାସୀମାନେ ରଜ ପାଳନ କରିଛନ୍ତି। ଏହି ଅବସରରେ ଅନ୍ତେବାସୀମାନଙ୍କୁ ନୂଆ ପୋଷାକ ସହିତ ପିଠା ପ୍ରଦାନ କରାଯାଇଥିଲା। ପଞ୍ଚାୟତର ଭଗବତୀ ଉଚ୍ଚ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ଜଣେ ୪ ବର୍ଷର ବାଳିକା ଓ ୬ବର୍ଷର ବାଳକଙ୍କୁ ପୋଷାକ ପ୍ରଦାନ ସମୟରେ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ ବନଜା ବାସିନୀ ଦାସ, ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ, ପୂର୍ବତନ ସରପଞ୍ଚ ଡା. କିଶୋର ସାହୁ, ସମିତିସଭ୍ୟା ପ୍ରିୟଙ୍କା ସ୍ୱାଇଁ, ନିକୁଞ୍ଜ କିଶୋର ଶତପଥୀ, ବିଶ୍ୱଜିତ ତାରେଣିଆ, ଯଶୋବନ୍ତ ସାହୁ, ଚିତ୍ତରଞ୍ଜନ ନାୟକ ଓ ପ୍ରଭାତ କୁମାର ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

# କୁରାଳ ଉପ ଡାକଘର ଅଚଳ

**ଓଡ଼ଗାଁ,୧୪।୬(ସ୍ୱ.ପ୍ର.)**



କୁରାଳ ଉପଡାକଘର।

- ସେବା ନ ପାଇ ଲୋକେ ହୀନସ୍ତା
- ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଗ୍ରାମର ଉପ ଡାକଘର ଏବେ ଅଚଳ ହୋଇପଡ଼ିଛି। ଏହି ଉପଡାକଘରକୁ ସଂଯୋଗ ହୋଇଥିବା ଟେଲି ଯୋଗାଯୋଗ ବିଚ୍ଛିନ୍ନ ହେବା କାରଣରୁ ତିନି ମାସରୁ ଊର୍ଦ୍ଧ୍ୱ ହେଲା ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବଶେଷତଃ ଲକ୍‌ଡାଉନ ସମୟରେ ଲୋକେ ଟଙ୍କା କାରବାର କରି ପାରୁନାହାନ୍ତି। ଏହି ପୋଷ୍ଟ ଅଫିସରେ ବିଭିନ୍ନ ସମୟରେ ଇଣ୍ଡିଆନ ପୋଷ୍ଟାଲ ଅର୍ଡର(ଆଇପିଓ)ମଧ୍ୟ ମିଳେ ନାହିଁ। ପୋଷ୍ଟ ଅଫିସ ସମୟ ସକାଳ ୧୦ରୁ ଅପରାହ୍ନ ୪ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିବାବେଳେ ପୋଷ୍ଟ ମାଷ୍ଟର ସମେତ ଅନ୍ୟମାନେ ଅପରାହ୍ନ ୨ଟାରେ ଅଫିସ ବନ୍ଦ କରି ଚାଲିଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ସେମାନେ ପୁରୀ ପୋଷ୍ଟାଲ ଅଧୀକ୍ଷକ ଓ ନୟାଗଡ ମୁଖ୍ୟ ପୋଷ୍ଟ ମାଷ୍ଟରଙ୍କୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଏଯାବତ୍ କୋଣସି ସୁଫଳ ପାଇନାହାନ୍ତି। ଏନେଇ ପୋଷ୍ଟ ମାଷ୍ଟର ରମେଶ ଚନ୍ଦ୍ର ଦୋରାଙ୍କୁ ପଚାରିବାରେ ସେ କହିଥିଲେ, ପୋଷ୍ଟ ଅଫିସ ଇଣ୍ଟରନେଟ କାମ କରୁ ନ ଥିବାରୁ ସେ ବହୁବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ତେବେ ପୋଷ୍ଟ ଅଫିସ ଇଣ୍ଟରନେଟ ଅଚଳ ଥିବାରୁ ଅପରାହ୍ନରେ ନିକଟସ୍ଥ ବାହାଡ଼ାଖୋଲା ଏବଂ ଓଡ଼ଗାଁ ପୋଷ୍ଟ ଅଫିସକୁ ଯାଇ କେତେକ ଜରୁରୀ କାର୍ଯ୍ୟ କରୁଥିବା କହିଛନ୍ତି। ଅନ୍ୟପକ୍ଷେ ଗୋଡ଼ିପଲି ଛକରୁ କୁରାଳକୁ ସଂଯୋଗ କରୁଥିବା ରାସ୍ତା କାର୍ଯ୍ୟ ସମ୍ପ୍ରସାରଣ ହେଉଥିବାରୁ ସମ୍ପୃକ୍ତ ପୋଷ୍ଟ ଅଫିସକୁ ଇଣ୍ଟରନେଟ୍ ସେବା ବିଚ୍ଛିନ୍ନ ହୋଇଥିବା କୁହାଯାଇଛି। ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବରୀକୁ ବସ୍ ଚଳାଚଳ ଦାବି

**ବରୀ, ୧୪।୬ (ସ୍ୱ.ପ୍ର):** ବସ୍ ଚଳାଚଳ ପାଇଁ ନିଷ୍ପତ୍ତି ପରେ ବି ବରୀ ବ୍ଲକ ଅଞ୍ଚଳରେ ଏହା ବନ୍ଦ ରହିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଦାବି ପୂରଣ ନ ହେଲେ ବସ୍ କର୍ମଚାରୀ କାର୍ଯ୍ୟରେ ସହଯୋଗ କରିବେ ନାହିଁ ବୋଲି ଚେତାବନୀ ଦେଇଥିବାରୁ ବସ୍ ଚଳାଚଳ ବନ୍ଦ ରହିଛି। ଫଳରେ ଲୋକେ କଟକ, ଭୁବନେଶ୍ୱର ଯିବାକୁ ଚାହୁଁଥିଲେ ବି ଯାଇପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ବରୀ ବ୍ଲକ ଅଞ୍ଚଳକୁ ସରକାରୀ କିମ୍ବା ବେସରକାରୀ ବସ୍ ଚଳାଚଳ କରିବା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସୟଦପୁରରେ ଗୋଷ୍ଠୀ ସଂଘର୍ଷ ଘଟଣା, ୨ ଗିରଫ

**ବିଞ୍ଝାରପୁର, ୧୪।୬ (ଡି.ଏନ୍.ଏ)**

ବିଞ୍ଝାରପୁର ଥାନା ସୟଦପୁର ପଞ୍ଚାୟତ ପିର ମହଲ୍ଲା ଓ ମୋଗଲ ମହଲ୍ଲା ଗ୍ରାମବାସୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟଣାରେ ରବିବାର ବିଞ୍ଝାରପୁର ପୋଲିସ ୨ ପୃଥକ୍ ମାମଲା ରୁଜୁ କରି ଉଭୟ ପକ୍ଷରୁ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରମଜାନ ଖାନ ଓ ସିରାଜ ଖାନ। ସୂଚନାଥାଉ କି, ମୋଗଲ ମହଲ୍ଲା ଗ୍ରାମର ହାରୁନ୍ ଖାଁଙ୍କ ଏକ ଟିପ୍ପର ଗାଡ଼ି ଆସିବା ସମୟରେ ପିରା ମହଲ୍ଲା ଗ୍ରାମ ରାସ୍ତା ଦବିବାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଓ ହାରୁନଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉଭୟ ପକ୍ଷରୁ ୮ଜଣ ଆହତ ହୋଇ ଯାଜପୁର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଉଭୟ ପକ୍ଷରୁ ହୋଇଥିବା ଅଭିଯୋଗ ଆଧାରରେ ପୋଲିସ ଦୁଇଟି ମାମଲା (୧୬୦/୨୦) ଓ (୧୬୧/୨୦) ରୁଜୁ କରିଛି। ଗିରଫ ଦୁଇ ଜଣଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

## ଜଗତ୍‌ସିଂହପୁରରେ ପୁଣି ୧୧ ପଜିଟିଭ ଚିହ୍ନଟ

**ଜଗତ୍‌ସିଂହପୁର ଅଫିସ,୧୪।୬:** ଜଗତ୍‌ସିଂହପୁର ଜିଲାରେ ପୁଣି ୧୧ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିରେ ବିରିଡ଼ି ୭, ରଘୁନାଥପୁର ୨ ଓ ନାଉଗାଁ ବ୍ଲକର ୨ଜଣ ରହିଛନ୍ତି। ବିରିଡ଼ି ଆକ୍ରାନ୍ତଙ୍କ ମଧ୍ୟରୁ ମହାରାଷ୍ଟ୍ର ୫, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରୁ ଜଣେ ଲେଖାଏ ଫେରିଥିଲେ। ରଘୁନାଥପୁର ଆକ୍ରାନ୍ତ ଗୁଜରାଟ ଓ ମହାରାଷ୍ଟ୍ର ଫେରନ୍ତା। ନାଉଗାଁର ୨ଜଣଙ୍କ ମଧ୍ୟରୁ ହରିୟାଣାରୁ ଜଣେ ଓ ମହାରାଷ୍ଟ୍ରରୁ ଜଣେ ଫେରିଥିଲେ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ଏବେ ଜିଲାରେ ପଜିଟିଭ୍ ସଂଖ୍ୟା ୧୫୪ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୮୬ ସୁସ୍ଥ ହୋଇଥିବାବେଳେ ଅନ୍ୟ ୬୮ଜଣଙ୍କ ଚିକିତ୍ସା ଚାଲିଛି।

## ଗଣବଳାତ୍କାର ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

**ବାଲିକୁଦା,୧୪।୬(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ଅଧୀନ ମରିଚିପୁର ଯୁବତୀ ଗଣବଳାତ୍କାର ଘଟଣାର ମୁଖ୍ୟ ଅଭିଯୁକ୍ତ ଜିତେନ ବେହେରାଙ୍କୁ ଗିରଫ କରିଛି ଜଗତ୍‌ସିଂହପୁର ପୋଲିସ। ଶନିବାର ରାତିରେ ଜିତେନ ଜଗତ୍‌ସିଂହପୁରରୁ ନିଜ ଘର ମରିଚିପୁରକୁ ଆସୁଥିବାବେଳେ ପୋଲିସ ହାତରେ ଧରା ପଡ଼ିଥିଲେ। ଜଗତ୍‌ସିଂହପୁର ପୋଲିସ ରବିବାର ତାଙ୍କୁ ବନ୍ଦର ସାମୁଦ୍ରିକ ଥାନାକୁ ହସ୍ତାନ୍ତର କରିଛି। ମାର୍ଚ୍ଚ ୨୦ ଅପରାହ୍ନରେ ବନ୍ଦର ସାମୁଦ୍ରିକ ଥାନାର ମରିଚପୁର ଅଞ୍ଚଳରେ ଏହି ଘଟଣା ଘଟିଥିଲା। ମୁଖ୍ୟ ଅଭିଯୁକ୍ତ ଜିତେନ ଓ ତାଙ୍କର ଜଣେ ସହଯୋଗୀ ଯୁବତୀଙ୍କୁ ବଳାତ୍କାର କରି ଫେରାର ହୋଇ ଯାଇଥିଲେ। ପୋଲିସ ସେମାନଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ଗଣବଳାତ୍କାର ଶିକାର ଯୁବତୀ କୌଣସି କାମରେ ନିକଟସ୍ଥ ଦର୍ଜୀ ପାଖକୁ ଯାଇ ଫେରୁଥିଲେ। ଏହି ସମୟରେ ଜିତେନ ଓ ତାଙ୍କ ସହଯୋଗୀ ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳର ବସନ୍ତ ବେହେରା ତାଙ୍କୁ ରାସ୍ତାରୁ ଟେକି ନେଇ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ ପୀଡ଼ିତା ଓ ତାଙ୍କ ମା' ବନ୍ଦର ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ଶିଶୁଭୂଷଣ ସ୍ୱାଇଁ (ନଂ-୧୫/୨୦)ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ।

## ରଥଯାତ୍ରା ହେବା ନେଇ ସନ୍ଦେହ

**ନୟାଗଡ ଅଫିସ,୧୪।୬:** ନୟାଗଡ଼ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାରୁ ଜିଲା ସଦର ମହକୁମା ସମେତ ରଣପୁର, ଶରଣକୁଳ, ଖଣ୍ଡପଡା ସମେତ ବିଭିନ୍ନ ସ୍ଥାନରେ ରଥଯାତ୍ରା ହେବକି ନାହିଁ ତାହାକୁ ନେଇ ସନ୍ଦେହ ଉପୁଜିଛି। ତେବେ ରଥ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏନେଇ ଉପଜିଲାପାଳ ଲଗ୍ନଜିତ ରାଉତ କହିଛନ୍ତି, ରଥଯାତ୍ରା ହେବକି ନାହିଁ ଜିଲାପାଳ ପଦକ୍ଷେପ ନେବେ।

## ଫନୀ ସହାୟତା ପ୍ରଦାନ ଦାବି

**ରସୁଲପୁର, ୧୪।୬ (ଡି.ଏନ୍.ଏ.):** ଫନୀ କ୍ଷତିଗ୍ରସ୍ତ ପ୍ରସାଧନ ଅଳଙ୍କାର ସାମଗ୍ରୀ କାରିଗର ପରିବାରକୁ ସହାୟତା ପାଇଁ ଦାବି ହୋଇଛି। ଏନେଇ ରସୁଲପୁର ବ୍ଲକର ନରସିଂହପୁର, ଉମାଦେବୀ ପାଟଣା, ସଦାନନ୍ଦପୁର, ଧର୍ମଶାଳା ବ୍ଲକର କବାଟ ବନ୍ଧ, ନହଙ୍ଗାପାଟଣା, ଗୋପନଗର, ମିର୍ଜାପୁର, କାଏମା, ପାଟପୁର, ନରସିଂହପୁର, ସୁକିନ୍ଦା ବ୍ଲକର ହାତୀବାରୀ ଆଦି ଗ୍ରାମର କାରିଗର ପରିବାର ପକ୍ଷରୁ ଜିଲା ଶିଳ୍ପ କେନ୍ଦ୍ରରେ ଦାବିପତ୍ର ପ୍ରଦାନ କରାଯାଇଛି। ଫନୀରେ ଜିଲାର ହସ୍ତଶିଳ୍ପୀ ପ୍ରଭାବିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ସହାୟତା ଦିଆଯାଇଛି। ମାତ୍ର ପ୍ରସାଧନ ସାମଗ୍ରୀ ପ୍ରସ୍ତୁତକାରୀ କାରିଗର ଏଥିରୁ ବଞ୍ଚିତ ହୋଇଛନ୍ତି। ତେଣୁ ତୁରନ୍ତ ସହାୟତା ପ୍ରଦାନ ପାଇଁ ବସନ୍ତ ମହାନ୍ତି, ରମେଶ ଚନ୍ଦ୍ର ସାହୁ, ସନ୍ତୋଷ କୁମାର ସାହୁ, ବସନ୍ତ ସାହୁ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଦାବି କରିଛନ୍ତି।

## 'ସରପଞ୍ଚଙ୍କୁ ତୁରନ୍ତ ପ୍ରାପ୍ୟ ଦିଅ'

**ବାଲିଆ,୧୪।୬**

ବିରିଡ଼ି ବ୍ଲକ ଅଧୀନ ପୁରଣ ମଣ୍ଡଳ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ପ୍ରବାସୀଙ୍କ ପାଇଁ ପକେଟରୁ ଖର୍ଚ୍ଚ କରିଚାଲିଥିବା ସମସ୍ତ ସରପଞ୍ଚଙ୍କୁ ତୁରନ୍ତ ପ୍ରାପ୍ୟ ପ୍ରଦାନ କରିବାକୁ ଦାବି କରାଯାଇଛି। ମଣ୍ଡଳ ସଭାପତି ତରୁଣ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଭାଜପାନେତା ରମାକାନ୍ତ ଭୋଇ ଯୋଗଦେଇ ପ୍ରବାସୀଙ୍କ ସବୁ କଥାକୁ ସରପଞ୍ଚମାନେ ସୁପରିଚାଳନା କରିବା ସହ ଏପର୍ଯ୍ୟନ୍ତ ନିଜ ପକେଟରୁ ଅର୍ଥଖର୍ଚ୍ଚ କରିଚାଲିଛନ୍ତି। ଜଣେଜଣେ ସରପଞ୍ଚ ପାଖାପାଖି ୬୦/୭୦ ହଜାର ଟଙ୍କାରୁ ଅଧିକ ଖର୍ଚ୍ଚ କରିସାରି ଥିଲେ ମଧ୍ୟ ବ୍ଲକ ପ୍ରଶାସନ ତରଫରୁ ଅର୍ଥ ପ୍ରଦାନ କରାଯାଉନାହିଁ ବୋଲି କହିଥିଲେ। ଏଥିସହିତ ପ୍ରବାସୀଙ୍କ ସ୍ୱାବ ପରୀକ୍ଷା ବିଳମ୍ବ ହେଉଥିବା ନେଇ ମଧ୍ୟ ଅଭିଯୋଗ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ବ୍ରହ୍ମାନନ୍ଦ ଜେନା, ନରେସ ଓଝା, ବିଭୁତି ଭୂୟାଁ, ସତ୍ୟ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତଥିଲେ।



ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

# ଆଶା ଆଶଙ୍କାରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ

**ରତ୍ନଗିରି, ୧୩।୬ (ଡି.ଏନ.ଏ)**

- ଭିତ୍ତିପ୍ରସ୍ତର ସ୍ଥାପନକୁ ୮ମାସ ପୂରିଲା
- ଆରମ୍ଭ ହୋଇନି ନିର୍ମାଣ କାର୍ଯ୍ୟ
- ଅଭିଭାବକ ମହଲରେ ଅସନ୍ତୋଷ



ଅଟିରାଠାରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।

ବରୀ ବ୍ଲକରେ ଆଦର୍ଶ ବିଦ୍ୟାଳୟର ନିର୍ମାଣ ହେବା ନେଇ ଜଣାପଡ଼ିବା ପରେ ଗ୍ରାମାଞ୍ଚଳରେ ପିଲାଙ୍କୁ ଉନ୍ନତମାନର ଶିକ୍ଷା ମିଳିବ ବୋଲି ସ୍ଥାନୀୟ ଜନ ସାଧାରଣ ଓ ଅଭିଭାବକମାନେ ବେଶ୍ ଖୁସି ବ୍ୟକ୍ତ କରିଥିଲେ। ମାତ୍ର ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ଇତିମଧ୍ୟରେ ୪ ଥର ଭିତ୍ତିପ୍ରସ୍ତର ସ୍ଥାପନ ସରିଥିଲେ ବି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନି। ଅନ୍ୟପଟେ ଠିକାଦାର ଚୁକ୍ତିପତ୍ର ସ୍ୱାକ୍ଷର କରିବାର ୩୦ଦିନ ମଧ୍ୟରେ କାର୍ଯ୍ୟାରମ୍ଭ କରିବା କଥା। କିନ୍ତୁ ଇତିମଧ୍ୟରେ ୬ ମାସ ବିତିଯାଇଥିଲେ ବି ଗୃହ ନିର୍ମାଣ କାମ ଆରମ୍ଭ କରି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

୨୦୧୫ ଡିସେମ୍ବର ୨୮ରେ ତତ୍କାଳୀନ ଗଣଶିକ୍ଷା ମନ୍ତ୍ରୀ ଓ ତତ୍କାଳୀନ ବିଧାୟକ ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପରେ ସ୍ଥାନୀୟ ଏଖ କମ୍ପାନୀ ପକ୍ଷରୁ ସେହି ସ୍ଥାନରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ କରାଯିବ ବୋଲି କମ୍ପାନୀର ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ସ୍ଥାନ ପରିଦର୍ଶନ କରି ଅଧିକ ଅର୍ଥର ଆବଶ୍ୟକତା ରହିଥିବା ଦର୍ଶାଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବିଦ୍ୟାଳୟ ନିର୍ମାଣ ପାଇଁ ବରୀପାଳଠାରେ ସ୍ଥାନ ଚୟନ କରାଯିବା ସହ ତତ୍କାଳୀନ ବିଧାୟକ ପୁନଃ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତୃତୀୟ ଥର ପାଇଁ ବରୀ କୃପାସିନ୍ଧୁ ବିଦ୍ୟାଭବନ ନିକଟରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ସ୍ଥାନ ନିରୁପଣ କରାଯାଇଥିଲା। ସେଠାରେ ମଧ୍ୟ ତତ୍କାଳୀନ ବିଧାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପରେ ଜିଲା ଓ ବ୍ଲକସ୍ତରୀୟ ପ୍ରଶାସନିକ ଅଧିକାରୀମାନେ ସ୍ଥିରୀକୃତ ସ୍ଥାନକୁ ଯାଇ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହାସତ୍ତ୍ୱେ କାର୍ଯ୍ୟ ହୋଇପାରି ନ ଥିବା ବେଳେ ବରୀ ବିଧାୟିକା ସୁନନ୍ଦା ଦାସ ୨୦୧୯ ସେପ୍ଟେମ୍ବର ୨୪ ରେ ପ୍ରଥମେ ସ୍ଥିରୀକୃତ ହୋଇଥିବା ସ୍ଥାନ ଅଟିରାଠାରେ ପୁଣି ଥରେ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ଶୁଭ ଦେଇଥିଲେ। ଉକ୍ତ ଗୃହ ନିର୍ମାଣ ଲାଗି ୩ କୋଟି ୫୪ ଲକ୍ଷ ୧୦ହଜାର ଟଙ୍କା ବ୍ୟୟବରାଦ ହୋଇଛି। ତେବେ ଗୃହ ନିର୍ମାଣ ନେଇ ଠିକାଦାରଙ୍କ ସହ ୨୦୧୯ ଡିସେମ୍ବର ୪ ତାରିଖରେ ଚୁକ୍ତି ହୋଇଥିଲା। ଚୁକ୍ତି ସ୍ୱାକ୍ଷର ହେବାର ୩୦ଦିନ ମଧ୍ୟରେ କାର୍ଯ୍ୟାରମ୍ଭ ହେବା କଥା। କିନ୍ତୁ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ଚଳିତ ଶିକ୍ଷାବର୍ଷରେ ପିଲାଙ୍କ ନାମ ଲେଖା ହୋଇ ନ ପାରିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବରୀ ଶିକ୍ଷା ମଣ୍ଡଳ ଅଧିକାରୀ ଅଭୟ କୁମାର ବେହେରାଙ୍କୁ ପଚାରିବାରେ ସ୍ଥିରୀକୃତ ସ୍ଥାନଟି ଗୋଚର ହୋଇଥିବାରୁ ସେହି ସ୍ଥାନର କିସମ ପରିବର୍ତ୍ତନ ପାଇଁ ପତ୍ର ଲେଖାଯାଇଛି। ସରକାରୀ ନିର୍ଦ୍ଦେଶନାମା ଆସି ନ ଥିବାରୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି ବୋଲି କହିଛନ୍ତି।

## ସଂକ୍ଷେପରେ

### ବୁଡ଼ି ଯାଇ ୨ ଜଣଙ୍କ ମୃତ୍ୟୁ

ବୁଗୁଡ଼ା,୧୪।୬(ଡି.ଏନ୍.ଏ.)- ବୁଗୁଡ଼ା ଥାନା ବି.କରଡ଼ାବାଡ଼ି ଗ୍ରାମର ରମେଶ ନାୟକ (୪୪) ଶନିବାର ରାତିରେ ରାସ୍ତାକଡ଼ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ବୁଡ଼ି ପ୍ରାଣ ହରାଇଛନ୍ତି। ସେହିପରି ବୁଗୁଡ଼ା ଥାନା ଲେମ୍ବୁବଗିଚା ଗ୍ରାମର ନମିତା ସାହୁ (୩୮) ରବିବାର ସକାଳେ ଗ୍ରାମ ନିକଟ କୁସୁମି କେନାଲକୁ ଗାଧୋଇ ଯାଇଥିବାବେଳେ ବୁଡ଼ି ପ୍ରାଣ ହରାଇଛନ୍ତି। ଦୁହିଁଙ୍କୁ ପରିବାର ଲୋକେ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ବୁଗୁଡ଼ା ପୋଲିସ ପହଞ୍ଚି ୨ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଛି। ଏନେଇ ବୁଗୁଡ଼ା ଥାନାରେ ନଂ. ୧୫ ଓ ୧୬/୨୦ରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ବୁଗୁଡ଼ା,୧୪।୬(ଡି.ଏନ୍.ଏ.)- ବୁଗୁଡ଼ା ଥାନା ଜେକ ଗ୍ରାମରେ ରବିବାର ସକାଳ ପ୍ରାୟ ୯ଟାରେ ବିଷ ପିଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଜେକ ଗ୍ରାମର ସଞ୍ଜୟ ନାୟକଙ୍କ ସ୍ତ୍ରୀ ପତିନା (୨୦)। ଏନେଇ ବୁଗୁଡ଼ା ଥାନାରେ ନଂ.୧୭/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ କ'ଣ ପାଇଁ ସେ ବିଷ ପିଇଲେ ପ୍ରକୃତ କାରଣ ଜଣାପଡି ନାହିଁ। ପରିବାର ଲୋକଙ୍କ କହିବା ପ୍ରକାରେ, ସକାଳ ପ୍ରାୟ ୯ଟାରେ ପତିନା ଘରେ ଏକୁଟିଆ ଥିବାବେଳେ କୌଣସି କାରଣରୁ ବିଷ ପିଇ ଦେଇଥିଲେ। ବାନ୍ତି କରିବାରୁ ସ୍ୱାମୀ ସଞ୍ଜୟ ଏକ ଅଟୋରେ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ସେଠାରେ ଚିକିତ୍ସା ଚାଲିଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଗୁଡ଼ା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଛି।

### ଆବେଦନ କରିବା ଦିନ ମିଳିଲା ପଟ୍ଟା

ବୁଗୁଡ଼ା,୧୪।୬(ଡି.ଏନ୍.ଏ.)- ବୁଗୁଡ଼ା ତହସିଲ ଗୋଲାମୁଣ୍ଡଲା ମୌଜା କେନ୍ଦୁବାଡ଼ି (ପାଣ୍ଡି ନଗରସାହି)ର ମାମିନି ସ୍ୱାଇଁ ସ୍ୱାମୀ ଦିଲୀପ କୁମାର ସ୍ୱାଇଁଙ୍କୁ ଆବେଦନ କରିବା ଦିନ ହିଁ ପଟ୍ଟା ମିଳିଛି। ଏହା ଗଞ୍ଜାମ ଜିଲାରେ ପ୍ରଥମ ଘଟଣା ବୋଲି ତହସିଲଦାର ସଂଗ୍ରାମ କେଶରୀ ଜେନା କହିଛନ୍ତି। ଶୁକ୍ରବାର ଦିଲୀପ ଓ ସ୍ତ୍ରୀ ମାମିନି ଚଢ଼ିଆପଲ୍ଲୀର ପ୍ରତାପ କୁମାର ଗୌଡ଼ଙ୍କ ଠାରୁ ଜମି କିଣି ସେହିଦିନ ହିଁ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରେଶନ କରିଥିଲେ। ସେହିଦିନ ହିଁ ସେ ବୁଗୁଡ଼ା ତହସିଲଦାରଙ୍କ କାର୍ଯ୍ୟାଳୟରେ ପଟ୍ଟା ପାଇଁ ଆବେଦନ କରିଥିଲେ। ତେବେ ଜମିର କାଗଜପତ୍ର ଠିକ୍ ଥିବାରୁ ସେହିଦିନ ତହସିଲରୁ ଜମିପଟ୍ଟା ମିଳିଥିଲା। ଆବେଦନ କରିବାର ୭ ଦିନ ଭିତରେ ପଟ୍ଟା ଦେବା ନିୟମ ଥିଲେ ମଧ୍ୟ ଏଣିକି ଯଦି କାଗଜପତ୍ର ଠିକ୍ ଥାଏ ଗୋଟିଏ ଦିନରେ ଦିଆଯିବ ବୋଲି ତହସିଲଦାର ସଂଗ୍ରାମ କେଶରୀ ଜେନା କହିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ଗଞ୍ଜାମ,୧୪।୬(ଡି.ଏନ୍.ଏ.)- ଗଞ୍ଜାମ ବ୍ଲକ ରମ୍ଭା ଥାନା ଅଞ୍ଚଳର ଏକ ଗ୍ରାମରେ ଜଣେ ନାବାଳିକାଙ୍କୁ ବଳାତ୍କାର ନେଇ ରମ୍ଭା ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ଜଣଙ୍କ ହେଲେ ଖଲ୍ଲିକୋଟ ବ୍ଲକ କେଶପୁର ଅଞ୍ଚଳର ଜଣେ ଶିକ୍ଷକ। ସୂଚନାନୁଯାୟୀ ଶିକ୍ଷକଙ୍କ ଭଉଣୀ ନାବାଳିକାଙ୍କ ଘର ନିକଟରେ ବିବାହ କରିଛନ୍ତି। ଶିକ୍ଷକ ଜଣକ ଭଉଣୀ ଘରକୁ ଯାଇଥିବାବେଳେ ନାବାଳିକା (୧୪ବର୍ଷ)ଙ୍କ ସହ ସମ୍ପର୍କ ସ୍ଥାପନ ହୋଇଥିଲା। ମୋବାଇଲରେ କଥା ହୋଇ ଗତ ୧୨ ତାରିଖରେ ଦୁହେଁ ନିକଟସ୍ଥ ପାହାଡ ନିକଟକୁ ଯାଇଥିଲେ। ନାବାଳିକାର ସମ୍ପର୍କୀୟ ଭାଇ ସନ୍ଦେହରେ ସେମାନଙ୍କ ପିଛା କରିଥିଲେ। ପାହାଡ ନିକଟରେ ଶିକ୍ଷକ ଓ ସମ୍ପୃକ୍ତ ନାବାଳିକାଙ୍କୁ ଅସଙ୍ଗତ ଅବସ୍ଥାରେ ଦେଖିଥିଲେ। ଏନେଇ ନାବାଳିକାଙ୍କ ମା'ଙ୍କୁ ଜଣାଇବା ପରେ ସେ ରବିବାର ରମ୍ଭା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ଶିକ୍ଷକ ବିବାହିତ ବୋଲି ଜଣାପଡିଛି।

# ୮ ଗାଁକୁ ବଫରଜୋନ୍ ଘୋଷଣା କଲେ ଜିଲାପାଳ


ଗାଁକୁ ସିଲ୍ କରାଯାଇଛି।

ଛତ୍ରପୁର,୧୪।୬(ଡି.ଏନ.ଏ)

**ଘଡ଼ଘଡ଼ାପଲ୍ଲୀ, ନରେନ୍ଦ୍ରପୁରର ୨ ସାହି କଣ୍ଟେନମେଣ୍ଟ ଜୋନ୍**

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକରେ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଘଡ଼ଘଡ଼ାପଲ୍ଲୀ ଗାଁରେ ୩ ଓ ନରେନ୍ଦ୍ରପୁର ପଞ୍ଚାୟତ ନରେନ୍ଦ୍ରପୁର ଗାଁରେ ଜଣଙ୍କୁ ମିଶାଇ ୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ତେଣୁ ଘଡ଼ଘଡ଼ାପଲ୍ଲୀ ଗାଁ ଏବଂ ନରେନ୍ଦ୍ରପୁର ଗାଁର ଷ୍ଟେଶନରୋଡ୍ ଓ ଗୋପିନାଥ ସାହିକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ସେହିପରି ଉକ୍ତ ଅଞ୍ଚଳ ନିକଟ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନ କାଳିଆବାଲି, ଯାଙ୍କଶାଳ, ଚମାଖଣ୍ଡି ଛକ, ନରେନ୍ଦ୍ରପୁର, ରଘୁନାଥପୁର ଓ ଜଗନ୍ନାଥପୁର ଏବଂ ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ଲୁହାଙ୍ଗର ପଞ୍ଚାୟତର ଟାଟା କଲୋନୀ ଓ ବଡକୁଶସ୍ଥଳୀ ଗାଁକୁ ବଫରଜୋନ୍ ଭାବେ ଘୋଷଣା କରିଛନ୍ତି। କଣ୍ଟେନମେଣ୍ଟ ଜୋନ୍‌ରେ ଥିବା ଲୋକ ବାହାରକୁ ଏବଂ ଅନ୍ୟ ଅଞ୍ଚଳର ଲୋକ ଏହି ଜୋନ୍ ଅଞ୍ଚଳକୁ ଯିବାଆସିବା କରିବା ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ବଫରଜୋନ୍‌ରେ ଥିବା ଲୋକ କେବଳ ଜରୁରୀକାଳୀନ ସେବା ପାଇଁ ଯିବା ଆସିବା କରିପାରିବେ ବୋଲି ଜିଲାପାଳଙ୍କ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି ।

## ବଡ଼ବଡ଼ଙ୍ଗା ଗ୍ରାମ ଶଟ୍‌ଡାଉନ୍

ଚିକିଟି,୧୪।୬(ଡି.ଏନ.ଏ.)

ଚିକିଟି ବ୍ଲକ୍ କଳବାଡ଼ ପଞ୍ଚାୟତ ବଡ଼ବଡ଼ଙ୍ଗା ଗ୍ରାମକୁ ସୋମବାର ସକାଳୁ ୫ଦିନ ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ସକାଳେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି ସରପଞ୍ଚ ସଞ୍ଜୁ ପ୍ରଧାନ।

ଉକ୍ତ ଗ୍ରାମରେ ଗତ ୧ ତାରିଖରେ ଜନୈକ ଅଙ୍ଗନୱାଡି କର୍ମୀଙ୍କ କରୋନା ରିପୋର୍ଟ ପଜିଟିଭ ଆସିବା ପରେ କୋଭିଡ୍ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେ ସୁସ୍ଥ ହୋଇ ୧୨ ତାରିଖରେ ଫେରିଛନ୍ତି। ପୁଣି ଗ୍ରାମର ଆଉଜଣେ ଅଙ୍ଗନୱାଡି କର୍ମୀଙ୍କ କରୋନା ଲକ୍ଷଣ ଦେଖାଦେବା ପରେ ୧୦ ତାରିଖରେ କୋଭିଡ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ୧୩ ତାରିଖରେ ରିପୋର୍ଟ ପଜିଟିଭ ଆସିଥିବା ଜିଲା ପ୍ରଶାସନ ବ୍ଲକ୍ ପ୍ରଶାସନକୁ ଜଣାଇଥିଲା। ପରେ ତାଙ୍କ ସ୍ୱାମୀ ଓ ପୁଅଙ୍କୁ ହସ୍‌ପିଟାଲ ନିଆଯାଇଥିବା ଚିକିଟି ତହସିଲଦାର ହରପ୍ରସାଦ ଭୋଇ କହିଛନ୍ତି। ଅଧିକ ସଂକ୍ରମଣ ଆଶଙ୍କା କରି ସରପଞ୍ଚ ଜିଲାପାଳ କ୍ଷମତା ବ୍ୟବହାର କରି ବଡ଼ବଡ଼ଙ୍ଗାକୁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଗ୍ରାମକୁ ସାନିଟାଇଜ୍ କରିବାକୁ ସରପଞ୍ଚ ଦାବି କରିଛନ୍ତି। ଏନେଇ ପଞ୍ଚାୟତ ପକ୍ଷରୁ ଗଞ୍ଜାମ ଜିଲାପାଳ, ବ୍ରହ୍ମପୁର ଏସ୍‌ପି, ଚିକିଟି ଏସ୍‌ଡିପିଓ, କେ.ନୂଆଗାଁ ଥାନା ଅଧିକାରୀ, ଚିକିଟି ତହସିଲଦାର ଓ ବିଡିଓଙ୍କୁ ଇମେଲ୍ ଯୋଗେ ଜଣାଇ ଦିଆଯାଇଛି।

# ମାଛ ବିକ୍ରି ବନ୍ଦ କଲା ପ୍ରଶାସନ

- ଶଟ୍‌ଡାଉନ୍ ନିୟମ ଉଲ୍ଲଂଘନ
- ସମ୍ମତି ପରେ ଫେରାଇଲା ଜବତ ମାଛ

ବ୍ରହ୍ମପୁର ଅଫିସ,୧୪।୬


ପ୍ରଶାସନ ପକ୍ଷରୁ ଜବତ କରାଯାଇଥିବା ମାଛ।

କରୋନା ମୁକାବିଲା ପାଇଁ ଗଞ୍ଜାମ ଜିଲାକୁ ପ୍ରଶାସନ ଶନିବାର ଓ ରବିବାର ଶଟ୍‌ଡାଉନ୍ ଘୋଷଣା କରିଛି । ତେବେ ରବିବାର ଶଟ୍‌ଡାଉନ୍ ସତ୍ତ୍ୱେ କମାପଲ୍ଲୀ ଓଭରବ୍ରିଜ ନିକଟରେ କେତେକ ମତ୍ସ୍ୟଜୀବୀ ଏହାକୁ ଉଲ୍ଲଂଘନ କରି ମାଛ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ପ୍ରଶାସନ ପକ୍ଷରୁ ମତ୍ସ୍ୟଜୀବୀଙ୍କୁ ତାଗିଦ କରାଯିବା ସହ ମାଛଗୁଡିକୁ ଜବତ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ମତ୍ସ୍ୟଜୀବୀମାନେ ବିକ୍ରି ବନ୍ଦ କରିବାକୁ ସମ୍ମତି ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ଜବତ କରାଯାଇଥିବା ମାଛ ଫେରାଇ ଦିଆଯାଇଥିଲା।

ସୂଚନାନୁସାରେ, ରବିବାର ଶଟ୍‌ଡାଉନ୍ ସତ୍ତ୍ୱେ କେତେକ ମତ୍ସ୍ୟଜୀବୀ କମାପଲ୍ଲୀ ଓଭରବ୍ରିଜ ପାର୍ଶ୍ୱରେ ମାଛ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା । ଏହା ଜଣାପଡିବା ପରେ ପ୍ରଶାସନ ପକ୍ଷରୁ ମତ୍ସ୍ୟଜୀବୀଙ୍କୁ ବ୍ୟବସାୟ ବନ୍ଦ କରିବାକୁ ତାଗିଦ କରାଯାଇଥିଲା । କିନ୍ତୁ ଏହା ସତ୍ତ୍ୱେ ସେମାନେ ନିଜ ବ୍ୟବସାୟ ଚାଲୁ ରଖିଥିଲେ। ଫଳରେ ବ୍ରହ୍ମପୁର ତହସିଲଦାର ଓ ତାଙ୍କ ଟିମ୍ ମତ୍ସ୍ୟଜୀବୀଙ୍କୁ ଘଉଡାଇବା ସହ ମାଛ ଜବତ କରିଥିଲେ।

## କରୋନା ଛଡ଼ାଇନେଲା ରଜ ଖୁସି

ଖଜୁରିପଡ଼ା,୧୪।୬(ଡି.ଏନ.ଏ.)

ଓଡ଼ିଶାର ଗଣପର୍ବ ରଜ ଚଳିତବର୍ଷ କରୋନା ଯୋଗୁ ଫିକା ପଡିଛି। ବିଭିନ୍ନ ପ୍ରକାର ପିଠାପଣା ସହ ରଜପାନ ଓ ରଜଦୋଳି ଏହି କୃଷି ଭିତ୍ତିକ ପର୍ବର ମୁଖ୍ୟ ଆକର୍ଷଣ। ବିଭିନ୍ନ ସ୍ଥାନରୁ ଦୋଳିର ତାଳେ ତାଳେ ଭାସି ଆସେ ସୁମଧୁର ରଜଗୀତ। ମାତ୍ର ଚଳିତ ବର୍ଷ ତୋଟାମାଳରେ ଆଗପରି ଭିଡ ଦେଖିବାକୁ ମିଳି ନ ଥିଲା। ଖଜୁରିପଡ଼ା ବ୍ଲକର ବିଭିନ୍ନ ତୋଟା ମାଳରେ ଚଳିତ ବର୍ଷ ଆଗପରି ଭିଡ ଜମିନ ଥିଲା। କେତେକ ସ୍ଥାନରେ ଅଳ୍ପ ସଂଖ୍ୟକ ଯୁବତୀ ଦୋଳି ଖେଳୁଥିବା ଦେଖିବାକୁ ମିଳିଥିଲା। କରୋନା ପାଇଁ ସେମାନେ ସାମାଜିକ ଦୂରତା ରକ୍ଷା କରିଥିବାବେଳେ ମାସ୍କ ପିନ୍ଧିଥିଲେ। ଏନେଇ ସେମାନଙ୍କୁ ପଚାରିବାରୁ କହିଥିଲେ, ଚଳିତବର୍ଷ କରୋନା ଛଡେଇ ନେଇଛି ଆମ ରଜଦୋଳି ଓ ଖୁସି। ସାଙ୍ଗମାନଙ୍କୁ ମଧ୍ୟ ଆମଠାରୁ ଅଲଗା କରିଦେଲା। ଭଗବାନଙ୍କୁ ପ୍ରାର୍ଥନା କରୁଛୁ ଏହି ମହାମାରୀ ଶୀଘ୍ର ଦୂରେଇ ଯାଉ।

## ଚା' ଦୋକାନୀଙ୍କୁ କରୋନା

ପାଟପୁର,୧୪।୬

ସାନଖେମୁଣ୍ଡି ବ୍ଲକରେ ପ୍ରଥମ କରୋନା ପଜିଟିଭ ଚିହ୍ନଟ ପରେ ରବିବାର ହିଞ୍ଜିଳିକାଟୁ ସ୍ଥିତ କୋଭିଡ୍ ହସ୍ପିଟାଲକୁ ପଠାଯାଇଥିବା ସାନଖେମୁଣ୍ଡି ବିଡିଓ ସୂଚନା ଦେଇଛନ୍ତି। ବ୍ଲକ ଅଞ୍ଚଳର ୪ ଜଣ ଚା' ଦୋକାନୀ ଓ ଜଣେ ରାଶନ ଦୋକାନୀଙ୍କୁ ଥଣ୍ଡା ଜ୍ୱର ହେଉଥିବାରୁ ସ୍ୱାବ୍ ସଂଗ୍ରହ କରି ପରୀକ୍ଷା ପାଇଁ ଗୁରୁବାର ପଠାଯାଇଥିଲା। ରବିବାର ସକାଳେ ଜଣେ ଚା' ଦୋକାନୀଙ୍କ ରିପୋର୍ଟ ପଜିଟିଭ ଥିବା ଜଣାପଡିଥିଲା।

## ଗଞ୍ଜାମରେ ସକାଳ ୮ରୁ ୫ ଘଣ୍ଟା ଖୋଲିବ ବ୍ୟାଙ୍କ

ଛତ୍ରପୁର,୧୪।୬(ଡି.ଏନ.ଏ)

ଗଞ୍ଜାମ ଜିଲାରେ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ବଢୁଥିବାରୁ ପ୍ରଶାସନ ପକ୍ଷରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ୧୯ ଘଣ୍ଟିଆ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ଘୋଷଣା ହୋଇଛି। ଲକ୍‌ଡାଉନରେ ବ୍ୟାଙ୍କ ସେବା ଚାଲିବ। ଜିଲାର ସମସ୍ତ ବ୍ୟାଙ୍କ ସକାଳ ୮ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଖୋଲିବ। ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗ୍ରାହକ ସେବା ପାଇପାରିବେ ବୋଲି ନିର୍ଦ୍ଦେଶନାମା ଜାରି ହୋଇଛି। ସେହିପରି ସକାଳ ୭ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମଦ ହୋମ୍ ଡେଲିଭରି ହୋଇପାରିବ ବୋଲି ସୂଚନା ମିଳିଛି।

# ଗାଡ଼ି ଚାଳକଙ୍କୁ ସଙ୍ଗରୋଧ କେନ୍ଦ୍ର ନେବାକୁ ପୋଲିସ ନାକେଦମ୍

ବୁଗୁଡ଼ା,୧୪।୬(ଡି.ଏନ.ଏ.)

**ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସିଥିଲେ**

ନିକଟସ୍ଥ ବେତାରସିଂ ଗ୍ରାମର ଜଣେ ସୁରଟ ଫେରନ୍ତା ପଜିଟିଭ ଚିହ୍ନଟ ପରେ ପ୍ରଶାସନ ପକ୍ଷରୁ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ ହୋଇଥିଲା। ତାଙ୍କ ସଂସ୍ପର୍ଶରେ ବୁଗୁଡ଼ା ଷ୍ଟେଟବ୍ୟାଙ୍କ ଛକର ଜନୈକ ଗାଡ଼ି ମାଲିକ ଆସିଥିବା ଜଣାପଡିବାରୁ ତାଙ୍କ ପରିବାରକୁ ସଙ୍ଗରୋଧରେ ନେବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ସଙ୍ଗରୋଧ କେନ୍ଦ୍ର ଯିବାକୁ ସେମାନେ ରାଜି ହୋଇ ନ ଥିଲେ। ଫଳରେ ପୋଲିସ ଓ ପ୍ରଶାସନକୁ ଦୀର୍ଘ ୪ ଘଣ୍ଟା ନାକେଦମ୍ ହେବାକୁ ପଡିଥିଲା। ଶେଷରେ ଉକ୍ତ ପରିବାରର ୫ ମହିଳାଙ୍କ ସମେତ ୮ ଜଣଙ୍କୁ ରବିବାର ସନ୍ଧ୍ୟା ସାଢ଼େ ୭ଟାରେ ଗୋଲିଆର ୨ ସଙ୍ଗରୋଧ କେନ୍ଦ୍ରକୁ ପଠାଯାଇଛି। ସମ୍ପୃକ୍ତ ଗାଡ଼ି ଚାଳକ ଓ ବେତାରସିଂରୁ ବୁଗୁଡ଼ାର ବିଭିନ୍ନ ସ୍ଥାନକୁ ଆଣିଥିବା ଜଣେ ଅଟୋ ଚାଳକ ସମେତ ଅନ୍ୟ ୪ ଜଣଙ୍କୁ ମଧ୍ୟ ସଙ୍ଗରୋଧ କେନ୍ଦ୍ରକୁ ପଠାଯାଇଛି। ଏଥିସହ ସେ ଚିକିତ୍ସା ହୋଇଥିବା ନମିତା ପାଥୋଲୋଜିକୁ ଶନିବାର ରାତିରେ ସିଲ୍ କରିବା ସହ ମାଲିକଙ୍କ ପରିବାର ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି।

# ସିଂହାସନୀ ପୀଠରେ ୧୪୪ ଧାରା

**ପୂଜାର୍ଚ୍ଚନାରେ ସୀମିତ ରଜପର୍ବ**

ପୋଲସରା,୧୪।୬(ଡି.ଏନ୍.ଏ.)


ମନ୍ଦିର ପରିସରରେ ପୋଲିସ ଜଗିଛି।

ଗଞ୍ଜାମ ଜିଲା ପୋଲସରା ବ୍ଲକ ପାଣ୍ଡିରିପଡ଼ା ପଞ୍ଚାୟତ କସିପଡ଼ାସ୍ଥିତ ସିଂହାସନୀ ପୀଠରେ ବେଶ୍ ଧୁମ୍‌ଧାମ୍‌ରେ ରଜପର୍ବ ପାଳିତ ହୋଇ ଆସୁଥିବା ବେଳେ ଚଳିତବର୍ଷ କରୋନା କଟକଣା ଯୋଗୁ ବନ୍ଦ ପାଇଁ ନିଷ୍ପତ୍ତି ହୋଇଥିଲା। ବିଗତ ବର୍ଷଗୁଡ଼ିକ ପରି ଚଳିତବର୍ଷ ଏଠାରେ ଗହଳିଚହଳି ଦେଖିବାକୁ ମିଳି ନ ଥିଲା। ପ୍ରଶାସନର କଟକଣା ଯୋଗୁ କେବଳ ମନ୍ଦିର ପରିସରରେ ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା ମଧ୍ୟରେ ସୀମିତ ରହିଗଲା ଐତିହାସିକ ରଜପର୍ବ। ମନ୍ଦିର ପରିସରରେ ୧୪୪ ଧାରା ଜାରି କରିଥିଲା ପ୍ରଶାସନ। ପୂଜକ କେବଳ ରୀତିନୀତି ଅନୁଯାୟୀ ଠାକୁରଙ୍କୁ ମାର୍ଜଣା ପରେ ଆଳତି କରିଥିଲେ। ବର୍ଷକର ଏହି ଦିନକୁ ଅପେକ୍ଷା କରିଥିବା ଅଞ୍ଚଳବାସୀ ଓ ଭକ୍ତ ମା'ଙ୍କ ଦର୍ଶନ ନ ପାଇ ନିରାଶ ହୋଇଛନ୍ତି।

# କନ୍ଧମାଳରେ ୮୮ରେ ପହଞ୍ଚିଲା ପଜିଟିଭ୍ ସଂଖ୍ୟା

ଫୁଲବାଣୀ ଅଫିସ, ୧୪।୬

**ଗୋଟିଏ ଦିନରେ ୨୨ ଚିହ୍ନଟ, ୪ କରୋନା ଯୋଦ୍ଧା ସଂକ୍ରମିତ**

କନ୍ଧମାଳ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ରବିବାର ଆଉ ୨୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ଏବେ ମୋଟ ଆକ୍ରାନ୍ତ ସଂଖ୍ୟା ୮୮ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରେ ୪ ଜଣ କରୋନା ଯୋଦ୍ଧା ଅଛନ୍ତି। ରବିବାର ଚିହ୍ନଟ ସଂକ୍ରମିତମାନଙ୍କ ମଧ୍ୟରେ ୨୧ ଜଣ ପୁରୁଷ ଓ ଜଣେ ମହିଳା। ସେମାନଙ୍କ ମଧ୍ୟରୁ ୭ ଜଣ ତାମିଲନାଡୁ, ୫ ଜଣ ଆନ୍ଧ୍ରପ୍ରଦେଶରୁ ଏବଂ ଗୋଆ, ତ୍ରିପୁରା, କେରଳ, କର୍ଣାଟକ, ହରିଆନା ଓ ମହାରାଷ୍ଟ୍ରରୁ ଜଣେ ଲେଖାଏଁ ଫେରିଥିଲେ। ବାକି ୪ ଜଣ କରୋନା ଯୋଦ୍ଧା। ସମସ୍ତେ ଜି. ଉଦୟଗିରି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିଲେ। ଜିଲାରେ ବର୍ତ୍ତମାନ ସୁଦ୍ଧା ଆକ୍ରାନ୍ତଙ୍କ ମଧ୍ୟରୁ ୨୫ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୬୩ ଜଣ ଚିକିତ୍ସାଧୀନ ଅଛନ୍ତି। ଗତ ଶନିବାର ମଧ୍ୟାହ୍ନ ସୁଦ୍ଧା ଜିଲାକୁ ୮୪୬୧ ପ୍ରବାସୀ ଜିଲାକୁ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ୩୯୫୮ ଜଣ କ୍ୱାରାଣ୍ଟାଇନ ସମୟସୀମା ସାରି ଘରକୁ ଫେରିଛନ୍ତି। ବାକି ୪୫୦୩ ଜଣଙ୍କୁ ଜିଲାର ବିଭିନ୍ନ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି। ସେହିପରି ପରୀକ୍ଷା ପାଇଁ ଯାଇଥିବା ୨୦୫୦ ସ୍ୱାବ ନମୁନା ମଧ୍ୟରୁ ୧୮୮୯ଟିର ରିପୋର୍ଟ ହସ୍ତଗତ ହୋଇଛି। ସେଥିମଧ୍ୟରୁ ୮୮ଟି ପଜିଟିଭ ଥିବାବେଳେ ୧୮୦୧ଟି ନେଗେଟିଭ ରହିଛି।

# ଭୋଜି, ହାଟରେ ଜମିଲା ଭିଡ଼

ବାଲିଗୁଡା,୧୪।୬(ଡି.ଏନ୍.ଏ.)

**ଭୁଲିଗଲେ ସାମାଜିକ ଦୂରତ୍ୱ**


ସାମାଜିକ ଦୂରତା ରକ୍ଷା କରୁ ନ ଥିବା ଲୋକେ।

କନ୍ଧମାଳ ଜିଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଉଛି। ମାତ୍ର ଲୋକେ ସାମାଜିକ ଦୂରତ୍ୱ ଓ ମାସ୍କ ବ୍ୟବହାର ନିୟମକୁ ମାନୁନାହାନ୍ତି। ଗ୍ରାମାଞ୍ଚଳରେ ସଚେତନତା ଅଭାବରୁ କଟକଣାକୁ ନ ମାନି ସାପ୍ତାହିକ ହାଟ ଓ ବାହାଘର ଭୋଜିରେ ଶତାଧିକ ଲୋକ ଭିଡ ଜମାଉଥିବା ଦେଖିବାକୁ ମିଳୁଛି। ବାଲିଗୁଡା ଥାନା ପୋଇସରୁ ଗାଁରେ ଶନିବାର ଏକ ବିବାହ ଭୋଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶହ ଶହ ଲୋକ ଏକାଠି ହୋଇଥିଲେ। କାହାରି ମୁହଁରେ ମାସ୍କ ନ ଥିଲା କିମ୍ବା କେହି ସାମାଜିକ ଦୂରତ୍ୱ ରକ୍ଷା କରି ନ ଥିଲେ। କିଛିଦିନ ତଳେ କୋଟଗଡ ଥାନା ଅଞ୍ଚଳର ଏକ ପଞ୍ଚାୟତର ଜନୈକ ସରପଞ୍ଚଙ୍କ ଘରେ ବିବାହ ଭୋଜିରେ ଶତାଧିକ ଲୋକ ରୁଣ୍ଡ ହୋଇଥିଲେ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ୩ ଲୁଟେରା ଗିରଫ, ମାରଣାସ୍ତ୍ର ଜବତ


ଗିରଫ ଅଭିଯୁକ୍ତ।

ଜି.ଉଦୟଗିରି,୧୪।୬(ଡି.ଏନ୍.ଏ.)

**କଳିଙ୍ଗା ଘାଟିରୁ ଲୁଟ୍ ଘଟଣା**

କଳିଙ୍ଗା ଘାଟିରେ ଦୁଇ ଦୁଇଟି ଲୁଟ୍ ଘଟଣାରେ ରବିବାର ୩ଜଣଙ୍କୁ ଜି.ଉଦୟଗିରି ପୋଲିସ ଗିରଫ କରିଛି। ସେମାନଙ୍କ ଠାରୁ ଟଙ୍କା, ମୋବାଇଲ ଓ ମାରଣାସ୍ତ୍ର ଜବତ ହୋଇଛି। ଗତ ୩୦ ତାରିଖ ରାତିରେ ଶଙ୍କରାଖୋଲର ଦ୍ୱିତୀକୃଷ୍ଣ ପାତ୍ରଙ୍କ ଠାରୁ ଲୁଟେରା ୧୦ ହଜାର ଟଙ୍କା, ମୋବାଇଲ ଲୁଟିନେଇଥିବା ବେଳେ ଚଳିତ ମାସ ୬ ତାରିଖ ରାତିରେ ସାରଙ୍ଗଗଡ଼ର ସୌମ୍ୟରଞ୍ଜନ ସାହୁଙ୍କ ଠାରୁ ୨୦ ହଜାର ଓ ଦୁଇଟି ମୋବାଇଲ ଲୁଟି ନେଇଥିଲେ। ଉଭୟ ଘଟଣାରେ ସମ୍ପୃକ୍ତ କଳିଙ୍ଗା ଅଞ୍ଚଳର ଲକ୍ଷ୍ମଣ ନାୟକ, ଦୀପକ ପ୍ରଧାନ, ମିଥୁନ ପ୍ରଧାନଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ଠାରୁ ୫ ମୋବାଇଲ, ୫ ହଜାର ଟଙ୍କା, ଦୁଇଟି କାତି, ଗୋଟିଏ ଠେଙ୍ଗା ଓ ଘଟଣାରେ ବ୍ୟବହୃତ ଗୋଟିଏ ସ୍କୁଟି ଏବଂ ଗୋଟିଏ ବାଇକ ଜବତ କରିଛି। ନଂ.୪୨ ଏବଂ ୪୩/୨୦ରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ନରେଶ କୁମାର ସାହୁ କହିଛନ୍ତି।

# ୯୩ ଜଣଙ୍କଠାରେ ଲକ୍ଷଣ ଚିହ୍ନଟ

ଆସିକା,୧୪।୬(ଡି.ଏନ୍.ଏ.)

**ଆସିକାରେ ସରିଲା ଥର୍ମାଲ ସ୍କ୍ରିନିଂ**

ଆସିକା ବ୍ଲକର ୨୭ ପଞ୍ଚାୟତ ଓ ଏନ୍‌ଏସିର ୧୮ ୱାର୍ଡରେ ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ସାମୂହିକ ସ୍ୱାସ୍ଥ୍ୟ ଯାଞ୍ଚ ଶେଷ ହୋଇଛି। ୱାର୍ଡସ୍ତରରେ ଗଠିତ କମିଟି ଦ୍ୱାରା ମେଗା ଥର୍ମାଲ ସ୍କ୍ରିନିଂ କରାଯାଇ ପ୍ରତ୍ୟେକଙ୍କ ଯାଞ୍ଚ କରାଯାଇଛି। ବ୍ଲକର ୧୧୬ ଗ୍ରାମ ଓ ଏନଏସିର ୧୮ଟି ୱାର୍ଡରେ ୩୩,୫୮୨ ପରିବାରର ୧ଲକ୍ଷ ୪୮ହଜାର ୫ଶହ ୧୩ଜଣଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା । ସେଥିମଧ୍ୟରୁ ମୋଟ ୯୩ ଜଣଙ୍କ ନିକଟରେ କରୋନା ଲକ୍ଷଣ ରହିଥିବା ଜଣାପଡିଛି । ତେବେ ସ୍ୱାସ୍ଥ୍ୟ ବିଭାଗୀୟ ଆରଆରଟି ଦ୍ୱାରା ସଂପୃକ୍ତ ବ୍ୟକ୍ତିମାନଙ୍କ ସ୍ୱାସ୍ଥ୍ୟ ପୁନଃ ପରୀକ୍ଷା କରାଯାଇ ଆବଶ୍ୟକସ୍ଥଳେ ଚିକିତ୍ସା ଲାଗି ପଠାଯିବ ବୋଲି ଆସିକା ବିଡିଓ ରୋଶନ ଶତପଥୀ ସୂଚନା ଦେଇଛନ୍ତି।

# ସହାୟତା ଅପେକ୍ଷାରେ ଅସହାୟ ମହିଳା

ଖଜୁରିପଡ଼ା/ବଲସକୁମ୍ପା, ୧୪।୬(ଡି.ଏନ.ଏ.)


ଅସହାୟ ମହିଳା ପଦ୍ମିନୀ।

ଖଜୁରିପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତ ନୂଆସାହି ଗ୍ରାମର ପଦ୍ମିନୀ କୁଦେଇ (୪୬)। ସ୍ୱାମୀଙ୍କ ସହ ଛାଡପତ୍ର ପରେ ଏକମାତ୍ର ଝିଅ ମଧୁସ୍ମିତାଙ୍କୁ ନେଇ ୨୨ ବର୍ଷ ହେବ ବାପଘରେ ରହୁଛନ୍ତି। ମୂଲ ଲାଗି ଚଳୁଥିବାବେଳେ ଝାଟିମାଟି ଜରିପାଲ ପକା ଘରେ ବିତୁଛି ଜୀବନ। ସରକାରୀ ଭତ୍ତା କିମ୍ବା ଆବାସ ଯୋଜନାରେ ଘର ଖଣ୍ଡେ ଏଯାଏ ମିଳିନାହିଁ। କେବଳ ରାଶନ କାର୍ଡରେ ୧୦ କେଜି ଚାଉଳ ମିଳୁଛି। ବହୁ କଷ୍ଟରେ ଝିଅକୁ ପଢାଉଛନ୍ତି। ଯୁକ୍ତ ୩ ପରେ ମଧୁସ୍ମିତା ଏବେ ଭୁବନେଶ୍ୱରର ନର୍ସିଂ ସ୍କୁଲରେ ପଢୁଛନ୍ତି। ସ୍ଥାନୀୟ ରାଜନେତାଙ୍କ ଠାରୁ ପ୍ରଶାସନ ପର୍ଯ୍ୟନ୍ତ ସହାୟତା ପାଇଁ ଗୁହାରି କରି ନୟାନ୍ତ ହେଲେଣି ପଦ୍ମିନୀ, ହେଲେ କେହି ଶୁଣୁ ନାହାନ୍ତି ବୋଲି କହିଛନ୍ତି। ଏନେଇ ବିଡିଓ ରବୀନ୍ଦ୍ର ନାଥ କହଁରଙ୍କୁ ପଚାରିବାରୁ, ତଦନ୍ତ କରି ତାଙ୍କୁ ଭତ୍ତା ଦେବା ବ୍ୟବସ୍ଥା ହେବ। ଏଥିସହ ପିଏମ୍‌ଏୱାଇ ଲିଷ୍ଟରେ ଯଦି ତାଙ୍କର ନାମ ଥାଏ ତେବେ ଆବାସ ଯୋଜନାରେ ଘର ପାଇଁ ଚେଷ୍ଟା କରାଯିବ ବୋଲି କହିଛନ୍ତି।

# ଅସରାଏ ବର୍ଷାରେ ଶେରଗଡ଼ ବେହାଲ

ଶେରଗଡ଼,୧୪।୬(ଡି.ଏନ୍.ଏ.)

**୫ଶହ ଏକର ଜମି ଜଳମଗ୍ନ, ବିଡିଓଙ୍କୁ ଦାବିପତ୍ର**


ତିନିଛକ ନିକଟରେ ଜମି ରହିଥିବା ପାଣି।

ମୌସୁମୀ ବର୍ଷା ଆରମ୍ଭରେ ଶେରଗଡ ଅବସ୍ଥା ବେହାଲ ହେଲାଣି। ଗତ ୪ଦିନ ମଧ୍ୟରେ ୩୦୦ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଏବେ ବି ବର୍ଷା ଲାଗିରହିଛି। ଫଳରେ ଶେରଗଡ଼ ତିନିଛକକୁ ଲାଗି ଥିବା ୫ଶହ ଏକର ଚାଷଜମିରେ ୬ଫୁଟ୍ ଉଚ୍ଚରେ ପାଣି ଜମି ରହିଛି। ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏପରି ବର୍ଷା ଲାଗିରହିଲେ ଅଞ୍ଚଳରେ ଦିନେ ଦୁଇଦିନ ମଧ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବ। ଶେରଗଡ଼ ବଡ଼ଦାଣ୍ଡସାହି, ବାଲିସାହି, ରମୁଣିସାହି, ତୋଟାସାହି ଓ ବ୍ଲକ ନିକଟ ସାହିରେ ପାଣି ପଶିବା ଆଶଙ୍କା ରହିଛି। ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ପ୍ରତିବର୍ଷ ବର୍ଷା ଆରମ୍ଭରୁ ହିଁ ଅଞ୍ଚଳବାସୀ ଏପରି ସମସ୍ୟାରେ ଘାଣ୍ଟି ହେଉଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କେହି ଶୁଣୁ ନ ଥିବା ଶେରଗଡ଼ ଓ ପାଟପଲ୍ଲୀ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶନିବାର ସନ୍ଧ୍ୟାରେ ପାଟପଲ୍ଲୀ ଗ୍ରାମର ଚାଷୀମାନେ ବର୍ଷାଜଳ ନିଷ୍କାସନ ନିମନ୍ତେ ଏକ ଅଭିଯୋଗ ପତ୍ର ବିଡିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ. ଦୟାସିନ୍ଧୁ ପରିଡା ଓ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦାସଙ୍କୁ ଭେଟି ଦେଇଛନ୍ତି।

## ସଂକ୍ଷେପରେ

### ସଙ୍ଗରୋଧ କେନ୍ଦ୍ରର ଖର୍ଚ୍ଚ ହିସାବ ଦେବେ ଜିଲାପାଳ

**ଭଦ୍ରକ ଅଫିସ, ୧୪।୬:** ରାଜ୍ୟ ସରକାର ଜିଲାରେ ଥିବା ସମସ୍ତ ସଙ୍ଗରୋଧ କେନ୍ଦ୍ରର ଟିକିନିଖି ହିସାବ ତୁରନ୍ତ ପ୍ରଦାନ ନିମନ୍ତେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ଜିଲାର ସମସ୍ତ ବିଡିଓଙ୍କୁ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ଏନେଇ ନିର୍ଦ୍ଦେଶନାମା ପ୍ରଦାନ କରିଛନ୍ତି। ଭଦ୍ରକ ଜିଲାରେ ମୋଟ ୨୧୮ଟି ପଞ୍ଚାୟତରେ ୨୩୧ଟି ଓ ୪ଟି ପୌରାଞ୍ଚଳରେ ୨୦ଟି ସଙ୍ଗରୋଧ କେନ୍ଦ୍ର ଖୋଲାଯାଇଛି। ଏହିସବୁ କେନ୍ଦ୍ରରେ ପ୍ରବାସୀଙ୍କୁ ସଙ୍ଗରୋଧରେ ରଖାଯିବା ବାବଦରେ କେତେ ଟଙ୍କା ଲେଖାଏ ଖର୍ଚ୍ଚ ହୋଇଛି ସେ ସମ୍ପର୍କରେ ସୂଚନା ଦେବାକୁ କୁହାଯାଇଛି। ପ୍ରତି ବ୍ଲକର ବିଡିଓ ନିଜ ବ୍ଲକର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚମାନଙ୍କୁ ଖର୍ଚ୍ଚ ହିସାବ ମାଗିଛନ୍ତି।

### ଠାକୁର ଘରୁ ସାପ ଉଦ୍ଧାର

**ପାଟଣା,୧୪।୬(ସ୍ୱ.ପ୍ର.):** ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସ୍ୱାମ ଶାସନର ତରୁଣ କୁମାର ଦାଶଙ୍କ ଠାକୁର ଘରୁ ରବିବାର ସକାଳୁ ଏକ ଗୋଖର ସାପ ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ ତରୁଣ ପହିଲି ରଜ ପାଇଁ ଗାଧୁଆପାଧୁଆ ସାରି ପୂଜା ପାଇଁ ଠାକୁରଙ୍କ ଉପରୁ ବାସିଫୁଲ କାଢୁଥିବା ବେଳେ ସାପଟିକୁ ଦେଖିଥିଲେ। ପରେ ପାଟଣା ରେଞ୍ଜ କର୍ମଚାରୀ ପହଞ୍ଚି ସାପଟିକୁ ଉଦ୍ଧାର କରି ପାଟଣା ରିଜର୍ଭ ଫରେଷ୍ଟ ଅନ୍ତର୍ଗତ ମାଧପୁର ଜଙ୍ଗଲରେ ଛାଡି ଦେଇଛନ୍ତି।

### ବର୍ଷାରେ ଘର ଭୁଶୁଡ଼ିଲା

**କେନ୍ଦୁଝର,୧୪।୬ (ସ୍ୱ.ପ୍ର.):** କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନଇଗାଁ ଗ୍ରାମ ଉପର ସାହିର ତ୍ରିଲୋଚନ ନାୟକଙ୍କ ଘରଟି ବର୍ଷାରେ ଭୁଶୁଡ଼ି ପଡିଛି। ରବିବାର ସକାଳ ପ୍ରାୟ ୭ଟାରେ ଏହି ଘଟଣା ଘଟିଛି। ସୌଭାଗ୍ୟକୁ ଘର ଭିତରେ କେହି ନ ଥିବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତୁରନ୍ତ ତ୍ରିଲୋଚନଙ୍କୁ ପଞ୍ଚାୟତ ତରଫରୁ ଏକ ବାସଗୃହ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଉଛି।

### ଚୋରା କାଠ ଜବତ

**ପାଟଣା, ୧୪।୬(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲର କାଳିଘାଇ ନିକଟରୁ ଶନିବାର ବିଳମ୍ବିତ ରାତିରେ ୨୫ଖଣ୍ଡ ଶାଗୁଆନ କାଠ ଚୋରା ଚାଲାଣ ହେଉଥିବା ବେଳେ କାଳିଘାଇ ବନ ସୁରକ୍ଷା କମିଟି ଏହାକୁ ଜବତ କରିଛି। ଏଥିରେ ସଂପୃକ୍ତ ଜଣେ କାଠ ମାଫିଆଙ୍କୁ ଲୋକେ ଅଟକ ରଖିଛନ୍ତି । ଅନ୍ୟ ୨ କାଠ ମାଫିଆ ଫେରାର ହୋଇଯାଇଛନ୍ତି। ବନ ବିଭାଗ କର୍ମଚାରୀ, ବନପାଳ ସନ୍ତୋଷ କୁମାର ପୋହି ବନରକ୍ଷୀ ପ୍ରଯୁକ୍ତା ଜେନା ପହଞ୍ଚି କାଠକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି।

### ଦେହରେ ଗରମ ପାଣି ପଡ଼ି ଯୁବକ ଗୁରୁତର

**ପାଟଣା, ୧୪।୬(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଗଣପର୍ବ ରଜ ସକାଶେ ଉତ୍ସବମୁଖର ଥିବାବେଳେ ଖଡ଼ିକାପଡା ପଞ୍ଚାୟତ ଗୋହିରାସାହିରେ ଏକ ଅଭାବନୀୟ ଘଟଣା ଘଟିଛି। ରଜ ପାଇଁ ରାମ ସିଂ ନାମକ ଜଣେ ଯୁବକ ଘୁଷୁରି ମାଂସ କାଟୁଥିବା ବଳେ ଦେହରେ ଗରମ ପାଣି ପଡିଯିବାରୁ ଘଟଣା ସ୍ଥଳରେ ଗୁରୁତର ହୋଇପଡ଼ିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ବିନା ଡାକ୍ତରରେ ଡାକ୍ତରଖାନା

**ଚିତ୍ରଡ଼ା,୧୪।୬(ଡି.ଏନ୍.ଏ.)**



ଚିତ୍ରଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

- ଦୂରଦୂରାନ୍ତକୁ ଯାଇ ରୋଗୀ ଖର୍ଚ୍ଚାନ୍ତ
- ଫାର୍ମାସିଷ୍ଟ କରୁଛନ୍ତି ରୋଗୀସେବା

ସ୍ୱାସ୍ଥ୍ୟ ସେବାକୁ 'ମୋ ସରକାର' ଯୋଜନାରେ ସାମିଲ କରି ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସୁବିଧା ଯୋଗାଇ ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବା ବେଳେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ଏବଂ ସାନ ମୁଁଢାବଣୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ଅଭିଯୋଗ ହୋଇଛି। ଏହି ଦୁଇ ଡାକ୍ତରଖାନା ବିନା ଡାକ୍ତରରେ ଚାଲୁଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଖର୍ଚ୍ଚାନ୍ତ ହେଉଛନ୍ତି।

ମୋରଡ଼ା ବ୍ଲକ ସମ୍ମୁଖରେ ରହିଛି ଚିତ୍ରଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପାଖାପାଖି ୬ରୁ ୭ଟି ପଞ୍ଚାୟତର ପ୍ରାୟ ୧୫୦୦୦ ଲୋକେ ନିର୍ଭର କରିଥାନ୍ତି। ୨୦୧୨ରୁ ଏଠାରେ ନିୟୋଜିତ ଥିବା ଡାକ୍ତରଙ୍କ ଅନ୍ୟତ୍ର ବଦଳି ହେବାପରେ ସେହିଦିନଠାରୁ ସ୍ଥାୟୀ ଡାକ୍ତର ପଦ ଖାଲି ପଡ଼ିଛି। ପ୍ରତିଦିନ ଶତାଧିକ ରୋଗୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସି ଡାକ୍ତରଙ୍କୁ ନ ପାଇ ନିରାଶରେ ଫେରୁଥିବା ଦେଖିବାକୁ ମିଳୁଛି। ବାରମ୍ବାର ଲୋକଙ୍କ ଦାବି ପରେ ସରକାର କବିତା ପଣ୍ଡା ନାମକ ଜଣେ ଡାକ୍ତରଙ୍କୁ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ କରାଇଥିଲେ। କୌଣସି କାରଣରୁ ସେ ଗତ କିଛିଦିନ ହେବ ଡାକ୍ତରଖାନାକୁ ଆସୁ ନାହାନ୍ତି। ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ଚିକିତ୍ସାଳୟରେ ଜଣେ ପିଅନ ଥିବା ବେଳେ ଫାର୍ମାସିଷ୍ଟ ରୋଗୀ ଦେଖି ଔଷଧ ଦେଉଛନ୍ତି।

ସେହିପରି ମୟୂରଭଞ୍ଜ ଏମ୍‌ପି ବିଶ୍ୱେଶ୍ୱର ଟୁଡୁଙ୍କ ଜନ୍ମମାଟି ସାନ ମୁଁଢାବଣୀ ଗାଁରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଏହିପରି ଅସୁବିଧା ଦେଖିବାକୁ ମିଳିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଦୁରବସ୍ଥା ଦେଖି ରୋଗୀମାନେ ଲକଡାଉନ ସମୟରେ ୮/୧୦ କି.ମି. ଚାଲିଚାଲି ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବା ଦେଖିବାକୁ ମିଳୁଛି।

ଚିତ୍ରଡ଼ା ଅଞ୍ଚଳର ପର୍ଶୁରାମ ମହାନ୍ତ କୁହନ୍ତି ଆଗରୁ ଏହି ଡାକ୍ତରଖାନାକୁ ପ୍ରତିଦିନ ୧୦୦ରୁ ଊର୍ଦ୍ଧ୍ୱ ଲୋକ ସ୍ୱାସ୍ଥ୍ୟ ପରୀକ୍ଷାପାଇଁ ଆସୁଥିଲେ। କିନ୍ତୁ ଡାକ୍ତର ନ ଥିବାରୁ ସେମାନେ କିଷାନତାଣ୍ଡି ଡାକ୍ତରଖାନାକୁ ଯାଉଛନ୍ତି। ଯଥାଶୀଘ୍ର ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି। ମୋରଡ଼ା ନିର୍ବାଚନ ମଣ୍ଡଳୀର ପୂର୍ବତନ କଂଗ୍ରେସ ବିଧାୟକପ୍ରାର୍ଥୀ ପ୍ରଭାସ କର ମହାପାତ୍ର କୁହନ୍ତି ଯେ, କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଏହିପରି ଅବ୍ୟବସ୍ଥା ଦେଖାଦେଇଥିଲା। ଆମେ ରାଜରାସ୍ତାକୁ ଓହ୍ଲାଇବା ପରେ ଏହାର ସମାଧାନ ହୋଇଥିଲା। ଆଗାମୀ ଦିନରେ ଏଠାକାର ସମସ୍ୟା ସମାଧାନ ନ ହେଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ମୋରଡ଼ା ବ୍ଲକ ବିଜୁ ଜନତା ଦଳର ସଭାପତି ଜୟପ୍ରକାଶ ରାଉଳ କୁହନ୍ତି, ଏହା ଆମ ନଜରରେ ଅଛି। ଡାକ୍ତର ସମସ୍ୟାର ସମାଧାନ ପାଇଁ ଆଗାମୀ ଦିନରେ ଆମେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବୁ।

ଏ ସମ୍ପର୍କରେ ମୟୂରଭଞ୍ଜ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ନ ଉଠାଇବାରୁ ତାଙ୍କ ମତାମତ ମିଳି ପାରି ନାହିଁ। କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା.ସଂଗ୍ରାମ ସାହୁଙ୍କୁ ପଚାରିବାରୁ ଡାକ୍ତର ନିଯୁକ୍ତ ହୋଇଛନ୍ତି କିନ୍ତୁ ସେମାନେ କାର୍ଯ୍ୟରେ ଯୋଗ ଦେଉ ନାହାନ୍ତି। ଡାକ୍ତର ଆସିଲେ ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି।

# ବୀମାରାଶି କମ୍ ମିଳିବା ନେଇ ହାଇକୋର୍ଟରେ ମାମଲା

**ବାହାନଗା,୧୪।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ସେବା ସମବାୟ ସମିତିରୁ ଚାଷ ପାଇଁ ଋଣ ନେଇଥିବା ଚାଷୀମାନଙ୍କର କ୍ଷତିପୂରଣ ବାବଦକୁ ଯେତିକ ବୀମା ରାଶି ମିଳିବା କଥା ତା'ଠାରୁ କମ୍ ମିଳିବାରୁ ସମିତି ସଭାପତି ଓଡିଶା ହାଇକୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। ଏଥିରେ ସେ ସମ୍ପୃକ୍ତ ବୀମା କମ୍ପାନୀ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରିଛନ୍ତି।

ଖନ୍ତାପଡା ସେବା ସମବାୟ ସମିତି ଅଧୀନରେ ଥିବା ୩ଟି ପଞ୍ଚାୟତର ଚାଷୀମାନେ ସମିତିରୁ ୨୦୧୮-୨୦୧୯ ମସିହାରେ ୮କୋଟି ୮୦ ଲକ୍ଷ ୭୨ହଜାର ୭ ଟଙ୍କା ଚାଷ ବାବଦକୁ ଋଣ ନେଇଥିଲେ। ଏହି ଋଣ ପରେ ସମିତି ପକ୍ଷରୁ ଚାଷୀଙ୍କ ଚାଷ ସୁରକ୍ଷିତ ନିମନ୍ତେ ରୟାଲ ସୁନ୍ଦରମ୍ କମ୍ପାନୀରେ ୧୭ ଲକ୍ଷ ୬୧ ହଜାର ୪ଶହ ୪୦ଟଙ୍କାର ବୀମା କରାଯାଇଥିଲା। ତେବେ ଋଣ ନେଇଥିବା ୩ଟି ପଞ୍ଚାୟତର ଚାଷୀମାନଙ୍କ ମଧ୍ୟରୁ କେବଳ କସପାଜୟପୁର ପଞ୍ଚାୟତକୁ ଚାଷର କ୍ଷତିପୂରଣ ପାଇଁ ବୀମା ରାଶି ମିଳିବା ନିମନ୍ତେ ନିର୍ଦ୍ଦେଶ ଆସିଥିଲା। ସେହି ପଞ୍ଚାୟତର ଚାଷ ଶତକଡା ୨୪ ଭାଗ କ୍ଷତି ହୋଇଥିବା ଦର୍ଶାଯାଇଥିଲା। ସେହି ଅନୁଯାୟୀ କସପାଜୟପୁର ପଞ୍ଚାୟତର ଚାଷୀମାନେ ନେଇଥିବା ଋଣ ବାବଦକୁ କ୍ଷତିପୂରଣ ନିମନ୍ତେ ୧କୋଟି ଟଙ୍କା ମିଳିବା କଥା। ମାତ୍ର ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ କସପାଜୟପୁର



ପଞ୍ଚାୟତର ନେଇଥିବା ଚାଷୀମାନଙ୍କ ମଧ୍ୟରୁ ୨୧ଜଣ ଚାଷୀଙ୍କୁ ୪୮ଲକ୍ଷ ୯୦ ହଜାର ୧୫ ଟଙ୍କା ବୀମା ବାବଦକୁ ସମିତିକୁ ପ୍ରଦାନ କରାଯାଇଛି। ମାତ୍ର ବୀମା ବାବଦକୁ ମିଳିବାକୁ ଥିବା ଟଙ୍କାରୁ ବହୁତ କମ୍ ମିଳିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଥିନେଇ ସମିତି ସଭାପତି ଦିଲୀପ ଦାସ ହାଇକୋର୍ଟରେ ଏନ୍‌ପି (ସି )୧୪୪୭୧/୨୦୨୦ରେ ଏକ ମକଦ୍ଦମା ରୁଜୁ କରିଛନ୍ତି।

# ବାରିପଦାରେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା

**ବାରିପଦା ଅଫିସ/କୁଆମରା,୧୪।୬ (ଡି.ଏନ୍.ଏ)**

### ୩ କରୋନା ଯୋଦ୍ଧା ଆକ୍ରାନ୍ତ

ମୟୂରଭଞ୍ଜ ଜିଲାରେ ରବିବାର ୧୩ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୩ କରୋନା ଯୋଦ୍ଧା ସଂକ୍ରମିତ ହୋଇଥିବା ଜିଲା ପ୍ରଶାସନ ସୂଚନା ଦେଇଛି। ଏହି ୩ ଜଣ ବାରିପଦା ସହରର ହୋଇଥିବାରୁ ଏଠାରେ ଗୋଷ୍ଠୀସଂକ୍ରମଣ ଆଶଙ୍କା ଦେଖାଦେଇଛି। ରବିବାର ଆକ୍ରାନ୍ତ ୧୩ ଜଣଙ୍କ ମଧ୍ୟରୁ ୮ ଜଣ ସଙ୍ଗରୋଧ କେନ୍ଦ୍ରରେ ଥିବା ବେଳେ ୫ଟି ଲୋକାଲ କେସ୍। ବାଙ୍ଗିରିପୋଷୀ, ରରୁଆଁ, ଗୋପବନ୍ଧୁନଗର ଓ ବଡ଼ସାହି ବ୍ଲକରୁ ଜଣେ ଲେଖାଏ ଆକ୍ରନ୍ତ ଚିହ୍ନଟ ହୋଇଥିବା ବେଳେ ରାସଗୋବିନ୍ଦପୁର ବ୍ଲକରୁ ୨, କୁସୁମୀ ବ୍ଲକରୁ ୩ ଓ ବାରିପଦା ବ୍ଲକ ତଥା ସହରରୁ ୪ ଜଣ ଚିହ୍ନଟ ହୋଇଛନ୍ତି। ୫ଟି ଲୋକାଲ କେସ୍ ମଧ୍ୟରୁ ଗୋଟିଏ ବାରିପଦା ବ୍ଲକର, ଗୋଟିଏ ଗୋପବନ୍ଧୁନଗର ବ୍ଲକର ଓ ୩ ଜଣ ବାରିପଦା ସହରର। ଆକ୍ରାନ୍ତ ୩ କରୋନା ଯୋଦ୍ଧାଙ୍କ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ସେମାନଙ୍କ ବିଷୟରେ ନିର୍ଦ୍ଦିଷ୍ଟ ତଥ୍ୟ ଦିଆଯାଇ ନାହିଁ। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଆକ୍ରାନ୍ତ ୩ କରୋନା ଯୋଦ୍ଧାଙ୍କ ମଧ୍ୟରୁ ୨ ଜଣ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ। ଉଭୟ କଣ୍ଟାକ୍ଟ ଟ୍ରେସିଂରେ ଯାଇ ଲୋକମାନଙ୍କ ତଥ୍ୟ ଆଣୁଥିଲେ। ଉଲ୍ଲେଖଯୋଗ୍ୟ ଯେ, ଜିଲାର ମୋଟ ୧୨୧ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୩୭ ଜଣ ସୁସ୍ଥ ହୋଇ ସାରିଥିବା ବେଳେ ୮୪ ଜଣ ଚିକିତ୍ସାଧୀନ ରହିଛନ୍ତି।

# କେନ୍ଦୁଝର,ଭଦ୍ରକରେ ଆଉ ୧୨ ପଜିଟିଭ୍ ଚିହ୍ନଟ

**କେନ୍ଦୁଝର/ଭଦ୍ରକ ଅଫିସ, ୧୪।୬(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଓ ଭଦ୍ରକ ଜିଲାରେ ରବିବାର ଆଉ ୧୨ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। କେନ୍ଦୁଝର ଜିଲାରେ ୧୧ ନୂଆ ସଂକ୍ରମିତ ଚିହ୍ନଟ ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭୦ରେ ପହଞ୍ଚିଛି। ସମସ୍ତ ଆକ୍ରାନ୍ତ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଥିଲେ। ହରିଚନ୍ଦନ ପୁର ବ୍ଲକ ଅଞ୍ଚଳରେ ୬ଜଣ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ସଦର, ତେଲକୋଇ ଓ ଆନନ୍ଦପୁର ବ୍ଲକ ଅଞ୍ଚଳର। ସେମାନଙ୍କ ମଧ୍ୟରୁ ୨ଜଣ ଗୁଜରାଟ, ଜଣେ ଉତ୍ତର ପ୍ରଦେଶ ଓ ଅନ୍ୟ ଜଣେ ଦିଲ୍ଲୀରୁ ଫେରି କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଥିଲେ। ଆନନ୍ଦପୁର ବ୍ଲକର ପଞ୍ଚୁପଲି ଓ ବାରି ଗାଁ, ସଦର ବ୍ଲକର ଗୋପାଳପୁର, ହରିଚନ୍ଦନ ପୁର ବ୍ଲକର ମନୋହରପୁର ଆଦି ଗ୍ରାମର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ୧୪ ଦିନ ପାଇଁ କଣ୍ଟେନ୍‌ମେଣ୍ଟ ଯୋନ ଭାବେ ଘୋଷଣା କରାଯାଇଛି।

ସେହିପରି ଭଦ୍ରକ ଜିଲାରୁ ରବିବାର ଜଣେ ମାତ୍ର ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ଜଣକୁ ମିଶାଇ ଆକ୍ରାନ୍ତଙ୍କ ସଂଖ୍ୟା ୧୫୮ରେ ପହଞ୍ଚିଛି। ଆକ୍ରାନ୍ତ ଜଣକ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ଓ ସେ ହରିୟାଣା ଫେରନ୍ତା ବୋଲି ପ୍ରଶାସନ ସୂଚନା ଦେଇଛି।



ଦୀଘା ବେଳାଭୂମିରେ ମାଛଧରା ଟ୍ରଲର।

# ଆଜିଠୁ ସମୁଦ୍ରମୁହାଁ ମାଛଧରା ଡଙ୍ଗା

**ଭୋଗରାଇ, ୧୪।୬(ଡି.ଏନ.ଏ.)**

୩ମାସ ଧରି ସରକାରୀ କଟକଣା ପରେ ସୋମବାରଠୁ ସମୁଦ୍ରମୁହାଁ ହୋଇଛି ସହସ୍ରାଧିକ ମାଛଧରା ଟ୍ରଲର। ଏଥିପାଇଁ ବାଲେଶ୍ୱର ଉପକୂଳ ଚଳଚଞ୍ଚଳ ହୋଇପଡିଛି। ଲକ୍‌ଡାଉନ୍‌ସତ୍ତ୍ୱେ ଝଡ଼ବର୍ଷାକୁ ଖାତିର୍ ନ କରି ସୋମବାର ଶୁଭବେଳାରେ ବାହାରିଛନ୍ତି ମତ୍ସ୍ୟଜୀବୀମାନେ। ବେରୋଜଗାର ହୋଇପଡ଼ିଥିବା ହଜାର ହଜାର ମତ୍ସ୍ୟଜୀବୀଙ୍କ ପରିବାରରେ ଏବେ ଖୁସିର ମାହୋଲ। ଜୀବନକୁ ବାଜି ଲଗାଇ ମତ୍ସ୍ୟଜୀବୀମାନେ ଟ୍ରଲର, ଭୁଟଭୁଟି ଓ ଛୋଟ ଡଙ୍ଗାରେ ଗଙ୍ଗା ମା'ଙ୍କୁ ପୂଜାର୍ଚ୍ଚନା କରି ବାହାରିଛନ୍ତି ଗଭୀର ସମୁଦ୍ରକୁ। ଅନ୍ୟପଟେ ଅଶାନ୍ତ ସମୁଦ୍ର ଉତ୍ତାଳ ଢେଉ ସାମୁଦ୍ରିକ ଝଡ଼କୁ ନେଇ ପରିବାର ଲୋକେ ଆତଙ୍କିତ ମଧ୍ୟରେ ରହିଛନ୍ତି।

ବର୍ଷାଋତୁ ଆଗମନ ହେତୁ ଜାଲରେ ପ୍ରଚୁର ପରିମାଣରେ ଲୁଣି ମାଛ ପଡିବାର ଆଶା ବାନ୍ଧିଛନ୍ତି ମତ୍ସ୍ୟଜୀବୀମାନେ। ବାଲେଶ୍ୱର ଉପକୂଳର ଉଦୟପୁର, ତାଳସାରୀ, ରଣସିଂପୁର, କୀର୍ତ୍ତନିଆ, ଚୌମୁଖ, ଡଗରା, କଷାଫଳ, ବଳରାମଗଡ଼ି ଆଦି ମାଛମରା କେନ୍ଦ୍ର(ଜେଟି)ରେ ମତ୍ସ୍ୟଜୀବୀ ସଜବାଜ ହେଉଥିବାରୁ ସମୁଦ୍ରକୂଳିଆ ଲୋକେ ଲୁଣିମାଛର ସ୍ୱାଦ ଚାଖିବେ ବୋଲି ଅପେକ୍ଷା କରିଛନ୍ତି। ଅପରପକ୍ଷେ ଡଙ୍ଗା ମାଲିକମାନେ ମତ୍ସ୍ୟଜୀବୀଙ୍କୁ ଆଗୁଆ ଅର୍ଥ ଦେଇ ମତ୍ସ୍ୟଜୀବୀଙ୍କ ମନୋବଳ ବଢ଼ାଇଛନ୍ତି। ଚଳିତବର୍ଷ ମୌସୁମୀର ନିୟମିତତା ରହିଲେ 'ଇଲିସି' ବହୁଳ ଭବେ ଜାଲରେ ଧରାହେବ ବୋଲି ଟ୍ରଲର ଓ ଡଙ୍ଗା ମାଲିକମାନେ ଆଶା ରଖିଛନ୍ତି। ଲୁଣି ମାଛ ଧରାହେଲେ ବଜାରରେ ଚଢ଼ା ମୂଲ୍ୟରେ ବିକ୍ରି ହେଉଥିବା ମଧୁର ଜଳର ମାଛର ମୂଲ୍ୟ ହ୍ରାସ ହେବ ବୋଲି ଖାଉଟିମାନେ କହୁଛନ୍ତି।

# ରଜ ମଉଜରେ ଖାଁ ଖାଁ ସୀତାବିଞ୍ଜୀ

**ଢେଙ୍କିକୋଟ,୧୪।୬(ଡି.ଏନ.ଏ.)**

କେନ୍ଦୁଝର ଜିଲାର ଗଣପର୍ବ ହେଉଛି ରଜପର୍ବ। ମାତ୍ର ଚଳିତବର୍ଷ କରୋନା ସଂକ୍ରମଣ ପାଇଁ ଏହିପର୍ବ ପାଳନରେ କଟକଣା କରାଯାଇଛି। ଫଳରେ ଫିକା ପଡ଼ିଛି ରଜ ମଉଜ। ନା ଅଛି ଦୋଳି, ନା ସଜବାଜ। ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଏହି ମହାମାରୀ ପାଇଁ ଭୟଭୀତ। ଜିଲାର ଘଟଗାଁ ବ୍ଲକ ମନୋହରପୁର ପଞ୍ଚାୟତ ସୀତାବିଞ୍ଜିଠାରେ ଥିବା ପୌରାଣିକ ପୀଠରେ ରଜ ସଂକ୍ରାନ୍ତିଠାରୁ ୩ଦିନ ଧରି ସୀତା ନଦୀ କୂଳରେ ରଜମେଳା ବସିଥାଏ। ଜିଲା ତଥା ଜିଲା ବାହାରୁ ଲକ୍ଷାଧିକ ଭକ୍ତଙ୍କର ଏହି ସୀତା ଠାକୁରାଣୀଙ୍କ ପୀଠରେ ସମାଗମ ହୋଇଥାଏ। ୩ ଦିନ ଧରି ଏହି ପୀଠରେ ଗହଳି ଲାଗି ରହିଥାଏ। କିନ୍ତୁ ଚଳିତବର୍ଷ ସବୁ ଏକପ୍ରକାର ବନ୍ଦ ହୋଇଯାଇଛି। କଥିତ ଅଛି ସୀତା ନଦୀରେ ବୁଡ଼ ପକାଇ ସେଠାରେ ଥିବା ମାତା ସୀତା ଏବଂ ତାଙ୍କ ଜମଜ ପୁତ୍ର ଲବକୁଶଙ୍କ ଦର୍ଶନ କରିଲେ ପୂର୍ବ ପୁରୁଷଙ୍କ ଆତ୍ମା ସଦ୍‌ଗତି ହେବା ସହ ଅପୁତ୍ରିକ ନାରୀ ପୁତ୍ରବତୀ ହୋଇଥାନ୍ତି। କିନ୍ତୁ ଏସବୁକୁ ଚଳିତବର୍ଷ ନିଷେଧ କରିବା ପାଇଁ ସୀତା ଠାକୁରାଣୀ ଟ୍ରଷ୍ଟିର ସମସ୍ତ ସଦସ୍ୟ ନିଷ୍ପତ୍ତି ନେଇଛନ୍ତି। ଯେପରି ମନ୍ଦିରକୁ କେହି ନ ଆସନ୍ତି ସେଥିପ୍ରତି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ଟ୍ରଷ୍ଟିର ସଭାପତି ଦୁଃଶାସନ ନାୟକ କହିଛନ୍ତି।

### ସଙ୍ଗରୋଧ କେନ୍ଦ୍ରରେ ଅନ୍ତେବାସୀଙ୍କୁ ମାଡ ଘଟଣା

# ସରପଞ୍ଚଙ୍କ ପ୍ରତିନିଧି ଅଟକ

**ଖଇରା, ୧୪।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ରଇଁତିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ଚତୁର୍ଭୁଜ ଜେନା ନାମକ ମାନସିକ ବିକାରଗ୍ରସ୍ତ ଅନ୍ତେବାସୀଙ୍କୁ ମାଡ ମାରିବା ଅଭିଯୋଗରେ ଖଇରା ପୋଲିସ ଅମରିଆ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧିଙ୍କୁ ରବିବାର ଥାନାରେ ଅଟକ ରଖିଛି। ୨୯ତାରିଖ ରାତିରେ ଚତୁର୍ଭୁଜ କୌଣସି କାରଣରୁ ସଙ୍ଗରୋଧ କେନ୍ଦ୍ରରୁ ଲୁଚି ପଳାଇଯାଉଥିବା ବେଳେ ସରପଞ୍ଚଙ୍କ ପ୍ରତିନିଧି ତାଙ୍କୁ ନିସ୍ତୁକ ମାଡ ମାରି ଆହତ କରିଥିବା ଅଭିଯୋଗ ହୋଇଥିଲା। ଖଇରା ପୋଲିସ ଚତୁର୍ଭୁଜଙ୍କ ମା' ସୁବାନୀଙ୍କ ଅଭିଯୋଗକ୍ରମେ ସରପଞ୍ଚଙ୍କ ପ୍ରତିନିଧି ଓ ତାଙ୍କର ଅନ୍ୟ ୨ ସହଯୋଗୀଙ୍କ ନାମରେ ଏକ ମାମଲା(ନଂ. ୯୮/୨୦) ରୁଜୁ କରିଛି। ଅନ୍ୟପକ୍ଷେ ସରପଞ୍ଚ ନୟନା ପଲେଇଙ୍କ ଅଭିଯୋଗ ଅନୁଯାୟୀ ଚତୁର୍ଭୁଜଙ୍କ ଭାଇ ବଳରାମ ଜେନାଙ୍କ ନାମରେ ପାଲଟା ମାମଲା(୯୯/୨୦)ରୁଜୁ ହୋଇଛି। ତେବେ ସରପଞ୍ଚଙ୍କ ପ୍ରତିନିଧିଙ୍କୁ ଅଟକ ରଖାଯିବା ବେଆଇନ ଦର୍ଶାଇ ଅନ୍ୟ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ଓ ସମିତିସଭ୍ୟମାନେ ଥାନାଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

# ଶଟ୍‌ଡାଉନ୍: ଫିକା ପଡ଼ିଲା ପହିଲି ରଜ


ଘର ବାଡ଼ିରେ ବନ୍ଧା ହୋଇଥିବା ଦୋଳିରେ ମଜା ଉଠାଉଛନ୍ତି କୁଆଁରୀମାନେ।

**ଭଦ୍ରକ ଅଫିସ, ୧୪।୬**

ଭଦ୍ରକ ଜିଲାରେ ସପ୍ତାହର ଦୁଇଦିନ ଶଟ୍‌ଡାଉନ ଥିବାରୁ ପହିଲି ରଜ ଫିକା ପଡ଼ିଛି । ଆଉ କିଏ ଘର ଭିତରେ ରଜ ପାଳିଛି ତ କିଏ କରୋନା ଯୋଦ୍ଧାଙ୍କୁ ଉପହାର ଦେଇଛି। ଆଉ କିଏ ଅଭାବ ଅନାଟନରେ ଥିବା ପରିବାରର ଟିକି ଟିକି ଝିଅଙ୍କୁ ଡ୍ରେସ ବାଣ୍ଟିଛି। କରୋନା କଟକଣା ଭିତରେ ପହିଲି ରଜକୁ ନିରାଡ଼ମ୍ବର ଭାବେ ପାଳନ କରୁଛନ୍ତି ସମସ୍ତେ। ଶଟ୍‌ଡାଉନ କଟକଣା ମଧ୍ୟରେ ଫିକା ପଡ଼ିଛି ପହିଲି ରଜ। ଏହା ଭିତରେ ଗାଁର ଝିଅ ମାନେ ହାତରେ ମେହେନ୍ଦି ଓ ପାଦରେ ଅଳତା ଲଗାଇଛନ୍ତି । ନୂଆ ଡ୍ରେସ ମଧ୍ୟ ପିନ୍ଧିଛନ୍ତି ପିଠା, ମିଠା , ଆମ୍ବ , ପଣସ ଖାଇ ରଜ ମନାଇଛନ୍ତି । କିନ୍ତୁ କଟକଣା ଯୋଗୁ ସାଙ୍ଗଙ୍କ ସହ ଗାଁ ବୁଲିନାହାନ୍ତି। ଗାଁ ମୁଣ୍ଡରେ ସାମୂହିକ ଭାବେ ଦୋଳି ଖେଳ ହେଉନି। ଘର ବାଡ଼ିରେ ଛୋଟିଆ ବାଉଁଶ ଦୋଳିଟିଏ ବାନ୍ଧି ଯିଏ ଯେମିତି ରଜ ଦୋଳିର ପରମ୍ପରାକୁ ବଜାୟ ରଖିଛନ୍ତି। ମାସ୍କ ପିନ୍ଧି ଓ ସାମାଜିକ ଦୂରତା ବଜାୟ ରଖି ଦୋଳି ଖେଳ ଚାଲିଛି। ଅନ୍ୟପକ୍ଷରେ କେତେଜଣ ବ୍ୟକ୍ତି ଆର୍ଥିକ ଅନଗ୍ରସର ପରିବାରର କୁନି କୁନି ପିଲାଙ୍କୁ ଡ୍ରେସ ବାଣ୍ଟି ରଜପର୍ବ ପାଳନ କରିଛନ୍ତି।

# ଦୁଇଓଳି ଖାଦ୍ୟ ଯୋଗାଡ଼ ଚିନ୍ତା

**ଉତ୍କଳବନ୍ଧୁ ପଣ୍ଡା**
**ଖଇରା, ୧୪।୬**

ରାତି ପାହିଲେ ଖାଦ୍ୟ ଚିନ୍ତା। ଯେଉଁ ବୟସରେ ମା' ବାପାଙ୍କ ସ୍ନେହ ଶ୍ରଦ୍ଧା ମଧ୍ୟରେ ରହି ହସିଖେଳି ଦିନ କାଟିବା କଥା, ସେଠାରେ ସେମାନଙ୍କୁ ପରିବାରର ବୋଝ ସମ୍ଭାଳିବାକୁ ପଡୁଛି। କେବଳ ଅଭାବ ମଧ୍ୟରେ ସବୁ କିଛି ଅନ୍ଧାର ଦେଖାଯାଉଛି। ଏତେ ବଡ଼ ସଂସାରରେ ଆଗକୁ ରାହା ଦେବାକୁ କେହିନାହିଁ। ଅନ୍ୟ ପରିବାରରେ ପିଲାମାନେ ଭୋଗବିଳାସରେ ରହି ସ୍ୱପ୍ନ ଦେଖୁଥିବା ବେଳେ ବାଲେଶ୍ୱର ଜିଲା ଖଇରା ବ୍ଲକ ଗରସଙ୍ଗ ପଞ୍ଚାୟତ ବଉଳାଣି ପାଟଣା ଗ୍ରାମର ଦୁଇ ଭଉଣୀ ଝାଟିମାଟି ଘରେ ୨ ଓଳି ଖାଦ୍ୟ ଯୋଗାଡ଼ ପାଇଁ ସଂଘର୍ଷ କରୁଛନ୍ତି। ଏହି ଦୁଇ ଭଉଣୀ ହେଲେ ନମିତା(୨୨) ଓ ଲକ୍ଷ୍ମୀପ୍ରିୟା(୧୮)।


ବାପା ଶ୍ରୀକାନ୍ତଙ୍କ ସହ ୨ଝିଅ ନମିତା ଓ ଲକ୍ଷ୍ମୀପ୍ରିୟା।

ତାଙ୍କ ମା' ସୁମତି ସେଠୀ ୬ମାସ ପୂର୍ବେ ହୃଦ୍‌ରୋଗରେ ପ୍ରାଣ ହରାଇଥିଲେ। ମାନସିକ ଭାରସାମ୍ୟ ହରାଇଥିବା ବାପାଙ୍କୁ ନେଇ ତାଙ୍କ ସଂସାର। ବାପା ଶ୍ରୀକାନ୍ତ ସେଠୀ ଜଣେ ପରିଶ୍ରମୀ ମଣିଷ ଥିଲେ। ୨ଝିଅ ଓ ସ୍ତ୍ରୀଙ୍କୁ ନେଇ ପରିବାର ଠିକଠାକ୍ ଚାଲୁଥିଲା। ୧୦ବର୍ଷ ତଳେ ଶ୍ରୀକାନ୍ତ ମାନସିକ ଭାରସାମ୍ୟ ହରାଇବା ପରେ ସ୍ତ୍ରୀ ସୁମତି କାମଧନ୍ଦା କରି ଘର ଚଳାଉଥିଲେ। ହେଲେ ସୁମତି ହୃଦ୍‌ରୋଗରେ ଶିକାର ହେବା ପରେ ଚିକିତ୍ସା ପାଇଁ ଅର୍ଥ ଯୋଗାଡ଼ ହୋଇ ନ ପାରିବାରୁ ଶେଷରେ ସ୍ୱାମୀ ଓ ୨ଝିଅଙ୍କୁ ଛାଡି ସେ ସବୁଦିନ ପାଇଁ ଆଖିବୁଜିଲେ। ଏବେ ସରପଞ୍ଚଙ୍କ ଉଦ୍ୟମରେ ସେମାନଙ୍କ ପରିବାର ଅନ୍ତ୍ୟୋଦୟ ଯୋଜନାରେ ସାମିଲ ହୋଇଛି। ଗାଁ ଲୋକେ ମଧ୍ୟ କେବେ କେମିତି କିଛି କିଛି ଅର୍ଥ ଆଦାୟ କରିଦେଇଥାନ୍ତି। ଏବେ ଝିଅମାନଙ୍କର ବିବାହ ବୟସ ହୋଇଯାଇଥିବାରୁ ସେମାନଙ୍କ କଥା କିଏ ବୁଝିବ। ବହୁ ସଙ୍ଗଠନ ଅସହାୟ ପରିବାରକୁ ସହାୟତା ଯୋଗାଇ ଆସୁଥିବା ବେଳେ ଏ ପର୍ଯ୍ୟନ୍ତ ଏହି ନିରାଶ୍ରୟ ପରିବାର ପାଇଁ କେହି ଆଗେଇ ନ ଆସିବା ପରିତାପର ବିଷୟ ବୋଲି ସାଧାରଣରେ ଆଲୋଚନା ହେଉଛି।

## ୫୦୦ ଲିଟର ପୋଚ ନଷ୍ଟ

**ଭୁବନ, ୧୪।୬(ଡି.ଏନ.ଏ.):** ଭୁବନ ଥାନା ଏକତାଳି ପଞ୍ଚାୟତର ମନ୍ଦାର ଗ୍ରାମରୁ ଶନିବାର ପୋଲିସ ଚଢ଼ାଉ କରି ୫୦୦ ଲିଟର ପୋଚ ନଷ୍ଟ କରିଛି। ଏଥିସହ ୩୦ ଲିଟର ଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ରାଜେନ୍ଦ୍ର କୁମାର ସାହୁ (୨୮)ଙ୍କୁ ଗିରଫ କରାଯାଇଛି। ଏଏସ୍‌ଆଇ ନୀଳକଣ୍ଠ ପାତ୍ରଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

## ସଂକ୍ଷେପରେ

### କୋମାରେ ହେଲ୍ପ ଡେସ୍କକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍




**ଅନୁଗୋଳ ଅଫିସ, ୧୪।୬:** ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ହେଲ୍ପ ଡେସ୍କ ୫ ମାସ ହେଲା ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବା ଖବର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ରବିବାର ଏହାକୁ ନେଇ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରିଛନ୍ତି ଅନୁଗୋଳର କେତେଜଣ ବୁଦ୍ଧିଜୀବୀ। ଅତି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିଲେ ବି କର୍ମଚାରୀମାନେ କାର୍ଯ୍ୟ କରୁ ନ ଥିବାରୁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଏଥିରେ ଦାବି କରାଯାଇଛି।

### ଆଉ ଜଣେ କରୋନା ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୪।୬:** ଅନୁଗୋଳ ଜିଲା କିଶୋରନଗର ବ୍ଲକର ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରୁ ରବିବାର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୪୬ ବର୍ଷ ବୟସ୍କ ଏହି ବ୍ୟକ୍ତି ମହାରାଷ୍ଟ୍ରରୁ ଫେରି ଗତ ୧୧ ତାରିଖରୁ ସଙ୍ଗରୋଧରେ ଥିଲେ। ନମୁନା ପଜିଟିଭ୍ ଜଣାପଡ଼ିବା ପରେ ତାଙ୍କୁ ତାଳଚେର କୋଭିଡ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି ବୋଲି ଜିଲାପାଳ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି। ଏହାକୁ ମିଶାଇ ଜିଲାରେ ସମୁଦାୟ ଆକ୍ରାନ୍ତଙ୍କ ସଂଖ୍ୟା ୪୨ରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ, ମୋଟ୍ ଆକ୍ରାନ୍ତଙ୍କ ମଧ୍ୟରୁ ଇତିମଧ୍ୟରେ ୩୧ ଜଣ ସୁସ୍ଥ ହୋଇଥିବା ବେଳେ ସେମାନଙ୍କୁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇ ନିରୀକ୍ଷଣ କରାଯାଉଛି। ୧୪ ଦିନ ସେଠାରେ ପୂରଣ କରିଥିବା ବ୍ୟକ୍ତିଙ୍କୁ ଘରକୁ ଯିବାକୁ ଅନୁମତି ଦିଆଯାଉଛି। ସେହିପରି ତାଳଚେର କୋଭିଡ୍ ହସ୍ପିଟାଲର ଜଣେ ଡାକ୍ତର କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ଏବେ ତାଳଚେର କୋଭିଡ୍ ହସ୍ପିଟାଲରେ ୧୦ ଜଣ ଚିକିତ୍ସାଧୀନ ଅଛନ୍ତି।

### କଟକଣାରେ ରଜ ପାଳନ

**ଢେଙ୍କାନାଳ ଅଫିସ,୧୪।୬:** ଢେଙ୍କାନାଳ ଜିଲା ଏବଂ ସହରରେ କରୋନା କଟକଣା ଯୋଗୁ ରବିବାର ପାରମ୍ପରିକ ରଜପର୍ବ ଫିକା ପଡିଛି। ସବୁବର୍ଷ ପରି ଧୁମ୍‌ଧାମ୍‌ରେ ରଜ ପାଳୁଥିବା ଅନୁଷ୍ଠାନଗୁଡିକ ଚଳିତବର୍ଷ କଟକଣା ଯୋଗୁ ଉତ୍ସବ ପାଳନ କରି ନ ଥିଲେ। ଏସବୁ ସତ୍ତ୍ୱେ ସହରରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଲୋକଙ୍କ ଭିଡ ଲାଗିଥିଲା। କେତେକ ସ୍ଥାନରେ ରଜପାନ ବିକ୍ରି ହେଉଥିବାରୁ ସେଠାରେ ଭିଡ ଦେଖିବାକୁ ମିଳିଥିଲା। ମିଠା ଦୋକାନ ଗୁଡିକରେ ବହୁ ସଂଖ୍ୟାରେ ଲୋକ ପାର୍ସଲରେ ମିଠା କିଣି ନେଉଥିଲେ। କିନ୍ତୁ ଦୋଳିଖେଳ, ପାରମ୍ପରିକ ନାଚଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ଜନ ସମାଗମକୁ ନଜରରେ ରଖି ଜିଲାର ୧୫ ଦେବଦେବୀ ଏବଂ ରଞ୍ଜାଗୋଳ ରଜଯାତ୍ରା ପଡିଆରେ ଜିଲା ପ୍ରଶାସନ ପକ୍ଷରୁ ୧୪୪ଧାରା ଜାରି କରାଯାଇଥିଲା।

# ମାଢ଼ର ପ୍ରତିଶୋଧ ହତ୍ୟାରେ

**ରାସୋଳ, ୧୪।୬(ଡି.ଏନ.ଏ.)**



ଗିରଫ ଅଭିଯୁକ୍ତମାନେ।

- ବୁନୁ ବେହେରା ହତ୍ୟା ମାମଲାର ପର୍ଦ୍ଦାଫାଶ
- ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଗିରଫ

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଲିମୀ ଥାନା ଅନ୍ତର୍ଗତ କୁକୁଟା ଗ୍ରାମର ରାଜମିସ୍ତ୍ରି ବୁନୁ ବେହେରା (୪୦) ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ପଞ୍ଚପଡ଼ା ଗ୍ରାମର ପ୍ରଶାନ୍ତ ବେହେରା (୨୮), ତାଙ୍କ ସହଯୋଗୀ ମହେଶ୍ୱର ଚାନ୍ଦ (୩୬), ଟୁଲୁ ବାରିକ (୧୮) ଏବଂ ଚିତ୍ତଲପୁର ସରଧାବେରେଣୀର ସମୀର ବିଶୋଇ (୩୧)ଙ୍କୁ ରାସୋଳ ପୋଲିସ ଗିରଫ କରିଛି। ଗତ ଫେବୃୟାରୀରେ କୁକୁଟା ଗ୍ରାମରେ କ୍ରିକେଟ ଖେଳ ଚାଲିଥିବାବେଳେ କମେଣ୍ଟମରାକୁ ନେଇ ଗଣ୍ଡଗୋଳ ହୋଇଥିଲେ। ଏଥିରେ ବୁନୁ ସମ୍ପୃକ୍ତ ୪ଜଣଙ୍କୁ ମାଡ଼ ମାରି ଲହୁଲୁହାଣ କରିଦେଇଥିଲେ। ଘଟଣା ଥାନାକୁ ଯାଇ ନ ଥିଲେ ମଧ୍ୟ ପ୍ରତିଶୋଧ ନେବାକୁ ଅଭିଯୁକ୍ତମାନେ ବାଟ ଖୋଜୁଥିଲେ। ଗତ ଶୁକ୍ରବାର ବୁନୁଙ୍କୁ ଏକାକୀ ପାଇ ସେମାନେ ଗୋଡ଼ାଇ ଗୋଡ଼ାଇ ହତ୍ୟା କରିଥିବା ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି।

ଘଟଣା ସମ୍ପର୍କରେ ସୂଚନା ଦେଇ ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର କହିଛନ୍ତି ଯେ, ଗତ ଶୁକ୍ରବାର ଖପରାନାଳ ନିକଟ ଏକ ଜମିରୁ ବୁନୁଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରାଯାଇଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଥିଲା। ମୃତକଙ୍କ ସ୍ତ୍ରୀ ଯଶୋବନ୍ତୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଘଟଣା ଦିନ ବୁନୁ ପଞ୍ଚପଡ଼ାକୁ କାମ କରିବାକୁ ଯାଇଥିଲେ। ଫେରିବାରେ ବିଳମ୍ବ ହେବ ବୋଲି ସେ ଘରକୁ ଫୋନ୍ କରି କହିଥିଲେ। ତେବେ ଏହାର କିଛି ଘଣ୍ଟା ପରେ ବୁନୁଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା। ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ଚ୍ୟାଲେଞ୍ଜ ପାଲଟିଥିବାବେଳେ ଆଇଆଇସି ବିଜୟ ହାଇବ୍ରୁ, ଏଏସ୍‌ଆଇ ସୌମ୍ୟରଞ୍ଜନ ନାଥ, ପ୍ରଦୀପ ଶତପଥୀ, ବୈକୁଣ୍ଠନାଥ ଘଡ଼ାଇ, ସରୋଜ ପାଣିଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଘଟଣା ଦିନ ବୁନୁ ସାଇକେଲରେ ଘରକୁ ଫେରିବା ବାଟରେ ପ୍ରଶାନ୍ତ ଦେଖିଥିଲେ। ତେବେ ବୁନୁ କୌଶଳକ୍ରମେ ସେଠାରୁ ଖସିଆସିବାକୁ ସକ୍ଷମ ହୋଇଥିଲେ। ଏହି ସମୟରେ ଏକ ସ୍କୁଟିରେ ମହେଶ୍ୱର, ଟୁଲୁ, ସମୀର ଆସୁଥିବାବେଳେ ପ୍ରଶାନ୍ତ ସେମାନଙ୍କୁ ଆଗରେ ଛାଡ଼ି ଦେବାକୁ କହିଥିଲେ। ସମସ୍ତେ ବୁନୁଙ୍କ ନିକଟତର ହେବାପରେ ଉକ୍ତ ପ୍ରଶାନ୍ତ ପ୍ରଥମେ ଏକ ଠେଙ୍ଗାରେ ଓ ପରେ କାତିରେ ତାଙ୍କୁ ଆକ୍ରମଣ କରିଥିଲେ। ଏହା ଦେଖି ଅନ୍ୟମାନେ ଭୟଭୀତ ହୋଇ ଫେରି ଆସିଥିଲେ। ତେବେ ଉକ୍ତ ପ୍ରଶାନ୍ତ ତାଙ୍କୁ ନିର୍ମମ ଭାବେ ହାଣି ହତ୍ୟା କରିଥିଲେ। ଏ ନେଇ ନଂ.୮୨/୨୦ରେ ଏକ ମାମଲା ରୁଜୁ କରାଯାଇଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି।

## ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**ଛେଣ୍ଡିପଦା,୧୪।୬(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଜରପଡା ଥାନା ଅନୁଗୋଳ-ଅନ୍ତୁଳିଆ ରାସ୍ତାର ଓଗି ଗ୍ରାମ ନିକଟରେ ରବିବାର ଅପରାହ୍ଣରେ ଏକ ମିନି ଟ୍ରକ୍ ସମ୍ମୁଖରୁ ଏକ ବାଇକ୍‌କୁ ଧକ୍କା ଦେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ସମଲ ଥାନା ବିରୁ ଗ୍ରାମର ସୁଜନ ନାଏକ(୨୫) ବୋଲି ଜଣାପଡିଛି। ପୋଲିସ କହିଛି, ମିନି ଟ୍ରକ୍(ନଂ. ଓଡି୧୯ଏ-୭୮୧୧) ଅନ୍ତୁଳିଆରୁ ଅନୁଗୋଳ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ବାଇକ୍ (ନଂ. ଓଆର ୦୨ ବିଏସ-୫୦୭୨)ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ସୁଜନଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଫେରାର ହୋଇଯାଇଛନ୍ତି। ଖବରପାଇ ଜରପଡା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲା ଚିକିତ୍ସାଳୟକୁ ପଠାଇ ଦେଇଛି। ଗାଡ଼ି ଦୁଇଟିକୁ ଜବତ କରାଯିବା ସହ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଅନୁଗୋଳରେ ହେବ କରୋନା ଟେଷ୍ଟ



ଗାଡ଼ିରେ ଆସିଥିବା ଟ୍ରୁ ନେଟ୍ ମେଶିନ୍।

**ଅନୁଗୋଳ ଅଫିସ, ୧୪।୬**

- ଆସିଲା ଟ୍ରୁ ନେଟ୍ ମେଶିନ୍
- ଇନ୍‌ଷ୍ଟଲ୍ ପରେ ହେବ କାର୍ଯ୍ୟକ୍ଷମ

ଅନୁଗୋଳ ଜିଲାରେ ଏଣିକି କରୋନା ପରୀକ୍ଷା କରାଯିବ। ଏଥିପାଇଁ ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେଶନ୍ ପକ୍ଷରୁ ଏକ ଟ୍ରୁ ନେଟ୍ ମେଶିନ୍ ଅନୁଗୋଳ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ଏହାକୁ ଇନ୍‌ଷ୍ଟଲ୍ କରାଯାଇ ଏଥିରେ କରୋନା ଟେଷ୍ଟ କରାଯିବ। ତେବେ ରିପୋର୍ଟ ପଜିଟିଭ ଆସିଲେ କଟକରେ ପୁନଃ ପରୀକ୍ଷା ପାଇଁ ନମୁନା ପଠାଯିବ ବୋଲି ମେଡିକାଲ ସୂତ୍ରରୁ ସୂଚନା ମିଳିଛି।

କରୋନା ପରୀକ୍ଷା କେନ୍ଦ୍ର ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଜାଗା ନିରୂପଣ କରିବାକୁ ମେଡିକାଲ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସରକାରୀ ନିୟମାବଳୀ ଅନୁଯାୟୀ ପରୀକ୍ଷା କେନ୍ଦ୍ରର ଭିତ୍ତିଭୂମି ମେଡିକାଲ କର୍ତ୍ତୃପକ୍ଷ ବାଛିବେ। ପରେ ପ୍ରତ୍ୟେକ ଦିନ ୧୦ରୁ ୧୫ ଜଣଙ୍କ ନମୁନା ପରୀକ୍ଷା କରାଯିବ। ରିପୋର୍ଟ ନେଗେଟିଭ୍ ବାହାରିଲେ ସମ୍ପୃକ୍ତ ବ୍ୟକ୍ତି ସଂକ୍ରମିତ କି ନୁହେଁ ନିଶ୍ଚିତ ହେବ। ଯଦି ରିପୋର୍ଟ ପଜିଟିଭ୍ ବାହାରେ ତେବେ ପୁନର୍ବାର ପରୀକ୍ଷା ପାଇଁ କଟକ ପଠାଯିବ। ଅଦ୍ୟାବଧି ଜିଲାରେ ୫ ହଜାରରୁ ଊର୍ଦ୍ଧ୍ୱ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ପ୍ରତ୍ୟେକ ଦିନ ଶହେରୁ ଅଧିକ ନମୁନା ପରୀକ୍ଷା ପାଇଁ ପଠାଯାଉଛି।

# ୫୦ ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

**ଢେଙ୍କାନାଳ ଅଫିସ,୧୪।୬**

- ୨ମାସ ପରେ ପୌରାଞ୍ଚଳରୁ ୨ ଚିହ୍ନଟ
- ଅଭିନନ୍ଦନ ଗାର୍ଡେନ ଅଞ୍ଚଳ କଣ୍ଟେନମେଣ୍ଟ ଜୋନ୍



ଢେଙ୍କାନାଳ ଜିଲାରେ ରବିବାର କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୦ ଟପିଛି। ୨ ମାସ ପରେ ପୁଣି ଢେଙ୍କାନାଳ ପୌରାଞ୍ଚଳରେ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୫୧ ଛୁଇଁଛି। ପୌରାଞ୍ଚଳର ଅଭିନନ୍ଦନ ଗାର୍ଡେନ ପରିସରରେ ରହୁଥିବା ଜଣେ ମହିଳା ଓ ତାଙ୍କ ପୁଅ କରୋନା ପଜିଟିଭ ବାହାରିଛନ୍ତି। ଉଭୟେ ଉତ୍ତରପ୍ରଦେଶରୁ ଆସି ଅଭିନନ୍ଦନ ଗାର୍ଡେନ ମଣ୍ଡପ ପରିସରରେ ଥିବା ଘରେ ସଙ୍ଗରୋଧରେ ଥିଲେ। ଗତ ୧୧ ତାରିଖରେ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପରେ ୧୩ ତାରିଖ ସନ୍ଧ୍ୟାରେ ସେମାନଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ଉଭୟଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ଘରକୁ ମଧ୍ୟ ବିଶୋଧନ କରାଯାଇଛି। ଏଥିସହ ଅଭିନନ୍ଦନ ଗାର୍ଡେନ ମଣ୍ଡପ ପରିସର ଓ ଏହାର ଆଖପାଖ ଅଞ୍ଚଳକୁ ରବିବାର ସକାଳ ୭ଟାରୁ ମଙ୍ଗଳବାର ସକାଳ ୭ଟା ପର୍ଯ୍ୟନ୍ତ ଜିଲା ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଢେଙ୍କାନାଳ ଉପଜିଲାପାଳ ଏହି ସମୟ ମଧ୍ୟରେ ସମସ୍ତ ନିୟମାବଳୀ ପାଳନର ସମୀକ୍ଷା କରିବେ। ଉକ୍ତ ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପକୁ ମଧ୍ୟ ବନ୍ଦ କରାଯାଇଛି। ଆକ୍ରାନ୍ତ ଯୁବକଙ୍କ ଭାଇ ପୌରାଞ୍ଚଳରେ ଲୋକଙ୍କ ଘରକୁ ଯାଇ ପୂଜାପାଠ କରୁଥିବାରୁ ପୂଜକଙ୍କ ସମେତ ସମ୍ପୃକ୍ତ ଲୋକଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଥିବା ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ସୂଚନା ଦେଇଛନ୍ତି। ସେହିପରି ଅଭିନନ୍ଦନ ଗାର୍ଡେନରେ ରହୁଥିବା ଉକ୍ତ ସଂସ୍ଥାର ୧୦ ଜଣ କର୍ମଚାରୀଙ୍କୁ ମଧ୍ୟ ପୌରସଂସ୍ଥାର କଲ୍ୟାଣ ମଣ୍ଡପ କ୍ୱାରାଣ୍ଟାଇନରେ ରଖାଯାଇଛି। ଅନ୍ୟପକ୍ଷରେ କରୋନାରେ ଆକ୍ରାନ୍ତ ହୋଇ ତାଳଚେର କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେଉଥିବା କାମାକ୍ଷାନଗର ବ୍ଲକ ଅଞ୍ଚଳର ଆଉ ୨ ଜଣ ରବିବାର ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଫଳରେ କରୋନାରୁ ସୁସ୍ଥହେବା ଲୋକଙ୍କ ସଂଖ୍ୟା ୩୩ରେ ପହଞ୍ଚିଛି।

## କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରଜ ପିଠା

**ବଉଁରପାଳ, ୧୪।୬(ଡି.ଏନ.ଏ.)**


ରଜ ପାଇଁ ପ୍ରସ୍ତୁତ କରାଯାଇଥିବା ପିଠା ସାମଗ୍ରୀ।

ବଉଁରପାଳ ବ୍ଲକ ପିବିକେ ହାଇସ୍କୁଲରେ ହୋଇଥିବା କ୍ୱାରାଣ୍ଟାଇନ କେନ୍ଦ୍ରରେ ରଜ ପାଳନ କରାଯାଇଛି। ବିଡିଓ ଏଲିଜା ମିଶ୍ର, ସରପଞ୍ଚ ଫକୀର ନାୟକଙ୍କ ଉପସ୍ଥିତିରେ ସାମାଜିକ ଦୂରତ୍ୱ ରଖି ୪୮ ପ୍ରବାସୀ ରଜ ପାଳିଛନ୍ତି। କ୍ୱାରାଣ୍ଟାଇନରେ ଥିବା ୮ ମହିଳା ପ୍ରବାସୀ ଶ୍ରମିକଙ୍କୁ କସମେଟିକ୍ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏଥିସହ ପ୍ରବାସୀମାନଙ୍କ ପାଇଁ ବିଭିନ୍ନ ପିଠାପଣାର ଆୟୋଜନ କରାଯାଇଥିଲା। ପ୍ରବାସୀମାନେ ଧାଡ଼ିରେ ସାମାଜିକ ଦୂରତ୍ୱ ରଖି ପିଠା, ମିଠା ଭୋଜନ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଏହି ଖାଦ୍ୟ ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମରେ ଏମବିକେ ପ୍ରବାସୀ ମିଶ୍ର, ସ୍ୱେଚ୍ଛାସେବୀ ଅଭୟ ସେନାପତି, ନୋଡାଲ ଅଫିସର ଶୁକ୍ରୁ ସାହୁ, ମାଧବାନନ୍ଦ ବେହେରା, ଜୟରାମ ମିଶ୍ର, ସୁଚାରିତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ବଜ୍ରପାତରେ ମହିଳା ମୃତ

**ପରଜଙ୍ଗ, ୧୪।୬(ଡି.ଏନ.ଏ.)**

ପରଜଙ୍ଗ ଥାନା ପାଟରପଦା ଗ୍ରାମର ଖୁଲଣା ବାରିକଙ୍କ ରବିବାର ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ପରିସ୍ରା କରିବାକୁ ବାହାରକୁ ଆସିଥିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ରିପୋଟ ମିଳିବା ପରେ ମୃତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ତହସିଲଦାର ଜୟନ୍ତ କୁମାର ଜୟସିଂ ସୂଚନା ଦେଇଛନ୍ତି।

## ଜିରୋ ପଏଣ୍ଟରେ ବଢ଼ୁଛି ଦୁର୍ଘଟଣା


ପୂର୍ତ୍ତ ରାସ୍ତା ସହ ରାଜପଥର ସଂଯୋଗସ୍ଥଳୀ ଜିରୋପଏଣ୍ଟ ଓ ଏହା ପାର୍ଶ୍ୱରେ ଥିବା ଡ୍ରେନ୍।

**କଣିହାଁ,୧୪।୬(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ଦେଇ ଯାଇଥିବା ୫୩ ନଂ. ଜାତୀୟ ରାଜପଥ ସହ ତାଳଚେର-ଛେଣ୍ଡିପଦା ପୂର୍ତ୍ତ ବିଭାଗ ରାସ୍ତାର କଣିହାଁ ହାଟପଡ଼ିଆସ୍ଥିତ ସଂଯୋଗସ୍ଥଳୀ ବା ଜିରୋ ପଏଣ୍ଟଠାରେ ବଢ଼ୁଛି ଦୁର୍ଘଟଣା। ଏଠାରେ କୌଣସି ସତର୍କ ସୂଚନା ନ ଥିବାରୁ ଅନେକ ସମୟରେ ବାଇକ୍ ଆରୋହୀଙ୍କଠାରୁ ଆରମ୍ଭ କରି ଭାରିଯାନ ଯାଏ ଦୁର୍ଘଟଣାର ଶିକାର ହେଉଛନ୍ତି। ବିଶେଷକରି ରାସ୍ତା ପାର୍ଶ୍ୱରେ ଆଶ୍‌ପଣ୍ଡ ପାଣି ନିଷ୍କାସନ ପାଇଁ ୭ ଫୁଟ ଗଭୀର ଡ୍ରେନ୍ ରହିଥିବା ସମ୍ପର୍କରେ ଗାଡ଼ି ଚାଳକମାନେ ଜାଣିପାରୁ ନ ଥିବାରୁ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଉକ୍ତ ଜିରୋପଏଣ୍ଟ ସ୍ଥାନ ମରାମତି ସହ ସୁରକ୍ଷା ବ୍ୟବସ୍ଥା ପାଇଁ ବୁଦ୍ଧିଜୀବୀମାନେ ବାରମ୍ବାର ଦାବି କରୁଥିଲେ ମଧ୍ୟ କର୍ତ୍ତୃପକ୍ଷ ଏ ନେଇ କୌଣସି ବ୍ୟବସ୍ଥା କରୁ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ପିଡବ୍ଲୁଡି ଯନ୍ତ୍ରୀ କୁନା ଚରଣ ସିଂହ କହିଛନ୍ତି, ରାସ୍ତା ମରାମତି କାର୍ଯ୍ୟ ଚାଲିଛି। ଜିରୋ ପଏଣ୍ଟସ୍ଥଳକୁ ବିପଦମୁକ୍ତ କରାଯିବା ସହ ସେଠାରେ ରେଡିୟମଯୁକ୍ତ ସୂଚନା ଫଳକ ଲଗାଯିବା ପାଇଁ ବ୍ୟବସ୍ଥା କରାଯାଉଛି।

## ୩ୟ ଦିନରେ ଗୁଣ୍ଡୁରୀମୁଣ୍ଡାବାସୀଙ୍କ ଆନ୍ଦୋଳନ

**ବଇଣ୍ଡା, ୧୪।୬(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଗୁଣ୍ଡୁରୀମୁଣ୍ଡା ଗ୍ରାମରେ ନିର୍ମାଣ ହୋଇଥିବା କୋଇଲା ଡିପୋକୁ ବିରୋଧ କରି ଗ୍ରାମବାସୀ ଚଳାଇଥିବା ଆନ୍ଦୋଳନ ରବିବାର ତୃତୀୟ ଦିନରେ ପହଞ୍ଚିଛି। ଡିପୋକୁ ଯାଇଥିବା ରାସ୍ତା ଅବାରାଧ କରାଯାଇଥିବାରୁ ସେଠାକୁ କୋଇଲା ନେଇ ଆସିଥିବା ୫୦ରୁ ଊର୍ଦ୍ଧ୍ୱ ଟ୍ରକ୍ ଜାତୀୟ ରାଜପଥ ପାର୍ଶ୍ୱରେ ଅଟକି ରହିଛି। ରବିବାର ଉକ୍ତ ଡିପୋ ନିର୍ମାଣ କରିଥିବା ଘରୋଇ ସଂସ୍ଥାର ଜଣେ ପଦାଧିକାରୀ ଗ୍ରାମକୁ ଆସିଥିବାବେଳେ ଗ୍ରାମବାସୀ ତାଙ୍କୁ ଘେରାଉ କରିଥିବା ଜଣାପଡିଛି।

ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଏକ ଘରୋଇ ସଂସ୍ଥା ପକ୍ଷରୁ ଗୁଣ୍ଡୁରୀମୁଣ୍ଡାଠାରେ କୋଇଲା ଡିପୋ ନିର୍ମାଣ କରାଯାଇଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ପଲ୍ଲିସଭା କରାଯିବାର ନିୟମ ଥିଲେ ମଧ୍ୟ ଏହା କରା ନ ଯାଇ ଏବଂ ଗ୍ରାମବାସୀଙ୍କ ମତାମତ ନିଆ ନ ଯାଇ ଡିପୋ ନିର୍ମାଣ ହୋଇଛି। ଏଠାକୁ କୋଇଲା ପରିବହନ ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ କରାଯାଇନାହିଁ। ଗ୍ରାମବାସୀ ଯାତାୟାତ କରୁଥିବା ଜାତୀୟ ରାଜପଥରୁ ପୁସିଙ୍ଗ ରେଲୱେ ବ୍ରିଜ ଦେଇ ଡିପୋକୁ କୋଇଲା ପରିବହନ ପାଇଁ ସଂସ୍ଥା ଯୋଜନା କରିଛି। ଏହାହେଲେ ଆଖପାଖ ୧୦ରୁ ଊର୍ଦ୍ଧ୍ୱ ଗ୍ରାମରେ ପ୍ରଦୂଷଣ ସମସ୍ୟା ଉପୁଜିବ। ଏଥିସହ ରାସ୍ତା ମଧ୍ୟ କଦର୍ଯ୍ୟ ହୋଇପଡିବ। ତେଣୁ ତୁରନ୍ତ ଏହି କୋଇଲା ଡିପୋକୁ ସ୍ଥାନାନ୍ତର କରିବା ପାଇଁ ଗ୍ରାମର ପ୍ରମୋଦ ବେହେରା, କ୍ଷୀରୋଦ ବେହେରା, ସୁବାସ ବେହେରା, ଯୋଗେଶ୍ୱର ନାୟକ, ବୃଷଭ ନାୟକ, ରମାନନ୍ଦ ନାୟକଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ହଣ୍ଡପା ଆଇଆଇସି ଲବ ବୋଡା କହିଛନ୍ତି, ଶୁକ୍ରବାର ଖବରପାଇ ତହସିଲଦାର ଓ ପୋଲିସ ପହଞ୍ଚି ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଥିଲେ। ହେଲେ ସମାଧାନ ହୋଇପାରି ନ ଥିଲା। ଅଟକି ରହିଥିବା କୋଇଲା ବୋଝେଇ ଗାଡ଼ି ନେଇ ପୋଲିସ ପାଖରେ ଅଭିଯୋଗ ହୋଇ ନ ଥିବା ଆଇଆଇସି ପ୍ରକାଶ କରିଛନ୍ତି।

# ରାସ୍ତାରେ ଅଟକିଛି କୋଇଲା ଟ୍ରକ୍


ରାଜପଥ ପାର୍ଶ୍ୱରେ ଟ୍ରକ୍‌ଗୁଡ଼ିକ ଅଟକି ରହିଛି।

## ଫଟୋରେ ଖବର


ଅନୁଗୋଳ ଜିଲା କଣିହାଁ ବ୍ଲକ କଳା ସଂସ୍କୃତି ସଂଘ ତରଫରୁ ରବିବାର ଲୋକକଳା ଦିବସ ଅବସରରେ ଦେନାଳୀ ଗ୍ରାମସ୍ଥିତ ରାମେଶ୍ୱର ଶିବ ମନ୍ଦିରରେ ନିଆରା ଢଙ୍ଗରେ ପୂଜାର୍ଚ୍ଚନା କରାଯାଉଛି।



ଅନୁଗୋଳ ବଜାରରେ ଜନଗହଳି ଦେଖି ରବିବାର ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଉଛି।


ମୌସୁମୀକୁ ନେଇ ଉତ୍ସାହିତ ଅନୁଗୋଳ ସହରର କେତେଜଣ ଯୁବକ ବର୍ଷା ପାଣିରେ ଖେଳୁଛନ୍ତି।

## ସଂକ୍ଷେପରେ

### ପଡ଼ିଆରେ ଆଉ ଜଣେ କରୋନା ପଜିଟିଭ

ପଡିଆ,୧୪।୬(ଡି.ଏନ.ଏ)- ମାଲକାନଗିରି ଜିଲା ସୀମାନ୍ତରେ ଥିବା ପଡିଆ ବ୍ଲକ ଅନ୍ତର୍ଗତ ଏକ ସଙ୍ଗରୋଧ କେନ୍ଦ୍ରରେ ରବିବାର ଆଉ ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ପଡିଆ ସ୍ଥିତ ସଙ୍ଗରୋଧ କେନ୍ଦ୍ରରେ ରହୁଥିବା ଏହି ଆକ୍ରାନ୍ତ ଜଣକ ମହାରାଷ୍ଟ୍ର ଫେରନ୍ତା ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କରୋନା ପଜିଟିଭ ଚିହ୍ନଟ ପରେ ଉକ୍ତ ଅଞ୍ଚଳକୁ ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇ ସିଲ୍ କରିଦିଆ ଯାଇଛି। ଏହି ଅଞ୍ଚଳ ଓଡିଶା-ଛତିଶଗଡ଼ ସୀମାକୁ ଲାଗି ରହିଥିବାରୁ ସୀମା ଉଭୟ ପଟକୁ ଯିବା ଆସିବା ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଥିବା ଦେଖିବାକୁ ମିଳିଛି । ପୂର୍ବରୁ ପଡିଆ ବ୍ଲକରୁ ମଧ ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ଜିଲାରେ ମୋଟ ୨୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୧ ସୁସ୍ଥ ହୋଇଥିବା ବେଳେ କେବଳ ୫ ଜଣ ଚିକିତ୍ସିତ ହେଉଛନ୍ତି।

### ବ୍ୟାସକବି ଫକୀରମୋହନଙ୍କ ଶ୍ରାଦ୍ଧଦିବସ ପାଳିତ

ଜୟପୁର,୧୪।୬(ଡି.ଏନ.ଏ )- କୋରାପୁଟ ଜିଲା ଜୟପୁର ସହରର ଯାଦବ ଭବନଠାରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଶ୍ରାଦ୍ଧଦିବସ ରବିବାର ପାଳିତ ହୋଇଯାଇଛି। ଏଥିରେ ସାମାଜିକ ଦୂରତା ରଖାଯାଇ ବ୍ୟାସକବିଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସେହିପରି ତାଙ୍କର ସାହିତ୍ୟ, ପ୍ରବନ୍ଧ ଏବଂ ଓଡିଆ ଭାଷାର ସୁରକ୍ଷା ନେଇ ଅବଦାନ ଉପରେ ଉପସ୍ଥିତ ଅତିଥିମାନେ ବକ୍ତବ୍ୟ ରଖିଥିଲେ । ଏଥିରେ ଭାଷା ସୁରକ୍ଷା ସମ୍ମିଳନୀର ଜିଲା ସଭାପତି ମଦନ ମୋହନ ନାୟକ, ରାଜ୍ୟ କଂଗ୍ରେସ ସେବାଦଳର ମୁଖ୍ୟ ବୀରେନ ମୋହନ ପଟ୍ଟନାୟକ, କୋରାପୁଟ ଏମ୍‌ପି ପ୍ରତିନିଧି କୃଷ୍ଣଚନ୍ଦ୍ର ନେପାକ, ଦୁର୍ଗା ମାଧବ ଶତପଥୀ, ଶିଶିର ମିଶ୍ର, ଶ୍ରୀଚନ୍ଦନ ନାୟକ, ସଞ୍ଜୀବ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ ।

### ମୁଖ୍ୟ ଚିକିତ୍ସାଳୟ ଲିଫ୍ଟ ଅଚଳ, ରୋଗୀ ହଇରାଣ

ମାଲକାନଗିରି,୧୪।୬ (ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ମହକୁମା ମୁଖ୍ୟ ଚିକିତ୍ସାଳୟର ଲିଫ୍ଟ ଦୀର୍ଘ ଏକମାସ ହେବ ଅଚଳ ହୋଇ ପଡିଛି। ଫଳରେ ରୋଗୀ ହନ୍ତସନ୍ତ ହେଉଛନ୍ତି। ୭ମହଲା ବିଶିଷ୍ଟ ଏହି ଚିକିତ୍ସାଳୟରେ ୪ଟି ଲିଫ୍ଟ ଥିବା ବେଳେ ସେଥିରୁ ପୂର୍ବରୁ ୩ଟି ଲିଫ୍ଟ ଅଚଳ ହୋଇ ପଡିଛି। ଏବେ କାର୍ଯ୍ୟ କରୁଥିବା ଲିଫ୍ଟଟି ମଧ ଅଚଳ ହୋଇ ପଡିଛି । ଚିକିତ୍ସାଳୟର ତୃତୀୟ, ଚତୁର୍ଥ ଓ ପଞ୍ଚମ ମହଲାରେ ଶିଶୁ ବିଭାଗ, ମହିଳା ବିଭାଗ, ଅସ୍ତ୍ରିଶଲ୍ୟ, ଭେଷଜ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ରହିଛି। ବୃଦ୍ଧାବୃଦ୍ଧ କିମ୍ବା ଗୁରୁତର ରୋଗୀଙ୍କୁ ଉପର ମହଲାକୁ ନେବା ଆଣିବା ବେଳେ ସମସ୍ୟା ହେଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅନିଲ ପାଢୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବିଶାଖାପାଟଣାର ଏକ ଘରୋଇ କମ୍ପାନୀ ଉପରେ ଲିଫ୍ଟଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ରହିଛି। ଲକ୍‌ଡାଉନ ଯୋଗୁ ମରାମତି କରିବାକୁ କମ୍ପାନୀ ଲୋକ ଆସିପାରୁ ନାହାନ୍ତି। ଆଗାମୀ ଦୁଇଦିନ ମଧରେ ଏହାର ମରାମତି ହେବ ବୋଲି ସେ କହିଛନ୍ତି।

### କେରଳରୁ ଆସିଲେ ୧୦୦

ରାୟଗଡ଼ା ଅଫିସ,୧୪।୬: କେରଳରୁ ପ୍ରବାସୀ ଓଡ଼ିଆଙ୍କୁ ନେଇ ୨ଟି ସ୍ୱତନ୍ତ୍ର ଟ୍ରେନ୍ ରବିବାର ରାୟଗଡ଼ାରେ ପହଞ୍ଚିଛି। ଦୁଇଟି ପର୍ଯ୍ୟାୟରେ ୧୦୦ ଶ୍ରମିକ ରାୟଗଡ଼ା ଷ୍ଟେଶନରେ ଓହ୍ଲାଇଛନ୍ତି। ଏଥିରେ ନବରଙ୍ଗପୁର ଜିଲାର ସର୍ବାଧିକ ୯୧ଜଣ, ଗଜପତିର ୩, ରାୟଗଡ଼ାର୨, କୋରାପୁଟର ୨ ଓ କନ୍ଧମାଳ ଜିଲାର ୨ ପ୍ରବାସୀ ରହିଛନ୍ତି। ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଏବିଡିଓ ଏନ. ସି. ପଟ୍ଟନାୟକ, ଏସ୍‌ଡିପିଓ ତପନ କୁମାର ରଥ, ରେଳ ସୁରକ୍ଷା ଅଧିକାରୀ ଡି.ଏନ. ତ୍ରିଲୋକ ଉପସ୍ଥିତ ରହି ପ୍ରବାସୀଙ୍କ ପଞ୍ଜୀକରଣ କରିବା ପରେ ନିଜ ନିଜ ଜିଲାକୁ ପଠାଇବା ବ୍ୟବସ୍ଥା କରିଥିଲେ।

### ନାବାଳିକାଙ୍କ ଆତ୍ମହତ୍ୟା

କାଲିମେଳା,୧୪।୬(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ଅଲସୀଗୁଡା ଗ୍ରାମରେ ଜଣେ ୧୩ ବର୍ଷର ନାବାଳିକା ରବିବାର ଘରେ ବେକରେ ଶାଢି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ହେଉଛନ୍ତି ଗ୍ରାମର ମୁକା କବାସୀଙ୍କ ଝିଅ ପୂଜା କବାସୀ । ପରିବାରର ସମସ୍ତେ ଟୋଲା ଗୋଟାଇବାକୁ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗରେ ସେ ଆତ୍ମହତ୍ୟା କରିଛନ୍ତି। ତାଙ୍କ ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ଖବର ପାଇ କାଲିମେଳା ଥାନା ଅଧିକାରୀ ସୁରଜ କୁମାର ଝାଙ୍କର ଗ୍ରାମରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି।

# ଶ୍ରମିକ ବସିଛନ୍ତି, ଜେସିବି ଖୋଳୁଛି ବନ୍ଧ

ଦଶମନ୍ତପୁର,୧୪।୬( ଡି.ଏନ.ଏ.)

ଶ୍ରମିକଙ୍କ ଜୀବିକା ନିର୍ବାହ ଲାଗି ସରକାର ବିଭିନ୍ନ ଯୋଜନାରେ କାର୍ଯ୍ୟ ଯୋଗାଇ ଦେବାକୁ ଉଦ୍ୟମ ଜାରି ରଖିଛନ୍ତି। ମାତ୍ର କୋରାପୁଟ ଜିଲା ଦଶମନ୍ତପୁରରେ ସରକାରଙ୍କ ନିୟମକୁ ଉଲ୍ଲଂଘନ କରାଯାଉଛି। ଶ୍ରମିକଙ୍କ ବଦଳରେ ଠିକାଦାରମାନେ ଜେସିବି ମେସିନ ଲଗାଇ କାର୍ଯ୍ୟ କରୁଛନ୍ତି। ଫଳରେ ଶ୍ରମିକମାନେ କାମ ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରି ଦେଖିବାକୁ ମିଳିଛି ଦଶମନ୍ତପୁର ବ୍ଲକ ଗାଦିଆଗୁଡ଼ା ପଞ୍ଚାୟତର ପରଜାଗଦ୍ରି ଗ୍ରାମରେ। ଗ୍ରାମରେ ୬୦ ପରିବାର ବସବାସ କରନ୍ତି। ଲକ୍‌ଡାଉନ୍ ଯୋଗୁ କୌଣସି କାର୍ଯ୍ୟ ନ ପାଇ ଶ୍ରମିକମାନେ ହଇରାଣ ହେଉଥିଲେ। ପ୍ରଶାସନ ଏହା ଜାଣିବା ପରେ ସେହି ଗ୍ରାମରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଗ୍ରାମରେ ୨ଟି ବନ୍ଧ ଖୋଳିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଫଳରେ ଏହାଦ୍ୱାରା ଶ୍ରମିକମାନେ କାର୍ଯ୍ୟ ପାଇବା ସହ ପରବର୍ତ୍ତୀ ସମୟରେ ବନ୍ଧରେ ମାଛଚାଷ କରି ଜୀବିକା ନିର୍ବାହ କରିପାରିବେ ବୋଲି ପ୍ରଶାସନ ପକ୍ଷରୁ ଲକ୍ଷ ରଖାଯାଇଥିଲା। ଗୋଟିଏ ବନ୍ଧ ଖୋଳିବା ଲାଗି ଦେଢଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ୨ଟି ଯାକ ବନ୍ଧ ଖୋଳିବା ପାଇଁ ଗ୍ରାମର ଉମ୍ବରୁଧର ଜାନି ଏବଂ ଲୁକୁ ଡଙ୍ଗ୍ରି ଠିକା ନେଇଥିଲେ। ଏହି କାର୍ଯ୍ୟ ଯେଉଁ ସ୍ଥାନରେ ହେବାକୁ ସ୍ଥିର ହୋଇଥିଲା ସେଠାରେ ନ କରି ସେମାନେ ଗ୍ରାମଠାରୁ ୨ କି.ମି. ଦୂର ପାହାଡ଼ ତଳେ ଥିବା ଲିଟିଖୋଲାଠାରେ ରହିଥିବା ପୁରୁଣା ବନ୍ଧରେ ଶ୍ରମିକ ନ ଲଗାଇ ଜେସିବି ମେଶିନରେ ବନ୍ଧ ଖନନ କରୁଛନ୍ତି। ଏନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମଧ ନୀରବ ରହିଛନ୍ତି। ଏବେ ବନ୍ଧ ଖନନର ଅଧା ବିଲ୍ କରି ଅର୍ଥ ଉଠାଇଥିବା ଜାଣିବାକୁ ମିଳିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସେହିପରି ଦଶମନ୍ତପୁର ବ୍ଲକର କେତେକ ପଞ୍ଚାୟତରେ ଶ୍ରମିକଙ୍କ ବଦଳରେ ଜେସିବିରେ ବନ୍ଧ ଖୋଳା ଯାଉଥିବା ଦେଖିବାକୁ ମିଳୁଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଆଗାମୀ ଦିନରେ ଏ ସମ୍ପର୍କରେ ଜିଲାପାଳ ଏବଂ ଦୁର୍ନୀତି ନିବାରଣ ବିଭାଗ ନିକଟରେ ଅଭିଯୋଗ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ମୃତ୍ତିକା ସଂରକ୍ଷଣ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଡ଼ାକୁଆଙ୍କୁ ପଚାରିବାରୁ ସେ କହିଲେ ଯେ, ମୁଁ ସେଠାରେ ଥିବା ବେଳେ ଠିକାଦାର କାମ ଠିକ୍ କରୁଛନ୍ତି। ଚାଲିଆସିବା ପରେ ଜେସିବି ଲଗାଇ ଦେଉଛନ୍ତି ବୋଲି ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଉଭୟ ଠିକାଦାରଙ୍କୁ ପଚାରିବାରୁ ସେମାନେ ଆମ ନିଜ ଦାୟିତ୍ୱରେ ଜେସିବିରେ ଏହି ବନ୍ଧ ନିର୍ମାଣ କରୁଛୁ ବୋଲି କହିଥିଲେ।


ଜେସିବି ଦ୍ୱାରା ଖୋଳା ଯାଉଥିବା ବନ୍ଧ ।

# ଜୟପୁରରେ ପିଆଜ ଟ୍ରକ୍‌ରେ, ବୈପାରିଗୁଡାରେ ମିନିଭ୍ୟାନ୍‌ରେ

## ଅଭିନବ ଉପାୟରେ ଗଞ୍ଜେଇ ଚାଲାଣ


ଲମତାପୁଟ ଫାଣ୍ଡି ପକ୍ଷରୁ ପିଆଜ ବୋଝେଇ ଟ୍ରକ୍‌ରୁ ଜବତ ହୋଇଥିବା ଗଞ୍ଜେଇ ।

ଲମତାପୁଟ/ଜୟପୁର/ବୈପାରିଗୁଡା, ୧୪।୬ (ଡି.ଏନ.ଏ )

କୋରାପୁଟ ଜିଲା ମାଛକୁଣ୍ଡ ଥାନା ଅନ୍ତର୍ଗତ ଲମତାପୁଟ ଫାଣ୍ଡି ପକ୍ଷରୁ ରବିବାର ପୂର୍ବାହ୍ନରେ ପାଟ୍ରୋଲିଂ ବେଳେ ଅଭିନବ ଉପାୟରେ ଗଞ୍ଜେଇ ଚାଲାଣ କରୁଥିବା ଏକ ମିନି ଟ୍ରକ (କେଏଲ ୪୬ ଆର-୩୦୯୫)କୁ ଜବତ କରାଯାଇଛି। ଏଥିରେ ପିଆଜ ବୋଝେଇ ହୋଇ ଜଲାପୁଟରୁ ଲମତାପୁଟ ଆସୁଥିଲା। ଶଗର ଗ୍ରାମ ଛକଠାରେ ପାଟ୍ରୋଲିଂ କରୁଥିବା ପୋଲିସର ସନ୍ଦେହ ହେବାରୁ ଟ୍ରକକୁ ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ମିନି ଟ୍ରକରୁ ୨୦ଟି ପଲିଥିନ ବସ୍ତାରେ ରଖାଯାଇଥିବା ଗଞ୍ଜେଇ ଜବତ କରାଯାଇଥିଲା ବୋଲି ଫାଣ୍ଡି ଅଧିକାରୀ ମନୁଆ ବିଡିକା କହିଛନ୍ତି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ପୋଲିସ ଅଟକ ରଖି ପଚରା ଉଚରା କରୁଛି। ଉକ୍ତ ଗଞ୍ଜେଇକୁ ସେମିଳିଗୁଡା ଦେଇ ବାହାର ରାଜ୍ୟକୁ ଚାଲାଣ ହେଉଥିଲା। ଖବର ଲେଖା ହେବା ସୁଦ୍ଧା ଜବତ ଗଞ୍ଜେଇ ଓଜନ ହୋଇ ନ ଥିବାରୁ ଏହାର ପରିମାଣ ଜଣାପଡି ନ ଥିବା ପୋଲିସ ସୂତ୍ରରୁ ପ୍ରକାଶ।

ସେହିପରି ବୈପାରୀଗୁଡା ପୋଲିସ୍ ପକ୍ଷରୁ ରବିବାର ଦୋରାଗୁଡାରୁ ଏକ ଗଞ୍ଜେଇ ବୋଝେଇ ପିକ୍ ଅପ ଭ୍ୟାନ (ଓଡି ୧୦କେ- ୭୭୭୯) ଜବତ କରାଯାଇଛି। ଏଥିରେ ୧୦ କୁଇଣ୍ଟାଲ ଗଞ୍ଜେଇ ଥିବା ଜଣାପଡିଛି। ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇ ଥିବା ଥାନା ଅଧିକାରୀ ଅଂଶୁମାନ ଦ୍ୱିବେଦୀ କହିଛନ୍ତି। ଗିରଫ ୩ବ୍ୟକ୍ତି ହେଲେ ବୈପାରୀଗୁଡା ଥାନା ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମର ଅର୍ଜନ ମାଛ ,ଝଡିଗୁଡା ଗ୍ରାମର ମହେନ୍ଦ୍ର ବାଘ ଏବଂ ଜୟପୁର ବାସିନ୍ଦା ଖଗପତି ବଳିପୁଟିଆ । ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ସ୍ଥାନୀୟ ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ ଉପସ୍ଥିତ ଥିଲେ ।

# ଉନ୍ନୟନମୂଳକ କାର୍ଯ୍ୟର ଅନୁଧ୍ୟାନ କଲେ ଜିଲାପାଳ

ରାୟଗଡ଼ା ଅଫିସ/ଗୁଣପୁର, ୧୪।୬(ଡି.ଏନ୍.ଏ.):

ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ରବିବାର ଜିଲାର ବିଭିନ୍ନ ବ୍ଲକ୍ ଗସ୍ତକରି ଉନ୍ନୟନମୂଳକ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ରାମନାଗଡ଼ା ବ୍ଲକ୍ ଶୁଣ୍ଡିଧାମୁଣି ପଞ୍ଚାୟତ ଅଧୀନ ପାଲୁପାଇଠାରେ ଏ ମ୍ . ଜି ଏ ନ୍ . ଆ । ର୍ . ଇ ଜି ଏ ସ୍ . ରେ ଚାଲିଥିବା ନୂତନ ପୋଖରୀ ଖନନ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବୁଲି ଦେଖିଥିଲେ। ଏଥିସହ ଶ୍ରମିକମାନେ ଠିକ୍‌ଭାବେ ମଜୁରି ଓ ବିଭିନ୍ନ ସରକାରୀ ସହାୟତା ପାଉଛନ୍ତି କି ନାହିଁ ବୁଝିଥିଲେ। ପରେ ଆଲୁବାଡ଼ି ଗ୍ରାମରେ ସିମେଣ୍ଟ କଂକ୍ରିଟ କେନାଲ ନିର୍ମାଣ କାମ ଅନୁଧ୍ୟାନ କରି ଠିକ୍‌ଭାବେ କାମ କରିବା ପାଇଁ ଠିକାଦାର ଓ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗ୍ରାମବାସୀଙ୍କ ସହ ଆଲୋଚନା କରି ଆମ୍ବ ଓ କାଜୁ ଚାଷ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିପାଇଁ ଉଦ୍ୟାନ ବିଭାଗ ସହ ଆଲୋଚନା କରି ଚାରା ଯୋଗାଇଦେବା ପାଇଁ ରାମନାଗୁଡ଼ା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାନିପୁଲଶ୍ରୀ ଗ୍ରାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାଲିଥିବା କେନାଲ କାମ ଓ ମଧ୍ୟମ ଜଳସେଚନ ବିଭାଗ ଦ୍ୱାରା ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିଥିଲେ। ଗ୍ରାମରେ ଚେକ୍‌ଡ୍ୟାମ୍ ଉନ୍ନତୀକରଣ ନିମନ୍ତେ ପଦକ୍ଷେପ ନେବା ପାଇଁ ବିଡିଓଙ୍କ ମାଧ୍ୟମରେ ନିର୍ବାହୀ ଯନ୍ତ୍ରୀ ଓ ମଧ୍ୟମ ଜଳସେଚନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ବିଡିଓ ବେଣୁଧର ଶବର, ବିଭାଗୀୟ ଯନ୍ତ୍ରୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହାପରେ ଜିଲାପାଳ ଗୁଣପୁର ଆଦର୍ଶ ବିଦ୍ୟାଳୟସ୍ଥିତ କୋଭିଡ୍ କେୟାର୍ ସେଣ୍ଟର ପରିଦର୍ଶନ କରି ବ୍ୟବସ୍ଥା ଯାଞ୍ଚ କରିଥିଲେ। ଏହି ସମୟରେ ଉପଜିଲାପାଳ ବି. ସିଦ୍ଧେଶ୍ୱର ବଳିରାମ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



**ଗୁଣପୁର କୋଭିଡ୍ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବସ୍ଥା ଯାଞ୍ଚ**

### ଗଜପତିରେ ୧୫ ନୂଆ ସଂକ୍ରମିତ: ୯୯ରେ ପହଞ୍ଚିଲା ସଂଖ୍ୟା

ପାରଳାଖେମୁଣ୍ଡି,୧୪।୬(ସ୍ୱ.ପ୍ର.):

ଗଜପତି ଜିଲାରେ ଦ୍ରୁତଗତିରେ ମାଡ଼ି ଚାଲିଛି କରୋନା। ରବିବାର ଜିଲାରୁ ୧୫ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିସହ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟାା ୯୯ ଛୁଇଁଛି। ଏ ନେଇ ଗଜପତି ଜିଲାପାଳ ଅନୁପମ ଶାହା ଏକ ପ୍ରେସ ଇସ୍ତାହାର ମାଧ୍ୟମରେ ସୂଚନା ଦେଇଛନ୍ତି। ତେବେ ଜିଲାରେ ଏଯାବତ ୫୧ ପଜିଟିଭ୍ ସୁସ୍ଥ ହୋଇ ଫେରିଥିବାବେଳେ ଆଉ ୪୮ ସକ୍ରିୟ ମାମଲା ରହିଥିବା ଜଣାପଡ଼ିଛି। ନୂତନ ୧୫ ପଜିଟିଭ୍‌ଙ୍କ ମଧ୍ୟରେ ୨ ମହାରାଷ୍ଟ୍ର ଫେରନ୍ତା, ୧୧ ତାମିଲନାଡୁ ଫେରନ୍ତା ରହିଥିବାବେଳେ କେରଳ ଓ ତେଲଙ୍ଗାନାରୁ ଜଣେ ଲେଖାଏ ପ୍ରବାସୀ ଗଜପତି ଜିଲାକୁ ଫେରି ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ଏମାନଙ୍କ ସ୍ୱାବ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିବା ପରେ ଆର୍. ସୀତାପୁରସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସଂକ୍ରମିତମାନଙ୍କ ବୟସ ୧୮ରୁ ୪୫ ବର୍ଷ ମଧ୍ୟରେ ରହିଛି। ସମସ୍ତେ ଲକ୍‌ଡାଉନ୍ ନିୟମକୁ ପାଳନ କରି ସୁରକ୍ଷିତ ରହିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

# ରୀତିନୀତି ସମ୍ପନ୍ନ ନେଇ ମନ୍ଦିର ପରିସର ଅନୁଧ୍ୟାନ କଲା ଦେବୋତ୍ତର ବିଭାଗ

ଜୟପୁର ,୧୪।୬ (ଡି.ଏନ.ଏ )

କୋରାପୁଟ ଜିଲା ଜୟପୁର ଜଗନ୍ନାଥ ମନ୍ଦିର ପରିସରରେ ଆସନ୍ତା ରଥଯାତ୍ରା ବିଧି ପାଳନ ପୂର୍ବରୁ ସମସ୍ତ ଆୟୋଜନ ନେଇ ଦେବୋତ୍ତର ବିଭାଗର ଅଧିକାରୀ ଏବଂ ଉପଦେଷ୍ଟା କମିଟି ସଦସ୍ୟମାନେ ରବିବାର ମନ୍ଦିର ପରିଦର୍ଶନ କରିଛନ୍ତି। ମନ୍ଦିର ପରିସର ସଫେଇ, ଅସ୍ଥାୟୀ ଗୁଣ୍ଡିଚା ମନ୍ଦିର, ଆଡପ ମଣ୍ଡପ ସ୍ଥାପନା, ପହଣ୍ଡି ସମୟରେ କେଉଁ ଦ୍ୱାର ଦେଇ ଚତୁର୍ଦ୍ଧାମୂର୍ତ୍ତି ଅଣସର ଗୃହରୁ ବାହାରିବେ, ଠାକୁରଙ୍କ ପ୍ରତୀକ ମୂର୍ତ୍ତି ଅନନ୍ତ ଶୟନ ବସିବା ଲାଗି ଛୋଟ ରଥ ନିର୍ମାଣ କାର୍ଯ୍ୟ ନେଇ ମୁଖ୍ୟ ବଢେଇ ଉମ୍ବୁର କମାର ଏବଂ ସେବାୟତମାନଙ୍କ ସହିତ ଆଲୋଚନା କରିଥିଲେ । ଦେବତ୍ତୋର ଅଧିକାରୀ ତଥା ତହସିଲଦାର ଅଶ୍ୱିନୀ ମହାପାତ୍ର, ଅତିରିକ୍ତ ତହସିଲଦାର ନିଳାମ୍ବର ପୂଜାରୀ, ଉପଦେଷ୍ଟା କମିଟି ଅଧକ୍ଷ ଲାଲ ମୋହନ ମିଶ୍ର, ସଦସ୍ୟ ରାମଚନ୍ଦ୍ର ପଣ୍ଡା, ସୁଧୀର ତ୍ରିପାଠୀ, ନାନାଜୀ ଆଚାରୀ, ପଦ୍ମନାଭ ହୋତାଙ୍କ ସହ ସେବାୟତମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, କୋଭିଡ-୧୯ ସଂକ୍ରମଣ ପାଇଁ ଜିଲା ପ୍ରଶାସନ ଜିଲାରେ ଆସନ୍ତା ରଥଯାତ୍ରାରେ ବାହାରେ ରଥଟଣା ଉପରେ କଟକଣା ଜାରି କରିଛନ୍ତି। କେବଳ ପ୍ରତୀକ ରଥ ମନ୍ଦିର ବେଢାରେ ପରିକ୍ରମା କରିବା ସହିତ ରୀତିନୀତି ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

ରାୟଗଡ଼(ଗଜପତି), ୧୪।୬(ଡି.ଏନ୍.ଏ.):

ଗଜପତି ଜିଲା ମୋହନା ବିଧାୟକ ଦାଶରଥି ଗମାଙ୍ଗ ରବିବାର ଜିଲାର ରାୟଗଡ଼ ବ୍ଲକ୍ ଗସ୍ତରେ ଯାଇ ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରେ ପ୍ରବାସୀଙ୍କ ସମସ୍ୟା ବୁଝିଥିଲେ। ସେହିପରି ନିରନ୍ତର ସେବାରେ ନିୟୋଜିତ ଥିବା ବ୍ଲକର କୋଭିଡ୍ ଯୋଦ୍ଧାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତହସିଲଦାର ଲୀଳାବତି ଆଚାର୍ଯ୍ୟ, ବିଡିଓ ଲୁକାଶ ପ୍ରଧାନ, ଡା. ନଗେନରାୟ ପଟ୍ଟନାୟକ, ରାୟଗଡ଼ ଥାନା ଆଇଆଇସି ଚନ୍ଦ୍ରକାନ୍ତ ପ୍ରଧାନ, ଏସ୍‌ଆଇ କୃଷ୍ଣ ଚନ୍ଦ୍ର ମଲ୍ଲିକ, ସ୍ମୃତି ବଡ଼ଜେନା, ଏଏସ୍‌ଆଇ ଅଭିମନ୍ୟୁ ପାଣିଗ୍ରାହୀ, ସରପଞ୍ଚ ଦୀପ୍ତିପ୍ରଭା ଲାଲ୍ ଶବର, ସମିତିସଭ୍ୟ ମାଫିଏଲ୍ ସ୍ୱାଲସିଂ ଓ ସ୍ୱାସ୍ଥ୍ୟ ନିରୀକ୍ଷକ ବିଶିକେଶନ ସେଠୀଙ୍କୁ କରୋନା ଯୋଦ୍ଧାଭାବେ ବିଧାୟକ ଗମାଙ୍ଗ ସମ୍ବର୍ଦ୍ଧିତ କରିବା ସହ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ପାରଳାଖେମୁଣ୍ଡି ନଗର କଂଗ୍ରେସ ସଭାପତି ବସନ୍ତ ପଣ୍ଡା, ରା. ଉଦୟଗିରି ଜିଲା ପରିଷଦ ସଭ୍ୟ ଜାକବ ମାଝି, ବିଧାୟକଙ୍କ ପ୍ରତିନିଧି ରାମ ପ୍ରସାଦ ମହାନ୍ତି, ସୁପ୍ରଭାତ ସାମଲ ଉପସ୍ଥିତ ଥିଲେ।



କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

### ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ପାଳନ ନେଇ ବୈଠକ

ଖଇରପୁଟ,୧୪।୬(ଡି.ଏନ.ଏ.)

ମାଲକାନଗିରିର ଜିଲା ପତଞ୍ଜଳି ଯୋଗ ସମିତି ଓ ଜିଲା ଯୋଗ ମହୋତ୍ସବ ସମିତି ଆନୁକୂଲ୍ୟରେ ଅନ୍ତଃରାଷ୍ଟ୍ରୀୟ ଯୋଗଦିବସ ପାଇଁ ଏକ ପ୍ରସ୍ତୁତି ବୈଠକ ଗୋବିନ୍ଦପାଲ୍ଲୀର ସିଙ୍ଗିଗୁଡା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ରାଜ୍ୟ ସଙ୍ଗୀତ ମାନ୍ୟତା ପାଇଥିବା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏଥିରେ ଅତିଥି ଭାବେ ଦୁର୍ଗାପ୍ରସାଦ ମହାପାତ୍ର ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ପତଞ୍ଜଳି ପ୍ରଭାରୀ ବିପିନ ପାତ୍ର ପରିଚାଳନା କରିଥିଲେ। ଜିଲା ଯୋଗ ମହୋତ୍ସବ ସମିତି ସଂଯୋଜକ ଭୁବନାନନ୍ଦ ସାହୁ, ଜିଲା ପତଞ୍ଜଳି ଯୋଗ ପ୍ରଭାରୀ ଅରୁଣ ଦୁରୁକା, ଖଇରପୁଟ ତହସିଲ ପ୍ରଭାରୀ ଭଗବାନ ସାହୁ, ଅହଲ୍ୟା ସେନାପତି, ରଶ୍ମିତା ପାଣିଗ୍ରାହୀଙ୍କ ସହ ଅନ୍ୟମାନେ ଯୋଗ ଦେଇ ଆଗାମୀ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ କିପରି ସୁଚାରୁରୂପେ ପାଳନ ହେବ ସେନେଇ ଆଲୋଚନା କରିଥିଲେ। ପ୍ରତ୍ୟେକ ଯୋଗ ଶିବିରରେ ସାମାଜିକ ଦୂରତା ରକ୍ଷା ନେଇ ନିଷ୍ପତ୍ତି ହୋଇଥିଲା ।

# ଆଲୋକୀକରଣ ହେଲା ଡାବୁଗାଁ ମୁଖ୍ୟରାସ୍ତା


ବିଧାୟକ ମନୋହର ରନ୍ଧାରୀ ଆଲୋକୀକରଣ ବ୍ୟବସ୍ଥାକୁ ଉଦ୍‌ଘାଟନ କରିଛନ୍ତି ।

ଡାବୁଗାଁ,୧୪।୬(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ମୁଖ୍ୟ ରାସ୍ତା ଆଲୋକୀକରଣ ବ୍ୟବସ୍ଥା ରବିବାର ରାତିରେ ଉଦଘାଟିତ ହୋଇଯାଇଛି। ଡାବୁଗାଁ ବ୍ଲକ ସଦର ମହକୁମା ୩୯ ନଂ ରାଜ୍ୟରାଜପଥର ଆଲୋକୀକରଣ ବ୍ୟବସ୍ଥାକୁ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗ ଦେଇ ଉଦଘାଟନ କରିଥିଲେ। ବିଜୁ କେବିକେ ଯୋଜନାରେ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୩୦ ଟି ଏଲଇଡି ଲାଇଟ ମୁଖ୍ୟରାସ୍ତା ସହ ଡାବୁଗାଁ ଗ୍ରାମର ବିଭିନ୍ନ ସ୍ଥାନରେ ଲଗାଯାଇଛି। ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଏମପି ପ୍ରତିନିଧି ଏମ୍. ଆପ୍ପା ରାଓ, ପୂର୍ବତନ ଜିଲାପରିଷଦ ସଭ୍ୟ ବିଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଡାବୁଗାଁରେ ପାନୀୟ ଜଳ ଓ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମହିଳାମାନେ ବିଧାୟକଙ୍କୁ ଜଣାଇଥିଲେ।

### ମହିଳା କର୍ମଚାରୀଙ୍କୁ ଆକ୍ରମଣ: ଅଭିଯୁକ୍ତ ଅଟକ

ରାୟଗଡା ଅଫିସ,୧୪।୬: ରାୟଗଡ଼ା ଟାଉନ୍ ଥାନା ଅଧୀନ ବ୍ଲକ୍ କଲୋନୀରେ ଜଣେ ମହିଳା ସରକାରୀ କର୍ମଚାରୀଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଅଟକ ରଖିଛି। ଅଭିଯୁକ୍ତ ହେଲେ ସ୍ଥାନୀୟ ଗାନ୍ଧୀନଗର ଅଞ୍ଚଳର ଶ୍ରୀକାନ୍ତ ପାଣିଗ୍ରାହୀ(୩୫)। ମହିଳା ଜଣକ ସରକାରୀ ବାସଭବନରେ ଏକା ରହୁଥିବାର ସୁଯୋଗ ନେଇ ଯୁବକ ତାଙ୍କୁ ଦୁର୍ବ୍ୟବହାର କରିବା ସହ ଆକ୍ରମଣ କରିଥିବା ଜଣାପଡ଼ିଛି। ଏଥିରେ ତାଙ୍କ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ଏ ନେଇ ଦୁର୍ବ୍ୟବହାରର ଶିକାର ହୋଇଥିବା ମହିଳା ଟାଉନ୍ ଥାନାରେ ଏତଲା ଦେଇଛନ୍ତି।

# ବିଶ୍ୱ ରକ୍ତଦାନ ଦିବସ ଅବସରରେ ସଭା

ମାଲକାନଗିରି,୧୪।୬(ଡି.ଏନ୍.ଏ.)

ରବିବାର ଥିଲା ବିଶ୍ୱ ରକ୍ତଦାନ ଦିବସ। ଏହି ଅବସରରେ ମାଲକାନଗିରି ଜିଲା ସୁନ୍ନି ଜାମିଆ ମସ୍‌ଜିଦ ଇସ୍‌ଲାମ୍ ସଂଘ ଏବଂ ଜିଲା ରେଡକ୍ରସ ତରଫରୁ ଏକ କାର୍ଯ୍ୟକ୍ରମ ହୋଇଛି। ରକ୍ତ ଭଣ୍ଡାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ମାନସ ମାଡକାମି, ସମ୍ମାନିତ ଅତିଥି ରୂପେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅନିଲ କୁମାର ପାଢୀ, ତହସିଲଦାର ଡ. ଗୁଣନିଧି ନାୟକ, ରକ୍ତଭଣ୍ଡାର ଅଧିକାରୀ ସନ୍ତୋଷ କୁମାର ସେନାପତି, ମୁସଲିମ ସଂଘ ଅଧକ୍ଷ ଏସ୍.ଜି. ମହିନାଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ । ମାଲକାନଗିରି ଜିଲାର ମୁଖ୍ୟ ରକ୍ତ ଭଣ୍ଡାରରେ ବେଳେ ବେଳେ ରକ୍ତର ଅଭାବ ଦେଖାଦେଉଛି। ଏଥିପାଇଁ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏପରି ପରିସ୍ଥିତିରେ ବିଭିନ୍ନ ବର୍ଗର ଲୋକେ ମାନବିକତା ପ୍ରଦର୍ଶନ କରି ରକ୍ତ ସଂଗ୍ରହ ଲାଗି ଶିବିରମାନ ଆୟୋଜନ କରିବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପାଢୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ସୁନ୍ନି ଜାମିଆ ମସ୍‌ଜିଦ ଇସ୍‌ଲାମ୍ ସଂଘ ପକ୍ଷରୁ ରେଡକ୍ରସ ସହାୟତାରେ ଏକ ରକ୍ତଦାନ ଶିବିର ହୋଇଥିଲା। ଏଥିରେ କେବଳ ମୁସ୍‌ଲିମମାନେ ହିଁ ରକ୍ତଦାନ କରିଥିଲେ।


ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମେତ ଅନ୍ୟମାନେ ଆଲୋଚନା କରୁଛନ୍ତି ।

# କ୍ୟାନ୍‌ସର ପୀଡ଼ିତା ମା'ଙ୍କ ଚିକିତ୍ସା କରିପାରୁନାହାନ୍ତି ୨ ପୁଅ

ଜୟପୁର,୧୪।୬ (ନି.ପ୍ର.)

କୋରାପୁଟ ଜିଲା ଜୟପୁର ବ୍ଲକ ବାରିଣୀପୁଟ ପଞ୍ଚାୟତ ଗେଟଗୁଡା ଗ୍ରାମରେ ରୁହନ୍ତି ଏନ. ପାର୍ବତୀ(୪୫)ଙ୍କ ପରିବାର। ୨ ପୁଅ ଏନ. ନାଗରାଜ ଓ ଏନ. ଦିଲୀପଙ୍କୁ ନେଇ ସଂସାର ଚଳାଉଥିବା ପାର୍ବତୀ ସ୍ୱାମୀଙ୍କ ମୃତ୍ୟୁ ପରେ ବହୁ କଷ୍ଟରେ ୨ପୁଅଙ୍କୁ ମଣିଷ କଲେ। ୨ ପୁଅ ପରିବାର ଚଳାଉଥିବା ବେଳେ ଗତ ୬ମାସ ହେଲା ପାର୍ବତୀ ମୁଖ କର୍କଟରେ ଆକ୍ରାନ୍ତ ହୋଇଛନ୍ତି। ପ୍ରଥମେ ଜୟପୁର ପରେ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ ଦୁଇଭାଇ। ପରେ କଟକ ନେଇ ସେଠାରେ ଏକ ଘରୋଇ ହସ୍‌ପିଟାଲରେ ମାଆଙ୍କୁ ଚିକିତ୍ସା କରିଥିଲେ। ସେଠାରେ କିଛିଟା ସୁସ୍ଥ ହେବା ପରେ ଗ୍ରାମକୁ ନେଇ ଆସିଥିଲେ। ପୁଣି ଥରେ ଚିକିତ୍ସା ପାଇଁ କଟକ ନେବାକୁ ହାତରେ ଅର୍ଥ ନାହିଁ। ୨ ଭାଇଙ୍କ ମଧ୍ୟରୁ ଜଣକୁ ସବୁବେଳେ ମାଆଙ୍କ ପାଖରେ ଜଗି ରହିବାକୁ ପଡୁଛି। ଜଣେ ଘରେ ରହିଲେ ଅନ୍ୟ ଜଣେ କାମକୁ ଯାଉଛନ୍ତି। ଏବେ ସାନଭାଇ ସେଲୁନରେ କାମ କରି ଘର ଚଳାଉଛି। ଦିନକୁ ଦେଢଶହରୁ ୨ଶହ ଯାଏ ହେଉଥିବା ରୋଜଗାରରେ ଘର ଚଳୁଥିବା ବେଳେ ମାଆଙ୍କୁ କଟକ ନେଇ ପୁଣି ଚିକିତ୍ସା କରିବା ସେମାନଙ୍କ ପାଇଁ ସମ୍ଭବ ହେଉନାହିଁ। ଏଠାରେ ସେମାନଙ୍କର ନିଜସ୍ୱ ଘର ନ ଥିବାରୁ ଭଡା ଘରେ ରହୁଛନ୍ତି।


ଶଯ୍ୟାଶାୟୀ ଏନ୍. ପାର୍ବତୀ ।

**ଏମିତି ଆସିଥାଏ ଦୁଃଖ**

ସରକାରଙ୍କ ପକ୍ଷରୁ ମଧ ଘର କିମ୍ବା ରାଶନକାର୍ଡଟିଏ ନାହିଁ ସେମାନଙ୍କର। ପ୍ରତ୍ୟହ ହେଉଥିବା ରୋଜଗାରରୁ ଘରଭଡା ପାଇଁ ଟଙ୍କା ରଖି ଅବଶିଷ୍ଟ ଟଙ୍କାରେ ଘର ଚଳେ। ଏପରି କ୍ଷେତ୍ରରେ ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ ଦିନକୁ ଦିନ ଖରାପ ହେବାରେ ଲାଗିଛି। ଯଦି ପ୍ରଶାସନ ପକ୍ଷରୁ କିଛି ସହାୟତା ମିଳନ୍ତା ତେବେ ସେମାନଙ୍କ ମାଆ ଭଲ ହୋଇଯାନ୍ତେ ବୋଲି କହିଛନ୍ତି ଏହି ଦୁଇଭାଇ। ଏ ସମ୍ପର୍କରେ ଉପଜିଲାପାଳ ଲୋକନାଥ ଦଳ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ ଯେ, ସହାୟତା ଦେବାରେ କିଛି ଅସୁବିଧା ନାହିଁ। ଏନ. ପାର୍ବତୀଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ବ୍ୟବସ୍ଥା କରାଯିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ସୋମବାର, ଜୁନ୍ ୧୫/୨୦୨୦ Monday, June 15/2020

# ଲା ଲିଗା: ମେସିଙ୍କ ନୂଆ ରେକର୍ଡ

■ ୨୧ ମ୍ୟାଚରୁ ୨୦ ଗୋଲ, ୧୨ ଗୋଲରେ ସହାୟତା
■ ଲୁଇସ ସୁଆରେଜଙ୍କ ପ୍ରତ୍ୟାବର୍ତ୍ତନ
■ ରିଅଲ ମାଲୋର୍କାକୁ ୪-୦ରେ ହରାଇଲା ବାର୍ସିଲୋନା

**ମାଲୋର୍କା (ସ୍ପେନ), ୧୪।୬**




ଏଠାରେ ଅନୁଷ୍ଠିତ ରିଅଲ ମାଲୋର୍କା ବିପକ୍ଷ ଲା ଲିଗା ଫୁଟବଲ ମ୍ୟାଚରେ ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି ବାର୍ସିଲୋନା ସୁପରଷ୍ଟାର ଲିଓନେଲ ମେସି। ଏହି ମ୍ୟାଚରେ ଆର୍ଜେଣ୍ଟିନା ତାରକା ମେସି ଗୋଟିଏ ଗୋଲ ଦେବା ସହିତ ୨ଟି ଗୋଲ ଦେବାରେ ସହାୟତା କରିଥିଲେ। ତାଙ୍କ ସଫଳତା ବଳରେ ବାର୍ସିଲୋନା ୪-୦ ଗୋଲରେ ରିଅଲ ମାଲୋର୍କାକୁ ପରାସ୍ତ କରିଥିଲା। ଖେଳର ଶେଷ ମୁହୂର୍ତ୍ତରେ ଗୋଲ ଦେବା ସହିତ ମେସି କ୍ରମାଗତ ୧୨ଟି ଲା ଲିଗା ସିଜନରେ ୨୦ କିମ୍ବା ତଦୂର୍ଦ୍ଧ୍ୱ ଗୋଲ ଦେବାରେ ପ୍ରଥମ ଖେଳାଳି ହୋଇଛନ୍ତି। ଚଳିତ ସିଜନରେ ସେ ଟପ୍ ସ୍କୋରର ମଧ୍ୟ ହୋଇ ଯାଇଛନ୍ତି। ୨୧ ମ୍ୟାଚରୁ ସେ ୨୦ଟି ଗୋଲ ଦେଇଛନ୍ତି। ଏହା ବ୍ୟତୀତ ଗୋଲ ପାଇଁ ସହଯୋଗ କରିଥିବା ଖେଳାଳିଙ୍କ ତାଲିକାରେ ମଧ୍ୟ ସେ ଶୀର୍ଷରେ ରହିଛନ୍ତି। ଚଳିତ ସିଜନରେ ସେ ୧୨ଟି ଗୋଲ ଦେବାରେ ସହାୟତା କରିଛନ୍ତି। ଏହି ସଫଳତା ପାଇଁ ମେସିଙ୍କୁ ବାର୍ସିଲୋନା କ୍ଲବ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି। କରିମ ବେଞ୍ଜିମା ଓ ଲୁଇସ ସୁଆରେଜ ୧୪ ଗୋଲ ଦେବା ସହିତ ୧୧ଟି ଲେଖାଏ ଗୋଲ ଦେବାରେ ସହାୟତା କରି ପରବର୍ତ୍ତୀ ସ୍ଥାନରେ ରହିଛନ୍ତି।

ମ୍ୟାଚର ଦ୍ୱିତୀୟ ମିନିଟରେ ବାର୍ସିଲୋନା ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ ଅର୍ତୁରୋ ଭିଡାଲ। ଏହାପରେ ମେସିଙ୍କ ସହଯୋଗରେ ମାର୍ଟିନ ବ୍ରାଥ୍‌ୱେଟ ଏବଂ ଜୋର୍ଡି ଆଲ୍‌ବା ଗୋଲ ଦେବାରୁ ଦଳ ୩-୦ ଗୋଲରେ ଅଗ୍ରଣୀଲାଭ କରିଥିଲା। ଶେଷ ହ୍ୱିସିଲ ବାଜିବାର ଅଳ୍ପକିଛି କ୍ଷଣ ପୂର୍ବରୁ ଅର୍ଥାତ୍ ଇଞ୍ଜୁରି ଟାଇମ୍‌ରେ ମେସି ଗୋଟିଏ ଗୋଲ ଦେଇ ମ୍ୟାଚର ପରିସମାପ୍ତି ଘଟାଇଥିଲେ। ୨୦୧୯-୨୦ ସିଜନରେ ଏହା ତାଙ୍କର ୨୦ତମ ଗୋଲ ଥିଲା। ଜଙ୍ଘରେ ଯନ୍ତ୍ରଣା ଅନୁଭବ କରିଥିଲେ ହେଁ ସେ ପୂରା ୯୦ ମିନିଟ ଖେଳିଥିଲେ। ଆଣ୍ଠୁରେ ଅସ୍ତ୍ରୋପଚାର ଯୋଗୁ ଚଳିତବର୍ଷ ପ୍ରାରମ୍ଭରୁ ଖେଳିପାରି ନ ଥିବା ଲୁଇସ ସୁଆରେଜ ଦ୍ୱିତୀୟାର୍ଦ୍ଧରେ ଦଳରେ ଯୋଗ ଦେଇଥିଲେ। ମେସିଙ୍କ ଗୋଲରେ ଏହି ଉରୁଗୁଏ ଖେଳାଳିଙ୍କ ଅବଦାନ ରହିଥିଲା।

କରୋନା ଭାଇରସ ସଂକ୍ରମଣ ପାଇଁ କଡ଼ା କଟକଣା ସତ୍ତ୍ୱେ ମ୍ୟାଚ ଅବସରରେ ଜଣେ ବ୍ୟକ୍ତି ସୁରକ୍ଷା ବଳୟ ଭାଙ୍ଗି ପଡ଼ିଆ ମଧ୍ୟକୁ ପଶି ମେସିଙ୍କ ସହିତ ଫଟୋ ନେବାପାଇଁ ଚେଷ୍ଟା କରିଥିଲେ। ପରେ ସୁରକ୍ଷାକର୍ମୀମାନେ ତାଙ୍କୁ ଧରି ନେଇଥିଲେ। ବ୍ୟକ୍ତିଜଣକ ଆର୍ଜେଣ୍ଟିନା ଦଳର ଟି-ଶାର୍ଟ ପରିଧାନ କରିଥିଲେ। ଏହା ପଛରେ ମେସିଙ୍କ ନାମ ଲେଖା ହେବା ସହିତ ୧୦ ନମ୍ବର ରହିଥିଲା। ବ୍ୟକ୍ତିଜଣକ କିପରି ଷ୍ଟାଡିୟମକୁ ପ୍ରବେଶ କଲେ ତାର ମଧ୍ୟ ତଦନ୍ତ ହେବ। ତାଙ୍କ ବିରୋଧରେ ଫୌଜଦାରି କାର୍ଯ୍ୟାନୁଷ୍ଠାନ ହେବ ବୋଲି ଲା ଲିଗାର ଆୟୋଜକ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ୨ ମିଟର ଉଚ୍ଚତା ବିଶିଷ୍ଟ ବାଡ଼କୁ ଡେଇଁ ଉକ୍ତ ବ୍ୟକ୍ତି ଷ୍ଟାଡିୟମରେ ପ୍ରବେଶ କରିଥିଲେ। ମେସିଙ୍କୁ ସେ ଆଦର୍ଶ ବୋଲି ମାନନ୍ତି। ମ୍ୟାଚ ହେବବୋଲି ଘୋଷଣା ହେବା ଦିନଠାରୁ ସେ ଯୋଜନା କରିଥିଲେ। ମେସିଙ୍କ ସହ ଏକ ଫଟୋ ଉଠାଇବା ତାଙ୍କର ଉଦ୍ଦେଶ୍ୟ ଥିଲା ବୋଲି ପୋଲିସ ହାତରେ ଧରା ପଡ଼ିଥିଲା ଉକ୍ତ ବ୍ୟକ୍ତି ପ୍ରକାଶ କରିଛନ୍ତି।

## ହରିକ୍ରିଷ୍ଣା ରନର୍ସଅପ୍

**ଚେନ୍ନାଇ, ୧୪।୬ (ପି.ଟି.):** ଶାରଜା ଅନ୍‌ଲାଇନ୍ ଚେସ୍ ଚାମ୍ପିୟନଶିପ୍‌ରେ ଭାରତୀୟ ଗ୍ରାଣ୍ଡମାଷ୍ଟର ପି. ହରିକ୍ରିଷ୍ଣା ରନର୍ସଅପ୍ ହୋଇଛନ୍ତି। ଅନ୍ତିମ ରାଉଣ୍ଡରେ ପୋଲାଣ୍ଡ ଗ୍ରାଣ୍ଡମାଷ୍ଟର ରାଦୋସ୍ଲା ଓଜାସେକ୍‌ଙ୍କଠାରୁ ହାରିଥିବା ହରିକ୍ରିଷ୍ଣା ୬.୫ ପଏଣ୍ଟ ପାଇ ପ୍ରତିଯୋଗିତା ଶେଷ କରିଛନ୍ତି। ପୂର୍ବତନ ବିଶ୍ୱ ର୍‌ୟାପିଡ୍ ଚାମ୍ପିୟନ ତଥା ଟପ୍ ସିଡ୍ ଆଜରବୈଜାନର ଶାଖ୍ରିୟାର ମାମେଦ୍ୟାରୋଭ୧୦ ରାଉଣ୍ଡରୁ ୭.୫ ପଏଣ୍ଟ ହାସଲ କରି ଚାମ୍ପିୟନ ହୋଇଛନ୍ତି। ଡବଲ ରାଉଣ୍ଡ ରବିନ ଭିତ୍ତିକ ମୁକାବିଲାରେ ସେ ଅପରାଜେୟ ରହିଥିଲେ। ପୁରସ୍କାର ଆକାରରେ ମାମେଦ୍ୟାରୋଭ ୩,୦୦୦ ଆମେରିକୀୟ ଡଲାର ଏବଂ ହରିକ୍ରିଷ୍ଣା ୨,୨୫୦ ଆମେରିକୀୟ ଡଲାର ପାଇଛନ୍ତି। ୬ ପଏଣ୍ଟ ସହିତ ଓଜାସେକ୍ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ଇଟାଲିଆନ କପ୍ ଫାଇନାଲରେ ନାପୋଲି

**ନାପଲ୍ସ, ୧୪।୬ (ଏପି):** ଶନିବାର ଇଣ୍ଟର ମିଲାନ ବିପକ୍ଷ ମ୍ୟାଚ ୧-୧ରେ ଅମୀମାଂସିତ ଭାବେ ଶେଷ କରିବା ପରେ ନାପୋଲି ଇଟାଲିଆନ୍ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ଡ୍ରାଇଜ୍ ମର୍ଟେନ୍ସ ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ। ଏଥିସହିତ କ୍ଲବ ତରଫରୁ ମୋଟ ଉପରେ ସର୍ବାଧିକ ଗୋଲ ସ୍କୋର କରିବାରେ ଏକ ରେକର୍ଡର ଅଧିକାରୀ ହୋଇପାରିଥିଲେ। କରୋନା ଭାଇରସ୍ ଯୋଗୁ ଖେଳ ସ୍ଥଗିତ ରଖାଯିବା ପୂର୍ବରୁ ଗତ ଫେବୃୟାରୀରେ ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଲେଗ୍ ମ୍ୟାଚରେ ନାପୋଲି ୧-୦ ଗୋଲରେ ବିଜୟ ଲାଭ କରିଥିଲା। ଶନିବାର ବିନା ଦର୍ଶକରେ ସାନ୍ ପାଓଲୋ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ଲେଗ୍ ମ୍ୟାଚ ୧-୧ରେ ଡ୍ର ରହିବା ଦ୍ୱାରା ନାପୋଲି ଏଗ୍ରିଗେଟ୍‌ରେ ୨-୧ରେ ଜିତି ଫାଇନାଲରେ ପ୍ରବେଶ କରିଥିଲା। ମ୍ୟାଚ୍‌ରେ କ୍ରିଷ୍ଟିଆନ ଏରିକ୍‌ସନ ଏକ କର୍ନର କିକ୍‌ରୁ ସିଧାସଳଖ ସ୍କୋର କରି ଇଣ୍ଟରମିଲାନକୁ ୧-୦ରେ ଅଗ୍ରଣୀ କରାଇଥିଲେ। ମାତ୍ର ପ୍ରଥମାର୍ଦ୍ଧ ଖେଳ ଶେଷ ହେବାକୁ ଆଉ ଅଳ୍ପ ସମୟ ବାକି ରହିଥିବାବେଳେ ମର୍ଟେନ୍ସଙ୍କ ଗୋଲ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲା। ଏହି ଗୋଲ ଦ୍ୱାରା ସେ ଦଳକୁ ଫାଇନାଲରେ ପହଞ୍ଚାଇବା ବ୍ୟତୀତ ସମସ୍ତ ପ୍ରତିଯୋଗିତାରେ ତାଙ୍କ ମୋଟ ଗୋଲ ସଂଖ୍ୟା ୧୨୨କୁ ବୃଦ୍ଧି କରିଥିଲେ। ଏଥିସହିତ ସେ ନାପୋଲିର ସର୍ବାଧିକ ଗୋଲ ସ୍କୋରର ଖେଳାଳି ବିବେଚିତ ହୋଇପାରିଛନ୍ତି। ବୁଧବାର ରୋମ୍‌ରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲରେ ନାପୋଲି ଟିମ୍ ଜୁଭେଣ୍ଟସକୁ ଭେଟିବ।

## ଜୋକୋଭିଚ୍‌ଙ୍କୁ ଡବଲ ଝଟ୍‌କା

**ବେଲଗ୍ରେଡ, ୧୪।୬**




**ଆଡ୍ରିଆ ଟୁର୍ ଚ୍ୟାରିଟି ଟେନିସ**

ଏଠାରେ ଆରମ୍ଭ ହୋଇଥିବା ଆଡ୍ରିଆ ଟୁର୍ ଚ୍ୟାରିଟି ଟେନିସ ଟୁର୍ନାମେଣ୍ଟର ପ୍ରଥମ ଦିବସରେ ଅନୁଷ୍ଠିତ ୨ଟିଯାକ ମ୍ୟାଚ ହାରି ଯାଇଛନ୍ତି ବିଶ୍ୱର ନମ୍ବରୱାନ ଖେଳାଳି ନୋଭାକ୍ ଜୋକୋଭିଚ୍। ସର୍ବୀୟ ସାଥୀ ଖେଳାଳି ଭିକ୍ଟର ଟ୍ରୋଇକି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଥିଲେ। ଜୋକୋଭିଚ୍‌ଙ୍କ ଉଦ୍ୟମରେ ହିଁ ଏହି ଟୁର୍ନାମେଣ୍ଟ ଆୟୋଜନ ହୋଇଛି। ପ୍ରଥମ ଦିବସରେ ଜୋକୋଭିଚ୍‌ଙ୍କୁ ଡବଲ୍ ଝଟ୍‌କା ଲାଗିଛି। କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ମଣ୍ଟେନେଗ୍ରୋଠାରେ ଚଳିତମାସ ୨୭ ଓ ୨୮ ତାରିଖରେ ହେବାକୁଥିବା ଆଡ୍ରିଆ ଟୁର୍‌ର ତୃତୀୟ ଲେଗ୍ ବାତିଲ ହୋଇଛି। ସର୍ବିୟାରେ ୧୨,୨୫୧ କରୋନା ପଜିଟିଭ୍ କେସ୍ ଥିବାବେଳେ ୨୫୩ ଜଣ ପ୍ରାଣ ହରାଇଛନ୍ତି। ତେଣୁ ବାହାରର କୌଣସି ବ୍ୟକ୍ତିଙ୍କୁ ମଣ୍ଟେନେଗ୍ରୋ ଯିବାକୁ ଅନୁମତି ନାହିଁ। ଆଡ୍ରିଆ ଟୁର୍‌ର ଦ୍ୱିତୀୟ ଚରଣ ଜୁନ ୨୦-୨୧ରେ କ୍ରୋଏସିଆର କୋଷ୍ଟାଲ ରିସର୍ଟ ଜାଦାରଠାରେ ଏବଂ ୪ର୍ଥ ତଥା ଅନ୍ତିମ ଚରଣ ବୋସନିଆର ବଞ୍ଜା ଲୁକାଠାରେ ଜୁଲାଇ ୩-୪ରେ ଅନୁଷ୍ଠିତ ହେବ।

ପ୍ରଥମ ମ୍ୟାଚରେ ଟ୍ରୋଇକିଙ୍କଠାରୁ ସିଧାସଳଖ ସେଟ୍‌ରେ ହାରିଥିବା ଟପ୍ ସିଡ୍ ଜୋକୋଭିଚ୍ ଦ୍ୱିତୀୟ ମ୍ୟାଚରେ କ୍ରାଜିନୋଭିଚ୍‌ଙ୍କଠାରୁ ୪-୨, ୨-୪, ୧-୪ ସେଟ୍‌ରେ ପରାଜିତ ହୋଇଛନ୍ତି। ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରି ପାଇଁ ବୋସନିଆର ଡାମିର ଜୁମୁର ରିଟାୟର୍ଡ ହୋଇଥିବାରୁ ସହଜରେ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିବା ଦ୍ୱିତୀୟ ସିଡ୍ ତଥା ଅଷ୍ଟ୍ରିଆର ୩ ନମ୍ବର ଖେଳାଳି ଡୋମିନିକ୍ ଥିମ ୧-୪, ୪-୧, ୪-୩ ସେଟ୍‌ରେ ଡୁସାନ ଲାଜୋଭିକ୍‌ଙ୍କୁ ପରାସ୍ତ କରିଛନ୍ତି। ସେହିପରି ବୁଲଗେରିଆର ଗ୍ରିଗୋର ଡିମିଟ୍ରୋଭ୍ ସିଧାସଳଖ ସେଟ୍‌ରେ ଲାଜୋଭିକ୍‌ଙ୍କୁ ହରାଇଥିଲେ ହେଁ ସ୍ଥାନୀୟ ଖେଳାଳି ନିକୋଲା ମିଲୋଜେଭିଚ୍‌ଙ୍କଠାରୁ ୧-୪, ୩-୪ ସେଟ୍‌ରେ ହାରିଛନ୍ତି।

## ରାଜପୁତଙ୍କ ଆତ୍ମହତ୍ୟାକୁ ନେଇ ମୋରେ ଆଶ୍ଚର୍ଯ୍ୟ

**ନୂଆଦିଲ୍ଲୀ,୧୪।୬ (ପି.ଟି.):** ଯୁବ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟାକୁ ନେଇ ଆଶ୍ଚର୍ଯ୍ୟ ଚକିତ ହୋଇଛନ୍ତି ଭାରତର ପୂର୍ବତନ ଉଇକେଟକିପର କିରଣ ମୋରେ। ବିଶ୍ୱକପ୍ ବିଜୟୀ ପୂର୍ବତନ ଉଇକେଟକିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀଙ୍କ ଉପରେ ହୋଇଥିବା ବାୟୋପିକ୍ 'ଏମ୍.ଏସ୍. ଧୋନୀ ଦି ଅନ୍‌ଟୋଲ୍ଡ ଷ୍ଟୋରି'ରେ ମୁଖ୍ୟନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ରାଜପୁତ। ୩୪ବର୍ଷୀୟ ଏହି ବଲିଉଡ୍ ଅଭିନେତା ରବିବାର ସକାଳେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ମୋରେ କହିଛନ୍ତି, ରାଜପୁତଙ୍କ ମୃତ୍ୟୁ ଖବର ମୋତେ ସ୍ତମ୍ଭୀଭୂତ ଓ ଗଭୀର ମର୍ମାହତ କରିଛି। ଜଣେ ଉଚ୍ଚଶିକ୍ଷିତ, କଠିନ ପରିଶ୍ରମୀ ଓ ସଫଳ ବ୍ୟକ୍ତିତ୍ୱ ହୋଇଥିବା ସ୍ଥଳେ ସେ କାହିଁକି ଏଭଳି ପଦକ୍ଷେପ ନେଲେ ତାହା ମୁଁ ବୁଝି ପାରୁ ନାହିଁ। ୨୦୧୬ର ବ୍ଲକ୍‌ବୁଷ୍ଟର ପାଇଁ ପାଟଣାରେ ଜନ୍ମିତ ଏହି ଅଭିନେତାଙ୍କୁ ଧୋନୀଙ୍କ ଭୂମିକା ପାଇଁ ମୋତେ ଟ୍ରେନିଂ ଦେବାକୁ ହୋଇଥିଲା। ଜଣେ କ୍ରିକେଟରଙ୍କ ଭଳି ରାଜପୁତଙ୍କୁ ୯ ମାସ ଧରି ତାଲିମ ଦେଇଥିଲି। ଧୋନୀଙ୍କ ହେଲିକପ୍ଟର ଶଟ୍ ଶିଖାଇବାକୁ ପଡ଼ିଥିଲା ବୋଲି ୫୭ ବର୍ଷୀୟ ପୂର୍ବତନ ଜାତୀୟ ଚୟନ କମିଟି ମୁଖ୍ୟ କହିଛନ୍ତି। କ୍ରିକେଟରେ ଉଇକେଟକିପିଂ ସହଜ କଥା ନୁହେଁ। ଶିକ୍ଷାଦାନ ବେଳେ ଅନେକଥର ବଲ୍ ରାଜପୁତଙ୍କ ହାତ, କାନ୍ଧ ଓ ଜଙ୍ଘରେ ବାଜିଛି। ହେଲେ ଶେଷରେ ସେ ଉଇକେଟକିପିଂ ଶିଖି ଯାଇଥିଲେ। ରାଜପୁତ୍‌ଙ୍କ ଅକାଳ ବିୟୋଗ କ୍ରିକେଟ ମହଲରେ ଶୋକର ଛାୟା ଖେଳିଯାଇଛି। ବିରାଟ କୋହଲି, ରୋହିତ ଶର୍ମା, ସଚିନ ତେନ୍ଦୁଲକର, ରବି ଶାସ୍ତ୍ରୀ, ସୁରେଶ ରାଇନା, ଅନୀଲ କୁମ୍ବଲେ, ଶିଖର ଧାୱନଙ୍କ ସମେତ ଆହୁରି ଅନେକ ଶୋକ ପ୍ରକାଶ କରିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ